# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଦୁର୍ଘଟଣାଗ୍ରସ୍ତଙ୍କୁ ମିଳିବ ମାଗଣା ଚିକିତ୍ସା |୬



ଶାହାରୁଖଙ୍କ 'କିଙ୍ଗ'ର କୁଇନ୍ ହେବେ ଦୀପିକା |୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୩୬ Vol. 22 No-36 7 MAY 2025 WEDNESDAY BHUBANESWAR ବୁଧବାର, ୭ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସୁରକ୍ଷା ମକ୍‌ଡ୍ରିଲ କାଉଣ୍ଟଡାଉନ୍

# ବାଜିବ ସାଇରନ୍, ହେବ ବ୍ଲାକ୍‌ଆଉଟ୍



- ଦେଶର ୨୪୪ ଜିଲ୍ଲାରେ ହେବ ମକ୍‌ଡ୍ରିଲ
- ଅପରାହ୍ନ ୪ଟାରୁ ୪ଟା ୫ ପର୍ଯ୍ୟନ୍ତ ବାଜିବ ସାଇରନ୍
- ୧୫ ମିନିଟ୍ ପାଇଁ ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ

ନୂଆଦିଲ୍ଲୀ,୬।୫: ସାରା ଦେଶର ୨୪୪ଟି ସ୍ଥାନରେ ଭାରତ ସରକାର ମକ୍‌ଡ୍ରିଲ ଘୋଷଣା କରିଛନ୍ତି। ୭ ତାରିଖ ଅର୍ଥାତ୍ ବୁଧବାର ଦେଶର ୨୪୪ଟି ସ୍ଥାନରେ ଏହି ମକଡ୍ରିଲ କରାଯିବ। ଏଥିରେ କୌଣସି ଆକ୍ରମଣ କିମ୍ବା ବିପରୀତ ସ୍ଥିତିରେ ନିଜକୁ ବଞ୍ଚାଇବା ପାଇଁ ଲୋକଙ୍କୁ ସଚେତନ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବରୁ ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯଦିଓ ଯୁଦ୍ଧକୁ ନେଇ କୌଣସି ଘୋଷଣା କରାଯାଇନାହିଁ, ତେବେ ପହଲଗାମ ଆତଙ୍କୀ ଆକ୍ରମଣ ପରେ ଏହି ମକଡ୍ରିଲ ଆୟୋଜନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ୧୯୭୧ ମସିହା ପରେ ପ୍ରଥମ ଥରପାଇଁ ଦେଶରେ ଏଭଳି ମକଡ୍ରିଲ କରାଯାଉଛି। ଏହି ସମୟରେ ସାଇରନ ବାଜିବ। କିଛି ସମୟ ପାଇଁ ବ୍ଲାକ୍‌ଆଉଟ୍ କରାଯିବ ଓ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାପାଇଁ ଅଭ୍ୟାସ କରାଯିବ । ଏହି ମକଡ୍ରିଲ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶରେ ସବୁ ରାଜ୍ୟରେ କରାଯାଉଛି, ଯେଉଁଠାରେ ସିଭିଲ ଡିଫେନ୍ସ ବିଭାଗ • ପୃଷ୍ଠା ୫ ଦେଖନ୍ତୁ

### ମକ୍‌ଡ୍ରିଲ ସମୟରେ କ'ଣ କରିବେ


- ଯୁଦ୍ଧ ସାଇରନ ବାଜିଲେ ଭୟଭୀତ ହୁଅନ୍ତୁ ନାହିଁ
- ୫ରୁ ୧୦ ମିନିଟ୍ ଭିତରେ ସୁରକ୍ଷିତ ସ୍ଥାନକୁ ଚାଲିଯାଆନ୍ତୁ
- ଟିଭି, ରେଡିଓ ଓ ସରକାରୀ ଆଲର୍ଟ ପ୍ରତି ଧ୍ୟାନ ଦିଅନ୍ତୁ
- ଗୁଜବକୁ ଧ୍ୟାନ ନ ଦେଇ ଅଧିକାରୀଙ୍କ ସୂଚନା ଉପରେ ଭରସା କରନ୍ତୁ
- ଶାନ୍ତ ରୁହନ୍ତୁ, ବିବ୍ରତ ନ ହୋଇ ପ୍ରଶାସନିକ ନିର୍ଦ୍ଦେଶ ପାଳନ କରନ୍ତୁ
- ଘରେ ଟର୍ଚ୍ଚ, ମହମବତୀ ପ୍ରସ୍ତୁତ କରି ରଖିବାକୁ ପରାମର୍ଶ

## ଓଡ଼ିଶାର ୧୨ ସ୍ଥାନରେ ହେବ ମକ୍‌ଡ୍ରିଲ

ଭୁବନେଶ୍ୱର,୬।୫(ଭାସ୍କର ନ୍ୟୁଜ): କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଜାରି ପରେ ଓଡ଼ିଶା ସରକାର ଡିଫେନ୍ସ ମକଡ୍ରିଲ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରାଜ୍ୟର ୧୨ଟି ସ୍ଥାନରେ ଏହି ମକଡ୍ରିଲ କରାଯିବ। ତାଳଚେର, ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ଏହି ମକଡ୍ରିଲ ଅନୁଷ୍ଠିତ ହେବ। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଏହା କରାଯିବ। ଏହି ମକଡ୍ରିଲ ଏକସପ୍ତାହ ଯାଏ ଚାଲୁ ରହିବ। ଏଥିରେ ଏନସିସି, ସ୍ୱେଚ୍ଛାସେବୀ ସଂଗଠନ, ଆପଦାମିତ୍ରଙ୍କୁ ମଧ୍ୟ ସାମିଲ କରାଯିବ ବୋଲି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବୁଧବାର ଅପରାହ୍ନ ୪ଟାରେ ସାଇରନ ବାଜିବ। ୫ ମିନିଟ୍ ଧରି ସାଇରନ ଚାଲୁ ରହିବ। ଯୁଦ୍ଧକୁ କିଭଳି ମୁକାବିଲା କରିହେବ ସେଥିନେଇ ଏଥିରେ ପ୍ରସ୍ତୁତି କରାଯିବ। ସେ କହିଛନ୍ତି, ଲୋକଙ୍କୁ ସୁରକ୍ଷାଦେବା ଆମର ଦାୟିତ୍ୱ। ପକ୍କାଘରେ ନିଜକୁ ସୁରକ୍ଷିତ ରଖିବା ପାଇଁ ନିବେଦନ କରାଯିବ। କଚ୍ଚାଘର ଲୋକଙ୍କୁ ସ୍ଥାନାନ୍ତରଣ ପାଇଁ ପଦକ୍ଷେପ ନିଆଯିବ। ଏବେସୁଦ୍ଧା ଯୁଦ୍ଧ ହୋଇନଥିଲେ ବି ଯଦି ଆଗକୁ ହେବାର ଥାଏ, ତେବେ ସେଥିପାଇଁ ଏହି ପ୍ରସ୍ତୁତି ହେଉଛି ବୋଲି ସେ ସୂଚନା ଦେଇଥିଲେ। ଏହି ବୈଠକରେ ଭିସି ମାଧ୍ୟମରେ ଯୋଗ ଦେଇଥିଲେ ମୁଖ୍ୟ ଶାସନସଚିବ ମନୋଜ କୁମାର ଆହୁଜା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀ, ଆର.କେ.ଶର୍ମା ଓ ଗୃହସଚିବ ପ୍ରମୁଖ ବୈଠକରେ ଉପସ୍ଥିତ ରହିଥିଲେ। ଏହି ମକଡ୍ରିଲକୁ ୩ଟି କାଟାଗୋରୀରେ ବିଭକ୍ତ କରାଯାଇଛି। କାଟାଗୋରୀ-୧ରେ ତାଳଚେର ସ୍ଥାନ ପାଇଥିବାବେଳେ କାଟାଗୋରୀ-୨ରେ ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦୀପ ଓ ରାଉରକେଲା ସ୍ଥାନ ପାଇଛନ୍ତି। ସେହିପରି କାଟାଗୋରୀ-୩ରେ ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଥିବା ସୂଚନା ମିଳିଛି। ଭାରତ ପାକିସ୍ତାନ ବିରୋଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏଥିପୂର୍ବରୁ ୧୯୭୧ ମସିହା ଢାଞ୍ଚାରେ ସାରା ଦେଶରେ ସୁରକ୍ଷା ମକଡ୍ରିଲ କରାଯିବା ପାଇଁ କେନ୍ଦ୍ର ଗୃହ ବିଭାଗ ନିର୍ଦ୍ଦେଶ ଦେଇଛି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଅଜିତ ଡୋଭାଲ

# ଯୁଦ୍ଧ ପାଇଁ ପ୍ରସ୍ତୁତି !



ନୂଆଦିଲ୍ଲୀ,୬।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଙ୍ଗଳବାର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସାକ୍ଷାତ କରିଛନ୍ତି। ଗତ ୪୮ ଘଣ୍ଟା ମଧ୍ୟରେ ଶ୍ରୀ ଡୋଭାଲ ଦ୍ୱିତୀୟ ଥରପାଇଁ ମୋଦୀଙ୍କୁ ଭେଟି ତାଙ୍କ ସହ ବୈଠକ ମଧ୍ୟ କରିଛନ୍ତି। ପାକିସ୍ତାନ ସହ ଯେଉଁଭଳି ଭାବରେ ବିବାଦୀୟ ସ୍ଥିତି ରହିଛି, ସେ ନେଇ ଏହି ସାକ୍ଷାତ ଆଲୋଚନା ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ସେପଟେ ଭାରତ ସରକାର ସାରା ଦେଶରେ ବୁଧବାର ମକଡ୍ରିଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଡୋଭାଲଙ୍କ ବ୍ୟତୀତ ପ୍ରଧାନମନ୍ତ୍ରୀ ବହୁବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସିଡିଏସ ଜେନେରାଲ ଅନୀଲ ଚୌହାନ ଏବଂ ୩ ସେନାମୁଖ୍ୟଙ୍କ ସହ ସାକ୍ଷାତ କରିଛନ୍ତି। ସେପଟେ ପାକିସ୍ତାନ ମଧ୍ୟ ଯୁଦ୍ଧର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ତେବେ ପହଲଗାମ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୋଧରେ କୂଟନୈତିକ ଓ ଡିଜିଟାଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ ସମେତ ବହୁ ରାଷ୍ଟ୍ରର ରାଷ୍ଟ୍ରଦୂତଙ୍କୁ ଡକାଯାଇ ପାକିସ୍ତାନର କାର୍ଯ୍ୟକଳାପ ଓ ପହଲଗାମ ଆକ୍ରମଣ ନେଇ ଅବଗତ କରାଯାଇଛି। ଜାତିସଂଘ ସୁରକ୍ଷା ପରିଷଦରେ ମଧ୍ୟ ଭାରତ ଏହି ପ୍ରସଙ୍ଗ ଉତ୍‌ଥାପନ କରିଛି। ତେବେ ଏସବୁ ଭିତରେ ଯୁଦ୍ଧ ହେବା ନେଇ ସମ୍ଭାବନା ଦେଖାଦେଇଛି। ଯଦିଓ ଭାରତ ପକ୍ଷରୁ ପରୋକ୍ଷ ଆକ୍ରମଣ କରାଯାଇନାହିଁ, ତେବେ ପାକିସ୍ତାନକୁ ହାତରେ ନ ମାରି ଭାତରେ ମାରିବା ପାଇଁ ଭାରତ ଯୋଜନା ପ୍ରସ୍ତୁତ କରିଛି। ସିନ୍ଧୁ ଜଳଚୁକ୍ତି ବାତିଲ ସହ ପାକିସ୍ତାନ ସହିତ କୂଟନୈତିକ ସଂପର୍କ, ଡାକସେବା, ବିମାନ ଚଳାଚଳ, ବାଣିଜ୍ୟ ଇତ୍ୟାଦି କାରବାରକୁ ବନ୍ଦ କରି ଦିଆଯାଇଛି। ତେବେ କୁହାଯାଉଛି, ଆସନ୍ତା ୧୦ କିମ୍ବା ୧୧ରେ ପାକିସ୍ତାନ ଉପରେ ଆକ୍ରମଣର ଯଥେଷ୍ଟ ସମ୍ଭାବନା ରହିଛି। ଯେହେତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ ଯାଇ ବିଜୟ ଦିବସରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା, ତେବେ ଶେଷ ମୁହୂର୍ତ୍ତରେ ତାଙ୍କ ଗସ୍ତକୁ ବାତିଲ କରି ଦିଆଯାଇଛି। • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ନକଲି କ୍ଷୀର ଗୋଦାମରେ ଚଢାଉ

ଜଗତସିଂହପୁର,୬।୫ (ଭାସ୍କର ନ୍ୟୁଜ): ଜଗତସିଂହପୁରରେ ମଙ୍ଗଳବାର ନକଲି କ୍ଷୀର ଗୋଦାମରେ ଚଢାଉ କରାଯାଇଛି। ତରାସାହିର ବାଲିସାହିରେ ଥିବା ଗୋଦାମରେ ନକଲି କ୍ଷୀର ପ୍ରସ୍ତୁତ କରାଯାଉଥିବା ନେଇ ଖବର ମିଳିବା ପରେ ଚଢାଉ କରାଯାଇଛି। ଅପମିଶ୍ରିତ କ୍ଷୀର ସହ ବସ୍ତା ବସ୍ତା ପାଉଡର ମଧ୍ୟ ଜବତ କରାଯାଇଛି। ଏହି ଅପମିଶ୍ରିତ କ୍ଷୀର ଓମ୍‌ଫେଡ୍‌କୁ ସପ୍ଲାଏ ହେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଦୀର୍ଘଦିନ ଧରି ଏହି ଅପମିଶ୍ରିତ କ୍ଷୀର କାରବାର ଚାଲୁ ଥିଲା । ଚାଷୀଙ୍କ ଠାରୁ କ୍ଷୀର ନେଇ ଅପମିଶ୍ରଣ କରାଯାଉଥିଲା। ଖବର ପାଇ ଜଗତସିଂହପୁର ଜିଲ୍ଲା ପ୍ରଶାସନର ୫ ଜଣିଆ ଟିମ୍ ଚଢାଉ କାର୍ଯ୍ୟ କରୁଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।

### ବାଣ ବିସ୍ଫୋରଣରେ ୨ ମୃତ


ଭଦ୍ରକ,୬।୫(ଭାସ୍କର ନ୍ୟୁଜ): ଭଦ୍ରକ-ଚାନ୍ଦବାଲି ରାସ୍ତାର ହଳଦୀଡିହରେ ଏକ ବାଣ ଗୋଦାମରେ ବିସ୍ଫୋରଣ ଘଟି ୨ଜଣଙ୍କର ମୃତ୍ୟୁ ଘଟିଥିଲା। ବାଣ ଭିଡୁଥିବାବେଳେ କୌଣସି କାରଣରୁ ଏହା ବିସ୍ଫୋରଣ ହୋଇଥିଲା। ଏଥିରେ ୭ଜଣ ଆହତ ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ଏସ.କେ.ମୁସାରଫ ଏବଂ ରାଡୋ ବିବିଙ୍କୁ କଟକ ବଡ଼ଡାକ୍ତରଖାନା ପଠାଯାଇଥିଲେ ମଧ୍ୟ ସେଠାରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଆହତଙ୍କର ଚିକିତ୍ସା ଜାରି ରହିଛି। ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ିନାହିଁ । ପୋଲିସ ଏକ ମାମଲା ରୁଜୁ କରି ସ୍ଥାନୀୟ ଲୋକଙ୍କୁ ପଚରାଉଚୁରା କରୁଛି। ତେବେ ଏହି ବାଣ ଗୋଦାମର ଲାଇସେନ୍ସ ଥିଲା ନା ବେଆଇନ ଭାବେ ଚାଲିଥିଲା ସେ ନେଇ ପୋଲିସ ମଧ୍ୟ ତଦନ୍ତ ଆରମ୍ଭ କରିଛି।

ସେନ୍‌ସେକ୍ସ: ୮୦,୬୪୧.୦୭

ସର୍ବାଧିକ: ୩୬.୨ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

### ୬।୫।୨୦୨୫ ର ମତାମତ

ଜଗନ୍ନାଥ ଧାମକୁ ନେଇ ଚାଲିଥିବା ବିବାଦର ଯବନିକା ପଡ଼ିବା ଠିକ୍ ନୁହେଁ କି ?




### ଆଜିର ପ୍ରସଙ୍ଗ

ଜଗନ୍ନାଥ ଧାମ ଲେଖିବାପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜିଦ୍ ଧରିବା ଉଚିତ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ■ ଜୁଏଲଙ୍କ ସ୍ପଷ୍ଟୀକରଣ ■

# ନିଖୋଜ ଖବର ଏକ ଗୁଜବ



ନୂଆଦିଲ୍ଲୀ/ଭୁବନେଶ୍ୱର,୬।୫(ଭାସ୍କର ନ୍ୟୁଜ): ମୁଁ ସଂପୂର୍ଣ୍ଣ ସୁସ୍ଥ ଅଛି। ମୋ ସ୍ୱାସ୍ଥ୍ୟକୁ ନେଇ ହୋଇଥିବା ଗୁଜବ ସଂପୂର୍ଣ୍ଣ ଭିତ୍ତିହୀନ ଓ ଭ୍ରମାତ୍ମକ। ମୁଁ ସମସ୍ତଙ୍କୁ ସତ୍ୟ ଆଧାରିତ ତଥ୍ୟ ଉପରେ ଧ୍ୟାନ ଦେବାକୁ ନିବେଦନ କରୁଛି ଏବଂ ମୁଁ ମୋର ସରକାରୀ କାମ ପ୍ରତି ସଂପୂର୍ଣ୍ଣଭାବେ ସମର୍ପିତ ରହିଛି। ଚଳନ୍ତା ଟ୍ରେନ୍‌ରୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ନିଖୋଜ ହୋଇଥିବା ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ନିଜେ ଶ୍ରୀ ଓରାମ। ଏ ନେଇ ନିଖୋଜ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜୁଏଲ ଏହି ପ୍ରତିକ୍ରିୟା ଦେଇଛନ୍ତି। ଗତ ଶନିବାର ଶ୍ରୀ ଓରାମ ଗଡ଼ୱାନା ଏକ୍ସପ୍ରେସ୍‌ରେ ଦିଲ୍ଲୀରୁ ଜବଲପୁର ଯାଉଥିବାବେଳେ ହଠାତ୍ ଟ୍ରେନ୍‌ରୁ ଗାଏବ ହୋଇଯିବା ଏବଂ ତାଙ୍କ ସୁଗର କମ୍ ହୋଇଯିବାରୁ ଟ୍ରେନ୍‌ରେ ଚଢିବାବେଳେ ପଡ଼ିଯାଇ ଆହତ ହୋଇଥିବା ଖବର ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ମଙ୍ଗଳବାର ଶ୍ରୀ ଓରାମ କହିଛନ୍ତି ଯେ ମୁଁ ଜବଲପୁରରେ ଥିବା କାର୍ଯ୍ୟକ୍ରମ ସାରି ସୋମବାର ରାତିରେ ଦିଲ୍ଲୀ ଫେରି ନିଜ ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହୋଇଥିଲି। ସୂଚନାଯୋଗ୍ୟ ଯେ ଶ୍ରୀ ଓରାମ ନିଖୋଜ ହେବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ ଯେ ପୂର୍ବରୁ ବିଭିନ୍ନ ଗଣମାଧ୍ୟମ କହିଥିଲେ ଯେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଗଡ଼ୱାନା ଏକ୍ସପ୍ରେସ୍‌ରୁ ଅଚାନକ ଗାଏମ ହୋଇଯାଇଥିଲେ। ଶନିବାର ରାତିରେ ସେ ଟ୍ରେନ ଚଢିଥିଲେ। ତେବେ ରବିବାର ସକାଳେ ସେ ତାଙ୍କ ସିଟ୍‌ରେ ନଥିଲେ। ହଜରତ ନିଜାମୁଦ୍ଦିନ ଷ୍ଟେସନରେ ଟ୍ରେନରେ ବସିଥିବା ଜୁଏଲ ଦମୁହଠାରେ ଖାଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଖବର ଜଣାପଡ଼ିବା ପରେ ରେଳ ବିଭାଗ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। • ପୃଷ୍ଠା ୫ ଦେଖନ୍ତୁ

## ମମତାଙ୍କ ନାଲିଆଖି

# ଦୀଘାରେ ସ୍ଥାୟୀ ଜଗନ୍ନାଥ ଧାମ ହୋଡିଂ




### ମମତାଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ପୁରୀ,୬।୫(ଭାସ୍କର ନ୍ୟୁଜ): ବିବାଦ ମଧ୍ୟରେ ପଶ୍ଚିମବଙ୍ଗର ଦୀଘାଠାରେ ନିର୍ମାଣ କରାଯାଇଥିବା ଜଗନ୍ନାଥ ମନ୍ଦିର ସମ୍ମୁଖରେ ରାତାରାତି ଜଗନ୍ନାଥ ଧାମ ହୋଡିଂ ଲଗାଇଲା ପଶ୍ଚିମବଙ୍ଗ ପ୍ରଶାସନ। ପୂର୍ବରୁ ଅସ୍ଥାୟୀ ହୋଡିଂ ଲାଗିଥିବାବେଳେ ଏବେ ତାହାକୁ ସ୍ଥାନାନ୍ତର କରାଯାଇ ସ୍ଥାୟୀ ହୋଡିଂ ଲଗାଯାଇଛି। ବୋର୍ଡରେ ବଡ଼ ବଡ଼ ଅକ୍ଷରରେ ଜଗନ୍ନାଥ ଧାମ ବୋଲି ଲେଖାଯାଇଛି। ଏହାକୁ ନେଇ ସାରା ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅସଲି ଓ ନକଲିକୁ ନେଇ ବିବାଦ ଜୋର ଧରିଛି। କୁହାଯାଇଛି, ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ଜଗନ୍ନାଥ ଧାମ କହିଲେ କେବଳ ପୁରୀକୁ ବୁଝାଏ। ଏଠାରେ ପ୍ରସାଦର ନାମ ମହାପ୍ରସାଦ, ମନ୍ଦିରର ନାମ ଶ୍ରୀମନ୍ଦିର, ଶ୍ମଶାନର ନାମ କୋଇଲି ବୈକୁଣ୍ଠ, ନେତର ନାମ ପତିତପାବନ, ଚକ୍ରର ନାମ ନୀଳଚକ୍ର, ପାଚେରୀର ନାମ ମେଘନାଦ, ଦେଉଳର ନାମ ବଡ଼ ଦେଉଳ, ପ୍ରଭୁଙ୍କ ନାମ ମହାପ୍ରଭୁ। ଜଗନ୍ନାଥ ଧାମରେ ମୁକ୍ତିପ୍ରଦ ସାଗରର ନାମ ମହୋଦଧି। ସେହିପରି ଅନ୍ୟ ୪ ତୀର୍ଥ ମଧ୍ୟରେ ରହିଛି ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା ଓ ରୋହିଣୀ ତୀର୍ଥ। ଏଠାରେ ଅଷ୍ଟଚଣ୍ଡୀ ଓ ପଞ୍ଚ ମହାଦେବ ଶ୍ରୀମନ୍ଦିର ଚାରିପାର୍ଶ୍ୱରେ ବିରାଜିତ। ହେଲେ ପର୍ଯ୍ୟଟନସ୍ଥଳ କରିବା ଲୋଭରେ ପଶ୍ଚିମବଙ୍ଗ ସରକାର ଦୀଘାରେ ଶ୍ରୀମନ୍ଦିର ଆକୃତିର ଦେଉଳ ତୋଳି ଏହାକୁ ଜଗନ୍ନାଥ ଧାମ ଘୋଷଣା କରିବା ଘଟଣାକୁ ଭକ୍ତମାନେ ଆଦୌ ଗ୍ରହଣ କରିପାରୁ ନାହାନ୍ତି। ପଶ୍ଚିମବଙ୍ଗ ସରକାରଙ୍କ ଏତାଦୃଶ ପଦକ୍ଷେପ ଭକ୍ତଙ୍କ ଧାର୍ମିକ ଭାବାବେଗକୁ ଆଘାତ ଦେଇଛି। ସେହିପରି ଅର୍ଥ ଲାଳସା ଦେଖାଇ ମହାପ୍ରଭୁଙ୍କ ସେବାରେ ନିଯୁକ୍ତ ଦଇତାପତି ସେବାୟତମାନଙ୍କୁ ଦୀଘା ନେଇ ମନ୍ଦିର ପ୍ରତିଷ୍ଠାର ପୁରୋଧା କରିବା ଭକ୍ତଙ୍କ ମନରେ ତୀବ୍ର ବିରୋଧାଭାଷ ଜାଗ୍ରତ କରିଛି। ଏହାର ସମାଧାନ ପାଇଁ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ମୌସୁମୀ ଆସିବ ସଅଳ ସଅଳ
ଚାଷୀ ଭାଇ ଭାରି ଖୁସି
ହଳ କରିଦେଇ ବିହନ ବୁଣିବ
ଖେତଟା ଉଠିବ ହସି
ଘରେ ଯିବ ନୋଟ୍ ପଶି
ମହଙ୍ଗା ବିକିରି ହେବ ନାହିଁ ଆଉ
ମନ ହୋଇଯିବ ତୋଷି...।

## ପୁରୀ ବିମାନ ବନ୍ଦର ପାଇଁ ନୀତିଗତ ଅନୁମୋଦନ


# ପର୍ଯ୍ୟଟନ କ୍ଷେତ୍ରର ବ୍ୟାପକ ଅଭିବୃଦ୍ଧି ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୬।୫(ଭାସ୍କର ନ୍ୟୁଜ): ପୁରୀରେ ଏକ ନୂତନ ବିମାନ ବନ୍ଦର ସ୍ଥାପନ ପାଇଁ କେନ୍ଦ୍ର ସରକାର ନୀତିଗତ ଭାବେ ଅନୁମୋଦନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ନିଜର ସାମାଜିକ ଗଣମାଧମ ହ୍ୟାଣ୍ଡଲ 'ଏକ୍ସ'ରେ ପୋଷ୍ଟିଙ୍ଗ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା ଦ୍ୱାରା ଓଡିଶାରେ ଧାର୍ମିକ ଓ ଆଧାତ୍ମିକ ପର୍ଯ୍ୟଟନ, ଆ□ଳିକ ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆସିପାରିବ । ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ସମୃଦ୍ଧ ଓଡିଶା ଗଠନ ଲକ୍ଷ୍ୟରେ ରାଜ୍ୟରେ ବ୍ୟାପକ ଭିତ୍ତିଭୂମିର ବିକାଶ ସହିତ ଶିଳ୍ପ ବିକାଶ ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି । ରାଜ୍ୟରେ ବିଭିନ୍ନ ବିମାନ ଚଳାଚଳ ଭିତ୍ତିଭୂମିର • ପୃଷ୍ଠା ୫ ଦେଖନ୍ତୁ

## ପାଣିପାଗ ବିଶେଷଜ୍ଞଙ୍କ ସୂଚନା

# ୧୩ରେ ଆଣ୍ଡାମାନ ଛୁଇଁବ ମୌସୁମୀ



ନୂଆଦିଲ୍ଲୀ/ଭୁବନେଶ୍ୱର,୬।୫ (ବ୍ୟୁରୋ): ଚଳିତବର୍ଷ ମୌସୁମୀ ସଅଳ ଆସିବ। ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ। ଏ ନେଇ ପୂର୍ବରୁ ମଧ୍ୟ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇସାରିଛି। ତେବେ ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ଯେ ଚଳିତବର୍ଷ ମୌସୁମୀ ଆଗୁଆ ଆସିବ। ୧୩ ତାରିଖ ବେଳକୁ ଏହା ଦକ୍ଷିଣ ଆଣ୍ଡାମାନ ଛୁଇଁବ ବୋଲି ସେମାନେ ମତ ରଖିଛନ୍ତି। ଦକ୍ଷିଣ ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗରର କିଛି ଅଞ୍ଚଳ ଏବଂ ନିକୋବର ଦ୍ୱୀପପୁଞ୍ଜ ଅଞ୍ଚଳକୁ ୧୩ରେ ମୌସୁମୀ ଛୁଇଁବ ବୋଲି ସେମାନେ କହିଛନ୍ତି। ଏ ନେଇ ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ ଆସନ୍ତା ୮ ତାରିଖରୁ ରାଜ୍ୟର ବିଭିନ୍ନ ସହରର ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର ଓ ଟିଟିଲାଗଡ଼ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବ। ଅନୁଗୋଳ ସହରର ତାପମାତ୍ରା ୪୧ ଡିଗ୍ରୀରେ ପହଞ୍ଚିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ସର୍ବାଧିକ ତାପମାତ୍ରା ୪ରୁ ୬ ଡିଗ୍ରୀ ହ୍ରାସ ପାଇଛି ଏବଂ କିଛି ଜିଲ୍ଲାରେ ୨ରୁ ୪ଡିଗ୍ରୀ ହ୍ରାସ ଘଟିଥିବା ସୂଚନା ଦିଆଯାଇଛି। ମଙ୍ଗଳବାର ରାଜ୍ୟର ସମସ୍ତ ସହରର ସର୍ବୋଚ୍ଚ ତାପମାତ୍ରା ୪୦ • ପୃଷ୍ଠା ୫ ଦେଖନ୍ତୁ

## ମାଓବାଦୀଙ୍କ ବର୍ବରକାଣ୍ଡ

# ନାଏବ ସରପଞ୍ଚଙ୍କ ଗଳାକାଟି ହତ୍ୟା

ମାଲକାନଗିରି, ୬।୫ (ଭାସ୍କର ନ୍ୟୁଜ୍): ଗୋଟିଏ ପଟେ ମାଓବାଦୀମାନେ ଶାନ୍ତି ପାଇଁ ସରକାରଙ୍କୁ ଅପିଲ କରୁଥିବାବେଳେ ଅନ୍ୟପଟେ ହିଂସାକାଣ୍ଡ ଜାରି ରଖିଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ସାରା ଦେଶରୁ ମାଓବାଦ ବିଲୋପ ହେବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। କିନ୍ତୁ ମାଓବାଦୀ ପୁଣି ବର୍ବର କାଣ୍ଡ ଘଟାଇଛନ୍ତି । ନାଏବ ସରପଞ୍ଚଙ୍କୁ ଗଳାକାଟି ହତ୍ୟା। ମାଓବାଦୀମାନେ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲାରେ ନାଏବ ସରପଞ୍ଚଙ୍କୁ ଅତି ନିର୍ମମ ଭାବେ ଗଳାକାଟି ହତ୍ୟା କରିଛନ୍ତି। ସେମାନେ ପୋଲିସ ଇନଫର୍ମର ସନ୍ଦେହରେ ନାଏବ ସରପଞ୍ଚଙ୍କୁ ହତ୍ୟା କରିଥିବା ପ୍ରକାଶ କରିଛନ୍ତି। ଛତିଶଗଡ଼ ସୁକୁମା ଜିଲ୍ଲା ତାରଲାବେଡ଼ା ପଞ୍ଚାୟତର ନାଏବ ସରପଞ୍ଚ ମୁଚାକି ରାମାଙ୍କୁ ମାଓବାଦୀମାନେ ହତ୍ୟା କରିବା ପରେ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ଏହି ହତ୍ୟାକାଣ୍ଡ ପରେ ପୋଲିସ ପକ୍ଷରୁ କମ୍ବିଂ ଅପରେସନ ଜୋରଦାର କରାଯାଇଛି। ହତ୍ୟାକାଣ୍ଡ ଭିଆଇଥିବା ମାଓବାଦୀମାନଙ୍କୁ ମୁହଁତୋଡ ଜବାବ ଦିଆଯିବ ଏବଂ ସେମାନେ ଯେକୌଣସି ସ୍ଥାନରେ ଲୁଚି ରହିଥିଲେ ବି ଖୋଜି ବାହାର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।




ଫୁଲନଖରା (ଭାସ୍କର ନ୍ୟୁଜ): ଅନନ୍ୟ ସମାଜସେବାରେ ବ୍ରତୀ ଅଗ୍ରଣୀ ସାମାଜିକ ସଂଗଠନ ଆସ୍ଥା ଫାଉଣ୍ଡେସନ ଓଡ଼ିଶା । ୨୦୧୭ ମସିହାରେ ଯୁବ ସମାଜସେବୀ ଦିବ୍ୟାଂଶୁ ଆଚାର୍ଯ୍ୟ ଓ କିଛି ଯୁବ ବନ୍ଧୁମାନଙ୍କୁ ନେଇ 'ଆସ୍ଥା ଫାଉଣ୍ଡେସନ ଓଡ଼ିଶା' ଗଠନ କରି ଖୁବ୍ ମହତ୍ କାର୍ଯ୍ୟ କରି ଆଜି ସମାଜ ଆଗରେ ପ୍ରତିଷ୍ଠିତ । ରକ୍ତଦାନ,ଜନ ଜାଗରଣ,ଆଲୋଚନାଚକ୍ର, ଆଶ୍ରମ ସେବା,ସୃଜନଶୀଳ ଲେଖନୀ, ପରିବେଶ ସୁରକ୍ଷା, କମ୍ବଳ ଓ ଖାଦ୍ୟ ବଣ୍ଟନ, ପଶୁପକ୍ଷୀ ମାନଙ୍କ ପାଇଁ ଜଳପାତ୍ର ସ୍ଥାପନ,କଳା ସାହିତ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ସଙ୍ଗଠନ ତାର କାର୍ଯ୍ୟ ଅବ୍ୟାହତ ରଖିଛି । ଗ୍ରାମର ବିକାଶ ପାଇଁ ସବୁବେଳେ ଚେଷ୍ଟିତ । ବିଭିନ୍ନ କାର୍ଯ୍ୟକ୍ରମ ଅୟୋଜନ କରି ଗ୍ରାମାଞ୍ଚଳ ପ୍ରତିଭାଙ୍କ ବିକାଶ ଓ ସମସ୍ତଙ୍କ ମନରେ ଦେଶପ୍ରେମ ଭରିଦେବାରେ ସଙ୍ଗଠନ ସଦା ଜାଗ୍ରତ ଓ ପୂର୍ଣ୍ଣ ସଫଳତା ଲାଭ କରିଛି । ସଙ୍ଗଠନ ସ୍ୱେଚ୍ଛାସେବୀ ବର୍ଗ ବହୁ ଦୂର୍ଭେଦ୍ୟ ଅଂଚଳ ତଥା ବିକାଶ ଠାରୁ ଦୂରରେ ଥିବା ସ୍ଥାନମାନଙ୍କୁ ଯାଇ ସେଠି ଲୋକ ମାନଙ୍କ ସେବା କରିବା,ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ସଚେତନ କରିବା ତଥା ସମାଜର ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରିବା ଭଳି ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ଯାହାକି ଉଦାହରଣ ସୃଷ୍ଟି କରିଛି । ଆସ୍ଥା ଫାଉଣ୍ଡେସନ ଓଡ଼ିଶାକୁ ଏହି ମାନବୀୟ କାର୍ଯ୍ୟ ନେଇ ରାଜ୍ୟ ସାରା ମିଳିଛି ଭୂୟସୀ ପ୍ରଶଂସା ଓ ସମ୍ବର୍ଦ୍ଧନା । ଚାରା ବଣ୍ଟନ ଓ ରୋପଣ, ରକ୍ତଦାନ ଶିବିର ଆୟୋଜନ, ସ୍ୱାସ୍ଥ୍ୟ ସେବା ଶିବିର, ଜଳଛତ୍ର, ପୂଜ୍ୟପୂଜା, କରୋନା ମହାମାରୀ ସମୟରେ ସେବା ସହଯୋଗ ପ୍ରଦାନ, ଆବଶ୍ୟକତା ଅନୁଯାୟୀ ରୋଗୀଙ୍କୁ ରକ୍ତ ଯୋଗାଇବା ଆଦି ଅନେକ ଗଠନ ମୂଳକ ମହତ୍ କାର୍ଯ୍ୟ ସଂଗଠନ ପକ୍ଷରୁ ସମ୍ପାଦନ କରାଯାଇଛି ।

## ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ ୩ ତାରିଖ ଠାରୁ ଚନ୍ଦନପୁର ସ୍ଥିତ ମା' ଅଁଳାବାଙ୍କ ଭଗବତୀ ଦେବୀଙ୍କ ପୀଠସ୍ଥଳୀରେ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ୬ତାରିଖ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଶେଷ ଦିନରେ ଯଜ୍ଞର ପୂର୍ଣ୍ଣାହୂତି ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଯଜ୍ଞରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଅଧିବାସୀ ସହଯୋଗ କରିଥିଲେ। ୩ତାରିଖରେ ଅଙ୍କୁରାରୋପଣ, ୪ରେ ଜଳଯାତ୍ରା, ମଣ୍ଡଳକରଣ, ଅଗ୍ନିସଂସ୍କାର, ଆଳତୀ, ପୁଷ୍ପାଞ୍ଜଳି ପ୍ରଦାନ, ୫ରେ ସୂର୍ଯ୍ୟପୂଜା, ଧେନୁପୂଜା, ଚଣ୍ଡୀପାଠ, ଆଳତୀ ଓ ଶେଷ ଦିନରେ ପୂର୍ଣ୍ଣାହୂତି ଦିଆଯାଇ ଯଜ୍ଞସାଙ୍ଗ କରାଯାଇଥିଲା।

## ସୁଭଦ୍ରା ପୁଦିଲୀଙ୍କ ବୀଭତ୍ସ ହତ୍ୟାକାଣ୍ଡରେ ସଂପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ ଦାବିରେ ବିକ୍ଷୋଭ

କଣିହାଁ (ଭାସ୍କର ନ୍ୟୁଜ): କଣିହାଁ ବ୍ଲକ ଅନ୍ତର୍ଗତ କଣିହାଁ ଥାନା ଅଧୀନସ୍ଥ ଲୁଧାଝରୀ ଗ୍ରାମର ସୁଭଦ୍ରା ପୁଦିଲୀଙ୍କୁ ଅପହରଣ, ଦୁଷ୍କର୍ମ ଓ ବିଭତ୍ସ ହତ୍ୟାକାଣ୍ଡ ଘିଆଇଥିବା ସମସ୍ତ ଅପରାଧୀମାନଙ୍କୁ ଅବିଳମ୍ବେ ଗିରଫ କରି କଠୋରରୁ କଠୋରତର ଦଣ୍ଡ ପ୍ରଦାନ ଦାବିରେ ଛାତ୍ର ସଂଗଠନ ଏଆଇଡିଏସ୍ଓ, ଯୁବ ସଂଗଠନ ଏଆଇଡିୱାଇଓ ଏବଂ ମହିଳା ସଂଗଠନ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ, କଣିହାଁ ବ୍ଲକ କମିଟି ପକ୍ଷରୁ ମଙ୍ଗଳବାର ଦିନ ପୂର୍ବାହ୍ଣରେ କଣିହାଁ ବ୍ଲକ ଅଫିସ ସମ୍ମୁଖରେ ଏକ ବିକ୍ଷୋଭ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଆନ୍ଦୋଳନକାରୀମାନେ କଣିହାଁ ଗାନ୍ଧୀ ମଣ୍ଡପ ଠାରୁ ଏକ ଶୋଭାଯାତ୍ରାରେ ବାହାରି କଣିହାଁ ବଜାର ପରିକ୍ରମା କରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୁଭଦ୍ରା ହତ୍ୟାକାଣ୍ଡରେ ସଂପୃକ୍ତ ସମସ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ବିଧାନ କରିବା, ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା, ଛାତ୍ରୀ ଓ ମହିଳାମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା, ମଦ ମାଦକ ଦ୍ରବ୍ୟ, ବ୍ରାଉନସୁଗାର, ଡ୍ରଗ୍ସକୁ ସଂପୂର୍ଣ୍ଣ ନିଷିଦ୍ଧ କରିବା, ଅଶ୍ଳୀଳତା ଓ ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା, ତାଳଚେର ରେଳ ଷ୍ଟେସନ ଠାରୁ ବସଷ୍ଟାଣ୍ଡ ଦେଇ ତାଳଚେର ରୋଡ ରେଳ ଷ୍ଟେସନ ପର୍ଯ୍ୟନ୍ତ ଅନବରତ ଟାଉନ ବସ ଚଳାଚଳ କରାଇବା ଦାବିରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ନାରୀନେତ୍ରୀ ପ୍ରଗତିବାଳା ନାୟକ ସଭାପତି କରିଥିଲେ।



ଏହି ବିକ୍ଷୋଭ ସଭାରେ ଏସୟୁସିଆଇ (କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ସଦସ୍ୟ ଜୟସେନ ମେହେର, କଣିହାଁ ଆଂଚଳିକ କମିଟି ସଂପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଡିଏସଓ ଜିଲ୍ଲା ସଭାପତି ପରମାନନ୍ଦ ସାହୁ, ଡ଼ିୱାଇଓ ଜିଲ୍ଲା ସଂପାଦକ କୈଳାସ ଚନ୍ଦ୍ର ସାହୁ, ମହିଳା ସାଂସ୍କୃତିକ ସଂଗଠନ ର ବ୍ଲକ ସଂପାଦିକା ମିନତୀ ସାମଲ ପ୍ରମୁଖ ବକ୍ତବ୍ୟ ଦେଇ ସୁଭଦ୍ରାଙ୍କ ନିଖୋଜ ସଂପର୍କରେ ପରିବାର ବର୍ଗ ବିଭିନ୍ନ ଥାନାରେ ଅଭିଯୋଗ କରିଥିବା ସତ୍ତ୍ୱେ ପୋଲିସର ନିଷ୍କ୍ରିୟତା ଯୋଗୁଁ ଅପରାଧୀମାନେ ଏଭଳି ଦୁଷ୍କର୍ମ ଓ ହତ୍ୟାକାଣ୍ଡ ଘିଆଇ ପାରିଛନ୍ତି ବୋଲି ଅଭିଯୋଗ କରିବା ସହିତ ଅପରାଧୀମାନଙ୍କୁ ଅବିଳମ୍ବେ ଗିରଫ କରି କଠୋର ଦଣ୍ଡ ପ୍ରଦାନ ପାଇଁ ଦାବି କରିଥିଲେ। ଦାବିପୂରଣ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଣିହାଁ ବିଡିଓଙ୍କୁ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅନୁଗୋଳଙ୍କ ଉଦ୍ଦେଶ୍ୟରେ କଣିହାଁ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନରେ ପଙ୍କଜିନୀ ସିଂ, ବୈଦେହୀ ପ୍ରଧାନ, ସୁଷମା ନାଏକ, କାବେରୀ ଜେନା, ଜେମାମଣି ନାଏକ, କିଶୋର ବିଶ୍ୱାଳ, ବିଜୟ କୁମାର ସାହୁ ପ୍ରମୁଖ ସଂଗଠକ ସଂଗଠିକା ଏବଂ ଲୁଧାଝରୀ ଗ୍ରାମର ଜାନକୀ ସେଠୀ, ସଞ୍ଜୟ ନାଏକ, ଲକ୍ଷ୍ମୀପ୍ରିୟା ସେଠୀ, ଚିନ୍ତାମଣି ବଗାର ସାମିଲ ହୋଇ ନେତୃତ୍ୱ ନେଇଥିବା ବେଳେ ଶତାଧିକ ଗ୍ରାମବାସୀ ସାମିଲ ଥିଲେ।

## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗୋଖାଦ୍ୟ ବଣ୍ଟନ



ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରପକ୍ଷରୁ ପୁରଣ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ମଙ୍ଗଳବା ଗୋଖାଦ୍ୟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଡାକ୍ତର ଚିନ୍ମୟ କୁମାର ସାହୁ ଯୋଗଦେଇ ଦୁଗ୍ଧ ଚାଷୀମାନଙ୍କୁ ଗୋଖାଦ୍ୟ ବଣ୍ଟକରିଛନ୍ତି। ଏଥିରେ ଓମ୍ଫେଡ ସୁପରଭାଇଜର ନବନୀତା ପାତ୍ର, ପୁରଣ ଦୁଗ୍ଧ ସମବାୟ ସମିତିର ସଭାପତି ଗୌତମ ପାଲିତ, ସମ୍ପାଦକ ପ୍ରଫୁଲ ପରିଡା ଉପସ୍ଥିତ ଥିଲେ। ମାଈ ବାଛୁରୀ ରଖିଥିବା ମୋଟ ୫ ଜଣ ଚାଷୀ ସଞ୍ଜୟ ଦାସ, ପ୍ରଦିପ୍ତ ଦାସ, କିଶୋର ପରିଡା,ସୁଚିତ୍ରା ମହାନ୍ତି ଙ୍କୁ ୫କ୍ୱିଇଣ୍ଟାଲ ଦାନା ବଣ୍ଟନ କରାଯାଇଛି।

## ପରଜଙ୍ଗରେ କାଳବୈଶାଖୀ ତାଣ୍ଡବ






ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ମଙ୍ଗଳବାର ସକାଳୁ ସକାଳୁ କାଳ ବୈଶାଖୀ ବର୍ଷା ଦେଖିବାକୁ ମିଳିଥିଲା ।ପ୍ରାୟ ଦୁଇ ଘଣ୍ଟା ଧରି ବର୍ଷା ଅନୁଭୂତ ହୋଇଥିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ରାସ୍ତାଘାଟ ଜନଶୂନ୍ୟ ହୋଇପଡିଥିଲା। ପରଜଙ୍ଗ ବଜାର ଦିଗରୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱକୁ ଲାଗି ଡିହଡୋଳ ଗ୍ରାମ ନିକଟରେ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ପାଣି କାଦୁଅରେ ବେହାଲ ମାଡିବା ଦୃଶ୍ୟ ଦେଖିବାକୁ ମିଳିଛି । ପରଜଙ୍ଗ ପେଟ୍ରୋଲ ପମ୍ପ ନିକଟସ୍ଥ ବାଇପାସ୍ ଠାରେ ୫୩ ନମ୍ବର ଜାତୀୟ ରାଜପଥ ରାସ୍ତାଟି ଆଜକୁ କିଛି ମାସ ହେବ ବିଭାଗର ଚରମ ଅବହେଳା ଯୋଗୁଁ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି ।ଯାହା ଫଳରେ ରାସ୍ତାରେ ଅଧିକାଂଶ ସ୍ଥାନରେ ଖାଲଖମା ରହିଥିବାରୁ ବର୍ଷା ହେଲେ ବର୍ଷା ପାଣି ନିଷ୍କାସନ ହୋଇ ନପାରିବାରୁ ପଥଚାରୀଙ୍କ ଠାରୁ ଆରମ୍ଭ କରି ସମସ୍ତ ଯାନବାହାନ ଚଳାଚଳ କୃତ୍ରିମ ପାଣିରେ ଅନେକ ଅସୁବିଧାରେ ଯାତାୟାତ କରିବାକୁ ପଡୁଛି । ଗୋଟିଏ ଦିଗରେ ବର୍ଷା ହେଲେ ଲୋକ ମାନେ କୃତ୍ରିମ ପାଣି କାଦୁଅରେ ହନ୍ତସନ୍ତ ହେବାକୁ ପଡୁଥିବା ବେଳେ ଅନ୍ୟ ଦିଗରେ ବିଭାଗୀୟ ଅଧିକାରୀ ବାବୁ ମାନେ ନୀରବ ଦ୍ରଷ୍ଟା ସାଜିଛନ୍ତି , ଯାହା ଫଳରେ ଜନଅସନ୍ତୋଷ ଦେଖାଦେଇଛି ।ତୁରନ୍ତ ବିଭାଗୀୟ ଅଧିକାରୀ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ



କଣିହାଁ(ଭାସ୍କର ନ୍ୟୁଜ): କଣିହାଁ ବ୍ଲକ କାର୍ଯ୍ୟାଳୟ ପବିତ୍ର ମୋହନ ସଭା ଗୃହ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୋମବାର ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଉଦୟ କୁମାର ମହାପାତ୍ର ଯୋଗଦେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ନାଥ ରାୟଗୁରଙ୍କ ଉପସ୍ଥିତିରେ ଶୁଣାଣି କରିଥିଲେ। ଜନଶୁଣାଣି ଶିବିରରେ ମୋଟ ୬୭ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୬ ଟି ବ୍ୟକ୍ତିଗତ ଓ ୨୦ ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବା ବେଳେ ୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପ-ଜିଲ୍ଲାପାଳ ସମୀର କୁମାର ଜେନା, କଣିହାଁ ତହସିଲଦାର ଚିନ୍ମୟ ଦାସ, କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, କଣିହାଁ ପ୍ରଜାମଣ୍ଡଳ ଭବନ ଶିଘ୍ର ନିର୍ମାଣ କରିବା, ଜାତୀୟ ରାଜପଥ ନିର୍ମାଣ କରିବା, ଏନଟିପିସି ବାଇପାସ ଛକ ଠାରୁ ବଲାଙ୍ଗି ଲେଭଲ କ୍ରସିଂ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବରେ ପାଉଁଶ ଗାଡି ପାର୍କିଂ କରୁଥିବାବେଳେ ତାକୁ ବନ୍ଦ କରିବା, କୋଇଲା ଖଣି, ବିଦ୍ୟୁତ ପ୍ରକଳ୍ପ, ଜମିହରା ପ୍ରଜା ଙ୍କ ନିଯୁକ୍ତି ଥଇଥାନ କ୍ଷତି ପୂରଣ ପ୍ରଦାନ ସମେତ ବିଭିନ୍ନ ଅଭିଯୋଗ କରିଥିଲେ। ଆଜି ଶୁଣାଣିରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଶୁଣାଣି କରିଥିଲେ।

## ଏସ୍‌ସି ସେଲ୍ ଆବାହକଙ୍କୁ ସମ୍ବର୍ଦ୍ଧନା



ତାଳଚେର(ଭାସ୍କର ନ୍ୟୁଜ): ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ଛାମୁଆଁ ସଙ୍ଗଠନ ର ରାଜନୈତିକ ବ୍ୟାପାରକମିଟି ସହ ବିଭିନ୍ନ ସେଲ ର ଆବାହକ, ଦଳର ଉପ ସଭାପତି, ବରିଷ୍ଠ ସାଧାରଣ ସମ୍ପାଦକ , ସାଧାରଣ ସମ୍ପାଦକ ଭଳି ଗୁରୁତ୍ୱ ପୂର୍ଣ୍ଣ ପଦପଦବୀରେ ଦଳର ବରିଷ୍ଠଙ୍କୁ ଅଧିଷ୍ଠିତ କରାଇଛନ୍ତି । ଏହି ପରିପେକ୍ଷୀ ରେ ଅବିଭକ୍ତ ଢ଼େଙ୍କାନାଳ ଜିଲ୍ଲାର ବରିଷ୍ଠ ନେତା ତଥା ଢ଼େଙ୍କାନାଳ ର ପୂର୍ବତନ ସାଂସଦଙ୍କୁ ରାଜ୍ୟ ଏସ ସି ସେଲର ଆବାହକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରିଛନ୍ତି । ତେଣୁ ଆଜି ତାଳଚେର ଦେଉଳବେଡ଼ା ସ୍ଥିତ କାର୍ଯ୍ୟାଳୟ ରେ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନ ର ସଭାପତି ଇଂ ରମେଶ ଚନ୍ଦ୍ର ବେହେରା, ତାଳଚେର ପ୍ରଗତିଶୀଳ ମଞ୍ଚ ପକ୍ଷରୁ ସଭାପତି ଜ୍ୟୋତି ରଞ୍ଜନ ଦାସ , ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ଚେୟାରମ୍ୟାନ ତଥା ବରିଷ୍ଠ ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର , ଆଗେଇବା ଖବରକାଗଜ ର ବାର୍ତ୍ତା ସଂପାଦକ ତପନ କୁମାର ମହାରଣା , ସିଟିଜେନ ଫୋରମ୍ ର ସଭାପତି ଜିତେନ୍ଦ୍ର ମହାପାତ୍ର , ତାଳଚେର ସମୂହ ବିକାଶ କମିଟି ପକ୍ଷରୁ ସୁଲେଖା ସେଠୀ , ସମାଜ ସେବୀ ବାବୁନି ସ୍ୱାଇଁ , ଖୋକା ଭାଇ ସାଂସ୍କୃତିକ ଅନୁଷ୍ଠାନ ର ସାଧାରଣ ସଂପାଦକ ତଥା ସାମ୍ବାଦିକ ଭାଗ୍ୟରଥି ମହାପାତ୍ର , ରାଜୀବ ରାଉତ ପ୍ରମୁଖ ଉପସ୍ଥିତ ରହି ନବ ନିର୍ବାଚିତ ଏସ ସି ସେଲ ଆବାହକ ତଥା ବିଜୁଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ମହେଶ ସାହୁ ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।। ଆଗାମୀ ଦିନରେ ଦଳୀୟ ସଙ୍ଗଠନ ସାଙ୍ଗକୁ ମିଳିଥିବା ରାଜ୍ୟ ଏସ ସି ସେଲ ଆବାହକ ହିସାବରେ ରାଜ୍ୟରେ ଦଳିତ ଓ ଅନୁସୂଚୀତ ଜାତି ଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବା ସହ ସାରା ରାଜ୍ୟରେ କିପରି ଏହି ବର୍ଗର ଲୋକ ଖୁସି ଓ ସୁରକ୍ଷିତ ରହିବେ ସେଥିପାଇଁ ଦଳର ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ କାମ କରିବା ପାଇଁ ସଂକଳ୍ପବଦ୍ଧ ବୋଲି ଶ୍ରୀ ସାହୁ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ।।

## ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ



ମାଲକାନଗିରି(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ ଠାରେ ଚଳିତ ବର୍ଷ ଦଶମ ଶ୍ରେଣୀ ଟପ୍ପର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏ ୱାନ୍ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ୧୨ ଜଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସଫଳତାରେ ଜିଲ୍ଲାପାଳ ନିଜର ଖୁସି ବ୍ୟକ୍ତ କରି କହିଛନ୍ତି ଯେ ୨୦୨୪-୨୫ ଶିକ୍ଷା ବର୍ଷରେ ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶା ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ମାଲକାନଗିରି ଜିଲ୍ଲା ଆଶାନୁରୂପ ସଫଳତା ହାସଲ କରିଅଛି । ରାଜ୍ୟସ୍ତରରେ ଜିଲ୍ଲା ୧୯ ତମ ସ୍ଥାନ ହାସଲ କରିଅଛି । ଗତବର୍ଷ ତୁଳନାରେ ଚଳିତ ବର୍ଷ ସଫଳତା ହାର ବୃଦ୍ଧି ପାଇଅଛି ଓ ରାଜ୍ୟରେ ୨୫ ତମ ସ୍ଥାନରୁ ୧୯ ତମ ସ୍ଥାନକୁ ଉନ୍ନୀତ ହୋଇଅଛି ଯାହା ଜିଲ୍ଲା ପାଇଁ ଏକ ଗୌରବର ବିଷୟ ବୋଲି ସେ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏ-ୱାନ୍ ଓ ଏ-ଟୁ ଫଳ ହାସଲ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଗତ ବର୍ଷ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା। ଏହି କାର୍ଯ୍ୟକ୍ରମ ଅଧିନରେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଦ୍ୱାରା ବିଭିନ୍ନ ବ୍ଲକରେ ୮ ଟି ଶିକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇଥିଲା । ପ୍ରତି ଶନିବାର ଦିନ ଭର୍ଚୁଆଲ୍ ଶ୍ରେଣୀ ପରିଚାଳନା, ପ୍ରତି ରବିବାର ଦିନ ପ୍ରତ୍ୟକ୍ଷ ଶ୍ରେଣୀ ପରିଚାଳନା, ସାପ୍ତାହିକ ସନ୍ଦେହମୋଚନ ଓ ପରୀକ୍ଷା ପରିଚାଳନା କରି ଗଠନମୂଳକ ପଦକ୍ଷେପ ଦ୍ୱାରା ଜିଲ୍ଲାର ଏହି ସଫଳତା ସମ୍ଭବ ହୋଇପାରିଛି। ଫଳସ୍ୱରୂପ ଏ-ୱାନ୍ ଓ ଏ-ଟୁ ଶ୍ରେଣୀରେ ଅଧିକ ପିଲା ସ୍ଥାନ ଅଧିକାର କରିଛନ୍ତି । ଜିଲ୍ଲାର ଏହି ସଫଳତା ଆଗାମୀ ଦିନରେ ଦଶମ ଶ୍ରେଣୀ ପରୀକ୍ଷାର୍ଥୀ ମାନଙ୍କୁ ପ୍ରେରଣା ଯୋଗାଇ ଅଧିକ ସଫଳତା ପାଇଁ ଉତ୍ସାହିତ କରିବ ବୋଲି ଶ୍ରୀ ପାଟିଲ ଏହି ଅବସରରେ କହିଛନ୍ତି। ସୂଚନା ଥାଉ କି ଜିଲ୍ଲାର ମୋଟ ୮୦୩୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ଏ ୱାନ୍ ରେ ୧୨ ଜଣ, ଏ ଟୁ ରେ ୪୬ ଜଣ, ବି ୱାନ୍ ରେ ୧୨୧ ଜଣ, ବି ଟୁ ରେ ୫୪୬ ଜଣ, ସି ରେ ୧୮୯୯ ଜଣ, ଡି ରେ ୩୫୬୯ ଜଣ ଓ ଇ ଗ୍ରେଡ୍ ରେ ୧୫୫୭ ଜଣ ସ୍ଥାନ ଅଧିକାର କରି ମୋଟ ଶତକଡା ୯୬.୪୧ ଭାଗ କୃତକାର୍ଯ୍ୟ ହୋଇଛନ୍ତି । ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ତତ୍ପରତା ଓ ସଚେତନତା, ଜିଲ୍ଲା ପ୍ରଶାସନର ମାର୍ଗଦର୍ଶନ ଓ ସହାୟତା ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଏତଦ୍ ବ୍ୟତୀତ ଜିଲ୍ଲା ଶିକ୍ଷା ବ୍ୟବସ୍ଥାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ତତ୍ତ୍ୱାବଧାନ, ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପ୍ରୟାସ ଓ ଶିକ୍ଷାର୍ଥୀ ମାନଙ୍କ କଠିନ ପରିଶ୍ରମ ଓ ଏକାଗ୍ରତା ଏହି ସଫଳତା ଆଣି ଦେଇପାରିଛି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଓସେପା ଉପ ନିର୍ଦ୍ଦେଶକ ପ୍ରଦୋଷ କୁମାର ନାୟକ ଓ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉମା ପ୍ରସାଦ ଦାସ ଉପସ୍ଥିତ ଥିଲେ। ସମଗ୍ର ଶିକ୍ଷା ଅଭିଯାନ ତରଫରୁ ଶେଷ ଶଙ୍କର ମହାଲିକ, ସତ୍ୟବ୍ରତ ମିଶ୍ର, ଶକୁନ୍ତଳା ମାଝୀ, ବିଜୟଲକ୍ଷ୍ମୀ ଚୌଧୁରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଅନ୍ତଃ-ଚିକିତ୍ସା ସେବା ଓ ଟ୍ରମା କେୟାର ଆରମ୍ଭ

କେନ୍ଦୁଝର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗତକାଲି କେନ୍ଦୁଝର ସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଅନ୍ତଃ ଚିକିତ୍ସା ସେବା ଓ ଟ୍ରମା କେୟାର ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ମାନଙ୍କର ଉତ୍ତମ ଚିକିତ୍ସା ହୋଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଦେଶରେ ଦୁର୍ଘଟଣା ଓ ଦୁର୍ଘଟଣା ଜନିତ ମୃତ୍ୟୁହାର ଖୁବ ଅଧିକ। କେନ୍ଦୁଝର ଭଳି ଜିଲ୍ଲାରେ ଖଣି କାରବାର ଯୋଗୁଁ ଅଧିକ ଯାନବାହନ ଚଳାଚଳ ହେଉଛି। ଏହା ସହିତ ଆଗାମୀ ଦିନରେ ଅଧିକ ଶିଳ୍ପ ପ୍ରତିଷ୍ଠା ଓ ଭିତ୍ତିଭୂମିର ବିକାଶ ମଧ୍ୟ କରାଯିବ। ତେଣୁ, ଯାନବାହନ ଚଳାଚଳ ଆହୁରି ବୃଦ୍ଧି ପାଇବ। ଏ କ୍ଷେତ୍ରରେ ଉତ୍ତମ ଟ୍ରମା କେୟାର ବ୍ୟବସ୍ଥା ଲୋକଙ୍କୁ ଆଶୁ ମୃତ୍ୟୁମୁଖରୁ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାର ଗଠନ କରିବାର ଅଳ୍ପଦିନ ମଧ୍ୟରେ ସବୁ ଖଣିଜ ଜିଲ୍ଲା ଗୁଡିକର ମେଡିକାଲ କଲେଜ ଗୁଡିକରେ ଟ୍ରମା କେୟାର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି କେନ୍ଦୁଝରରେ ଏହା ସ୍ଥାପନ ହୋଇଛି, ଖୁବଶୀଘ୍ର ଅନ୍ୟସ୍ଥାନରେ ମଧ୍ୟ ଟ୍ରମା କେୟାର ସ୍ଥାପନ କରାଯିବ। ସେ କହିଲେ ଯେ ରାଜ୍ୟର ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ହସ୍ପିଟାଲ ଗୁଡିକର ଭିତ୍ତିଭୂମି ସୁଦୃଢ଼ କରାଯାଉଛି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରାଯାଉଛି। ନୂଆ ସରକାର ଆସିବା ପରେ ୪ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମଚାରୀ ପଦବୀ ପୂରଣ କରାଯାଇଛି। ଆଗାମୀ ଦିନରେ ୫ହଜାର ଡାକ୍ତର ପଦବୀ ପୂରଣ କରାଯିବ। ଏହା ସହିତ ନୂଆ ନୂଆ ଆମ୍ବୁଲାନ୍ସ ମଧ୍ୟ ଯୋଗାଇ ଦିଆଯାଉଛି। ତେଣୁ, ବିଭିନ୍ନ କ୍ଷେତ୍ରରେ ଓଡିଶା ଯେଉଁ ବିକାଶ କରିବାର ଲକ୍ଷ୍ୟ ନେଇ ଆଗକୁ ବଢୁଛି, ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ ହେବ। ଦୁର୍ଘଟଣା ଜନିତ ମୃତ୍ୟୁହାର ହ୍ରାସ କରିବା କ୍ଷେତ୍ରରେ ମଧ୍ୟ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଖୁବଶୀଘ୍ର ଆଉ ୪ଟି ନୂଆ ମେଡିକାଲ କଲେଜ ସ୍ଥାପନ କରାଯିବ। ସେଗୁଡିକ ହେଲା ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଓ ନବରଙ୍ଗପୁର। ଧିରେ ଧିରେ ରାଜ୍ୟର ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠିତ ହେବ। ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଦେଶରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ କେନ୍ଦ୍ର ସରକାର ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ୬୦ ପ୍ରତିଶତ ଅର୍ଥ ଦେଉଥିବା ବେଳେ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥଦେବେ। ଏହାର ସୁଯୋଗ ନେଇ ଅନେକ ରାଜ୍ୟ ବହୁତ ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି। ତେଲେଙ୍ଗାନାରେ ବର୍ତ୍ତମାନ ୩୪ଟି ମେଡିକାଲ କଲେଜ ସ୍ଥାପନ ହୋଇଛି। କିନ୍ତୁ ଓଡିଶାରେ ଖୁବ୍ କମ୍ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ପୂର୍ବ ସରକାର ରାଜନୈତିକ କାରଣ ଯୋଗୁ ଏ ଦିଗରେ ବିଶେଷ ଧ୍ୟାନ ଦେଇନଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ରାଜ୍ୟରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ଆମର ସାଧାରଣ ଲୋକମାନେ ଦେଶର ୨୯ ହଜାର ସରକାରୀ ଓ ବେସରକାରୀ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ। ୭୦ ବର୍ଷରୁ ଅଧିକ ସମସ୍ତ ବୟୋଜ୍ୟେଷ୍ଠଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ପରିଶେଷରେ ଡାକ୍ତର ମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଆପଣ ମାନେ ସ୍ୱାସ୍ଥ୍ୟସେବାକୁ ଜୀବନର ଏକ ମିଶନ ଭାବେ ଗ୍ରହଣ କରନ୍ତୁ। ବୃତ୍ତିଗତ ଦକ୍ଷତା ସହିତ ସେବା ମନୋଭାବ ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା ସ୍ୱାସ୍ଥ୍ୟକ୍ଷେତ୍ରରେ ମଧ୍ୟ ଓଡିଶା ବିଭିନ୍ନ ସୂଚକାଙ୍କରେ ଉନ୍ନତି ହାସଲ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆନନ୍ଦପୁର ବିଧାୟକ ଶ୍ରୀ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ଶ୍ରୀ ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ଶ୍ରୀ ସନାତନ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲ କଲେଜର ଅଧକ୍ଷା ଡଃ ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମେଡିକାଲ ସୁପରିଟେଣ୍ଡେଣ୍ଟ ଶ୍ରୀ ମହେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାଳପତ୍ର ତିଆରି ସାମଗ୍ରୀରେ ପରିବାର ପ୍ରତିପୋଷଣ

### ■ ସରକାରୀ ପ୍ରୋତ୍ସାହନ ଅପେକ୍ଷାରେ ବହୁ ବନବାସୀ



କେନ୍ଦୁଝର,(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାର ଅନେକ ବନବାସୀ ଶାଳପତ୍ର ତିଆରି ସାମଗ୍ରୀକୁ ନେଇ ପରିବାର ପ୍ରତିପୋଷଣ କରିଥାନ୍ତି । ଆବଶ୍ୟକ ସରକାରୀ ପ୍ରୋତ୍ସାହନ ମିଳିଲେ ଜିଲ୍ଲାର ଅନେକ ପରିବାର ଏଥିରୁ କର୍ମସଂସ୍ଥାନ ପାଇବା ସହ ରୋଜଗାରକ୍ଷମ ହୋଇପାରନ୍ତେ ବୋଲି କୁହାଯାଉଛି । ସରକାରୀ ପ୍ରୋତ୍ସାହନରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା କିମ୍ବା ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସହାୟତା ମିଳିଲେ ଶହ ଶହ ପରିବାର ଏଥିରେ ଆତ୍ମନିର୍ଭରଶୀଳ ହୋଇପାରନ୍ତେ । କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶାଳପତ୍ର ଖଲି ଚୌପଦିର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଆଖି ଆଗରେ ରଖି କେନ୍ଦୁଝର ଜିଲ୍ଲାର ବନାଞ୍ଚଳମାନଙ୍କରେ ରହୁଥିବା ଅନେକ ଆଦିବାସୀ ପରିବାର ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରି ଖଲି ଚୌପଦି ତିଆରି କରିବା ଯୋଗୁଁ ନିଜର ପରିବାର ଭରଣପୋଷଣ କରିବାରେ ସହାୟକ ହେଉଛନ୍ତି । ଦିନକୁ ଦିନ ଜଙ୍ଗଲ ଅବକ୍ଷୟମୁଖୀ ହେବାରେ ଲାଗିଥିବାବେଳେ ଶାଳ ଜଙ୍ଗଲ ଥିବା ଅଞ୍ଚଳର ବନବାସୀମାନେ ଏହି ପତ୍ରକୁ ନେଇ ନିଜର ଜୀବିକା ନିର୍ବାହ କରିବାରେ ଉପଯୋଗ କରୁଛନ୍ତି । ଫଳରେ ଭଲ ଦି ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିବା ସହ ପେଟକୁ ମୁଠାଏ ଦାନା ଯୋଗାଡ କରି ପାରୁଛନ୍ତି । କେନ୍ଦୁଝର ଜିଲ୍ଲାର ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ସଦର, ଝୁମ୍ପୁରା, ଯୋଡା, ଚମ୍ପୁଆ, ଘଟଗାଁ, ପାଟଣା ଆଦି ବ୍ଲକ ଅଞ୍ଚଳରେ ଶାଳପତ୍ର ଖଲି ଚୌପଦି ଦେଖିବାକୁ ମିଳିଥାଏ । ବର୍ତ୍ତମାନ ବଡ ବଡ ହୋଟେଲମାନଙ୍କରେ ମଧ୍ୟ ଗ୍ରାହକମାନଙ୍କୁ ଶାଳପତ୍ର ଖଲି ଚୌପଦିରେ ଖାଦ୍ୟ ଜିନିଷ ପରଷିବା ଆରମ୍ଭ କଲେଣି । ଅନେକ ଗ୍ରାହକ ମଧ୍ୟ ଏହି ବ୍ୟବସ୍ଥାକୁ ପସନ୍ଦ କରୁଥିବା କାରଣରୁ ଶାଳପତ୍ର ତିଆରି ସାମଗ୍ରୀର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲ ଇଲାକାରେ ରହୁଥିବା ଅନେକ ପରିବାରର ଛୋଟ ଛୋଟ ପିଲାମାନଙ୍କ ଠାରୁ ମହିଳା, ପୁରୁଷ ସମସ୍ତେ ନିକଟସ୍ଥ ଜଙ୍ଗଲକୁ ଯାଇ କଞ୍ଚା ଶାଳପତ୍ର ସଂଗ୍ରହ କରି ଘରକୁ ଆଣିବା ପରେ ପରିବାରର ମହିଳାମାନେ ଏହାକୁ ବାଉଁଶ କାଠିରେ ସିଲାଇ କରି ଖଲି ଚୌପଦି ପ୍ରସ୍ତୁତ କରୁଛନ୍ତି। ଏହା ପ୍ରସ୍ତୁତ ହେଲା ପରେ ବିଡା ବନ୍ଧାଯାଇ ବିକ୍ରୟ କରାଯାଉଛି । ବିଶେଷ କରି ବାଂଶପାଳ ବ୍ଲକର ଚମ୍ପେଇ, କାଇପୁର, ବାୟାପଣ୍ଡାଦର, କାଞ୍ଜିପାଣି, ଗୋନାସିକା, ଶୁଆକାଟୀ ସମେତ ସଦର ବ୍ଲକର ଦନାପୁର, ଭାଲିଆଡିହି, ଆମ୍ବଡହରା ଆଦି ଅଞ୍ଚଳର ଅନେକ ପରିବାର ଏହି ଶାଳପତ୍ରରେ ତିଆରି ସାମଗ୍ରୀ ବିକ୍ରୟ କରି ପରିବାର ଭରଣପୋଷଣ କରୁଥିବା ଜଣାପଡିଛି । ଖଲି ଚୌପଦୀ ତିଆରି ପରେ ସେଗୁଡିକୁ ମହିଳାମାନେ ମୁଣ୍ଡରେ ବୋହି ବିଭିନ୍ନ ବଜାର ଜାଗାକୁ ଆଣି ଏହା ବିକ୍ରୟ କରି ଦି ପଇସା ରୋଜଗାର କରୁଛନ୍ତି । ଏମାନଙ୍କ ପାଖରୁ କେନ୍ଦୁଝର ସହରର ଅନେକ ବ୍ୟବସାୟୀ ଘର ଘର ବୁଲି ଖଲି ଚୌପଦୀକୁ କେନ୍ଦୁଝର ସହର ସମେତ ଆଖପାଖ ଅଞ୍ଚଳର ବଜାରରେ ବିକ୍ରୟ କରୁଛନ୍ତି । କେନ୍ଦୁଝର ସହର ସମେତ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳରେ ପ୍ରତ୍ୟହ ପ୍ରାୟ ୨୦ହଜାରରୁ ଅଧିକ ଶାଳପତ୍ର ଖଲି ଏବଂ ୪୦ହଜାରରୁ ଅଧିକ ଚୌପଦୀ ବିକ୍ରୟ ହେଉଥିବା ଏକ ଆକଳନରୁ ଜଣାପଡିଛି । ପୂଜାପାଠ, ପର୍ବପର୍ବାଣୀ, ବିବାହ,ବ୍ରତ, ମେଳା, ମହୋତ୍ସବ ସବୁ ସ୍ଥାନରେ ଶାଳପତ୍ର ଖଲି ଓ ଚୌପଦୀର ଚାହିଦା ଦେଖିବାକୁ ମିଳୁଛି । ଏହି ଖଲିପତ୍ର ତିଆରି ଯୋଗୁଁ ଶହ ଶହ ଆଦିବାସୀ ପରିବାର ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି । ଏପଟେ ଏହାକୁ ସଂଗ୍ରହ କରି ବ୍ୟବସାୟ କରୁଥିବା ଶତାଧିକ ପରିବାର ମଧ୍ୟ ତାଙ୍କର ଗୁଜୁରାଣ ମେଣ୍ଟାଇ ପାରୁଛନ୍ତି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲାର ମୋଟ ୮୩୩୩ ବର୍ଗ କିଲୋମିଟର ଇଲାକା ମଧ୍ୟରୁ ଏକଦା ଶତକଡା ୭୫ ଭାଗ ଜଙ୍ଗଲ ରହିଥିଲା । ଏବେ କିନ୍ତୁ ଅନେକ ଜଙ୍ଗଲ ନଷ୍ଟ ହୋଇସାରିଲାଣି । ଜିଲ୍ଲାରେ ଶାଳଗଛ ସଂଖ୍ୟା ଧିରେ ଧିରେ କମିବାରେ ଲାଗିଛି । ଆଗାମୀ ଦିନରେ ଶାଳପତ୍ର ମିଳିବା ନମିଳିବା ନେଇ ଲୋକମାନେ ଆଶଙ୍କା ପ୍ରକାଶ କରୁଛନ୍ତି । ଜିଲ୍ଲାର ଘଟଗାଁ, ହରିଚନ୍ଦନପୁର, ତେଲକୋଇ, ବାଂଶପାଳ, ଯୋଡା, ପାଟଣା, ସାହାରପଡା, କେନ୍ଦୁଝର ସଦର ପ୍ରମୁଖ ବ୍ଲକ ଅଞ୍ଚଳରେ ବସବାସ କରୁଥିବା ହଜାର ହଜାର ଆଦିବାସୀ ସଂପ୍ରଦାୟ ଲୋକମାନେ ବର୍ଷ ବର୍ଷ ଧରି ନିଜର ଜୀବିକା ଜୀବନ ବିତାଇ ଆସୁଛନ୍ତି। ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଛାଡିଦେଲେ କେନ୍ଦୁଝର ସହର ତଳି ଅଞ୍ଚଳ ଡିପା ସାହି,ଜୁଡିଆ ସାହି,ପୋଡା ଉଆସ ସାହି,ସମାଧି ସାହିଠାରୁ ଆରମ୍ଭ କରି ଶୁଆକାଟୀ, ବାୟାପଣ୍ଡାଧାର,କାଞ୍ଜିପାଣି ସମେତ ହରିଚନ୍ଦନପୁର ଓ ତେଲକୋଇ ବ୍ଲକର ବିଭିନ୍ନ ଗ୍ରାମରେ ବସବାସ କରୁଥିବା ଆଦିବାସୀ ସଂପ୍ରଦାୟ ପରିବାରର ମହିଳାମାନେ ଶାଳପତ୍ର ତିଆରି ଖଲି,ଚଉତି ଓ ପଲଙ୍ଗା ତିଆରି ନିଜ ପରିବାର ପ୍ରତିପୋଷଣରେ ମୁଖ୍ୟ ଭୂମିକା ନିଭାଉଛନ୍ତି । ରାଜ୍ୟ ସରକାର ଶାଳପତ୍ର ତୋଳାଳୀଙ୍କ ପରିବାରକୁ ବିଶେଷ ଦୃଷ୍ଟି ଦେଇ ଅଧିକ ପ୍ରୋତ୍ସାହନ ବ୍ୟବସ୍ଥା କଲେ ଏହି ପାରମ୍ପରିକ ବ୍ୟବସାୟ ଉପରେ ନିର୍ଭର କରି ଚଳୁଥିବା ଆଦିବାସୀମାନଙ୍କର ଜୀବନ ଜୀବିକାର ଉନ୍ନତି ହୋଇପାରନ୍ତା ବୋଲି ସାଧାରଣରେ ମତପୋଷଣ ହେଉଛି ।



ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍.ଲୋକସେବା ଭବନ ସଭାଗୃହରେ ସ୍ଥିତିର ସମୀକ୍ଷା କରି ସମୟାନୁବନ୍ଧିତ ଭାବେ ସରକାରୀ ହସ୍ପିଟାଲରେ ଅଗ୍ନି-ନିରାପତ୍ତା ନିଶ୍ଚିତ କରାଇବା ପାଇଁ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ମେଡିକାଲ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷତଃ ହସ୍ପିଟାଲରେ ଥିବା ଅସ୍ତ୍ରୋପଚାର କକ୍ଷ, ଆଇସିୟୁ, ନବଜାତଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ୟୁନିଟ, ସିଟିସ୍କାନ ଓ ଏମ୍ଆରଆଇ ଯନ୍ତ୍ର ଭଳି ଉଚ୍ଚବିଦ୍ୟୁତ୍ ଶକ୍ତି ସମ୍ପନ୍ନ ଉପକରଣ ଲାଗିଥିବା ସ୍ଥାନରେ ଅଗ୍ରାଧିକାର ଭିତ୍ତିରେ ଅଗ୍ନି ନିରାପତ୍ତା ଦୃଢ଼ୀଭୂତ କରିବା ନିମନ୍ତେ ଶ୍ରୀମତୀ ଅଶ୍ୱତୀ ନିର୍ଦ୍ଦେଶ ଦେଇଛନ୍ତି । ହସ୍ପିଟାଲର ବିଦ୍ୟୁତ ଓ୍ୱାରିଂ ସହ ଜେନେରେଟର ସଂଯୋଗୀକରଣ ସ୍ଥାନରେ ବୈଦ୍ୟୁତିକ ଓ ଅଗ୍ନି-ନିରାପତ୍ତାକୁ ସଠିକ୍ ଯାଞ୍ଚ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା. ଡି, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପୋମା ଟୁଡୁ, ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ମିଶ୍ରଙ୍କ ସମେତ ଅଗ୍ନିଶମ ବିଭାଗ, ରାସ୍ତା ଓ କୋଠାବାଡ଼ି ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ ଏବଂ ଜଳନିଗମର ବରିଷ୍ଠ ଅଧିକାରୀ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ରାଜ୍ୟ ବିଦ୍ୟୁତ୍‌ଭାର ପ୍ରେରଣ କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଙ୍ଗଳବାର ଅପରାହ୍ନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ମଞ୍ଚେଶ୍ୱର ରେଲୱେ ରୋଡସ୍ଥିତ ରାଜ୍ୟ ବିଦ୍ୟୁତ ଭାର ପ୍ରେରଣ କେନ୍ଦ୍ର (ଏସ୍ଏଲ୍‌ଡିସି) ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଏସଏଲଡିସିର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ସହିତ ଏହାର ନିୟନ୍ତ୍ରଣ କକ୍ଷ (କଣ୍ଟ୍ରୋଲ ରୁମ୍) ପରିଦର୍ଶନ କରି ସେଠାରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏସ୍ଏଲ୍‌ଡିସିର କାର୍ଯ୍ୟାବଳୀ, ରାଜ୍ୟର ବିଦ୍ୟୁତ ବ୍ୟବସ୍ଥାରେ ଏହାର ଗୁରୁତ୍ୱ ଏବଂ ବିଦ୍ୟୁତ ଗ୍ରୀଡର ନିରବଚ୍ଛିନ୍ନ ପରିଚାଳନା ପାଇଁ ଏହା କିପରି କାର୍ଯ୍ୟ କରୁଛି ସେ ବିଷୟରେ କର୍ମକର୍ତ୍ତା ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏସ୍ଏଲ୍‌ଡିସିର ଅଧିକାରୀମାନେ ରାଜ୍ୟରେ ବିଦ୍ୟୁତ ଚାହିଦା ଓ ଯୋଗାଣର ସନ୍ତୁଳନ ରକ୍ଷା, ଗ୍ରୀଡ ସ୍ଥିରତା ସୁନିଶ୍ଚିତ କରିବା ଏବଂ ଆଧୁନିକ ପ୍ରଯୁକ୍ତି ବ୍ୟବହାର ମାଧ୍ୟମରେ ବିଦ୍ୟୁତ ବଣ୍ଟନକୁ ଅଧିକ କ୍ରିୟାଶୀଳ କରିବା ଆଦି ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ଗ୍ରହଣ ଏବଂ ଅନ୍ୟ ରାଜ୍ୟ ଓ କେନ୍ଦ୍ରୀୟ ଗ୍ରୀଡ ସହ ସମନ୍ୱୟ ରକ୍ଷା କରିବାରେ ଏସଏଲଡିସିର କାର୍ଯ୍ୟଧାରା ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ଏହି ପରିଦର୍ଶନ ସମୟରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ଏସ୍ଏଲ୍‌ଡିସିର ନିର୍ଦ୍ଦେଶକ ବି ବି ମେହେତାଙ୍କ ସମେତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

## ମଦର୍ସ ଡେ' ପାଇଁ ସେଲ୍‌ଫି ପ୍ରତିଯୋଗିତାର ଶୁଭାରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ମେ ୧୧ ତାରିଖରେ ସାରା ବିଶ୍ୱରେ ମଦର୍ସ ଡେ ୨୦୨୫ ପାଳିତ ହେବାକୁ ଯାଉଛି। ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୬ରୁ ୧୦ ପର୍ଯ୍ୟନ୍ତ ଏକ ସେଲଫି ପ୍ରତିଯୋଗିତା ମଦର୍ସ ଡେ ସେଲଫି କଣ୍ଟେଷ୍ଟ ଏକ ଅଭିନବ ପ୍ରୟାସର ଶୁଭାରମ୍ଭ କରିଛନ୍ତି । ନିଜ ମାଆଙ୍କ ସହ ସେଲଫି ଉଠାଇ, ମା'ଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନରେ ଦୁଇ ପଦ ଲେଖି ମହିଳା ଓ ଶିଶୁ ବିକାଶ ବିଭାଗକୁ ଟ୍ୟାଗ କରନ୍ତୁ। ସେଲଫି ସହ ଭାବାବେଗ ସମ୍ବଳିତ ବାର୍ତ୍ତା ପୋଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି । ଫେସବୁକ, ଇନଷ୍ଟାଗ୍ରାମ ଏବଂ ଏକ୍ସ ବା ଟ୍ୱିଟର, ପ୍ରତ୍ୟେକରୁ ୩ଟି ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ବିବେଚିତ ସେଲଫି ଏବଂ ବାର୍ତ୍ତା ପ୍ରେରକଙ୍କୁ ବିଜେତା ଘୋଷଣା କରି ୧୧ ତାରିଖ ମଦର୍ସ ଡେ ଦିବସରେ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ । ବିଜେତାଙ୍କ ଫୋଟୋ ବିଭାଗର ଅଫିସିଆଲ ହ୍ୟାଣ୍ଡେଲରେ ପୋଷ୍ଟ କରାଯିବ । ୧୧ରେ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟରେ ମଦର୍ସ ଡେ ପାଳନ ଅବସରରେ ବିଜେତାମାନେ ନିଜର ଉପଯୁକ୍ତ ପ୍ରମାଣପତ୍ର ଦର୍ଶାଇ ପୁରସ୍କାର ଗ୍ରହଣ କରିପାରିବେ । କାର୍ଯ୍ୟକ୍ରମରେ ମା'ଙ୍କ ପାଇଁ ବହୁ ମଜାଳିଆ ଖେଳର ମଧ୍ୟ ଆୟୋଜନ କରାଯାଇଛି । ଭାଗନେବା ପାଇଁ ଚାହୁଁଥିବା ମା'ମାନେ ୧୧ ତାରିଖ ଅପରାହ୍ନ ୩ ଟାରେ ଏକାମ୍ର ହାଟ ଆସି ସେହି ସ୍ଥାନରେ ହିଁ ପଞ୍ଜିକରଣ କରି ମଜାଳିଆ ଖେଳରେ ଭାଗ ନେଇପାରିବେ । ବିଜେତାଙ୍କୁ ସେହି କାର୍ଯ୍ୟକ୍ରମରେ ହିଁ ପୁରସ୍କୃତ କରାଯିବ। ବହୁସଂଖ୍ୟାରେ ମା'ମାନେ କାର୍ଯ୍ୟକ୍ରମରେ ଭାଗକ୍ଷନବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

## ଏସ୍‌ଟିଏଫ୍ ପଞ୍ଝାରେ ବ୍ରାଉନ୍‌ସୁଗାର ବେପାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏସଟିଏଫ ପଞ୍ଝାରେ ବ୍ରାଉନ ସୁଗାର ବେପାରୀ । ଖୋର୍ଦ୍ଧାରୁ ବ୍ରାଉନ ସୁଗାର ବେପାରୀ ଜ୍ୟୋତି ସାମନ୍ତରାୟଙ୍କୁ ଗିରଫ କଲା ଏସଟିଏଫ । ଜ୍ୟୋତି ନିକଟରୁ ୨୬୩ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି । ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୫ଲକ୍ଷ ହେବ ବୋଲି ସୂଚନା ମିଳିଛି । ବାଲେଶ୍ୱରରୁ ଆସୁଥିଲା ବ୍ରାଉନ ସୁଗାର । ଏନେଇ ସୁଚନା ଦେଇଛନ୍ତି ଏସଟିଏଫ ଏସପି ରବି ଶତପଥି ।

## ଆଗକୁ ଗାଁରେ ବି ହେବ ମକ୍ ଡ୍ରିଲ: ସୁରେଶ ପୂଜାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ଆସନ୍ତାକାଲି ହେବାକୁ ଥିବା ମକ୍ ଡ୍ରିଲ ଉପରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି । ଆସନ୍ତାକାଲି ୧୨ ସ୍ଥାନରେ ମକଡ୍ରିଲ ହେବା ପରେ ଆଗକୁ ଗାଁରେ ବି ହେବ ମକ୍ ଡ୍ରିଲ । ଯୁଦ୍ଧ ସମୟରେ କଣ କରିବାକୁ ପଡେ, ତା ଉପରେ ଆଡଭାଇଜରୀ ମଧ୍ୟ ଆସିବ । କେବଳ ସେନା ଓ ସରକାର ପ୍ରସ୍ତୁତ ହେଲେ ଚାଲିବ ନାହିଁ, ସାଧାରଣ ଜନତା ମଧ୍ୟ ପ୍ରସ୍ତୁତ ହେବା ଉଚିତ । ଓଡ୍ରାଫ, ଅଗ୍ନିଶମ, ଓଡ଼ିଶା ପୋଲିସ, ଅର୍ଦ୍ଧ ସାମରିକ ବାହିନୀଙ୍କ ମକ୍ ଡ୍ରିଲରେ ଭୂମିକା ରହିବ । ଜନସାଧାରଣ ଭୟବିତ ହେବାର କୌଣସି କାରଣ ନାହିଁ, ଏଭଳି ପରିସ୍ଥିତିରେ ଆମକୁ ସଜାଗ ରହିବା ସହ ସାମ୍ନା କରିବାକୁ ପଡ଼ିବ । ଆଗକୁ ଗାଁରେ ବି ହେବ ମକ ଡ୍ରିଲ୍ । ଯୁଦ୍ଧ ସମୟରେ କଣ କରିବାକୁ ପଡେ, ତା ଉପରେ ଆଡଭାଇଜରୀ ମଧ୍ୟ ଆସିବ । କୌଣସି ପରିସ୍ଥିତି ସୃଷ୍ଟି ହେଲେ ସାମ୍ନା କରିବା ପାଇଁ ପୂର୍ବ ପ୍ରସ୍ତୁତି ଆବଶ୍ୟକ । ଭାରତ ଓ ପାକିସ୍ତାନ ମଧ୍ୟରେ ଯେଉଁ ଉତ୍ତେଜନା ସୃଷ୍ଟି ହୋଇଛି, କେତେବେଳେ କ'ଣ ହେବ କିଛି କହିହେବନି । ଏବେ ପାକିସ୍ତାନରେ ହାହାକାର । କେବଳ ଭାରତ ନୁହେଁ ଆମେରିକା ଭଳି ଦେଶ ମଧ୍ୟ ପୂର୍ବରୁ ଆତଙ୍କବାଦୀ ଆକ୍ରମଣର ସାମ୍ନା କରିଛି ବୋଲି ସେ କହିଛନ୍ତି ।

## ଆସ୍ଥମା ସଂପର୍କରେ ଜନସଚେତନତା ସୃଷ୍ଟି ପାଇଁ ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସ୍ଥମା ସଂପର୍କରେ ଜନସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ସୋସିଆଲ ମିଡିଆ ଏକ୍ସରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ଆସ୍ଥମା ଦିବସ ଅବସରରେ ଆସନ୍ତୁ ଏହି ରୋଗ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା। ଆସ୍ଥମା ରୋଗୀଙ୍କ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ସଂକଳ୍ପ ନେବା। ସମସ୍ତଙ୍କ ପ୍ରୟାସ ଏବଂ ଯୋଗଦାନ ଦ୍ୱାରା ଏକ ସୁସ୍ଥ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି ମନ୍ତ୍ରୀ ।

## ଏଆଇ ପ୍ରୟୋଗରେ କୃଷି ସୂଚନା ପ୍ରଦାନ କରାଯିବ: ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୃତ୍ରିମ ବୁଦ୍ଧିମତାର ପ୍ରୟୋଗରେ କୃଷିଭିତ୍ତିକ ଭୌଗଳିକ ତଥ୍ୟକୁ ଅନୁଧ୍ୟାନ କରି ଚାଷୀଙ୍କୁ ଆଗୁଆ ସୂଚନା ପ୍ରଦାନ କରିବା ପାଇଁ ଏଏମଏନଇଏକ୍ସ ନାମକ ସଂସ୍ଥା ଆଗେଇ ଆସିଛି । ଏହି ସଂସ୍ଥାର ପ୍ରତିନିଧିଙ୍କ ପକ୍ଷରୁ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ପ୍ରଦର୍ଶନ କରାଯାଇଥିଲା । କୃଷି କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ନିହାତି ଜରୁରୀ । କୃତ୍ରିମ ବୁଦ୍ଧିମତାର ଉପଯୋଗରେ ସଠିକ୍ ତଥ୍ୟ ହାତପାହାନ୍ତାରେ ପାଇବା ସହଜସାଧ୍ୟ ହୋଇପାରିଛି । ଆମ ଦେଶର ମେରୁଦଣ୍ଡ କୃଷକଙ୍କୁ ସମୟୋପଯୋଗୀ କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ କରି ଫସଲ ହାନିରେ ହ୍ରାସ ତଥା ଉତ୍ପାଦନରେ ଅଭିବୃଦ୍ଧି ଆଣିବା ପାଇଁ ଆମେ ସର୍ବଦା ଚେଷ୍ଟିତ । ଏଥିପାଇଁ ଉପଯୁକ୍ତ ପଦକ୍ଷେପ ଆମେ ଗ୍ରହଣ କରୁଛୁ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । କୃଷି କ୍ଷେତ୍ରର ବିକାଶରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ । ଏହାର ବ୍ୟବହାର ଫଳରେ ଅଧିକ ସଂଖ୍ୟକ ଚାଷୀଙ୍କୁ ସମୃଦ୍ଧ ଚାଷୀରେ ପରିଣତ କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି ବୋଲି ମତପ୍ରକାଶ କରିଛନ୍ତି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ । ଏଏମଏନଇଏକ୍ସ ସଂସ୍ଥା ପୂର୍ବରୁ କୃଷି ବିଭାଗ ଦ୍ୱାରା କରାଯାଉଥିବା ଏଗ୍ରିଷ୍ଟାକ-ଡିଜିଟାଲ କ୍ରପ ସର୍ଭେ, ଫାର୍ମର୍ସ ରେଜିଷ୍ଟ୍ରୀ ଇତ୍ୟାଦି ପାଇଁ ବୈଷୟିକ ସହାୟତା ଯୋଗାଇ ଆସିଛି । ଏତଦବ୍ୟତୀତ କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରାଳୟ ସହ ଯୋଡ଼ିହୋଇ ୩୩ଟି ଫସଲ ନିମନ୍ତେ ବୈଷୟିକ ସହାୟତା ପ୍ରଦାନ କରୁଛି । ଏହି ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ଏଏମଏନଇଏକ୍ସ ପକ୍ଷରୁ ପରିଚୟ କୁମାର ଦାସ, ନୀତିଶ ଠକ୍କର, ଜୟେନ୍ଦ୍ର ପୁଓ୍ୱାର, ଆନନ୍ଦ ପରିଜା ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁଗ୍ଧଚାଷୀଙ୍କ ଜୀବନଜୀବିକାକୁ ଅଧିକ ସୁରକ୍ଷିତ କରିଛି ଗୋ-ପାଳନ ଯୋଜନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋ-ପାଳନ ଯୋଜନାକୁ ମିଳିଛି ପ୍ରାରମ୍ଭିକ ସଫଳତା । ଗତ ୩ ମାସ ମଧ୍ୟରେ ଏକ ହଜାରରୁ ଊର୍ଦ୍ଧ୍ୱ ଅଧିକ ଦୁଗ୍ଧ ଉତ୍ପାଦନକ୍ଷମ ଗାଈ ଗୋ-ପାଳନ ଯୋଜନାରେ ସାମିଲ ହୋଇଛନ୍ତି । ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ତାମିଲନାଡୁ ଆଦି ରାଜ୍ୟରୁ ଏହି ଗାଈ ଅଣାଯାଇଛି । ଫଳରେ ଦୁଗ୍ଧ-ଚାଷୀଙ୍କ ଜୀବନଜୀବିକାକୁ ଗୋପାଳନ ଯୋଜନା ଅଧିକ ସୁରକ୍ଷିତ ଓ ସଶକ୍ତ କରିଛି । ଆମ ରାଜ୍ୟରେ ଉନ୍ନତ ପ୍ରଜାତିର ଗୋ-ପାଳନ ପାଇଁ ମଧ୍ୟ ଏହା ସହାୟକ ହେବ ଓ ଅନ୍ୟମାନଙ୍କୁ ପ୍ରେରିତ କରିବ । ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା -୨୦୨୫ ଆୟୋଜନ ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଚାଷୀଙ୍କୁ ଗୋ-ଆହେଡ୍ ଲେଟର୍ ବା କାର୍ଯ୍ୟାଦେଶ ପତ୍ର ପ୍ରଦାନ କରିଥିଲେ । ସରକାରୀ ସହାୟତା ପାଇ ଚାଷୀମାନେ ବାହାର ରାଜ୍ୟରୁ ଦୁଧିଆଳୀ ଗାଈ କ୍ରୟ କରିଛନ୍ତି । ଏବେ ଏହି ଉତ୍କୃଷ୍ଟମାନର ଦୁଧିଆଳୀ ଗାଈ ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଗେମ୍‌ଚେଞ୍ଜର ଭାବେ ଉଭା ହୋଇଛି । ସୂଚନାଯୋଗ୍ୟ, କନ୍ଧମାଳ ଜିଲ୍ଲାରେ ଏହି ଗୋପାଳନ ଯୋଜନାରେ ପ୍ରଥମ କରି ତିନୋଟି ୟୁନିଟ ପ୍ରତିଷ୍ଠା ହୋଇଛି । ସମସ୍ତ ତିନି ଦୁଗ୍ଧ ଚାଷୀ ହେଉଛନ୍ତି ମହିଳା । ଏହି ସଫଳତା ମହିଳା ସଶକ୍ତୀକରଣ ଓ ଲିଙ୍ଗଗତ ସମାନତାକୁ ପ୍ରତିଫଳିତ କରୁଛି । ଗୋପାଳକଙ୍କ ଜୀବିକାକୁ ଅଧିକ ସଶକ୍ତ ଓ ସୁରକ୍ଷିତ କରିବା ନିମନ୍ତେ ରାଜ୍ୟ ସରକାର ଗୋ-ପାଳନ ଯୋଜନା ଆରମ୍ଭ କରିଛନ୍ତି ।

## ୧୦ରେ ସମ୍ବଲପୁର ଆସିବେ ଶାହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ୧୦ରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସମ୍ବଲପୁର ଗସ୍ତରେ ଆସିବେ । ସେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରକଳ୍ପର ଶୁଭ ଦେବେ । ସେ ଅପରାହ୍ନ ୨.୩୦ରୁ ୩ଟା ମଧ୍ୟରେ ପହଞ୍ଚିବେ । ପ୍ରଥମେ ମା' ସମଲେଇଙ୍କ ଦର୍ଶନ କରି ଆଶୀର୍ବାଦ ନେବେ । ପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଗସ୍ତ ପଶ୍ଚିମ ଓଡ଼ିଶାର ବିକାଶରେ ସହଯୋଗ କରିବା ବୋଲି କହିଛନ୍ତି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ।

## ପୁରୀ ବିମାନବନ୍ଦର ନେଇ ମୋଦିଙ୍କୁ ଧର୍ମେନ୍ଦ୍ରଙ୍କ ଧନ୍ୟବାଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁରୀରେ ବିମାନବନ୍ଦର ନିର୍ମାଣକୁ ମଞ୍ଜୁରି ଦେଇଥିବାରୁ ପିଏମ୍ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଓଡ଼ିଶାର ପୁରୀରେ ନୂଆ ବିମାନ ବନ୍ଦର ନିର୍ମାଣକୁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଂଜାରାପୁଙ୍କୁ ଧନ୍ୟବାଦ । ପୁରୀ ଧାମ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ରରେ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଲାଭ କରିଛି ।

## ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ନବୀନଙ୍କ ପରିକଳ୍ପନା ଥିଲା: ବିଜେଡି




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁରୀରେ ଏକ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ପ୍ରସ୍ତାବକୁ କେନ୍ଦ୍ର ସରକାର ଗତକାଲି ଅନୁମୋଦନ ଦେଇଥିବା ବେଳେ ଆଜି ବିଜୁ ଜନତା ଦଳ ତରଫରୁ ଏହି ବିମାନ ବନ୍ଦର ପ୍ରତିଷ୍ଠାର ଶ୍ରେୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସଂସଦ ସୁଭାଶିଷ ଖୁଣ୍ଟିଆ କହିଛନ୍ତି, ଶ୍ରୀକ୍ଷେତ୍ର ପୁରୀକୁ ବିଶ୍ୱର ପର୍ଯ୍ୟଟକଙ୍କ ଆଗମନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ପୁରୀରେ ଏକ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠାର ପରିକଳ୍ପନା ୨୦୨୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ହୋଇଥିଲା । ସେହି ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ପରେ ୨୦୨୩ରେ ଏହି ପ୍ରକଳ୍ପର ସାଇଟ କ୍ଲିଅରାନ୍ସ ହୋଇଥିଲା । ୧୧୪୬ ଏକର ଜମିକୁ ପ୍ରକଳ୍ପ ଏରିଆ ଭାବେ ଚିହ୍ନଟ କରାଯାଇଥିବା ବେଳେ ୨୫୧ ଏକର ଜମି ଅଧିଗ୍ରହଣ କରାଯାଇଥିଲା । ନବୀନ ବାବୁ ମୋତେ ରାଜ୍ୟସଭା ସଂସଦ ଭାବେ ମନୋନୀତ କରିବା ପରେ, ପୁରୀରେ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ମୁଁ ସଂସଦରେ ବାରମ୍ବାର ଏହି ପ୍ରସଙ୍ଗ ଉଠାଇବା ସହିତ ଏହାର ଆବଶ୍ୟକତା ଉପରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲି । କେନ୍ଦ୍ର ସରକାର, ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅନୁମୋଦନ ଦେବା ପରେ, ନବୀନ ବାବୁଙ୍କ ପରିକଳ୍ପନା ଆଜି ରୂପ ନେବାକୁ ଯାଉଛି । ତେଣୁ ପୁରୀରେ ଆନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠାର ଶ୍ରେୟ ମୁଁ ମୋର ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଉଛି ବୋଲି ଶ୍ରୀ ଖୁଣ୍ଟିଆ କହିଥିଲେ ।


## ବିଜେଡି ଜିଲ୍ଲା ସଭାପତିଙ୍କ ସମେତ ଛାମୁଆ ସଙ୍ଗଠନ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଡି ଜିଲ୍ଲା ସଭାପତିଙ୍କ ସମେତ ଛାମୁଆ ସଙ୍ଗଠନର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ବିଜୁ ଜନତା ଦଳର ନିର୍ବାଚିତ ଜିଲ୍ଲା ସଭାପତିଙ୍କ ସମେତ ବିଭିନ୍ନ ଛାମୁଆ ସଙ୍ଗଠନର ଆବାହକ, ରାଜ୍ୟ ପଦାଧିକାରୀ, ସଂଖ୍ୟାଲଘୁ ସେଲର ଆବାହକ, ସଂଯୋଜକ ତଥା ମନୋନୀତ ରାଜନୈତିକ ବ୍ୟାପାର କମିଟିର ସମସ୍ତ ସଦସ୍ୟମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି।

## କିଟ୍ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସର କମିଟି ଗଠନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର କିଟ ବିଶ୍ୱବିଦ୍ୟାଳୟରେ ଗତ କିଛି ଦିନ ତଳେ ହୋଇଥିବା ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା ଓ ଗତ ସପ୍ତାହରେ ପୁନଶ୍ଚ ହୋଇଥିବା ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା ସାରା ଦେଶରେ ତଥା ବିଦେଶରେ ଆଲୋଡ଼ ସୃଷ୍ଟି କରିଛି। ସେହିଭଳି ବିଚ୍ ରାସ୍ତା ଉପରେ ଛାତ୍ରୀମାନଙ୍କୁ ଟଣା ଓଟରା ଆଦି ଘଟଣା ବିଭିନ୍ନ ସମ୍ବାଦପତ୍ରରେ ମଧ୍ୟ ପ୍ରକାଶିତ ହୋଇଛି ଯାହାକି ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଉପରୋକ୍ତ ଘଟଣାଗୁଡ଼ିକର ଅନୁଧ୍ୟାନ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ମାନଙ୍କୁ ନେଇ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି କମିଟିରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଅଧ୍ୟକ୍ଷ ରହିଥିବା ବେଳେ ସଦସ୍ୟ ଭାବରେ ପୂର୍ବତନ ସାଂସଦ ସକୁନ୍ତଳା ଲାଗୁରୀ, ଅଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, ବିଧାୟକ ପ୍ରାର୍ଥୀ ଅମିତା ବିଶ୍ୱାଳ, ପୂର୍ବତନ କଟକ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଅମ୍ରିତା ଦାସ, ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ ଓ ଛାତ୍ର କଂଗ୍ରେସର ଲିପିକା ପାତ୍ର ପ୍ରମୁଖ ରହିଛନ୍ତି। ଉକ୍ତ କମିଟି ଖୁବଶୀଘ୍ର ଘଟଣାସ୍ଥଳ ପରିଦର୍ଶନ କରି ଘଟଣାର ଅନୁଧ୍ୟାନ କରିବେ ଓ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।





ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।

-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।

- ଉତ୍କଳମଣି ଗୋପବନ୍ଧୁ ଦାସ



## ପୂର୍ଣ୍ଣାଙ୍ଗ ଯୁଦ୍ଧ ପାଇଁ ପ୍ରସ୍ତୁତି

# ଭାରତକୁ ରୁଷ ଓ ପାକିସ୍ତାନକୁ ଚୀନ୍‌ର ସମର୍ଥନ

ଜାମ୍ମୁ-କାଶ୍ମୀରର ପର୍ଯ୍ୟଟନସ୍ଥଳୀ ପହଲଗାମ୍‌ରେ ଆତଙ୍କବାଦୀମାନେ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କୁ ନୃଶଂସ ଭାବରେ ହତ୍ୟା କରିବା ପରେ ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ଦୁଇ ଦେଶ ମଧ୍ୟରେ ଯେକୌଣସି ମୁହୂର୍ତ୍ତରେ ପୂର୍ଣ୍ଣାଙ୍ଗ ଯୁଦ୍ଧ ଆରମ୍ଭ ହୋଇଯିବାର ଆଶଙ୍କା ଦେଖାଦେଇଛି। ଭାରତ ଓ ପାକିସ୍ତାନ ଉଭୟେ ଯୁଦ୍ଧ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀ ଠାରେ ବରିଷ୍ଠ ମନ୍ତ୍ରୀ, ସୁରକ୍ଷା ପରାମର୍ଶଦାତା ଓ ସାମରିକବାହିନୀର ମୁଖ୍ୟମାନଙ୍କ ସହ ଘନଘନ ବୈଠକରେ ମିଳିତ ହେଉଛନ୍ତି। ଏହାରି ଭିତରେ ବୁଧବାର ଦିନ ସାରା ଦେଶରେ ମକ୍‌ଡ୍ରିଲ୍ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଆସନ୍ନ ଯୁଦ୍ଧ ଆଶଙ୍କାକୁ ଅଧିକ ଦୃଢ଼ୀଭୂତ କରୁଛି। ଶତ୍ରୁପକ୍ଷ ଆକ୍ରମଣ କଲେ ନାଗରିକମାନେ କିଭଳି ଆତ୍ମରକ୍ଷା କରିବେ, ସେଥିପାଇଁ ସେମାନଙ୍କୁ ତାଲିମ ଦେବା ଏହି ମକ୍‌ଡ୍ରିଲ୍‌ର ଉଦ୍ଦେଶ୍ୟ ବୋଲି କୁହାଯାଉଛି। ବିଶେଷକରି ଛାତ୍ରଛାତ୍ରୀମାନଙ୍କୁ ଅଧିକ ସଂଖ୍ୟାରେ ଏହି ତାଲିମ କାର୍ଯ୍ୟକ୍ରମରେ ସାମିଲ କରାଇ ଆତ୍ମରକ୍ଷାର କୌଶଳ ସଂପର୍କରେ ଅବଗତ କରାଯିବାର ବ୍ୟବସ୍ଥା ହୋଇଛି। ଗତ ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ବି ଏଭଳି ମକଡ୍ରିଲ୍‌ର ବ୍ୟବସ୍ଥା ହୋଇଥିଲା। ସେହି ଯୁଦ୍ଧରେ ଭାରତ ବିଜୟୀ ହେବା ସଂଗେସଂଗେ ପାକିସ୍ତାନ ବିଖଣ୍ଡିତ ହୋଇ ସ୍ୱାଧୀନ ବାଂଲାଦେଶ ଜନ୍ମ ନେଇଥିଲା। ଏବେ ସମ୍ଭାବ୍ୟ ଯୁଦ୍ଧର ପ୍ରସ୍ତୁତି ସ୍ୱରୂପ ଭାରତ ସିନ୍ଧୁନଦୀ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ସହିତ ପାକିସ୍ତାନକୁ ପ୍ରବାହିତ ହେଉଥିବା ଚେନାବ୍ ନଦୀର ପାଣିକୁ ଅଟକାଇ ଦେଇଛି ଏବଂ ଖୁବ୍‌ଶୀଘ୍ର ଝେଲମ୍ ନଦୀର ଜଳ ଉପରେ ମଧ୍ୟ ରୋକ୍ ଲଗାଇବାକୁ ନିଷ୍ପତ୍ତି ନେଇଛି। ଏହି ପଦକ୍ଷେପ ଫଳରେ ପାକିସ୍ତାନରେ ଭୀଷଣ ଜଳାଭାବ ଦେଖାଦେବା ସହ ହାହାକାର ସ୍ଥିତି ସୃଷ୍ଟି ହେବାକୁ ଯାଉଛି। ଏହାରି ଭିତରେ ପହଲଗାମ ଆତଙ୍କୀ ଆକ୍ରମଣ ପରେ ବିଶ୍ୱ ବ୍ୟାପୀ ପାକିସ୍ତାନକୁ ସମାଲୋଚନା କରାଯାଇ ଭାରତ ପ୍ରତି ସମର୍ଥନ ବଢୁଥିବାର ଲକ୍ଷ୍ୟ କରାଯାଉଛି। ତିନି ମହାଶକ୍ତି ମଧ୍ୟରୁ ରୁଷ ଭାରତ ପ୍ରତି ସମର୍ଥନର ହାତ ବଢ଼ାଇଥିବାବେଳେ ଆମର ପାରମ୍ପରିକ ଶତ୍ରୁ ଚୀନ୍ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ ଜଣାଇଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସୋମବାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ୍ କରି ପହଲଗାମ ଆକ୍ରମଣକୁ କଡା ଭାଷାରେ ନିନ୍ଦା କରିଛନ୍ତି। ଏ କ୍ଷେତ୍ରରେ ଭାରତକୁ ରୁଷ ପୂର୍ଣ୍ଣ ସମର୍ଥନ କରିବ ବୋଲି ସେ ପ୍ରତିଶ୍ରୁତି ଦେବା ଆମ ପାଇଁ ଆଶ୍ୱସ୍ତି ଆଣିଦେଇଛି। ଅନ୍ୟପକ୍ଷରେ ଚୀନ୍ ରାଷ୍ଟ୍ରଦୂତ ସୋମବାର ଦିନ ପାକ୍ ରାଷ୍ଟ୍ରପତି ଆସିଫ୍ ଅଲ୍ଲୀ ଜର୍ଦ୍ଦାରୀଙ୍କୁ ଭେଟି ପାକିସ୍ତାନକୁ ଚୀନ୍‌ର ସମର୍ଥନ ଦୋହରାଇଛନ୍ତି। ପାକିସ୍ତାନ ବିରୋଧରେ ଭାରତ ଜଳଯୁଦ୍ଧ ଆରମ୍ଭ କରିଦେବା ପରେ ଆତଙ୍କିତ ହୋଇ ଏହି ଦେଶ ଚୀନ୍‌ର ଶରଣାପନ୍ନ ହୋଇଥିଲା ଏବଂ ବର୍ତ୍ତମାନ ସମର୍ଥନ ହାସଲ କରିବାକୁ ସକ୍ଷମ ହୋଇଛି। ଅନ୍ୟ ଏକ ଇସ୍‌ଲାମୀୟ ରାଷ୍ଟ୍ର ତୁର୍କୀ ମଧ୍ୟ ପାକିସ୍ତାନକୁ ଦୃଢ଼ ସମର୍ଥନ କରିବାକୁ ଆଗେଇ ଆସିଛି। ତେବେ ଭାରତ-ପାକ୍ ଉତ୍ତେଜନାମୂଳକ ସ୍ଥିତିରେ ପ୍ରଥମ ମହାଶକ୍ତି ଯୁକ୍ତରାଷ୍ଟ୍ର ଆମେରିକାର ଭୂମିକା କିଛିଟା ଅସ୍ପଷ୍ଟ ଥିଲା ଭଳି ମନେହେଉଛି। ଗୋଟିଏ ପଟେ ପହଲାଗାମ ଆତଙ୍କବାଦୀ ଆକ୍ରମଣକୁ ଆମେରିକା ଦୃଢ଼ ନିନ୍ଦା କରିଥିବାବେଳେ ଅନ୍ୟପଟେ ପାକିସ୍ତାନକୁ ଯୁଦ୍ଧାସ୍ତ୍ର ଯୋଗାଇ ଚାଲିଛି। ରାଷ୍ଟ୍ରପତି ଟ୍ରମ୍ପ୍ ଚଳିତ ବର୍ଷ ପାକିସ୍ତାନକୁ ଏଫ୍-୧୬ ଯୁଦ୍ଧ ବିମାନ ସମେତ ୪୦୦ ନିୟୁତ ଡଲାର ମୂଲ୍ୟର ସାମରିକ ସହାୟତା ଯୋଗାଇବା ଆମେରିକାର ଦୋମୁହାଁ ନୀତିକୁ ପ୍ରମାଣିତ କରୁଛି। ଏହା ସତ୍ତ୍ୱେ ବିଶ୍ୱର ନୈତିକ ସମର୍ଥନ ଭାରତକୁ ଯେ ଅଧିକ ବଳଶାଳୀ କରିବ, ଏଥିରେ ସନ୍ଦେହ ନାହିଁ।

# ହାତରେ ନମାରି ଭାତରେ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ:୯୪୩୭୯୯୪୩୭୯

ଗଲା ମାସ ୨୬ତାରିଖ ଦିନ ଜାମ୍ମୁ-କାଶ୍ମୀରର ପହଲଗାମରେ ୨୬ଜଣ ହିନ୍ଦୁ ପର୍ଯ୍ୟଟକକଙ୍କୁ ଆତଙ୍କବାଦୀଙ୍କ ଅମାନୁଷିକ ହତ୍ୟା ପରେ ଭାରତ ଯେଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛି, ଏଥିରୁ ଯେ କୌଣସି ମୁହୂର୍ତ୍ତରେ ପାକିସ୍ତାନ ଉପରେ ଆକ୍ରମଣ କରିବା ନେଇ ଚର୍ଚ୍ଚା ଜୋର ଧରିଛି। ଇତି ମଧ୍ୟରେ ଆତଙ୍କବାଦୀଙ୍କ ନରସଂହାର ଘଟଣା ଏକ ସପ୍ତାହ ଅତିକ୍ରମ କରିଥିବାବେଳେ ଭାରତ ଯେଭଳି ଅତ୍ୟନ୍ତ ସଞ୍ଜମତାର ସହ ଗୋଟିକ ପରେ ଗୋଟିଏ କଠୋର ପଦକ୍ଷେପ ଗ୍ରହଣ କରିଛି, ତାହା ହାତରେ ନମାରି ଭାତରେ ମାରିବା ସଦସ୍ୟା ହୋଇଛି ବୋଲି କୁହାଯାଇପାରେ । କାଶ୍ମୀରରେ ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରୀ ସୀମା ପର ଆତଙ୍କବାଦ ଜରିଆରେ ଛାୟା ଯୁଦ୍ଧ ଚଳାଇ ଆସିଥିବା ପାକିସ୍ତାନର କୁଟନୈତିକ ଓ ରଣନୈତିକ ସ୍ୱାର୍ଥକୁ ଟାର୍ଗେଟ କରି ଭାରତ ଯେଉଁ ସମସ୍ତ ପ୍ରତିଶୋଧମୂଳକ ପଦକ୍ଷେପ ଗ୍ରହଣ କରିଛି, ତାହା ଯୁଦ୍ଧ ଠାରୁ କୌଣସି ଗୁଣରେ କମ୍ ନୁହେଁ। ସିନ୍ଧୁ ଦଳଚୁକ୍ତି ସ୍ଥଗିତ, ଅଟାରିରେ ସମନ୍ୱିତ ଚେକ ପୋଷ୍ଟ ବାଦ୍, ପାକିସ୍ତାନ ପାଇଁ ଭିସା ଛାଡ ବାତିଲ, ପାକିସ୍ତାନୀଙ୍କୁ ଭାରତ ଛାଡ ନିର୍ଦ୍ଦେଶ ନୂଆଦିଲ୍ଲୀ ସ୍ଥିତ ପାକିସ୍ତାନ ହାଇକମିଶନରଙ୍କ କାର୍ଯ୍ୟାଳୟରେ ସାମରିକ ପରାମର୍ଶଦାତାଙ୍କୁ ଅଲୋଡା ଘୋଷଣା, କୂଟନୈତିକ କର୍ମଚାରୀ ହ୍ରାସ, ପାକିସ୍ତାନ ନାଗରିକମାନଙ୍କ ପାଇଁ ଭିସା ସେବା ବନ୍ଦ ଆଦି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାବେଳେ ଏବେ ଅର୍ଥନୈତିକ ପ୍ରହାର କରିଛି। ପାକିସ୍ତାନ ସହ ସମସ୍ତ ବାଣିଜ୍ୟିକ କାରବାର ତଥା ରପ୍ତାନୀ ଆମଦାନୀ ବାତିଲ କରିଛି। ଭାରତ କୌଣସି ସାମଗ୍ରୀ ପାକିସ୍ତାନକୁ ବିକିବ ନାହିଁ କି କିଣିବ ନାହିଁ ବୋଲି ଘୋଷଣା କରିଛି। କେବଳ ଏତିକି ନୁହେଁ, ଭାରତର ବନ୍ଦରରେ ପାକସ୍ତାନୀ ଜାହାଜ ପ୍ରବେଶକୁ ନିଷିଦ୍ଧ କରିଛି। ଏପରିକି ପାକିସ୍ତାନୀ ପତାକା ଥିବା ଅନ୍ୟ ବିଦେଶୀ ଜାହାଜ ମଧ୍ୟ ଏଥିରୁ ବାଦ ପଡିନାହିଁ। ଆହୁରି ମଧ୍ୟ ଭାରତର ଜାହାଜ ପାକିସ୍ତାନୀ ବନ୍ଦରରେ ପ୍ରବେଶ ନକରିବାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଛି। ଆହୁରି ମଧ ବିଭ୍ରାନ୍ତିକର ସମ୍ବାଦ ପରିବେଷଣ କରୁଥିବା ପାକିସ୍ତାନର ବିଭିନ୍ନ ଗଣମାଧ୍ୟମ ଏବଂ ଓ୍ୱେବ ଚ୍ୟାନେଲଗୁଡିକୁ ବନ୍ଦ କରି ଡିଜିଟାଲ ପ୍ରହାର କରିବାକୁ ମଧ୍ୟ କୁଣ୍ଠାବୋଧ କରିନାହିଁ। ସେହିପରି ପାକିସ୍ତାନ ସହ ସମସ୍ତ ପ୍ରକାରର ଡାକ ଓ ପାର୍ସଲ ଆଦାନପ୍ରଦାନ ସେବା ବନ୍ଦ କରିଛି। ଭାରତ ମଧ୍ୟ ଅତ୍ୟନ୍ତ ପ୍ରତିଶୋଧ ପରାୟଣ ହୋଇ ପାକିସ୍ତାନ ପାଇଁ ଆକାଶ ସୀମାକୁ ମଧ୍ୟ ନିଷିଦ୍ଧ କରିଛି। ପାକସ୍ତାନ ବିରୁଦ୍ଧରେ ଭାରତ କୂଟନୈତିକ, ଅର୍ଥନୈତିକ ଓ ରଣନୈତିକ ଟାର୍ଗେଟ କରିଥିବା ବେଳେ ଆନ୍ତର୍ଜାତିକ ସ୍ତରରେ ପାକ୍‌କୁ ଏକ ଘରକିଆ କରିବାକୁ ମଧ ସମର୍ଥ ହୋଇଛି। ଆତଙ୍କବାଦୀ ଆକ୍ରମଣକୁ ବିଶ୍ୱବ୍ୟାପୀ ସମସ୍ତ ରାଷ୍ଟ୍ର, ଏପରିକି ତାର ବହୁ ମିତ୍ର ରାଷ୍ଟ୍ର ଖୋଲାଖୋଲି ଭାବେ ନିନ୍ଦା କରିବାକୁ ଇସଲାମବାଦର ଅଡୁଆ ବଢିବାରେ ଲାଗିଥିବା କୁହାଯାଇପାରେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି, ଆତଙ୍କବାଦୀଙ୍କୁ ଖୋଜି ବାହାର କରିବାକୁ ଭାରତୀୟ ସେନାବାହିନୀକୁ ମୋଦୀ ସରକାର ଆହ୍ୱାନ ଦେବା ସହ ତିନି ସେନାବାହିନୀର ମୁଖ୍ୟଙ୍କୁ ସ୍ୱାଧୀନ ଭାବେ ଚରମ ପଦକ୍ଷେପ ନେବା ପାଇଁ କ୍ଷମତା ପ୍ରଦାନ କରିବା ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ଆଶଙ୍କା ସୃଷ୍ଟି କରିଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ଭାରତର ସମ୍ଭାବ୍ୟ ଆକ୍ରମଣ ପାକିସ୍ତାନ ସରକାର, ପାକ୍ ସେନା ବାହିନୀ, ରାଜନେତା ଏବଂ ଜନସାଧାରଣ ବିଚଳିତ ହୋଇପଡିଥିବା ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ସଂକେତ ପ୍ରଦାନ କରେ। ଏହା ସତ୍ତ୍ୱେ ପାକିସ୍ତାନ ସରକାର ଓ ରାଜନେତା ଅନୁତପ୍ତ ହେବା ପରିବର୍ତ୍ତେଯେଉଁଭଳି ବୟାନବାଜି କରୁଛନ୍ତି, ତାହା ଯୁଦ୍ଧର ଆଶଙ୍କାକୁ ଆହୁରି ଘନୀଭୂତ କରିଥିବା ମନେହୁଏ। ପାକିସ୍ତାନ ମଧ କେତେକ ଭାରତ ବିରୋଧୀ ପଦକ୍ଷେପ ଗ୍ରହଣ କରିଛି। ଏହା ନିସନ୍ଦେହ ଯେ, ଆତଙ୍କବାଦ ହେଉଛି ଦେଶର ସବୁଠାରୁ ବଡ ଶତ୍ରୁ। ଆତଙ୍କବାଦର ମୂଳୋତ୍ପାଟନ ଲାଗି ଭାରତ ଗତ ଦଶନ୍ଧି ଦଶନ୍ଧି ଧରି ସଂଗ୍ରାମ କରି ଆସୁଥିବାବେଳେ ଏବେ ଯେଉଁଭଳି ପଦକ୍ଷେପ ଗ୍ରହଣ କରିଛି, ତାହା ହେଉଛି ଆତଙ୍କବାଦକୁ ପ୍ରୋତ୍ସାହନକାରୀଙ୍କ ବିରୁଦ୍ଧରେ ଉଦ୍ଦିଷ୍ଟ। ମୂଳୁ ମାଇଲେ ଯିବ ସରି ନ୍ୟାୟରେ ଭାରତ ଏବେ ପାକିସ୍ତାନ ବିରୁଦ୍ଧରେ ଯେଉଁ ସବୁ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ସେଥିରୁ ସୁଫଳ ମିଳିବା ନିଃସନ୍ଦେହରେ କୁହାଯାଇପାରେ।

# ସରସ ଜୀବନ ଶ୍ରମିକ ପାଇଁ



ମୋହନ ଚରଣ ବିଷି
ଗଡରାମାଲ, କୋକସରା, କଳାହାଣ୍ଡି
ମୋ-୯୭୭୭୪୬୮୮୪୧

ଏବେ ସବୁଠାରେ ଯନ୍ତ୍ରର ବ୍ୟବହାର। ମଣିଷ ତିଆରି କରିଥିବା ଯନ୍ତ୍ର ମଣିଷକୁ ଯେମିତି ବ୍ୟବହାର କରୁଛି, ମଣିଷ ସେମିତି ହେଉଛି। ମାନବ ସମ୍ବଳର ବ୍ୟବହାର କମୁଥିବା ବେଳେ ଯନ୍ତ୍ର ଉପରେ ନିର୍ଭରଶୀଳତା ବଢୁଛି। ଶ୍ରମିକ ଓ ଶ୍ରମର ମୂଲ୍ୟ ଦିନକୁ ଦିନ ହ୍ରାସ ପାଉଛି। ଯେଉଁମାନଙ୍କର ପରିଶ୍ରମରେ ସହର ଓ ଗାଁର ସୃଷ୍ଟି ସେହି ଶ୍ରମିକମାନଙ୍କର ସୁରକ୍ଷା ପାଇଁ ଚିନ୍ତା କରିବାର ସମୟ ଆସିଛି।

ସେହି ଶ୍ରମିକମାନେ ଉପଯୁକ୍ତ ନ୍ୟାୟ ଓ ମଜୁରି ପାଇବା ପାଇଁ ଧର୍ମଘଟ, ଭାରତୀୟ ସମ୍ବିଧାନର ନ୍ୟାୟିକା ବ୍ୟବସ୍ଥା ଓ ସରକାରୀ ସ୍ତରରେ ଶ୍ରମିକ କଲ୍ୟାଣ ବିଷୟରେ କିଛି ଆଲୋଚନା କରିବା।

୧୮୮୬ ମଇ ମାସରେ ୪୦୦,୦୦୦ ଆମେରିକାର ଶ୍ରମିକ ବିଭିନ୍ନ ଅଞ୍ଚଳରେ ଦୈନିକ ଆଠଘଣ୍ଟା ମଜୁରି ପାଇଁ ଧର୍ମଘଟ କରିଥିଲେ। ଶାନ୍ତିର ସହ ଧର୍ମଘଟ ଚାଲୁଥିବା ବେଳେ ତୃତୀୟ ଦିବସରେ ଚିକାଗୋ ସହରରେ ହିଂସାକାଣ୍ଡ ଘଟି ଥିଲା। ପୋଲିସ କିଛି ଶ୍ରମିକଙ୍କୁ ଗୁଳି କରିଥିଲା। ପରବର୍ତ୍ତୀ ସମୟରେ କେହିଜଣେ ବୋମାମାଡ କରିବାରୁ ସାତ ଜଣ ପୋଲିସ କର୍ମଚାରୀ ଓ ଚାରିଜଣ ଶ୍ରମିକ ମୃତ୍ୟୁବରଣ କରିଥିଲେ। ଏହି ଘଟଣାକୁ ହାଏମାର୍କେଟ ଆଫେୟାର କୁହାଯାଏ। ଏହି ଘଟଣାକୁ ଆନ୍ତର୍ଜାତିକ ସ୍ତରରେ ଶ୍ରମିକମାନେ ଆନ୍ଦୋଳନ ଭାବରେ ଗ୍ରହଣ କରି ମଇ ପହିଲାକୁ ଆନ୍ତର୍ଜାତିକ ଶ୍ରମ ଦିବସ ଭାବରେ ପାଳନ କରିଆସୁଛନ୍ତି। ଆମେରିକା ୧୮୯୨ ମସିହାରେ ଦୈନିକ ଆଠଘଣ୍ଟା ମଜୁରିକୁ ଆଇନରେ ପରିଣତ କରିଥିଲେ। ପ୍ରାୟ ୮୦ଗୋଟି ଦେଶରେ ମଇ ପହିଲାକୁ ଆନ୍ତର୍ଜାତିକ ଶ୍ରମ ଦିବସ ଭାବରେ ପାଳନ କରୁଛନ୍ତି।

ଭାରତରେ ୧୯୨୩ ମସିହାରେ ଲେବର କିସାନ ପାର୍ଟି ଶ୍ରମିକ ଦିବସକୁ ପାଳନ କରିଥିଲା। ଶ୍ରମ କରିବାର ସମସ୍ତଙ୍କ ଅଧିକାର ରହିଛି। ଶ୍ରମ ପାଇଁ ଉପଯୁକ୍ତ ପରିବେଶ, ନିର୍ଦ୍ଧାରିତ ସମୟ, ଉପଯୁକ୍ତ ମୂଲ୍ୟ, ସରକାରୀ ସହାୟତା ତଥା ଉପଯୁକ୍ତ ବିଶ୍ରାମର ଆବଶ୍ୟକତା ରହିଛି। ଏହି ଅଧିକାର ପାଇବା ପାଇଁ ଶ୍ରମିକ ମାନେ ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭାରତ ସରକାରଙ୍କର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରମିକମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି। ଶ୍ରମ ବିଭାଗ ଯୁଗ୍ମ ତାଲିକାରେ ଥିବାରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମଧ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରି ବିଭିନ୍ନ ଆଇନ ପ୍ରଣୟନ କରିଥାନ୍ତି। ଚଳିତ ବର୍ଷ ଓଡ଼ିଶା ସରକାର ଶ୍ରମିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ସର୍ବନିମ୍ନ ଦୈନିକ ମଜୁରିରେ ୧୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ। ଏହି ନିଷ୍ପତ୍ତି ଅନୁଯାୟୀ ଅଣକୁଶଳୀ ଶ୍ରମିକ ମାନଙ୍କର ସର୍ବନିମ୍ନ ଦୈନିକ ମଜୁରୀ ୪୫୨ ଟଙ୍କାରୁ ୪୬୨ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ମଜୁରୀ ୫୦୨ ଟଙ୍କାରୁ ୫୧୨ ଟଙ୍କା, କୁଶଳୀ ଶ୍ରମିକ ମାନଙ୍କ ଦୈନିକ ମଜୁରି ୫୫୨ ଟଙ୍କାରୁ ୫୬୨ ଟଙ୍କା ଏବଂ ଉଚ୍ଚ-କୁଶଳୀ ଶ୍ରମିକ ମାନଙ୍କର ସର୍ବନିମ୍ନ ଦୈନିକ ମଜୁରି ୬୦୨ ଟଙ୍କାରୁ ୬୧୨ ଟଙ୍କାକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମଜୁରି ପିଛିଲା ଭାବେ ଏପ୍ରିଲ ପହିଲାଠାରୁ ଲାଗୁ ହେବ ବୋଲି ଘୋଷଣା କରିଥିଲେ। ବର୍ତ୍ତମାନର ଦରଦାମ୍‌କୁ ଦେଖିଲେ ଶ୍ରମିକମାନଙ୍କର ପାରିଶ୍ରମିକ ଆହୁରି ବୃଦ୍ଧି ହେବାର ଆବଶ୍ୟକତା ରହିଛି।

ଭାରତୀୟ ସମ୍ବିଧାନରେ ଶ୍ରମିକମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ। ମୌଳିକ ଅଧିକାର ଧାରା- ୨୩ (୧) ପଣ୍ୟରୂପେ ମନୁଷ୍ୟକୁ ବ୍ୟବହାର କରିବା ଏବଂ ବେଠି ବେଗାରୀ ତଥା ଏହି ପ୍ରକାରର ଅନ୍ୟ ଶ୍ରମ ନିଷିଦ୍ଧ କରାଯାଇଛି। ଏବଂ ଏହାର କୌଣସି ପ୍ରକାର ଉଲ୍ଲଙ୍ଘନ ବିଧି ଅନୁସାରେ ଦଣ୍ଡନୀୟ ଅପରାଧ ହେବ ।

(୨) ଏହି ଅନୁଚ୍ଛେଦର କୌଣସି ବିଷୟ, ସାର୍ବଜନିକ ପ୍ରୟୋଜନ ନିମିତ୍ତ ବାଧ୍ୟତାମୂଳକ ସେବା ଆରୋପ କରିବାରେ ରାଜ୍ୟକୁ ବାଧା ଦେବ ନାହିଁ, ଏବଂ ଏପରି ସେବା ଆରୋପ କରିବାରେର ରାଜ୍ୟ କେବଳ ଧର୍ମ, ମୂଳବଂଶ, ଜାତି ବା ବର୍ଗ ବା ଏଥିମଧ୍ୟରୁ କୌଣସିଟି ହେତୁ ବିଭେଦ ଆଚରଣ କରିବ ନାହିଁ। ସମ୍ବିଧାନର ଧାରା-୨୪ରେ ଉଲ୍ଲେଖ ରହିଛି:- ଚଉଦ ବର୍ଷରୁ କମ୍ ବୟସର କୌଣସି ପିଲା କୌଣସି କାରଖାନା ବା ଖଣିରେ କାମ କରିବାପାଇଁ ନିୟୋଜିତ କରାଯିବ ନାହିଁ ବା କୌଣସି ସଙ୍କଟମୟ ନିୟୋଜନରେ ନିଯୁକ୍ତ କରାଯିବ ନାହିଁ । ସେହିପରି ଭାରତୀୟ ସମ୍ବିଧାନର ନିର୍ଦ୍ଦେଶମୂଳକ ନୀତିରେ ଉଲ୍ଲେଖ ରହିଛି। ଧାରା- ୩୯ ନର ଓ ନାରୀ ସମସ୍ତ ନାଗରିକଙ୍କ ଜୀବିକାର ପର୍ଯ୍ୟାପ୍ତ ସାଧନ ନିମିତ୍ତ ସମାନ ଭାବେ ଅଧିକାର ରହିବ । ପୁରୁଷ ଓ ମହିଳା ଉଭୟଙ୍କର ସମାନ କାର୍ଯ୍ୟ ଲଗି ସମାନ ବେତନ ରହିବ। ନର ଓ ନାରୀ ଶ୍ରମିକଙ୍କର ସ୍ୱାସ୍ଥ୍ୟ ତଥା ଉପଯୁକ୍ତ ପରିବେଶ ଓ ବିଶ୍ରାମର ବ୍ୟବସ୍ଥା କରିବା ୩୯(କ) ଦେଶରେ ବିଧି ବ୍ୟବସ୍ଥା ଏପରି କାର୍ଯ୍ୟକାରୀ ହେବ ଯେପରିକି ସମାନ ନ୍ୟାୟ ସୁଯୋଗ ସମସ୍ତେ ପାଇବେ। ଧାରା-୪୩ ରାଜ୍ୟ, ଉପଯୁକ୍ତ ବିଧାନ ବା ଆର୍ଥିକ ସଂଗଠନ ଦ୍ୱାରା ବା ଅନ୍ୟ କୌଣସି ଉପାୟରେ କୃଷି, ଉଦ୍ୟୋଗ ବା ଅନ୍ୟ ସମସ୍ତ ପ୍ରକାରର ଶ୍ରମିକଙ୍କୁ କାର୍ଯ୍ୟ ନିର୍ବାହ ମଜୁରି ପ୍ରଦାନ କରିବା। ଧାରା-୪୩(କ ) ରାଷ୍ଟ୍ର ଉପଯୁକ୍ତ ବିଧାନ ବା ଅନ୍ୟ କୌଣସି ପ୍ରକାରରେ କୌଣସି ଉଦ୍ୟୋଗରେ ବ୍ୟାପକ ବ୍ୟବସ୍ଥା ମାଧ୍ୟମରେ ଶ୍ରମିକମାନେ ଯେପରି ଭାଗ ନେଇ ପାରିବେ ସେଥିପାଇଁ ନିଶ୍ଚିତ କରିବା ନିମିତ୍ତ ପଦକ୍ଷେପ ନେବ ।

ସମ୍ବିଧାନର ଏତେ ବ୍ୟବସ୍ଥା ଥାଇ ମଧ୍ୟ ଶ୍ରମିକ ଆଜି ଅବହେଳିତ। ଏହାବ୍ୟତୀତ ଭାରତ ସରକାରଙ୍କର ନୂଆ ଶ୍ରମିକ କୋଡ୍ ଅନୁଯାୟୀ ଚାରି ପ୍ରକାରର ବ୍ୟବସ୍ଥା ରହିଛି। ସେଗୁଡ଼ିକ ହେଲା ମଜୁରି କୋଡ, ସାମାଜିକ ସୁରକ୍ଷା ବ୍ୟବସ୍ଥା, କାର୍ଯ୍ୟସ୍ଥଳରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ଓ କାର୍ଯ୍ୟ ନିର୍ଦ୍ଧାରଣ କୋଡ୍ ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ୧୯୪୭,୧୯୪୮ ମସିହାରେ ବିଭିନ୍ନ ଆକ୍ଟ ମାଧ୍ୟମରେ ଶ୍ରମିକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶ୍ରମିକମାନଙ୍କ ପାଇଁ ଇପିଏଫ, ପିଆଇ ବ୍ୟବସ୍ଥା ରହିଛି। ଆଠ ଘଣ୍ଟା ଶ୍ରମ ବ୍ୟବସ୍ଥା, ସପ୍ତାହକୁ ଦିନେ ବିଶ୍ରାମ, ଆଠ ଘଣ୍ଟାରୁ ଅଧିକ ଶ୍ରମ କଲେ ବୋନସ ବ୍ୟବସ୍ଥା ରହିଛି।


ଏତେ ସବୁ ବ୍ୟବସ୍ଥା କରି ମଧ ଅନେକ ସଂଖ୍ୟାରେ ଶ୍ରମିକମାନେ ଶୋଷଣର ଶିକାର ହେଉଛନ୍ତି। ଉପଯୁକ୍ତ ପାରିଶ୍ରମିକ, ଉପଯୁକ୍ତ ପରିବେଶ ଓ ଉପଯୁକ୍ତ ବିଶ୍ରାମର ପାଇଁ ପାରୁ ନାହାନ୍ତି। ସରକାରୀ ସୁବିଧା ଅନେକ ପରିମାଣରେ ପାଇଁ ମଧ ଶ୍ରମିକମାନଙ୍କର କଲ୍ୟାଣ ହୋଇ ପାରୁନାହିଁ। ଦାଦନ ଶ୍ରମିକ ବହୁ ସଂଖ୍ୟାରେ ଦେଖାଯାଉଛନ୍ତି। ଉଭୟ ସରକାର ଶ୍ରମିକ କଲ୍ୟାଣ ପାଇଁ ଆହୁରି ଅନେକ ଯୋଜନା କରିବାର ଆବଶ୍ୟକତା ରହିଛି। ଉପଯୁକ୍ତ ଭାବରେ ଶ୍ରମିକମାନେ ଲାଭ ଉଠାଉଛନ୍ତି କି ନାହିଁ ତାର ତର୍ଜମା କରି ବିହିତ ପଦକ୍ଷେପ ନେବାକୁ ପଡିବ। ଆଜିର ସମୟରେ ମାନବ ସମ୍ବଳ ବିନିଯୋଗ ନହୋଇ ଯେଉଁ ଭଳି ଭାବରେ ଯନ୍ତ୍ରର ସହାୟତାରେ ବଞ୍ଚୁଛୁ, ସମୟ ଆସିବେ ସମସ୍ତ ଯନ୍ତ୍ର ଯେତେବେଳେ ଅକାମି ହେବ ସେତେବେଳେ ମନୁଷ୍ୟ ପଙ୍ଗୁ ହେଇଯିବ। ଆମ ଜୀବନ ସରସ ଓ ସୁନ୍ଦର ହୋଇଥାଏ ଶ୍ରମିକମାନଙ୍କ ପାଇଁ। ତେଣୁ ଶ୍ରମିକମାନଙ୍କ ପାଇଁ ଉପଯୁକ୍ତ ସୁବିଧା ଯଦି କରିବା ନାହିଁ ତେବେ ଭବିଷ୍ୟତରେ ମାନବ ସମ୍ବଳରୁ ବଞ୍ଚିତ ହୋଇ ମେସିନର ଦାସ ହେବା।

# କବିଗୁରୁ ରବୀନ୍ଦ୍ରନାଥ



ଡ.ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ, ମୋ-୯୯୩୭୧୭୨୮୧୦

୧୯୧୩ରେ ଗୁରୁଦେବ ରବୀନ୍ଦ୍ରନାଥ ଠାକୁରଙ୍କୁ ସାହିତ୍ୟରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ନୋବେଲ୍ ପାଇଥିବା ପ୍ରଥମ ଅଣ-ୟୁରୋପୀୟ । ୨୫ ମାର୍ଚ୍ଚ ୨୦୦୪ରେ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟର ଏକ ସିନ୍ଦୁକ ଭିତରେ ସୁରକ୍ଷିତ ଥିବା ଗୁରୁଦେବଙ୍କ ନୋବେଲ ପଦକ ଏବଂ କେତେକ ବ୍ୟକ୍ତିଗତ ସାମଗ୍ରୀ ଚୋରି ହୋଇଯାଇଥିଲା। ସେହି ବର୍ଷ ୭ ଡିସେମ୍ବରରେ ସୁଇସ୍ ଆକଡ଼େମି ତାଙ୍କ ନୋବେଲ ପଦକର ଦୁଇ ଦୁଇଟି ଅବିକଳ ନକଲ (ଗୋଟିଏ ସୁବର୍ଣ୍ଣ ଓ ଅନ୍ୟଟି ବ୍ରୋଞ୍ଜ) ବିଶ୍ୱ ଭାରତୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ । ବାଙ୍ଗଲା ଭାଷାଭାଷୀ ଅଞ୍ଚଳର ସାହିତ୍ୟ ଓ ସଂଗୀତକୁ ସେ ଏକ ନୂତନ ରୂପ ଦେଇଥିଲେ ତଥା ଗଭୀର ଭାବେ ପ୍ରଭାବିତ କରିଥିଲେ । ସେ କଥିତ ବାଙ୍ଗଲାରେ ଲେଖାଲେଖି କରି ଏକ ନୂତନ ଧାରା ପ୍ରଚଳନ କରିଥିଲେ । ମାତ୍ର ଆଠ ବର୍ଷ ବୟସରେ ସେ କବିତା ଲେଖା ଆରମ୍ଭ କରିଥିଲେ । ଷୋହଳ ବର୍ଷ ବୟସରେ ଭାନୁସିଂହ ଛଦ୍ମନାମରେ ତାଙ୍କର ପ୍ରଥମ କବିତା ପୁସ୍ତକ ପ୍ରକାଶିତ ହୋଇଥିଲା । ତାହାପରେ ପରେ ସେ ଗଳ୍ପ ଓ ନାଟକ ଲେଖାରେ ମନ ଦେଇଥିଲେ । ସେ ବ୍ରିଟିଶ ସାମ୍ରାଜ୍ୟବାଦର ତୀବ୍ର ବିରୋଧୀ ଏବଂ ଭାରତୀୟ ଜାତୀୟତାବାଦର ସମର୍ଥକ ଥିଲେ । ବ୍ରିଟିଶ ଶାସନ ବ୍ୟବସ୍ଥାକୁ ସେ ଭାରତୀୟ ସାମାଜିକ ବ୍ୟାଧିର ରାଜନୈତିକ ଲକ୍ଷଣ ଭାବେ ଅଭିହିତ କରିଥିଲେ । ଶିକ୍ଷାକୁ ସେ ଆଜୀବନ ପ୍ରାଧାନ୍ୟ ଦେଇଥିଲେ। ଉପଯୁକ୍ତ ଶିକ୍ଷା ବିନା ସମସ୍ତ ପ୍ରକାରର ବିପ୍ଳବ ଅର୍ଥହୀନ ବୋଲି ସେ କହୁଥିଲେ । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ସେ ପଞ୍ଜୁରି ଭିତରେ ବନ୍ଦୀ ଶୁଆକୁ ତାଲିମ ସହ ତୁଳନା କରିଥିଲେ । ଶିକ୍ଷାକୁ ପାଠ୍ୟକ୍ରମ ଓ ପୁସ୍ତକ ବାହାରକୁ ନେବା ପାଇଁ ସେ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ ।



ବୈପ୍ଳବିକ ଚିନ୍ତାଧାରା ଯୋଗୁଁ ସେ ଶ୍ରେଣୀ ବିଦ୍ୱେଷର ଶିକାର ମଧ ହୋଇଥିଲେ । ୧୯୧୬ରେ ଆମେରିକାର ସାନ୍ ଫ୍ରାନ୍‌ସିସ୍‌କୋରେ ଏକ ହୋଟେଲ୍‌ରେ ଅବସ୍ଥାନ କାଳରେ ଗୁରୁଦେବଙ୍କୁ ହତ୍ୟା କରିବାକୁ ଉଦ୍ୟମ ହୋଇଥିଲା ତେବେ ଷଡ଼ଯନ୍ତ୍ରକାରୀମାନେ ସଫଳ ହୋଇପାରିନଥିଲେ। ସେ ବ୍ରିଟିଶ ବିରୋଧୀ ଥିଲେ ଏବଂ ଜର୍ମାନୀ ଓ ଜାପାନ ପରି ରାଷ୍ଟ୍ର ଆଡୁ ରାଜନୈତିକ ସହାୟତା ସପକ୍ଷରେ ଥିଲେ । ଏହା ସତ୍ତ୍ୱେ ବ୍ରିଟିଶ ସରକାର ୧୯୧୫ରେ ତାଙ୍କୁ ନାଇଟ୍ ଉପାଧି ପ୍ରଦାନ କରିଥିଲେ। ଜାଲିୟାଁୱାଲାବାଗ ଗଣହତ୍ୟା ଦ୍ୱାରା ବ୍ୟଥିତ ହୋଇ, ପ୍ରତିବାଦ ସ୍ୱରୂପ ୧୯୧୯ରେ ସେ ନାଇଟ୍ ଉପାଧି ଫେରାଇ ଦେଇଥିଲେ । ଗୁରୁଦେବଙ୍କ ଦୁଇଟି କବିତା ଜନଗଣ ମନ.... ଓ ଆମାରା ସୋନାର ବାଙ୍ଗଲା...' କୁ ଯଥାକ୍ରମେ ଭାରତ ଏବଂ ବାଙ୍ଗଲାଦେଶର ଜାତୀୟ ସଂଗୀତ ଭାବେ ମନୋନୀତ କରାଯାଇଥିଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ସେ ରଚନା କରିଥିଲେ, ଚିତ୍ତୋ ଜେଠା ଭୟଶୂନ୍ୟୋ ଯେଉଁଠାରେ ମନ ଭୟମୁକ୍ତ ଏବଂ ଏକଲା ଚଲୋରେ ଯଦି ତୁମ ଡାକର ଉତ୍ତର ମିଳୁନାହିଁ ଏକା ଆଗେଇ ଚାଲ। ମହାତ୍ମା ଗାନ୍ଧୀଙ୍କୁ ଏହି ଦ୍ୱିତୀୟ ପଦ୍ୟ ଗଭୀର ଭାବେ ପ୍ରଭାବିତ କରିଥିଲା । ଗୁରୁଦେବ ଜାତିପ୍ରଥାର ଘୋର ବିରୋଧୀ ଥିଲେ । ତାଙ୍କର ରଚନାରେ ଏହାର ସ୍ପଷ୍ଟ ଝଲକ ଦେଖିବାକୁ ମିଳେ । କେରଳର ଗୁରୁବାୟୁର ମନ୍ଦିରରେ ଦଳିତଙ୍କ ପ୍ରବେଶ ପାଇଁ ସେ ସଂଗ୍ରାମ କରି ଜିଣିଥିଲେ । ୧୮୬୧ ମେ ଆଜିର ଦିନରେ କାଳକାତାସ୍ଥିତ ଜୋଡ଼ାସାଁକୋ ଠାକୁରବାଡ଼ିରେ ଗୁରୁଦେବ ଜନ୍ମ ହୋଇଥିଲେ ।

# ଜଗତୀକରଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆନ୍ତର୍ଜାତିକୀକରଣ ଓ ସ୍ଥାନୀୟକରଣର ପ୍ରଭାବ



ଓମ ପ୍ରସାଦ ପଟ୍ଟନାୟକ
ଅଠରଭାଗ, ପିପିଲି
ମୋ- ୯୮୧୮୮୪୭୮୦୬

ନିକଟରେ ବିଶ୍ୱର ସବୁଠାରୁ ଦାମୀ, ଉନ୍ନତ କାରିଗରୀ ତଥା ପ୍ରଯୁକ୍ତିଜ୍ଞାନ କୌଶଳ ପାଇଁ ପ୍ରତିଷ୍ଠିତ ଅଗ୍ରଣୀ ମୋବାଇଲ୍ ନିର୍ମାତା କମ୍ପାନୀ ଆପଲ୍ ନିଜର ନୂତନ ଭର୍ସନ୍ ତଥା ଆଇଓଏସ୍ ୧୮.୪ରେ ୧୦ଟି ଭାରତୀୟ ଭାଷା ସମର୍ଥନ ସହିତ ଉନ୍ମୋଚନ ହୋଇଛି। ଅର୍ଥାତ୍ ଆପଲ୍ ମୋବାଇଲ୍ ଫୋନ୍‌ର ୟୁଜର ଇଣ୍ଟରଫେସ୍ ବର୍ତ୍ତମାନ ୧୦ଟି ଭାରତୀୟ ଭାଷାରେ ଉପଲବ୍ଧ। ସବୁଠାରୁ ଖୁସିର କଥା ଯେ, ଓଡ଼ିଆ ଭାଷା ମଧ୍ୟ ଏହି ବୈଶିଷ୍ଟ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ। ସାଧାରଣ ଭାଷାରେ କହିବାକୁ ଗଲେ ଭାରତ ସମେତ ବିଶ୍ୱର କୋଣ ଅନୁକୋଣରେ ଥିବା ପ୍ରତ୍ୟେକ ଓଡ଼ିଆ ଭାଷାଭାଷୀମାନଙ୍କ ପାଇଁ ବର୍ତ୍ତମାନ ନିଜ ମାତୃଭାଷାରେ ଏଭଳି ଏକ ଦାମୀ ମୋବାଇଲ୍ ଚଳାଇବାର ସୁଯୋଗ ଉପଲବ୍ଧ। ଓଡ଼ିଆ ଓ ହିନ୍ଦୀ ଭାଷା ସମେତ ପଞ୍ଜାବୀ, ଗୁଜରାଟୀ, ମରାଠୀ, ବଙ୍ଗଳା, ତେଲୁଗୁ, କନ୍ନଡ଼, ତାମିଲ, ମାଲାୟାଲମ୍, ଉର୍ଦ୍ଦୁ ଆଦି ଭାଷାକୁ ମଧ୍ୟ ଆପଲ୍‌ର ଏହି ବୈଶିଷ୍ଟ୍ୟ ସମର୍ଥନ କରୁଛି। ଏହା ନିଶ୍ଚୟ ଭାବରେ ଭାରତ ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଭାରତୀୟ ଭାଷାଭାଷୀଙ୍କ ପାଇଁ ଏକ ଖୁସି ଓ ଗର୍ବର କଥା। ଏହି ବୈଶିଷ୍ଟ୍ୟ କେବଳ ଭାରତୀୟ ଭାଷାରେ ସୀମିତ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ଫ୍ରେଞ୍ଚ୍, ସ୍ପାନିଶ୍, ଜର୍ମାନ୍, ଜାପାନୀଜ୍, ପର୍ତ୍ତୁଗୀଜ୍, କୋରିଆନ୍, ଚାଇନିଜ୍, ଇଟାଲୀୟ ଭଳି ଆହୁରି ଅନେକ ଭାଷାକୁ ମଧ୍ୟ ସମର୍ଥନ କରୁଛି। ଓଡ଼ିଆ ଭାଷାର ଏହି ବୈଶିଷ୍ଟ୍ୟକୁ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବ୍ୟବହାରକାରୀମାନଙ୍କର ଭିନ୍ନଭିନ୍ନ ପ୍ରତିକ୍ରିୟାମାନ ପ୍ରକାଶ ପାଇବାରେ ଲାଗିଛି। ତେବେ ସର୍ବାଧିକ ଭାବରେ ବ୍ୟବହାରକାରୀ ତଥା ୟୁଜର୍ସମାନଙ୍କର ସକାରାତ୍ମକ ପ୍ରତିକ୍ରିୟାମାନ ମିଳୁଛି। ଏହି ବୈଶିଷ୍ଟ୍ୟକୁ ନେଇ ୟୁଜର୍ସମାନେ ଆନନ୍ଦ ପ୍ରକାଶ କରିବା ସହିତ ଏହାକୁ ବହୁଳ ମାତ୍ରାରେ ବ୍ୟବହାର କରିବା ପାଇଁ ଆହ୍ୱାନ ମଧ୍ୟ କରିଛନ୍ତି।

ତେବେ ଥରେ ଚିନ୍ତା କରି ଦେଖନ୍ତୁ ଯେ, କାହିଁକି ଆପଲ୍ ଭଳି ଏକ ପ୍ରତିଷ୍ଠିତ କମ୍ପାନୀ ଭାରତୀୟ ଭାଷା ସମେତ ଅନେକ ଅନ୍ତର୍ଜାତୀୟ ଭାଷାକୁ ଏତେ ଗୁରୁତ୍ୱ ଦେଉଛି କେବଳ ଆପଲ୍ ନୁହେଁ, ଆଣ୍ଡ୍ରଏଡ୍, ଆମାଜନ୍, ନେଟ୍‌ଫ୍ଲିକ୍ସ୍, ଆଲିବାବା, ଗୁଗଲ୍, ମାଇକ୍ରୋସଫ୍ଟ, ଫେସ୍‌ବୁକ୍, ୟୁଟ୍ୟୁବ୍ ଭଳି ଅନେକ ବୃହତ୍ ଓ ପ୍ରତିଷ୍ଠିତ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକ ମଧ ଅନେକ ବର୍ଷ ଆଗରୁ ଭାରତୀୟ ଭାଷା ସମେତ ଅନେକ ଅନ୍ତର୍ଜାତୀୟ ଭାଷା ସମୂହରେ ନିଜର ଇଣ୍ଟରଫେସ୍‌କୁ ବିକଶିତ କରିଛନ୍ତି। ତେବେ ସମ୍ପ୍ରତି ବିଶ୍ୱର ପ୍ରାୟ ସମସ୍ତ ବୃହତ୍ କମ୍ପାନୀମାନେ ଇଂରାଜୀ ଭାଷା ସମେତ ଆଞ୍ଚଳିକ ତଥା କ୍ଷେତ୍ରୀୟ ଭାଷାରେ ନିଜ ଉତ୍ପାଦର ପ୍ରଚାରପ୍ରସାର ପାଇଁ କାହିଁକି ଆଗ୍ରହୀ ?

ବର୍ତ୍ତମାନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକଶିତ ଧାରା ଏକ କଡ଼ ଲେଉଟାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କୃତ୍ରିମ ବୁଦ୍ଧିମତା ତଥା ଆର୍ଟିଫିସିଆଲ୍ ଇଣ୍ଟିଲିଜେନ୍ସ ଆଧୁନିକ ବୈଷୟିକ ତଥା ଟେକ୍ନୋଲୋଜୀ କ୍ଷେତ୍ରରେ ଏକ ମାଇଲ୍‌ଷ୍ଟୋନ୍ ବୋଲି କୁହାଯାଇପାରିବ। ଏଆଇ ଟେକ୍ନୋଲୋଜୀ ଦ୍ରୁତ ଗତିରେ ବିକଶିତ ହେଉଥିବା ବେଳେ ମନୁଷ୍ୟର ଚିନ୍ତାଶକ୍ତିଠାରୁ ଅନେକ ଆଗକୁ ଚାଲିଯାଇଛି। ଏକଦା ବେବି ବୁମର୍ ଜେନେରେଶନ୍ (୧୯୪୬-୧୯୬୪ ପିଢ଼ି) ଓ ଏକ୍ସ-ଜେନେରେଶନ୍ (୧୯୬୫-୧୯୮୦ ପିଢ଼ି) ସମୟରେ ଟେକ୍ନୋଲୋଜୀର ଅଭ୍ୟୁଦୟ ହୋଇଥିଲେ ମଧ୍ୟ ସାମାଜିକ ଓ ଅର୍ଥନୈତିକ କାରଣରୁ ଏହା ଅତୀତରେ ଲୋକମାନଙ୍କ ପାଖରେ ଅପହଞ୍ଚ ଥିଲା ଏବଂ ସାମର୍ଥ୍ୟ ଥିବା ସୀମିତ ଲୋକଙ୍କ ପାଖରେ ପହଞ୍ଚିପାରିଥିଲା। ଯାହା ଫଳରେ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ଡିଭାଇସ୍‌ର ବୈଶିଷ୍ଟ୍ୟକୁ ଭଲ ଭାବରେ ବୁଝି ଏହାକୁ ଆପଣେଇବା ଏହି ପିଢ଼ିର ବ୍ୟକ୍ତିବିଶେଷଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ଭାବରେ ଉଭା ହୋଇଛି। ତେବେ ମିଲେନିଆଲ୍ସ ତଥା ୱାଇ-ଜେନେରେଶନ୍ (୧୯୮୦-୧୯୯୬ ପିଢ଼ି) ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ଡିଭାଇସ୍‌କୁ ଅତି ସହଜରେ ପରିଚାଳନା ଓ ନିୟନ୍ତ୍ରଣ କରିପାରୁଛନ୍ତି କାରଣ ଏହି ସମୟରେ ଇଣ୍ଟରନେଟ୍ ଓ ନୂତନ ଡିଜିଟଲ୍ ଟେକ୍ନୋଲୋଜୀର ଅଭ୍ୟୁଦୟ ହେବା ସହିତ ଲୋକଙ୍କ ପାଖରେ ବିଭିନ୍ନ ମାଧ୍ୟମରେ ଅପେକ୍ଷାକୃତ କମ୍ ବାଧାରେ ପହଞ୍ଚିପାରିଲା। ଜେନେରେଶନ୍ ଜେଡ୍ ଓ ଆଲ୍‌ଫା (୧୯୯୭-୨୦୧୨ ଓ ୨୦୧୩-୨୦୨୫ ପିଢ଼ି)କୁ ଏକ ପ୍ରକାରର ସୁପର ସୋନିକ୍ ପିଢ଼ି ମଧ୍ୟ କୁହାଯାଏ। କାରଣ ଏହି ପିଢ଼ି ଉନ୍ନତମାନର ଅତ୍ୟାଧୁନିକ ଟେକ୍ନୋଲୋଜିର ସର୍ବାଧିକ ବିବିଧତା ଏବଂ ଏହାର ବାଧାହୀନ ପ୍ରସାର ମଧ୍ୟରେ ହିଁ ଜନ୍ମ ନେଇଛନ୍ତି ଓ ବଢ଼ିଛନ୍ତି। ତେଣୁ ଅବାଧରେ ଏହି ପିଢ଼ି ନବୀନତମ ଟେକ୍ନୋଲୋଜି ସହିତ ଜନ୍ମରୁ ହିଁ ଅଙ୍ଗାଅଙ୍ଗୀ ଭାବରେ ଜଡ଼ିତ ରହିଲେ।

ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ପିଢ଼ିର ରୁଚି, ଆଗ୍ରହ, ସ୍ପୃହା ଓ ପସନ୍ଦ ମଧ୍ୟ ଭିନ୍ନ ଭିନ୍ନ ରହୁଛି। ଏହି କାରଣରୁ ଉନ୍ନତ ସଫ୍ଟୱେୟର୍ ଓ ଏହାର ଅତ୍ୟାଧୁନିକ ଟେକ୍ନୋଲୋଜୀକୁ ସମସ୍ତ ପିଢ଼ି ମଧ୍ୟରେ ଆଦୃତି ଲାଭ କରାଇବା ପାଇଁ ବହୁରାଷ୍ଟ୍ରୀୟ କମ୍ପାନୀମାନେ ବିଭିନ୍ନ ଦିଗରେ ପ୍ରଚେଷ୍ଟାରତ। ବିଶେଷ ଭାବରେ ବିଭିନ୍ନ ଅଞ୍ଚଳରେ ଭାଷାଗତ ବିବିଧତା ଯୋଗୁଁ ସୃଷ୍ଟି ହେଉଥିବା ବୈଷମ୍ୟ ଓ ବାଧାକୁ ଏଡ଼ାଇବା ପାଇଁ ବିଶ୍ୱର ପ୍ରାୟ ସମସ୍ତ ସଂସ୍ଥା ଭାଷାର ଆନ୍ତର୍ଜାତିକୀକରଣ ତଥା ଇଣ୍ଟରନ୍ୟାସ୍‌ନାଲାଇଜେଶନ୍ ଦିଗରେ ଅଗ୍ରସର। ତେବେ ଏହାର ପ୍ରମୁଖ ଆଧାର ହେଲା ସ୍ଥାନୀୟକରଣ ତଥା ଲୋକଲାଇଜେସନ୍। ସଫ୍ଟୱେୟରକୁ ଯେକୌଣସି ଅଞ୍ଚଳ ଓ ଭାଷା ପ୍ରତି ଅନୁକୂଳ କରିବାର ପ୍ରକ୍ରିୟାକୁ ଆନ୍ତର୍ଜାତିକୀକରଣ କୁହାଯାଏ। ଉକ୍ତ ସଫ୍ଟୱେୟରକୁ ଏକ ନିର୍ଦ୍ଦିଷ୍ଟ ଭାଷା ଓ ସଂସ୍କୃତି ପ୍ରତି ଅନୁକୂଳ କରି ଗଢ଼ିତୋଳିବା ପ୍ରକ୍ରିୟାକୁ ସ୍ଥାନୀୟକରଣ କୁହାଯାଏ। ଅର୍ଥାତ୍ ସରଳରେ କହିବାକୁ ଗଲେ ଆନ୍ତର୍ଜାତିକୀକରଣ ଏକ ସଫ୍ଟୱେୟରକୁ ବୈଶ୍ୱିକ ପରିଯୋଜନା ପାଇଁ ପ୍ରସ୍ତୁତ କରିଥାଏ। ଅପରପକ୍ଷରେ ସ୍ଥାନୀୟକରଣ ଉକ୍ତ ସଫ୍ଟୱେୟରକୁ ଏକ ନିର୍ଦ୍ଦିଷ୍ଟ ବଜାର ପାଇଁ ପ୍ରସ୍ତୁତ କରିଥାଏ।

ଆନ୍ତର୍ଜାତିକୀକରଣ ଓ ସ୍ଥାନୀୟକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରାନ୍ସ ?ଲେସନ୍ ତଥା ଅନୁବାଦ, ଟ୍ରାନ୍ସଲିଟରେସନ୍ ତଥା ଲିପ୍ୟନ୍ତରଣ, ଟ୍ରାନ୍ସକ୍ରିପ୍ସନ୍ ତଥା ପ୍ରତିଲିପିକରଣ ଭଳି ଉପାୟ ଅନୁକରଣ କରାଯାଉଛି। ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର କିମ୍ବା ଅଞ୍ଚଳର ଅଧିବାସୀମାନଙ୍କ ସହିତ ସହଜରେ ଭାବବିନିମୟ କରିବାର ସବୁଠାରୁ ପ୍ରକୃଷ୍ଟ ଓ ଉତ୍କୃଷ୍ଟ ମାର୍ଗ ହେଲା ଭାଷା। ଆନ୍ତର୍ଜାତିକ ବଜାରରେ ଯୋଗାଯୋଗ କରିବା ପାଇଁ ଇଂରାଜୀ ଏକ ପ୍ରମୁଖ ଭାଷା ହୋଇଥିଲେ ହେଁ ଆଞ୍ଚଳିକ ଭାଷା ମାଧ୍ୟମରେ ଯୋଗାଯୋଗ ଏକ ପ୍ରଶସ୍ତ ସକାରାତ୍ମକ ସମ୍ଭାବନା ସୃଷ୍ଟି କରିଥାଏ। ଏଣୁ ବିଭିନ୍ନ ବଡ଼ବଡ଼ କମ୍ପାନୀମାନେ ଅଧୁନା ଏହି ଉପାୟକୁ ଆପଣେଇ ନେଇଛନ୍ତି। ବର୍ତ୍ତମାନ ସମୟରେ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରତ୍ୟେକଟି ଭାଷାଭାଷୀର ଜନସାଧାରଣଙ୍କ ବିଶ୍ୱାସ ଜିତିବା ସଙ୍ଗେସଙ୍ଗେ ଉତ୍ପାଦ ପ୍ରତି ସେମାନଙ୍କର ସମର୍ଥନ ବୃଦ୍ଧି କରାଇବା ସକାଶେ ଆନ୍ତର୍ଜାତିକୀକରଣ ଓ ସ୍ଥାନୀୟକରଣ ଯେ ଏକ ପ୍ରମୁଖ ମାଧ୍ୟମ, ଏଥିରେ କୌଣସି ସନ୍ଦେହ ନାହିଁ। ଆଜିକା ସମୟରେ ବିଭିନ୍ନ କ୍ଷେତ୍ରରେ ଜଗତୀକରଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଲୋକାଭିମୁଖୀ ନିମିତ୍ତ ଆନ୍ତର୍ଜାତିକୀକରଣ ଓ ସ୍ଥାନୀୟକରଣ ଏକ ଅପରିହାର୍ଯ୍ୟ ଅଙ୍ଗ ଭାବରେ ପରିଗଣିତ ହେବା ସଙ୍ଗେସଙ୍ଗେ ସୁସଙ୍ଗତି ଲାଭ କରିବା ପାଇଁ ଏହାର ସର୍ବାଧିକ ବ୍ୟବହାର ମଧ୍ୟ କରାଯାଉଛି।

ବର୍ତ୍ତମାନର ଓ ଆଗାମୀ ପିଢ଼ିକୁ ନିଜର ଆଞ୍ଚଳିକ ଭାଷା ତଥା ମାତୃଭାଷା ପ୍ରତି ସମ୍ବେଦନଶୀଳ କରାଇବା ପାଇଁ ମଧ ଆନ୍ତର୍ଜାତିକୀକରଣ ଓ ସ୍ଥାନୀୟକରଣ ପଦ୍ଧତି ପ୍ରତ୍ୟକ୍ଷ ଭାବରେ ଦାୟୀ। କାରଣ ଅତି ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଆଧୁନିକୀକରଣ ଓ ଜଗତୀକରଣ ପ୍ରଭାବରେ ଆଜିର ପିଢ଼ି ନିଜର ଆଞ୍ଚଳିକ ଭାଷା ପ୍ରତି ଧିରେଧିରେ ସ୍ପୃହା ହରାଉଛନ୍ତି। ଇଂରାଜୀ ଭାଷାରେ ଯୋଗାଯୋଗକୁ ଅତି ସହଜରେ ଗ୍ରହଣ କରିବା ସହିତ ଏହାକୁ ନିଜ ଦୈନନ୍ଦିନ ଜୀବନରେ ମଧ ବହୁଳ ପରିମାଣରେ ବ୍ୟବହାର କରୁଛନ୍ତି। ତେବେ ଇଂରାଜୀ ଭାଷାର ବ୍ୟବହାରରେ କୌଣସି ସମସ୍ୟା ନଥିଲେ ମଧ ନିଜ ଆଞ୍ଚଳିକ ଭାଷା ପ୍ରତି ଗୌଣ ମନୋଭାବ ଏକ ନୂତନ ସମସ୍ୟା ଭାବରେ ଉଭା ହୋଇଛି। ଦୈନନ୍ଦିନ ଜୀବନରେ ଆଞ୍ଚଳିକ ଭାଷାର ବ୍ୟବହାର ବର୍ତ୍ତମାନର ପିଢ଼ି ପାଇଁ ଏକ ଦୁରୂହ ବ୍ୟାପାରରେ ପରିଣତ ହୋଇଛି। କିଛି କ୍ଷେତ୍ରରେ ପିଲାମାନେ ଇଂରାଜୀ ଭାଷାର ବ୍ୟବହାରକୁ ଏକ ପ୍ରତିଷ୍ଠା ପ୍ରତୀକ ଭାବରେ ଗ୍ରହଣ କରୁଥିବା ବେଳେ ଆଞ୍ଚଳିକ ଭାଷାର ବ୍ୟବହାରକୁ ନେଇ ହୀନମନ୍ୟତା ପ୍ରକାଶ କରୁଛନ୍ତି, ଯାହାକି ବର୍ତ୍ତମାନ ଏକ ପ୍ରମୁଖ ସମସ୍ୟା ଅଟେ। ତେଣୁ ଆନ୍ତର୍ଜାତିକୀକରଣ ଓ ସ୍ଥାନୀୟକରଣ ମାଧ୍ୟମରେ ବର୍ତ୍ତମାନ ଓ ଆଗାମୀ ପିଢ଼ିକୁ ନିଜର ଆଞ୍ଚଳିକ ଭାଷା ତଥା ମାତୃଭାଷା ଏବଂ ଏହାର ଇତିହାସ, ସଂସ୍କୃତି, ସଭ୍ୟତା ଆଦି ପ୍ରତି ଆକର୍ଷିତ କରାଇବା ସହିତ ଏଥିପ୍ରତି ସକାରାତ୍ମକ ମନୋଭାବ ପୋଷଣ, ରୁଚି ଓ ଆଗ୍ରହ ସୃଷ୍ଟି କରିହେବ। ନିଃସନ୍ଦେହରେ କୁହାଯାଇପାରିବ ଯେ ଏହା ଏକ ଯୁଗୋପଯୋଗୀ ପଦ୍ଧତି।



ବାରିପଦା(ଭାସ୍କର ନ୍ୟୁଜ): ସିମିଳିପାଳ ବାଘ ଅଭୟାରଣ୍ୟ ମଧ୍ୟରେ ଅନୁଠା ରଙ୍ଗର କଳା ବାଘ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଏବଂ ଅପରାଧର ମାଷ୍ଟରମାଇଣ୍ଡ ଭାବେ ଚିହ୍ନଟ ହୋଇଥିବା ରବିନ୍ଦ୍ର ନାୟକ (୨୪)କୁ ଅବଶେଷରେ ଗୁଜରାଟରୁ ଗିରଫ କରିବାରେ ପରିବେଶ ବିଭାଗ ଓ ଗୁପ୍ତଚର ଦଳ ସଫଳ ହୋଇଛି । ଘଟଣା ଉଦ୍ଭାବନ ପରେ ଅଭିଯୁକ୍ତ ଜଣେ ଗଭୀର ଭାବେ ଲୁଚି ରହିଥିଲେ । ଅନ୍ତେ ୱାଇଲ୍ଡଲାଇଫ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ, ମଧ୍ୟଭାରତ ଅଞ୍ଚଳ ଭୋପାଳ ଓ ଓଡ଼ିଶାର ସ୍ଥାନୀୟ ଗୁପ୍ତଚର ତନ୍ତ୍ର ମିଶିତ ଏକ ଉଚ୍ଚସ୍ତରୀୟ ଅପରେସନରେ ତାଙ୍କୁ ଲୋକେଟ୍ କରି ବାରିପଦାକୁ ଆଣି ଗିରଫ କରାଯାଇଛି । ତତକାଳୀନ ଅଭିଯାନରେ ବାଘ ହତ୍ୟାରେ ବ୍ୟବହୃତ ଅସ୍ତ୍ର (ଗନ୍) ଉଦ୍ଧାର ହୋଇଛି । ବିଜ୍ଞାନୀୟ ଦଳ ଘଟଣାସ୍ଥଳରୁ ତାଙ୍କ ଫିଙ୍ଗରପ୍ରିଣ୍ଟ ଉଭଳନ କରି ତାଙ୍କ ସଂପୃକ୍ତି ସ୍ପଷ୍ଟ କରିଛନ୍ତି । ସେହି ସହ ବାଘର ୪ଟି ନଖ ମଧ୍ୟ ତାଙ୍କ ନିକଟରୁ ଜବତ କରାଯାଇଛି, ଯାହା ଅନ୍ୟତମ ପ୍ରମାଣ ଭାବେ ରଖାଯିବ । ୫ ମଇ ତାରିଖ ରବିବାରରେ ରବିନ୍ଦ୍ର ନାୟକଙ୍କୁ ବାରିପଦା ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ଉଭୟ) ନ୍ୟାୟାଳୟରେ ଉପସ୍ଥାପନ କରାଯାଇଥିଲା । ଜେଲ ପ୍ରାର୍ଥନା ଖାରଜ ହେବା ପରେ ତାଙ୍କୁ ନ୍ୟାୟିକ ହିରାସତକୁ ପଠାଯାଇଛି । ଏପର୍ଯ୍ୟନ୍ତ ସିମିଳିପାଳ ବାଘ ଶିକାର ଘଟଣାରେ ମୋଟ ୧୧ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ବାକି ଜଣେ ଅଭିଯୁକ୍ତ ଏବେ ବି ଫେରାର ରହିଛନ୍ତି, ଯାହାପାଇଁ ଅଦାଲତ ତାଙ୍କ ଅଗ୍ରିମ ଗିରଫ ୱାରେଣ୍ଟ ଜାରି କରିଛନ୍ତି । ଶେଷ ଅଭିଯୁକ୍ତମାନେ ମଧ୍ୟ ଶୀଘ୍ର ଗିରଫ ହେବେ ବୋଲି ବିଭାଗୀୟ ଉପର ଅଧିକାରୀମାନେ ଜଣାଇଛନ୍ତି ।



# ୭୭ ବର୍ଷର ହାଇସ୍କୁଲରେ ନୈରାଶ୍ୟଜନକ ମାଟ୍ରିକ୍ ରେଜଲ୍ଟ, ପିଏମଶ୍ରୀ ହେବା ପରେ ଶିରି ତୁଟିଗଲା



ଭୁବନ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପୁରୁଣା ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଭୁବନ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ନୈରାଶ୍ୟଜନକ ମାଟ୍ରିକ ରେଜଲ୍ଟକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ୭୭ ବର୍ଷରେ ପାଦ ଥାପି ଥିବା ଭୁବନ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ସମୁଦାୟ ୧୦୮ ଜଣ ଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୧୦୬ ଜଣ ଛାତ୍ର ପାସ କରିଛନ୍ତି ଓ ୨ ଜଣ ଫେଲ୍ ହୋଇଛନ୍ତି । ଏ ୧ରେ ଜଣେ ବେଳେ ଗ୍ରେଡ୍ ହୋଇଥିବା ବେଳେ ଏ-୨ରେ ମାତ୍ର ଦୁଇଜଣ ଏବଂ ବି-୧ ରେ ୯ ଜଣ, ବି-୨ରେ ୨୨ ଜଣ, ସିରେ ୩୮, ଡିରେ ୨୬ ଓ ଇରେ ୯ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ମୋଟ ଉପରେ ୯୮.୧୪ ପ୍ରତିଶତ ରେଜଲ୍ଟ ହୋଇଛି । ଅତୀତରେ ଲଗାତାର ଶତପ୍ରତିଶତ ରେଜଲ୍ଟ ହେଉଥିବା ସହ ଏହି ବିଦ୍ୟାଳୟର ଛାତ୍ର ସାରାରାଜ୍ୟରେ ଟପ୍ପର ହୋଇ ବିଦ୍ୟାଳୟ ସମେତ ଭୁବନ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିଲେ । ନୈରାଶ୍ୟଜନକ ମାଟ୍ରିକ ରେଜଲ୍ଟକୁ ନେଇ ପୁରାତନ ଛାତ୍ରମାନେ ଗଭୀର ଉଦବେଗ ଓ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ସୋସିଆଲ ମିଡିଆରେ ଏ ନେଇ ବିଭିନ୍ନ ମତ, ମନ୍ତବ୍ୟ ଭାଇରାଲ ହେବାରେ ଲାଗିଛି । ଭୁବନ ଉଚ୍ଚବିଦ୍ୟାଳୟ ଏବେ ପିଏମଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟରେ ପରିଣତ ହୋଇଛି । କିନ୍ତୁ ସତେ ଯେପରି ବିଦ୍ୟାଳୟରୁ ଶିରି ତୁଟିଗଲା ଭଳି ଲାଗୁଛି । ଅଧିକାଂଶ ଅଭିଭାବକ ଓ ପୁରାତନ ଛାତ୍ର ନିମ୍ନମାନର ଶିକ୍ଷାଦାନକୁ ଦାୟୀ କରୁଛନ୍ତି । ବିଦ୍ୟାଳୟରେ ଶିକ୍ଷାଦାନ ଅପେକ୍ଷା ଫଙ୍କସନ (ଉତ୍ସବ)କୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହି ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିବା ବେଳେ ସେମାନେ ଠିକଙ୍କ ଶିକ୍ଷାଦାନ ଅପେକ୍ଷା ଅନ୍ୟ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଶିକ୍ଷକମାନଙ୍କର ଛାତ୍ର ଓ ଅଭିଭାବକମାନଙ୍କ ସହ ସମନ୍ୱୟର ଅଭାବ । ଶିକ୍ଷାଦାନକୁ ପ୍ରାଧାନ୍ୟ ଦିଆନଯାଇ ଅନାବଶ୍ୟକ କୋଠା ବାଡ଼ି, ଉତ୍ସବ ଓ ରାଜନୀତି କରାଯାଉଛି ବୋଲି ପୁରାତନ ଛାତ୍ର ଓ ସଚେତନ ନାଗରିକ ମହଲରେ ଆଲୋଚନା ହେଉଛି ।

# ଆମ୍ବୁଲାନ୍ସ ଓ ମହାଯାତ୍ରା ଗାଡି ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଦୁଇ ଗୋଟି ଆମ୍ବୁଲାନ୍ସ ଓ ଗୋଟିଏ ମହାଯାତ୍ରା ଗାଡି ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ଆମ୍ବୁଲାନ୍ସ ଓ ମହାଯାତ୍ରା ଗାଡି ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ମଣ୍ଡୁଆଠାରେ ଥିବା ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଏହାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଙ୍ଘର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବାରିକ ଏହି ଅବସରରେ ପ୍ରକାଶ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ସ୍ୱତନ୍ତ୍ର ଅଧିକାରୀ ହିମାଂଶୁ ଶେଖର ସାହୁ ଏହା ପୂର୍ବରୁ ଲୋକଙ୍କ ସେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆମ୍ବୁଲାନ୍ସ ଓ ମହାଯାତ୍ରା ଗାଡି ଦେବା ପାଇଁ କହିଥିଲେ । ଏହା ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ସହ ଯେ କୌଣସି ବ୍ୟକ୍ତି ଏହା ବ୍ୟବହାର କରିପାରିବେ । ଏହି ଲୋକାର୍ପଣ ଉତ୍ସବରେ କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ବିଧାୟକ ଆକାଶଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ



କୋରେଇ(ଭାସ୍କର ନ୍ୟୁଜ): କୋରେଇ ବିଧାୟକ ଆକାଶ ଦାସନାୟକ ମଙ୍ଗଳବାର କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ଗ୍ରାମପଞ୍ଚାୟତରେ ଓ ହଳଦୀଗଡିଆ ଗ୍ରାମ ପଞ୍ଚାୟତରେ ୪ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଓ ଗୋଟିଏ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ । ସକାଳ ୧୦ଟାରେ ଧନେଶ୍ୱର ଗ୍ରାମପଞ୍ଚାୟତର ଅଞ୍ଚଳିକ ଉଚ୍ଚ ବିଦ୍ୟାପୀଠ ଅତିରିକ୍ତ ଶ୍ରେଣୀ ଗୃହର ଶୁଭ ଉଦଘାଟନ କରିଥିଲେ । ଏହି ଶ୍ରେଣୀଗୃହର ଅଟକଳ ପରିମାଣ ୧୭ ଲକ୍ଷ ଟଙ୍କା । ସେଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ପଡ଼ୁଆ ଛକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ପଡୁଆ ଛକରୁ ଖଣ୍ଡୁଆଳ ଉଚ୍ଚ ବିଦ୍ୟାଳୟ, ଭାଆ-ମାଳଦା, ଘାଁ ବାଗ, ପାଡ଼ୁଲି, ବାରଦା ରାସ୍ତା ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ରାସ୍ତାର ଅଟକଳ ପରିମାଣ ୩ କୋଟି ୨୦ ଲକ୍ଷ ଟଙ୍କା । ପରେ ହଳଦୀଗଡିଆ ପଞ୍ଚାୟତ ଅଫିସ ପାଖରେ ହଳଦୀଗଡିଆ ପ୍ରାଥମିକ କୃଷି ସମବାୟ ସମିତି ନୂତନ ମଣ୍ଡିର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ମଣ୍ଡିର ଅଟକଳ ପରିମାଣ ୫୦ ଲକ୍ଷ ଟଙ୍କା । ହଳଦୀଗଡିଆ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ଅଟକଳ ପରିମାଣ ୪୫ ଲକ୍ଷ ଟଙ୍କା । ପରେ ପରେ ଶାଳକଣା ଛକରେ କୋରେଇ ବରୁଣ୍ଡେଇ ପୂର୍ତ୍ତ ବିଭାଗ ରାସ୍ତାରୁ ତଡପଦା, ଭାଆ-ବରାଳ, ପଦା ରାସ୍ତା ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ରାସ୍ତାର ଅଟକଳ ପରିମାଣ ୨ କୋଟି ୮ ଲକ୍ଷ ଟଙ୍କା । କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପିନାକ ରଞ୍ଜନ ଦାସ, ପୁରୁଷୋତ୍ତମ ଦାସ, ବିଜେପି ରାଜ୍ୟ ପରିଷଦ ନେତା ପ୍ରକାଶ ଧଳ, କୋରେଇ ସଂସଦ ପ୍ରତିନିଧି ପ୍ରମୋଦ ସାହୁ, ପୂର୍ବତନ ସରପଞ୍ଚ ଉଦୟ ପରିଡା, ବଧାକୋ ସରପଞ୍ଚ ବିଷ୍ଣୁ ଚରଣ ରାଉ, ପୂର୍ବତନ ସରପଞ୍ଚ ଦିପ୍ତିମୟୀ କୁଅଁର, ବେଡିଶାଳୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ବରୁଣ୍ଡେଇ ସମିତି ସଭ୍ୟ ରଶ୍ମି ରଞ୍ଜନ ପରିଡା, ହଳଦୀଗଡିଆ ସମିତି ସଭ୍ୟ ଉଦୟ ନାୟକ, ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ପ୍ରମୁଖ ଅନେକ ବିଜେପି କର୍ମୀ ଯୋଗ ଦେଇଥିଲେ ।

# ବିଇଓଙ୍କ କାର୍ଯ୍ୟାଳୟରେ ବିଜେ ଗୋକୁଳାନନ୍ଦ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଏରସାମା ବ୍ଲକ ଶିକ୍ଷା କାର୍ଯ୍ୟାଳୟ, ବିଡ଼ିଡ଼ିରେ ମଙ୍ଗଳବାର ଦେଖିବାକୁ ମିଳିଥିବା ଅଜବ ଘଟଣା । ସ୍କୁଲ ବିଜେ କରିଥିଲେ ଗୋକୁଳାନନ୍ଦ । ଗୋକୁଳାନନ୍ଦ କହିଲେ ଗୋକୁଳାନନ୍ଦ ସାମଲରାୟ । ଦୀର୍ଘଦିନ ହେବ ଅବସର ନେଇ ପୁରୁଣାବାସ ରେ ବସବାସ କରୁଥିବା ଗୋକୁଳି ସାରଙ୍କ ବିଇଓ କାର୍ଯ୍ୟାଳୟ ପ୍ରତି ବର୍ଷ ବର୍ଷ ଧରି ରହିଛି । ଅବସର ପରେ ମଧ୍ୟ ଅସ୍ଥାୟୀ ଜମାର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପ୍ରତି ମାସର ଦରମା ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ପ୍ରଦାନରେ ବେନିୟମ ଭାବେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କଥା ସମ୍ପୃକ୍ତରେ ମାନିଛନ୍ତି । କିନ୍ତୁ ପେନସନ୍‌ଭୋଗୀଙ୍କ କଥା କହିଲେ ବରିଷ୍ଠ କିରାଣୀ ରଞ୍ଜନ ପଣ୍ଡା ପଶ୍ଚିମପୁର ସ୍କୁଲରେ ଥିବା କଥା ଗୋକୁଳି ସାର୍ କହିଥିଲେ ବି ଦିନ ୧୧ଟା ସୁଦ୍ଧା କାର୍ଯ୍ୟାଳୟରେ ନା ବିଇଓ ନା କିରାଣୀ ଉପସ୍ଥିତ ଥିଲେ । ବିଇଓ ଜିଲ୍ଲା ସମୀକ୍ଷା ବୈଠକକୁ ଯାଇଥିବା କଥା ମଧ୍ୟ ଶୁଣିବାକୁ ମିଳିଥିଲା । ସେପରି ସାର୍ ରିଡ଼ି ବ୍ଲକ ଅଧିକାଂଶ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କଠାରୁ ଦରମା ଛୁଟି ମଞ୍ଜୁରି, ପାର୍ବଣ ଗ୍ରାମ୍ୟ ଓ ମହଙ୍ଗା ଭତ୍ତା ଇତ୍ୟାଦି ବାବଦରେ ବେଶ୍ ମୋଟା ଅଙ୍କର ଦକ୍ଷିଣା ନେଇ ପୁରୁଣାବାସରୁ ଦୌଡ଼ି ଦୌଡ଼ି ସରକାରୀ କାର୍ଯ୍ୟାଳୟରେ ବେନିୟମ ଭାବେ ନିଜ ଦକ୍ଷତା ପ୍ରଦର୍ଶନ କରିଆସୁଛନ୍ତି । ସଂପୃକ୍ତ କାର୍ଯ୍ୟାଳୟର ବିଇଓ ଏବଂ ଏବିଇଓ ଆଦି କପରି ଭାବେ ଏଭଳି ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି; ତାହା ଉପରେ ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ହାଟ ନିକଟରୁ ଉଚ୍ଛେଦ ହେବ ଜବରଦଖଲ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ସପ୍ତାହିକ ହାଟ ନିକଟରେ ସରକାରୀ ଜମି ଦଖଲ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ । ଜବରଦଖଲକାରୀ ଗୃହ ନିର୍ମାଣ କରିବା ସହ ଅନ୍ୟମାନଙ୍କୁ ଭଡ଼ା ଲଗାଇଛନ୍ତି । କେତେକ ବ୍ୟକ୍ତି ଏହି ସଂପତିକୁ ବିକ୍ରି କରିବା ପାଇଁ ବିଚାର ବିମର୍ଷ ଚଲାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ନିମାପଡ଼ାରେ ପ୍ରଶାସନର ସ୍ୱାର୍ଣ୍ଣତାକୁ ନେଇ ଜବରଦଖଲକାରୀ ସରକାରୀ ସଂପତିକୁ ଜବରଦଖଲ କରି ଚାଲିଛନ୍ତି । ବାରମ୍ବାର ଜବରଦଖଲ ଉଚ୍ଛେଦ ହେବା ପାଇଁ ଦାବି ହେଉଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ସରକାରଙ୍କ ହଜାର ହଜାର କୋଟି ଟଙ୍କାର ସରକାରୀ ସଂପତି ରହିଥିବା ବେଳେ କେତେକ ବ୍ୟକ୍ତି ନାଲି ଆଖି ଦେଖାଇ ସରକାରୀ ସଂପତିକୁ ହଡ଼ପ କରିବା ଉଦ୍ଦେଶ୍ୟ ରଖି ସେଠାରେ ଗୃହ ନିର୍ମାଣ କରି ନିଜେ ରହିବା ସହ ଭଡ଼ା ଦେଇଛନ୍ତି । ତହସିଲ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ହାଟ ନିକଟରେ ଥିବା ସରକାରୀ ସଂପତି ମାପଚୁପ କରାଯାଇ ଉଦ୍ଧାର କରାଯିବ । କାହାକୁ ବି ଏକ ଇଂଚ ସରକାରୀ ସଂପତି ଦିଆଯିବ ନାହିଁ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି । ଏହିପରି ଭାବରେ ଭୋବନିପୁର ମୌଜା, ଅଣ୍ଟିଆ ମୌଜା, ପାଟପୁର ମୌଜା, ନୁହାରକିରି ମୌଜା ଆଦି ଅନେକ ମୌଜାରେ ଥିବା ସରକାରୀ ଜମିକୁ ଜବରଦଖଲକାରୀ ଜବରଦଖଲ କରି ରଖିଛନ୍ତି । ତୁରନ୍ତ ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବା ପାଇଁ ଦାବି ହୋଇଛି । ଜବରଦଖଲକାରୀ ସରକାରୀ ଅଫିସ ଆଗରେ ମଧ୍ୟ ଜବରଦଖଲ କରୁଥିବା ବେଳେ ପରିଷଦ ଅଞ୍ଚଳ କୁଜି ନେତାଙ୍କ ଇଙ୍ଗିତରେ ଜବରଦଖଲ ହଟାଉନାହାନ୍ତି । ଦେବୀ ମଣ୍ଡପ ସାହି ସମେତ ଅନେକ ସାହିରେ ମଧ୍ୟ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି ।

# ଶ୍ରୀଜଗନ୍ନାଥଙ୍କ ହଜାର ହଜାର କୋଟି ଟଙ୍କାର ସଂପତ୍ତି ଚଳୁ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସଂପତିକୁ ଜବରଦଖଲକାରୀ ଜବରଦଖଲ କରିବା ସହ ବେଆଇନ୍ ଭାବେ କୋଠାଘର ନିର୍ମାଣ କରି ଚାଲିଛନ୍ତି । ଯାହାକୁ ନେଇ ମହାପ୍ରଭୁଙ୍କ ହଜାର ହଜାର କୋଟି ଟଙ୍କାର ସଂପତି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ବିଶେଷକରି ଅରିଷଣ୍ଣ ମୌଜାରେ ମହାପ୍ରଭୁଙ୍କର ଭୂସଂପତି ରହିଥିବା ବେଳେ ଏହି ଦାମୀ ସଂପତିକୁ କେତେକ ବ୍ୟକ୍ତି ଚଂଚକତା କରିଥିବା ଜଣାପଡ଼ିଛି । ନିଜର ଘରବାରୀ ପ୍ଲଟ୍ ଥିବା ବେଳେ ସେଥିରେ ଗୃହ ନିର୍ମାଣ ନ କରି ମହାପ୍ରଭୁଙ୍କ ସଂପତିରେ ଗୃହ ନିର୍ମାଣ କରୁଥିବା ବେଳେ ଏଠାରେ ପ୍ରଶାସନ ନୀରବ ସାଜିଛି । ଯାହାକୁ ନେଇ ବେଳକୁ ବେଳ ମହାପ୍ରଭୁଙ୍କ ସଂପତି ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲି ଯାଉଛି । ସୂଚନା ଅନୁଯାୟୀ, ନିମାପଡ଼ା ତହସିଲରେ ଶ୍ରୀଜଗନ୍ନାଥଙ୍କ ହଜାର ହଜାର କୋଟି ଟଙ୍କାର ସଂପତି ରହିଛି । ଅରିଷଣ୍ଣ ମୌଜାରେ ଭୂସଂପତି ଥିବାବେଳେ କେତେକ ବ୍ୟକ୍ତି ଦଖଲ କରିବା ସହ ସେହି ସଂପତିରେ ମନ୍ଦିର ପ୍ରଶାସନର ବିନା ଅନୁମୋଦନରେ କୋଠାଘର ନିର୍ମାଣ କରିଚାଲିଛନ୍ତି । ଅନେକ ସାରଦ କିସମ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିଲେ ମଧ୍ୟ ଏହା ଅମୃତ ମଣୋହି ହୋଇଥିବା ବେଳେ ଏହାର ଆୟ ସାଧୁସନ୍ଥଙ୍କ ପାଇଁ ବିନିଯୋଗ ହୋଇଥାଏ । ଘୋଷଯାତ୍ରା ସମୟରେ ଏହାର ଆୟ ସଂପତିକୁ ସାଧୁସନ୍ଥଙ୍କ ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯାଇଥାଏ । ପୂର୍ବତନ ଜମିଦାର ଶ୍ରୀନିବାସ ରାମାନୁଜ ଗୁରୁ ମହନ୍ତ ଗଦାଧର ରାମାନୁଜ, ସା-କାଳିକାଦେବୀ ସାହି ପୁରୀଙ୍କ ସମୟରେ ଆୟ କରାଯାଉଥିଲା । ବର୍ତ୍ତମାନ ଜବରଦଖଲକାରୀ କୌଣସି ଆୟ ଜଗନ୍ନାଥ ମହାପ୍ରଭୁଙ୍କ ନଦେଇ ଚଳୁ କରୁଛନ୍ତି । ତୁଳସୀପୁର ପଞ୍ଚାୟତ କୁସୁମାଠେଙ୍ଗରେ ମହାପ୍ରଭୁଙ୍କ ବହୁ ସଂପତି ରହିଥିବା ବେଳେ ଜଣେ ଗୋସେଇଁ ନିଜକୁ ସର୍ବେସର୍ବା ବୋଲାଇ ଚୁକ୍ତିନାମା ସାହାଯ୍ୟରେ ସଂପତିକୁ ବିକ୍ରି କରି ଅର୍ଥ ଚଳୁ କରୁଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବିରୋଧ କରିବାରୁ ମହାନ୍ତ ନାଲି ଆଖି ଦେଖାଉଛନ୍ତି । ନୁହାରକିରି ମୌଜା, ଭୋବନିପୁର ମୌଜା, ଆମରଙ୍ଗ ମୌଜା, ସଲଙ୍ଗ, ବାମନାଳ, ବିଜିପୁର, ପାଟପୁର, ଅଣ୍ଟିଆ ମୌଜା ସମେତ ଅନେକ ମୌଜାରେ ମହାପ୍ରଭୁଙ୍କର ମୂଲ୍ୟବାନ ସଂପତି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ଜବରଦଖଲକାରୀ ଏହି ସଂପତିକୁ ଚଳୁ କରିବା ପାଇଁ ରୀତିମତ ଉଦ୍ୟମ କରିଥିବା ବେଳେ ମନ୍ଦିର ପ୍ରଶାସନ ଏ ଦିଗରେ ଦୃଷ୍ଟି ନ ଦେବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ଘଟଣା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ମହାପ୍ରଭୁଙ୍କ ଭୂସଂପତି ଉଦ୍ଧାର କରିବା ପାଇଁ ବହୁ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି ।

# ଜିଲ୍ଲା ଅବକାରୀ ବିଭାଗର ମଦ ଧରପଗଡ଼ ଏକ ପ୍ରହସନ

ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ମଦ ଧରପଗଡ଼ ଏକ ପ୍ରହସନ ପାଲଟିଛି । ଆସିକା ଅଞ୍ଚଳରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଛୋଟ ଛୋଟ ଚୋରା ମଦ ବେପାରୀଙ୍କୁ ଧରି ବାଃ ବାଃ ନେଉଥିଲା ବେଳେ ଅବକାରୀ ବିଭାଗୀୟ ଅଧିକାରୀଙ୍କ ଛତ୍ର ଛାୟା ତଳେ ଏହି ମଦ ବେପାର ଚାଲିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି । ଅବକାରୀ ବିଭାଗୀୟ ଅଧିକାରୀମାନେ ବାଃ ବାଃ ପାଇବା ପାଇଁ ଛୋଟ ଛୋଟ ବେପାରୀଙ୍କୁ ଧରି ସେମାନଙ୍କଠାରୁ ଅଳ୍ପ ମାତ୍ରାରେ ମଦ ଜବତ କରି ମଦ ପରିମାଣ ବଢ଼ାଇ ନିରୀହ ଲୋକଙ୍କୁ ହଇରାଣ କରିଥିବା ମଧ୍ୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଝିଣ୍ଟିକା ମାରି ରଣୀ ପୋଷିବା ନୀତିରେ ଚାଲିଛି ଜିଲ୍ଲା ଅବକାରୀ ବିଭାଗ ବୋଲି ଅଞ୍ଚଳରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ଏଠି ପ୍ରଶ୍ନ ଉଠୁଛି ଯଦି ଅବକାରୀ ବିଭାଗ ପକ୍ଷରୁ ମଦ ଧରପଗଡ଼ ଚାଲିଛି ତେବେ ଏତେ ପରିମାଣର ଚୋରା ମଦ ଆସୁଛି କେଉଁଠି ? ଜିଲ୍ଲା ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଆସିକାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା । ବିଶେଷକରି ବେଆଇନ ଆସ୍କା ଫୋର୍ଟି ଓ ଉମରି ଡିଷ୍ଟଲେରୀ ବିକ୍ରି ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ବ୍ରହ୍ମପୁର ଗୁଇନ୍ଦା ଅବକାରୀ ବିଭାଗ । ଗିରଫ ଅଭିଯୁକ୍ତ ଧରାକୋଟ ଥାନା ଜି. ଦାମଦୋର ପାଲ୍ଲି ଗ୍ରାମର ବଳରାମ ପଡିଆରି । ସେ ପାଲ୍ଲି ଛକ ନିକଟରେ ବେଆଇନ ମଦବିକ୍ରି ନେଇ ବିଶେଷ ସୂତ୍ରରୁ ଖବରପାଇ ବ୍ରହ୍ମପୁର ଅବକାରୀ ଡେପୁଟି କମିସନର ଉମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଏଏସ୍ଆଇ ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଅତର୍କିତ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ବଳରାମଙ୍କ ନିକଟରୁ ୨ପେଟି ଆସ୍କା ଫୋର୍ଟି, ୪୯ ବୋତଲ ଉମରି ଡିଷ୍ଟଲେରି ସହ ୮୦ ଲିଟର ଦେଶୀ ମଦ ଜବତ କରିଛି । ମଦ ଗଚ୍ଛିତ ଅଭିଯୋଗରେ ୮୨ / ୨୫ରେ ଏକ ମାମଲା ରୁଜୁ କରାଯାଇ ବଳରାମଙ୍କୁ ଗିରଫ କରାଯାଇଛି । ତେବେ ଏଠି ପ୍ରଶ୍ନ ଅଞ୍ଚଳରେ ଆସ୍କା ଫୋର୍ଟି ବିକ୍ରି ନିଷେଧ ଥିବା ମଦ କିଭଳି ଲୋକଙ୍କ ନିକଟକୁ ଆସିଲା । ଏହାର କଳାବଜାରୀ ପଛରେ କାହାର ହାତ ରହିଛି । ଆସିକା ଚିନି କଳ ପାଚେରୀ ଡେଇଁ କିଭଳି ଲୋକଙ୍କ ପାଖକୁ ଆସିଲା ମଦ । କେଉଁଠି ରହିଛି ଡିଲାପଣ । ଗୋଟିଏ ସ୍ଥାନରୁ ଏତେ ପରିମାଣର ଆସ୍କା ଫୋର୍ଟି ଜବତ ହୋଇପାରୁଛି ତେବେ କେତେ ପରିମାଣର ମଦ ନରହିଥିବ । ସାଧାରଣ ଲୋକ ଚିନିକଳରୁ ମଦ ଆଣି ବିକ୍ରିକରିବା ସମ୍ଭବ ନଥିବା ବେଳେ ଫେକ୍ଟ୍ରି ରୁ ଆସ୍କା ଫୋର୍ଟି ଯୋଗାଉଥିବା ଚେନକୁ ଅବକାରୀ ବିଭାଗ ଧରିବା ଏବେ ଜରୁରୀ ହୋଇପଡିଛି । ତେବେ ଅବକାରୀ ବିଭାଗ ପାଖରେ ଯଦି ଆଗରୁ ଅଭିଯୋଗ ଥିଲା ତେବେ ସେ ଉପରେ ଧରପଗଡ଼ କାହିଁକି କରିନଥିଲା । ମଦ ଚାଲାଣକାରୀଙ୍କୁ ଧରିବା ଲାଗି କି ପଦକ୍ଷେପ ଗ୍ରହଣ କରାଯାଉଛି ନା କେବଳ ବିକ୍ରି କରୁଥିବା ଲୋକଙ୍କୁ ଧରି ଅବକାରୀ ବିଭାଗ ବାହାବାହା ନେଉଛି ତାହା ଆଗାମୀ ଦିନରେ ଜଣାପଡିବ ।

# ମା’ ତାରିଣୀ ହେଲପିଂ ହ୍ୟାଣ୍ଡସ ତରଫରୁ ଅଞ୍ଜନା ମଲ୍ଲିକଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ତାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟଳ ଗ୍ରାମର କର୍କଟ ରୋଗରେ ପୀଡିତା ଅଞ୍ଜନା ମଲ୍ଲିକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା’ ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନା ଯୋଗ୍ୟ କି, ଅଞ୍ଜନା କିଛି ମାସ ହେବ କର୍କଟ ରୋଗରେ ପୀଡିତ ହୋଇ ବର୍ତ୍ତମାନ ଚଲାବୁଲା କରିବାକୁ ଅକ୍ଷମ । ତାଙ୍କ ସ୍ୱାମୀ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି । ସେ ମୂଲମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି । ବର୍ତ୍ତମାନ ଅର୍ଥ ଅଭାବରୁ ପତ୍ନୀଙ୍କର ଚିକିତ୍ସା କରାଇବାକୁ ସେ ଅସମର୍ଥ । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା’ ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ. ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ କୋଷାଧ୍ୟକ୍ଷ ବିବେକାନନ୍ଦ ମହାନ୍ତି, ଉପ-ସଚିବ ବିପିନ କୁମାର ସାହୁ, ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ଦାସ, ଦିଲ୍ଲୀପ ନନ୍ଦୀ, ଜୀବନଜ୍ୟୋତି ଜୟସିଂ, ସୁଧାକର ମହାନ୍ତି ଏବଂ ସତ୍ୟବ୍ରତ ଦାସ ପ୍ରମୁଖ ଅଞ୍ଜନାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର(୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ଅଞ୍ଜନା ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟୀୟସୀ ପ୍ରଶଂସା କରାଯାଇଛି ।

# କାଳିଆପାଣି ଥାନା ଘେରିଲା ଏସ୍ଆରସିକେଏମ୍ଏସ୍



କାଳିଆପାଣି(ଭାସ୍କର ନ୍ୟୁଜ): କାଳିଆପାଣି ଖଣି ଅଞ୍ଚଳରେ କ୍ରୋମ ଉତ୍ତୋଳନ କରୁଥିବା ଇମ୍ଫା କମ୍ପାନିରେ ସ୍ଥାନୀୟ ୨୫୦ ଲୋଡିଂ ଶ୍ରମିକଙ୍କୁ ମାସକୁ ୨୬ ଦିନ କାମ ଯୋଗାଇବା ପାଇଁ ଓଡିଶା ମିନିଂ ୱାର୍କର ୟୁନିଅନ ପକ୍ଷରୁ ଅପ୍ରେଲ ମାସ ୧୭ରୁ ୧୯ ଦିନ ଧରି କମ୍ପାନି ଗେଟ ଆଗରେ ଧାରଣା ଦେବା ଫଳରେ କମ୍ପାନି ନୋ ୱାର୍କ ନୋଟିସ ଜାରି କରିଥିଲା । କମ୍ପାନିରେ କାର୍ଯ୍ୟରତ ପ୍ରାୟ ୧୪୦୦ ଶ୍ରମିକ ପ୍ରତିଦିନ କାର୍ଯ୍ୟରେ ଯୋଗଦେବାକୁ ଯାଇ ଗେଟ ସମ୍ମୁଖରୁ ଫେରିଆସୁଥିଲେ । ଶ୍ରମିକମାନେ ପ୍ରତିଦିନ କାମକଲେ ସେମାନଙ୍କର ପରିବାର ଚଳେ ଏହି ବିଷୟରେ ଅପ୍ରେଲ ୧୮ ଓ ୨୨ ତାରିଖରେ କାଳିଆପାଣି ଥାନା ଓ କମ୍ପାନି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୂତ୍ର ନବାହାରିବାରୁ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୂର ସଙ୍ଘ ପକ୍ଷରୁ ୫୦୦ରୁ ଉର୍ଦ୍ଧ ଶ୍ରମିକ ଏକ ଶୋଭାଯାତ୍ରାରେ ବାହାରି କାଳିଆପାଣି ଥାନା ଘେରାଉ କରି ଆଉ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି । ମଙ୍ଗଳବାର ସଙ୍ଘର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ପ୍ରଭାତ ରଞ୍ଜନ ପ୍ରଧାନ, ଅଜୟ କୁମାର ନାୟକ, ବୈକୁଣ୍ଠ ମହାନ୍ତ, ସରୋଜ କୁମାର ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଏକ ଶୋଭାଯାତ୍ରା ରେ ବାହାରି ଥାନା ଘେରାଉ କରି କମ୍ପାନୀ ବିରୁଦ୍ଧରେ ବିଭିନ୍ନ ନାରା ଦେଇଥିଲେ । କାଳିଆପାଣି ଥାନା ଅଧିକାରୀ ଶିବଚରଣ ବେହେରା ଆନ୍ଦୋଳନକାରୀଙ୍କ ନିକଟରେ ପହଁଚି ବୁଝାସୁଝା କରିଥିଲେ ।

# ମାଟ୍ରିକ୍ ଜିଲ୍ଲା ଟପ୍ପର ଛାତ୍ରଙ୍କୁ ଗ୍ରୀନ୍ ପାରାଦୀପ ଟ୍ରଷ୍ଟର ସମ୍ବର୍ଦ୍ଧନା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୦ମ ଶ୍ରେଣୀ ଛାତ୍ର ଧୃତି ସୁନ୍ଦର ସ୍ୱାଇଁ ଗତ ମାଟ୍ରିକ ପରୀକ୍ଷାରେ ସର୍ବମୋଟ ୬୦୦ ନମ୍ବରରୁ ସର୍ବାଧିକ ୫୭୩ ନମ୍ବର ତଥା ୯୫.୫ ପ୍ରତିଶତ ନମ୍ବର ରଖି ଜଗତସିଂପୁର ଜିଲ୍ଲାର ଟପ୍ପର ହୋଇଛନ୍ତି । ତେବେ ଏହି ସଫଳତା ସମଗ୍ର ପାରାଦୀପ ଅଞ୍ଚଳ ପାଇଁ ଗୌରବ ଆଣିଦେଇଥିବା ବେଳେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଦ୍ୱାରା ଗଠିତ ସ୍ୱେଚ୍ଛାସେବୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ଉକ୍ତ ଛାତ୍ରଙ୍କୁ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାମନ୍ଦିର ପରିସରରେ ଉତ୍ତରରୀୟ, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ଓ କୃତି ଛାତ୍ରଙ୍କ ପିତା ଧନଞ୍ଜୟ ସ୍ୱାଇଁଙ୍କ ସମେତ ଗ୍ରୀନ ପାରାଦୀପ ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକ, ଉପଦେଷ୍ଟା ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ସୁଧାଂଶୁ ନାୟକ, ପ୍ରଶାନ୍ତ ସ୍ୱାଇଁ, ନାରଣ ବେହେରା, ବିବେକାନନ୍ଦ ରାଉତ, ରଶ୍ମିରଂଜନ ରାଉତରାୟ, ସଞ୍ଜୟ ରାଉତ, ବିରଜା ତ୍ରିପାଠୀ, ସଞ୍ଜୟ ସେନାପତି, ବିରଜା ସେଠୀ, ସଂଗ୍ରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇଁ ନଦୀକୂଳବାସୀଙ୍କୁ ବନ ବିଭାଗର ସଚେତନ



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ୪ଟି ରେଞ୍ଜର ନଦୀକୂଳିଆ ଲୋକଙ୍କୁ କୁମ୍ଭୀର ସଚେତନତା କାର୍ଯ୍ୟକ୍ରମ ଗତକାଲିଠୁ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ କୁମ୍ଭୀର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବ ଉପସ୍ଥିତ ଥିଲେ ଏସିଏଫ ଗଗନ ବିହାରୀ ମଲ୍ଲିକ୍, ରାଜନଗର ରେଞ୍ଜର ଚିତ୍ତରଞ୍ଜନ ବେହୁରା, ଫରେଷ୍ଟର ବିଜୟ ପାତ୍ର, ଫରେଷ୍ଟ ଗାର୍ଡ ଗୀତାଞ୍ଜଳି ସାହୁ, ଆଣ୍ଟି ପୋଲିଂ ସ୍କାର୍ଡ ମନୋରଞ୍ଜନ ସାହୁ, ଚନ୍ଦନ ମଳିକ, ସଞ୍ଜୟ ସେଠୀ ପ୍ରମୁଖ ସାମିଲି ହୋଇଥିଲେ । ସଚେତନର ଉଦ୍ଦେଶ୍ୟ ଗତବର୍ଷ ପରି ଚଳିତବର୍ଷ କୁମ୍ଭୀର ପାଟିରେ ଲୋକଙ୍କ ଜୀବନ ନଯାଉ । ତେଣୁ ନଦୀ କୂଳିଆ ଲୋକଙ୍କ କୁମ୍ଭୀର ଆକ୍ରମଣର ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ସ୍ଥଳ ପଥରେ ଗାଡି ଓ ଜଳପଥରେ ବୋଟରେ ଡାକବାଜୀ ଦ୍ୱାରା ସଚେତନ କରାଯାଉଛି । ଏବେ କୁମ୍ଭୀରଙ୍କ ପ୍ରଜନନ ଋତୁଚାଲିଛି । ଏହି ସମୟରେ କୁମ୍ଭୀର ଅଧୀକ ହିଂସ୍ର ହୋଇ ଉଠନ୍ତି । ନଦୀ କୂଳିଆ ଲୋକେ କୁମ୍ଭୀର ଆକ୍ରମଣର ଶିକାର ନ ହେବେ ସେଥିପାଇଁ ବନ ବିଭାଗର ଜନହିତକର ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଆହୁରି ମଧ୍ୟ ସୂଚନା ଦିଆଯାଇଛି ନଦୀରେ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ଲୋକମାନଙ୍କୁ ବାରଣ କରାଯାଇଛି । ଯଦି ସେମିତି କିଛି ନିତାନ୍ତ ଆବଶ୍ୟକ ପଡେ ତାର ବାଡଘେରା ଜେଠିରେ ବ୍ୟବହାର କରିବେ । ଏହି କାରଣରୁ ମେ ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଭିତର କନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଥିବା ଡିଏଫଓ ଶ୍ରୀ ଯାଦବ ସୂଚନା ଦେଇଛନ୍ତି ।

# ପୂର୍ବତନ ଉପସଭାପତି ସାରଦା ରାଉତଙ୍କ ବିୟୋଗରେ ପାରାଦୀପ ଟ୍ରକ୍ ମାଲିକ ସଂଘର ସ୍ମୃତି ସଭା

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଟ୍ରକ ମାଲିକ ସଂଘର ପୂର୍ବତନ ଉପସଭାପତି ସାରଦା ପ୍ରସନ୍ନ ରାଉତଙ୍କ ଗତ ଅପ୍ରେଲ ୨୬ରେ ଏକ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିଲା । ମଙ୍ଗଳବାର ତାଙ୍କ ଏକାଦଶାହ କର୍ମ ଉପଲକ୍ଷେ ପାରାଦୀପ ସ୍ଥିତ ଟ୍ରକ ମାଲିକ ସଙ୍ଘ କାର୍ଯ୍ୟାଳୟ ପରିସରରେ ସଙ୍ଘ ଉପଦେଷ୍ଟା ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା । ଏଥିରେ ପାରାଦ୍ୱୀପ ଟ୍ରକ ମାଲିକ ସଙ୍ଘ ସଭାପତି ବିରଞ୍ଚି ନାରାୟଣ ପରିଡା, ସମ୍ପାଦକ ରାଜେଶ ମହାନ୍ତି, ସହ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ଉପସଭାପତି ପ୍ରଦୀପ୍ତ ଗାହଣ, ସୂର୍ଯ୍ୟକାନ୍ତ ପରିଜା, ସ୍ମୃତିରଞ୍ଜନ ସାମନ୍ତରାୟ, ପ୍ରଭାତ ନାୟକ ଏବଂ ଉପଦେଷ୍ଟା ମଦନ ମୋହନ ଏବଂ କାର୍ଯ୍ୟକାରିଣୀ ସଭ୍ୟ ଅମ୍ବିକା ପ୍ରସାଦ ମହାପାତ୍ର, ବିଚିତ୍ର ଜେନା, ଖଗେଶ୍ୱର ଲେଙ୍କା ଏବଂ ଅନ୍ୟ ସଦସ୍ୟ ସାରଦା ବାବୁଙ୍କ ଅବଦାନ ଏବଂ ତାଙ୍କ ପରଉପକାରୀ, ମିଷ୍ଟଭାସି, ଦୃଢ଼ମନା ବ୍ୟକ୍ତିତ୍ୱ ଉପରେ ଆଲୋଚନା କରି ସେ ସର୍ବଦା ସମସ୍ତ ମାଲିକଙ୍କ ହୃଦୟରେ ରହିବେ ବୋଲି କହିବା ସହ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଆସିକା କରୋନେସନ୍ ପାର୍କ




ଆସିକା(ଭାସ୍କର ନ୍ୟୁଜ): ଆସିକା ସହରର ୧୩ ନମ୍ବର ୱାର୍ଡ ତଥା ସହରର କେନ୍ଦ୍ରସ୍ଥଳରେ ଥିବା ୧୨୧ ବର୍ଷ ପୁରାତନ କରୋନେସନ୍ ପାର୍କ ପ୍ରାୟ ଏକ କୋଟି ଟଙ୍କାବ୍ୟୟ ଅଟକଳରେ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖରେ ଏହି ଉଦ୍ୟାନର ପୁନରୁଦ୍ଧାର ଏବଂ ନବୀକରଣ ହେବା ପରେ ତାହା ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଉକ୍ତବର୍ଷ ଉଦ୍‌ଘାଟନ ପରେ ଆସିକା ସହରକୁ ଏହି ପାର୍କ ଏକ ନୂଆ ପରିଚୟ ଦେଇଥିଲା । କିନ୍ତୁ ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହି ପୁରାତନ ପାର୍କ ରୁଗ୍ଣ ଅବସ୍ଥା ଆଡ଼କୁ ଗତି କରିବାରେ ଲାଗିଛି । ଆଉ ଧୀରେ ଧୀରେ ଲୋକଙ୍କ ସଂଖ୍ୟା କମିବାରେ ଲାଗିଛି । ପ୍ରକାଶ ଥାଉକି ୧୯୦୩ ମସିହାରେ ଆନ୍ଧ୍ରପ୍ରଦେଶର ଟି.ଭି. ଜୋଗୁଲ୍ ରାଓ ପାରୁଲୁଗାରୁ ଏବଂ ତାଙ୍କ ସ୍ତ୍ରୀ ମୁନ୍ଦରାଜାଙ୍କ ପ୍ରଚେଷ୍ଟାରେ ୪ଏକର ଜମି ଉପରେ ଏହି ପାର୍କ ନିର୍ମାଣ କରାଯାଇଥିଲା । କିଛି ସହୃଦୟ ବ୍ୟକ୍ତିଙ୍କ ସହାୟତାରେ ପାର୍କକୁ ବିଦ୍ୟୁତ୍ ସଂଯୋଗୀକରଣ ହୋଇଥିଲା । ପାର୍କକୁ ଆକର୍ଷଣୀୟ କରିବା ପାଇଁ ଭିତରେ ମହାତ୍ମାଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, କସ୍ତୁରବା ଗାନ୍ଧି ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭଳି ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା । ନିର୍ମାଣ କାମ ସରିଯିବା ପରେ ଏହା ୧୯୫୭ ମସିହା ପର୍ଯ୍ୟନ୍ତ ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ୧୯୫୭ରେ ଆସିକା ଏନ୍ଏସି ଗଠନ ହେବା ପରେ ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଲା । କିନ୍ତୁ ସମୟ ଗଡ଼ିବା ମାଙ୍ଗକୁ ଏହି ପାର୍କ ପରିତ୍ୟକ୍ତ ଅବସ୍ଥା ଆଡ଼କୁ ଗତି କରିଥିଲା । ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଓ ଦାବି ପରେ ୨୦୧୯ରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ୨୦୨୧ରେ ଶେଷ ହୋଇଥିଲା । ସବୁଠୁ ବଡ଼କଥା ହେଉଛି, ଆସିକା ଏନ୍ଏସି ଗଠନର ୬୪ ବର୍ଷ ପରେ ସହରରେ ସୌନ୍ଦର୍ଯ୍ୟାକରଣ ପାଇଁ କୌଣସି ଯୋଜନା ହୋଇଥିଲା । ଏହି ପାର୍କ ଶିଶୁଙ୍କ ଖେଳକୁଦ ପାଇଁ ବିଶେଷ ଧ୍ୟାନ ଦିଆଯାଇଛି । ପାର୍କ ମଧ୍ୟରେ ହାତୀ ଓ ଜିରାଫ୍ ଆଦି ପଶୁଙ୍କ ସବୁଜ ପ୍ରତିକୃତି, ୱାଟର ଫାଉଣ୍ଟେନ୍, ରାତ୍ରୀ ଆଲୋକମାଳା, ଘାସପଡ଼ିଆ ସାଙ୍ଗକୁ ପାଦଚଲା ରାସ୍ତା ନିର୍ମାଣ କରାଯାଇଛି । ପ୍ରତିଦିନ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ପାର୍କ ଖୋଲାଯାଉଛି । ସହରବାସୀଙ୍କ ପାଇଁ ଏହା ପ୍ରମୁଖ ଭ୍ରମଣସାନ ପାଲଟିଥିଲା । ତେବେ ବର୍ତ୍ତମାନ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ମ୍ୟୁଜିକାଲ୍ ୱାଟର ଫାଉଣ୍ଟେନ୍ ପାର୍କ ଖୋଲିବା ଦିନରୁ କାର୍ଯ୍ୟକ୍ଷମ ହୋଇନି । ସେଥିରୁ ମାସାଧିକ ସମୟ ଧରି ପାଣି ଜମି ନିଷ୍କାମନ ହେଉ ନଥିବାରୁ ଦୁର୍ଗନ୍ଧ ବାହାରୁଛି । ଲକ୍ଷାଧିକ ଟଙ୍କାର ଯନ୍ତାଂଶ ଏବେ ଖତ ଖାଉଛି । ସେପଟେ ଦୋଳି ଗୁଡ଼ିକ ଛିଣ୍ଡି ପଡ଼ିଥିବା ବେଳେ ଭାଙ୍ଗି ପଡ଼ିଥିବା କ୍ରୀଡ଼ା ଉପକରଣ ଗୁଡ଼ିକର ମରାମତି ପାଇଁ ଏନ୍ଏସି ପ୍ରଶାସନର ନିଘା ନାହିଁ । ଆଗରୁ ମାସିକ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ ହେଉଥିବା ବେଳେ ଗତ ଜାନୁଆରୀ ମାସରୁ ଏକ ମହିଳା ଏସ୍ଏଚଜିକୁ ଦୈନିକ ମାତ୍ର ୮୫୦ ଟଙ୍କାରେ ଭଡ଼ା ଆକାରରେ ଲିଜ ଆକାରରେ ଦିଆଯାଇଛି । ପାଞ୍ଚବର୍ଷ ବୟସରୁ ଅଧିକ ସମସ୍ତ ବର୍ଗର ଜନସାଧାରଣଙ୍କଠୁ ଭିନ୍ଦାରା ଦୈନିକ ୧୦ ଟଙ୍କା ପ୍ରବେଶ ଶୁଳ୍କ ଆଦାୟ କରୁଛନ୍ତି । ରକ୍ଷଣାବେକ୍ଷଣ ଦାୟିତ୍ୱ କିନ୍ତୁ ପୌର ପ୍ରଶାସନ ହାତରେ ରହିଛି । ମାସିକ ଯେତେ ଟଙ୍କା ଆଦାୟ ହେଉଛି, ତା’ଠାରୁ ଅଧିକ ଏହାର ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହେଉଛି । ସେହିପରି ଶୌଚାଳୟ ଅବସ୍ଥା ନକହିବା ଭଲ । ତୁରନ୍ତ ଏଦିଗରେ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି ।

# ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ମୁକାବିଲା ନିମନ୍ତେ ଜରୁରିକାଳୀନ ବୈଠକ



ପାରାଦ୍ୱୀପ(ଭାସ୍କର ନ୍ୟୁଜ): ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ନିମନ୍ତେ ସମସ୍ତ ନାଗରିକଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିର୍ଦ୍ଦେଶ ଅନୁସାରେ ଓଡିଶାର ଯେଉଁ ୧୨ ଗୋଟି ଜିଲ୍ଲାକୁ ସମ୍ଭାବ୍ୟ ଯୁଦ୍ଧକୁ ନେଇ ସତର୍କ ସୂଚନା ଦିଆଯାଇଛି ସେମାନଙ୍କ ମଧ୍ୟରୁ ଜଗତସିଂହପୁର ଜିଲ୍ଲାର ପାରାଦୀପ ଅନ୍ୟତମ । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ବୁଧବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମକ ଡ୍ରିଲର ବ୍ୟବସ୍ଥା ଅପରାହ୍ନ ୪ଟା ସମୟରେ ପାରାଦ୍ୱୀପ ସ୍ଥିତ ଷଣ୍ଢକୁଦରେ ଆୟୋଜନ କରାଯାଇଛି ବୋଲି ଜିଲ୍ଲାପାଳ ଜେ ସୋନାଲ ସୂଚନା ଦେଇଛନ୍ତି । ମକ ଡ୍ରିଲ ଆୟୋଜନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ପାରାଦ୍ୱୀପ ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ବୈଠକରେ ଅଧକ୍ଷତା କରିବା ସହ ମକ ଡ୍ରିଲ ପାଇଁ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ସମସ୍ତ କାର୍ଯ୍ୟ ପରିଚାଳନା ପାଇଁ ଅନୁରୋଧ କରିଥିଲେ । ସମ୍ଭାବ୍ୟ ଯୁଦ୍ଧ ସମୟରେ ସାଧାରଣ ଜନତା କିଭଳି ସୁରକ୍ଷିତ ରହିବେ, ଧନଜୀବନ କିଭଳି ନଷ୍ଟ ନହେବ ଏବଂ ଏହାର ପରବର୍ତ୍ତୀ ସମୟରେ କିଭଳି ଉଦ୍ଧାର ଓ ଚିକିତ୍ସା କରାଯିବ ଓ ଯଦି କୌଣସି ଆପତ୍ତକାଳୀନ ଅସୁବିଧା ହୁଏ ତେବେ ସେ ସମୟରେ କଣସବୁ କାର୍ଯ୍ୟପନ୍ଥା ରହିବ ସେ ବିଷୟରେ ଜିଲ୍ଲାପାଳ ଆଲୋକପାତ କରିଥିଲେ । ଅପରାହ୍ନ ୪ଟା ରେ ସାଇରନ ୫ ମିନିଟ ପାଇଁ ବାଜିବ । ସାଇରନ ଶବ୍ଦ ଶୁଣିବା ମାତ୍ରେ ବାହାରେ ଥିବା ପ୍ରତ୍ୟେକ ନାଗରିକ ସୁରକ୍ଷିତ ଛାତ ଘର, କୋଠା, ବିଲ୍ଡିଂ ଇତ୍ୟାଦି ମଧ୍ୟକୁ ପ୍ରବେଶ କରି ସୁରକ୍ଷିତ ରହିବେ । ସେମାନଙ୍କୁ ସୁରକ୍ଷାକର୍ମୀ ଓ ସ୍ୱେଚ୍ଛାସେବୀ ସହଯୋଗ କରିବେ । ସିଭିଲ ଡିଫେନ୍ସର କର୍ମକର୍ତ୍ତା ଏଥିରେ ସହଯୋଗ କରିବେ । ଆକ୍ରମଣ ଶେଷ ହେବାର ସୂଚନା ଭାବେ ପୁନଶ୍ଚ ସାଇରନ ବାଜିଲେ ନାଗରିକ ମାନେ ପୂର୍ବବତ ସ୍ୱାଭାବିକ କାର୍ଯ୍ୟ କରିପାରିବେ । ଏହି ମକ ଡ୍ରିଲ ସମୟରେ ଅଭ୍ୟାସ ପାଇଁ ଆହତ ହୋଇଥିବା ଲୋକଙ୍କୁ ଉଦ୍ଧାର ଓ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ହୋଇରହିଥିବ । ଏସବୁ ମକ ଡ୍ରିଲ ବା ଛାୟାଯୁଦ୍ଧର ଅଭ୍ୟାସ କାର୍ଯ୍ୟକ୍ରମ ହୋଇଥିବାରୁ ସାଧାରଣ ଜନତା ଆଦୌ ଭୟଭୀତ ନ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଗୁଜବରେ ବିଶ୍ୱାସ କରିବା ନାହିଁ କିମ୍ବା ପ୍ରସାର କରିବା ନାହିଁ ବୋଲି ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ଏହି ମକ ଡ୍ରିଲ ସମ୍ପର୍କରେ ଆବଶ୍ୟକୀୟ ସତର୍କ ସୂଚନା ଏବଂ ସଚେତନତା ବାର୍ତ୍ତା ସ୍ୱଚ୍ଛ ସାଥୀ, ଅଙ୍ଗନୱାଡ଼ି କର୍ମୀ, ୱାର୍ଡ ଅଫିସର ଆଦିଙ୍କ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ପ୍ରଚାର କରାଇବାକୁ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଓ ପୌରନିର୍ବାହୀ ଅଧିକାରୀଙ୍କୁ ପରମର୍ଶ ଦେଇଛନ୍ତି । ଜିଲ୍ଲାରେ କେବଳ ଯୁଦ୍ଧ ପରି ନୁହେଁ ବରଂ ଆବଶ୍ୟକ ପଡିଲେ ଯୁଦ୍ଧର ସମସ୍ତ ପ୍ରକାର ପ୍ରସ୍ତୁତି ନିମନ୍ତେ ଜିଲ୍ଲାପାଳ ସମସ୍ତ ଶିକ୍ଷସଂସ୍ଥାର ବିଭାଗୀୟ ମୂଖ୍ୟ, ପ୍ରଶାସନିକ ଅଧିକାରୀଙ୍କୁ ଉପଦେଶ ଦେଇଥିଲେ । ଏହିପରି ସ୍ଥିତିରେ ଛୋଟ ପିଲା, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ଉଦ୍ଧାର କରିବା ପାଇଁ ସେ ପରାମର୍ଶ ଦେବା ସହ ଯୁବପିଢିଙ୍କୁ ମଧ୍ୟ ସ୍ୱତଃ ସ୍ଫୁର୍ତ୍ତ ଭାବେ ଏହି ଉଦ୍ଧାର କାର୍ଯ୍ୟରେ ଭାଗ ନେବାପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ଉପସ୍ଥିତ ରହି ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷର ଉପାଧକ୍ଷ ନୀଳାଭ୍ର ଦାସ ଗୁପ୍ତ କହିଲେ ଯେ ଭୟଭୀତ ନହୋଇ ସତର୍କ ତଥା ସଜାଗ ରହିଲେ ସମସ୍ତ ବିପତ୍ତିକୁ ଏଡ଼ାଯାଇପାରିବ । ଜଗତସିଂହପୁର ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ତେଣୁ ସମ୍ଭାବ୍ୟ ଯୁଦ୍ଧ ପରି ଏକ ଅଭାବନୀୟ ପରିସ୍ଥିତିକୁ ମଧ୍ୟ ଆବଶ୍ୟକ ସ୍ଥଳେ ମୁକାବିଲା କରିବା ପାଇଁ ସମସ୍ତ ସାଧ ଅତ୍ୟାବଶ୍ୟକ ସାମଗ୍ରୀ ଓ ସଚେତନ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ । ଏସପି ଭବାନୀ ଶଙ୍କର ଉଦଗାତା ମଧ୍ୟ ଭୟଭୀତ ନ ହୋଇ ସତର୍କ ରହିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥଲେ । ଏହି ଜରୁରୀ କାଳୀନ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଆଇଆରଟିଏସର ଆସିଷ୍ଟାଣ୍ଟ ରିଜିଓନାଲ ମ୍ୟାନେଜର ଅର୍ଘ୍ୟ ପଟ୍ଟନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପାରାଦ୍ୱୀପ ସ୍ମୃତି ରଞ୍ଜନ କର, ପାରାଦ୍ୱୀପ ପୌର ପରିଷଦ ଅଧକ୍ଷ ବସନ୍ତ କୁମାର ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ତହସିଲଦାର କୁଜଙ୍ଗ ସ୍ୱରୂପ ନନ୍ଦନ ବେହେରା, ଡେପୁଟି କଲେକ୍ଟର ଜରୁରୀ ବିଭାଗ ଅନିଶା ଦାସ, ଆଇଓସିଏଲ୍, ପିପିଏଲ, ଇଫକୋ, ଜେଏସଡବ୍ଲୁର ମୁଖ୍ୟ, ସମସ୍ତ ବିଭାଗୀୟ ଅଧିକାରୀ, କୋଷ୍ଟ ଗାର୍ଡ, ସିଭିଲ ଡିଫେନ୍ସ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା ଶାଖାର ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଗଠନ ହୋଇଛି। ବୈଠକରେ ମୁଖ୍ୟ ଅତିଥି ଭାବରେ ପ୍ରାନ୍ତ ସହ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସଭାର ସଭାପତିତ୍ୱ କରିଥିଲେ ସଂଗଠନ ଯାଜପୁର ଜିଲ୍ଲା ଶାଖା ସମ୍ପାଦକ ଅଶୋକ କୁମାର ସାହୁ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ ପ୍ରାନ୍ତ ଯୁଗ୍ମ ସମ୍ପାଦକ ଶରତ କୁମାର ମିଶ୍ର। ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ଶାଖାର ପୂର୍ବତନ ଉପ ସଭାପତି ଡ. ଶଙ୍କର୍ଷଣ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘର ବିଭିନ୍ନ ଦିଗ ଉପରେ ଆଲୋଚନା ପର୍ଯ୍ୟାଲୋଚନା ପରେ କେନ୍ଦୁଝର ଜିଲ୍ଲା ଶାଖା ଗଠିତ ହୋଇଥିଲା। ସଂଗଠନ ମନ୍ତ୍ରୀ ଭାବରେ ସନାତନ ମହାନ୍ତ, ଅଧ୍ୟକ୍ଷ ଅଞ୍ଜାନ କୁମାର ଚାନ୍ଦ, ଉପାଧ୍ୟକ୍ଷ ବନମାଳୀ ମହାନ୍ତ, ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତ, ସମ୍ପାଦକ ଲୁଲୁ ବାରିକ ଓ ଯଯ୍ତିନ ଜ୍ୟୋତି ସାହୁ, ଉପଦେଷ୍ଟା ଅକ୍ଷୟ କୁମାର ଦାସ, ମାତୃ ମଣ୍ଡଳୀ ସଦସ୍ୟା ଅର୍ପିତା ମହାନ୍ତି, ଶୈକ୍ଷିକ ପ୍ରମୁଖ ବିଜୟ କୁମାର ମିଶ୍ର କାର୍ଯ୍ୟକାରୀ ସଦସ୍ୟ ରତ୍ନାକର ସେଠୀ ଓ ଦେବେନ୍ଦ୍ର ପଟ୍ଟନାୟକ ପ୍ରମୁଖ ମନୋନୀତ ହୋଇଥିଲେ। ପରିଶେଷରେ ସୁଶାନ୍ତ କୁମାର ବେହେରା ସାଧାରଣ ସମ୍ପାଦକ ଭଦ୍ରକ ଜିଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।



# ଶୌଚାଳୟ କାର୍ଯ୍ୟକ୍ଷମ ଶହ ସେବା କେନ୍ଦ୍ର ପାଇଁ ଦାବି



ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ପଥପ୍ରାନ୍ତ ସେବା କେନ୍ଦ୍ର ଖୋଲିବାକୁ ଦାବି ହେଉଥିବା ଜଣାଯାଇଛି। ରାଇଘର ବ୍ଲକ ହେଉଛି ନବରଙ୍ଗପୁର ଜିଲ୍ଲାର ବୃହତ୍ ବ୍ୟବସାୟିକ କେନ୍ଦ୍ର ସ୍ଥଳ। ଏବଂ ରାଇଘର ବ୍ଲକରେ ୨୭ ଗୋଟି ପଂଚାୟତ ରହିଛି। ଏଠାରୁ ପ୍ରତ୍ୟେକ ଦିନ ଭୁବନେଶ୍ୱର, ବ୍ରହ୍ମପୁର, କୋରାପୁଟ, ଛତିଶଗଡ଼ର ରାୟପୁର ଆଦି ସ୍ଥାନକୁ ବସ୍, ଚଳାଚଳ କରିବା ଶହ ହଜାର ହଜାର ଗାଡ଼ି ମୋଟର ଯାତାୟତ କରୁଛି। ତା'ହଡ ୪୦ ନମ୍ବର ରାଜ୍ୟ ରାଜପଥ ରହିଛି। ଯାହା ଫଳରେ ପଥପ୍ରାନ୍ତ ସେବା କେନ୍ଦ୍ର ଗୋଟିଏ ନିହାତି ଜରୁରୀ ମନେ ହେଉଛି। ସେହିପରି ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ବିନିମୟରେ ନିର୍ମିତ ହୋଇଥିବା ବଜାର ମଧ୍ୟରେ ଥିବା ଶୌଚାଳୟ କୌଣସି କାରଣ ବଶତଃ ବନ୍ଦ ହୋଇ ପଡ଼ି ରହିଛି। ଫଳରେ ଯାତାୟାତ କରୁଥିବା ପଥଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ପ୍ରକାଶ ଥାଉ କି ଏଠାରୁ ପ୍ରତ୍ୟେକ ଦିନ ଛତିଶଗଡ଼ର ରାୟପୁର, ବିଶାଖାପାଟଣା, ଭୁବନେଶ୍ୱର, ରାଉରକେଲା, ପୁରୀକୁ ବାସ ଚଳାଚଳ କରୁଛି। ବସରେ ଯାତାୟାତ କରୁଥିବା ଯାତ୍ରୀ ବସରୁ ଓହ୍ଲାଇବା ପରେ ଶୌଚାଳୟ ବନ୍ଦ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କାହିଁକି କଣ ପାଇଁ ତାହା କାର୍ଯ୍ୟକ୍ଷମ କରାଯାଉ ନାହିଁ। ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ତଥା ଲୋକ ପ୍ରତିନିଧି ଯଥାଶୀଘ୍ର ଏହା ଉପରେ ନଜର ଦେଇ ରାଇଘର ଠାରେ ପଥପ୍ରାନ୍ତ ସେବା କେନ୍ଦ୍ର ଖୋଲିବା ଶହ ଶୌଚାଳୟ ମଧ୍ୟ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

# ନଦୀରେ ବୁଡି ନାବାଳକ ମୃତ ଉଦ୍ଧାର କଲା ଅଗ୍ନିଶମ ବିଭାଗ

କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍ ) : ସୋମବାର ଅପରାହ୍ନ ୪ଟାରେ ଏକ ୧୦ବର୍ଷର ନାବାଳକର ମୃତ ଶରୀରକୁ କୋଷାଗୁମୁଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ବିଶେଷ ସୂଚନା ପ୍ରକାରେ ଓଡ଼ିଶାର ସୀମାନ୍ତ ଗାଁ ଆଉଁଳିର ସହ ଛତିଶଗଡ଼ ରାଜ୍ୟ ସୀମା ଆରୋମ୍ବର ନୋକ୍ସାବଣ୍ଡ ଗାଁର ଅନ୍ନ୍ୟୁସ କଶ୍ୟପ(୧୦), ପିତା ମାନସ୍ୱୟଂ କଶ୍ୟପଙ୍କ ପୁଅ ତା ସାଙ୍ଗ ରାଜୀବ ବଘେଲ(୧୨) ପିତା ସୁଜିତ ବଘେଲଙ୍କ ପୁଅ ସାଙ୍ଗରେ ଦିବା୧୨ଟା ସମୟରେ ଆଉଁଳି ନଦୀକୁ ଗାଧେଇବାକୁ ଯାଇଥିଲେ । ନଦୀରେ ଦୁଇ ସାଙ୍ଗ ଗାଧେଇବା ସମୟରେ କୌଣସି କାରଣରେ ଅନ୍ନ୍ୟୁସ ଗଭୀର ପାଣିରେ ବୁଡ଼ି ଯାଇଥିଲା । ପରେ ସାଙ୍ଗ ରାଜୀବ ଘରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରେ ଦୁଇ ପିଲାର ବାପା ନଦୀ ନିକଟରେ ପହଞ୍ଚି ଥିଲେ। ଅପରାହ୍ନ ୩ଟାରେ କୋଷାଗୁମୁଡ଼ା ଅଗ୍ନିଶମ ବିଭାଗର ହାବିଲଦାର ଜଗଦୀଶ ମାଝୀ, ଡ୍. ହାବ ଧରଣୀ ମହନ୍ତ, ଗଙ୍ଗାରାଜୁ କତ୍ରକା, ଜଗନ ପ୍ରଧାନ, ପ୍ରକାଶ ଭୋଇ, ପ୍ରଭଞ୍ଜନ ସାହୁ ସବଳେ ଘଟଣା ଉପରେ ପହଞ୍ଚି ମୃତ ନାବାଳକର ଶବକୁ ପାଣି ଭିତରୁ ଉଦ୍ଧାର କରିଥିଲେ। ଏପଟେ କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ଖବର ପାଇ ଏଏସ୍ଆଇ ରାମଚନ୍ଦ୍ର କଣ୍ଡଗୋରୀଙ୍କୁ ଏହି ଘଟଣାର ତଦନ୍ତକାରୀ ରୂପେ ନିଯୁକ୍ତ କରି ଥାନାରେ ୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି ବୋଲି କହିଛନ୍ତି।

## ସର୍ବନିମ୍ନ ମଜୁରୀ ବୃଦ୍ଧି ଦାବି

# ଏଆଇଟିୟୁସି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ସର୍ବନିମ୍ନ ମଜୁରୀ ବୃଦ୍ଧି ଦାବି ନେଇ ଏଆଇଟିୟୁସି ପକ୍ଷରୁ ସ୍ଥାନୀୟ ବସଷ୍ଟାଣ୍ଡ ଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିଅନ୍ କଂଗ୍ରେସ ମାଲକାନଗିରି ଜିଲ୍ଲା ଶାଖା ପକ୍ଷରୁ ଆଜି ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ସୁନିଶ୍ଚିତ କରିବା ପାଇଁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଅଙ୍ଗନଓ୍ୱାଡ଼ି ଆଶା କର୍ମୀ, ପାଚିକା ଓ ଅନ୍ୟାନ୍ୟ ଓ୍ୱାର୍କର ଓ ଟ୍ରେଡ୍ ୟୁନିଅନ ଓ୍ୱାର୍କର ମାନେ ଏହି ପ୍ରଦର୍ଶନରେ ସାମିଲ ରହିଥିଲେ। ଟ୍ରେଡ୍ ୟୁନିଅନ ସଦସ୍ୟ ମାନେ ଏକ ବିରାଟ ରାଲିରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମସ୍ତ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀକୁ ସୁନିଶ୍ଚିତ କରାଯାଉ, ଅଙ୍ଗନଓ୍ୱାଡ଼ି, ଆଶା କର୍ମୀ, ପାଚିକା ଓ ଅନ୍ୟାନ୍ୟ ଓ୍ୱାର୍କର୍ ମାନଙ୍କ ମାନ୍ୟତା ପ୍ରଦାନ କରାଯାଉ, ଗ୍ରାମ ପଞ୍ଚାୟତ କର୍ମଚାରୀ ରାତ୍ର ଜଗୁଆଳ, ଝାଡୁଦାର ମାନଙ୍କ ସର୍ବ ନିମ୍ନ ମଜୁରୀ ଅନୁଛେଦରେ ଅନ୍ତର୍ଭୁକ୍ତ କରାଯାଉ, ଉଦ୍ୟାନ ସାଥୀଙ୍କୁ ପୁନର୍ବାର ଥଇଥାନ କରାଯାଉ ଇତ୍ୟାଦି ଦାବି ଗୁଡ଼ିକ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଶୋଭାଯାତ୍ରା ଓ ବିକ୍ଷୋଭରେ ମାଲକାନଗିରି ଜିଲ୍ଲା ଏଆଇଟି ୟୁସି ସଭାପତି ମହାନନ୍ଦ ଦୁର୍ଗା, ପାଚିକା ସଂଘ ସଭାପତି ଦୟାମଣୀ ସମରଥ (ଅଙ୍ଗନଓ୍ୱାଡି ସଂଘର ଭାନି ପୂଜାରୀ ଆଶା କର୍ମୀ ସଂଘ ସଭାପତି ଶ୍ୟାମଳୀ ବିଶ୍ୱାସ, କୁମାର ଜାଳିଆ, ଓଡିଶା ନିର୍ମାଣ ଶ୍ରମିକ ସଂଘ ରାଜ୍ୟ ପରିଷଦ ମେମ୍ବର, ସମୀର ବିଶ୍ୱାସ, ପାଚିକା ସଂଗଠନ ସମ୍ପାଦକ, କାଳିମେଳା, ଦୟାମଣୀ ଗୋଲରି, ମହିଳା ସମିତି, ସଭାପତି, ମା ମାଉଳି ଶ୍ରମିକ ସଂଘ ସଭାପତି, ମଦନ ଓଝାଙ୍କ ସହିତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଧଳା ଜହର ଜବତ ଜଣେ ମହିଳା ଗିରଫ

ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ବୋଲଗଡ ଥାନା ଅନ୍ତର୍ଗତ ହରିପୁର ପାଟଣା ଗ୍ରାମରେ ଧଳାଜହର କାରବାର ହେଉଥିବା ଖବର ପାଇ ବୋଲଗଡ ଥାନା ପୁଲିସ ବ୍ରାଉନସୁଗାର ସହିତ ଜଣେ ମହିଳାଙ୍କୁ ଗିରଫ କରିଛି। ମିଳିଥିବା ସୂଚନାଅନୁଯାୟୀ ଉକ୍ତ ମହିଳା ଜଣକ ହେଲେ ନଉ ନେଗର ବେଗମ (୪୫)। ବୋଲଗଡ ଅଞ୍ଚଳରେ ଦିନକୁ ଦିନ ଧଳା ଜହର କାରବାର ବୃଦ୍ଧି ନେଇ ଅଭିଯୋଗ ହେଉଥିଲା। ଏଥିପ୍ରତି ବୋଲଗଡ ଥାନା ପକ୍ଷରୁ ଧଳାଜହର ବେପାରୀମାନଙ୍କୁ ଗିରଫ କରିବାର ପ୍ରୟାସ ଜାରି ରହିଛି। ବିଶେଷ ସୂତ୍ରରୁ ଖବର ପାଇ ଥାନାଧିକାରିଣୀ ସ୍ନିଗ୍ଧାମୟୀ ବରାଳଙ୍କ ତତ୍ୱାବଧାନରେ ବୋଲଗଡ ଥାନା ପୋଲିସ ସଦଳବଳ ନେଇ ଉକ୍ତ ମହିଳାଙ୍କୁ ଧଳା ଜହର ବିକ୍ରି କରୁଥିବାବେଳେ ଅଚାନକ ଚଡାଉ କରିଥିଲେ। ଜବତ ହୋଇଥିବା ବ୍ରାଉନ ସୁଗାରର ମୂଲ୍ୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି। ବୋଲଗଡ ଥାନା ସବ୍ଇନ୍ସପେକ୍ଟର ଲିଲି ପାଢ଼ୀଙ୍କ ନେତୃତ୍ୱରେ କର୍ମଚାରୀ ପି. କେ ଦଳାଇ, ଉମା ଶଙ୍କର ନାୟକ ସରିଫ ଖାଁଙ୍କ ମିଳିତ ଚଢ଼ାଉରେ ଧଳା ଜହର ଜବତ ସହିତ ଉକ୍ତ ମହିଳାଙ୍କୁ ୧୦୩/୨୫କେଶ ନମ୍ବରରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଅଖିଳ ଭାରତ ଟ୍ରେଡ ୟୁନିଅନ କଂଗ୍ରେସ ବିକ୍ଷୋଭ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ଗଜପତି ଜିଲ୍ଲାର ୪ ଗୋଟି ବ୍ଲକ ମୋହନା, ରା ଉଦୟଗିରୀ, ନୂଆଗଡ, ରାୟଗଡ଼ରୁ ୬୦୦ରୁ ଉର୍ଦ୍ଧ୍ୱ ଆଶା କମ୍ରୀ, ଅଙ୍ଗନଓ୍ୱାଡି କମ୍ରୀ ସହାୟକ ଏବଂ ଭୋଜନ ପାଚିକା ମାନେ ସକାଳ ୯ ଘଣ୍ଟା ସମୟରେ ନୂଆ ବସ୍ ଷ୍ଟାଣ୍ଡ ଠାରୁ ବିରାଟ ରାଲିରେ ସହର ପରିକ୍ରମା କରିଥିଲେ । ସେମାନଙ୍କ ୮ ଗୋଟି ମୁଖ୍ୟ ଦାବି। କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିତି ଯୋଗୁଁ ଦେଶ ମଧ୍ୟରେ ଅସମାନତା ବୃଦ୍ଧି ପାଉଛି । ଯାହାଦ୍ୱାରା ଶ୍ରମିକ ଶୋଷଣ ଆଜି ଶୀର୍ଷ ସ୍ତରରେ ପହଞ୍ଚିଛି। ୨୦୧୭ ଓ ୨୦୧୮ ମସିହାରେ ଇନ୍ ଫର୍ମାଟ ସେକ୍ଟରରେ ପାଉଥିବା ମଜୁରୀ ୨୦୨୩ ଓ୨୦୨୪ ବେଳକୁ ହ୍ରାସ ପାଉଛି। ଯାହା ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ମଧ ହ୍ରାସ ପାଉଛି। ପୁରୁଷ ଶ୍ରମିକଙ୍କ ରୋଜଗାର ତୁଳନାରେ ହାର ଦୈନିକ ଆୟ ୨୦୩ ଟଙ୍କାରୁ ୨୪୨ ଟଙ୍କା ସୀମିତ ରହିଛି। ମହିଳା ମାନଙ୍କ ଶ୍ରମିକ ମାନଙ୍କ ଦୈନିକ ଆୟ ୧୨୮ରୁ୧୫୮ ଟଙ୍କା ମଧ୍ୟରେ ସୀମିତ ଅଛି। ଏହିଭଳି ଭାବରେ ଦେଶର ବିଭିନ୍ନ ରାଜ୍ୟରେ ସବ୍ରନିମ୍ନ ମଜୁରୀ ଅସଂଗତି ବୃଦ୍ଧି ପାଉଛି। ଶ୍ରମିକ ମାନେ ନିଜ ପରିବାର ବଞ୍ଚିବା ପାଇଁ କଷ୍ଟ ହୋଇପଡୁଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୋଳମାଳିଆ ନିତି ଶ୍ରମିକ ମାନେ ବୋଲି ପଡୁଛନ୍ତି । ୨୦୧୪ ମସିହାରେ ଅନୁଷ୍ଠିତ ୩୫ ଓ ୩୬ ତମ ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତି ସର୍ବନିମ୍ନ ମଜୁରୀ ୨୬୦୦ ଟଙ୍କା ମାସିକ ଭତ୍ତା ବୃଦ୍ଧି କରାଯାଉ ବୋଲି ଜିଲ୍ଲା ଅଙ୍ଗନଓ୍ୱାଡ଼ି ସେକେଟ୍ରି ରୀ ଗିତାଞ୍ଜଳୀ ଖଣ୍ଡ ପାତ୍ର ସହ ପ୍ରମୁଖ ମାନେ ଦାବି କରିଛନ୍ତି। ଏହି ଦାବି ପୁରଣ ନ ହେଲେ ଆଗାମୀ ୨୦ ତାରିଖ କାର୍ଯ୍ୟ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# କିନ୍ନରଙ୍କ ଅନୁପ୍ରବେଶ ନେଇ ମନ୍ତ୍ରୀଙ୍କ ସହ ଆଲୋଚନା



ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଜିଲ୍ଲାରୁ କେତେକ କିନ୍ନର ନବରଙ୍ଗପୁର ଜିଲ୍ଲାର ଉମରକୋଟକୁ ଆସି ଉମରକୋଟ ଝରିଗାଁ, ରାଇଘର ଅଞ୍ଚଳର ଦୋକାନ ବଜାରକୁ ଯାଇ ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ କରିବା ସାଥେ ସାଥେ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଥିବା ନେଇ ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘର ସଭ୍ୟା ତଥା ବରିଷ୍ଠ ଉପଦେଷ୍ଟା ଶର୍ମିଷ୍ଠା ଦେଓଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଆଲୋଚନା କରିଥିଲେ। ନବରଙ୍ଗପୁର ଜିଲ୍ଲା ପ୍ରଶାସନ ନିକଟରେ ରେଜିଷ୍ଟ୍ରି ଭୁକ୍ତ ନ ଥିବା କଳାହାଣ୍ଡି ଜିଲ୍ଲାର କିନ୍ନର ମାନଙ୍କ କାର୍ଯ୍ୟକଳାପକୁ ତଦନ୍ତ କରି ଆଗକୁ ପଦକ୍ଷେପ ନିଆଯାଉ ଏବଂ ଯେଉଁ ଜିଲ୍ଲାର କିନ୍ନର ସେହି ଜିଲ୍ଲାରେ ରହି ନିଜ କର୍ତ୍ତବ୍ୟ ପାଳନ କରିବା ଉଚିତ୍ ବୋଲି ସଂଘର ଉପଦେଷ୍ଟା ଶ୍ରୀମତୀ ଦେଓ ଦାବି ଉପସ୍ଥାପନ କରିଥିଲେ। ଏବଂ ଏ ସମ୍ବନ୍ଧରେ ଏକ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଦାବି ପତ୍ରକୁ ଅନୁଧ୍ୟାନ ପୂର୍ବକ ମନ୍ତ୍ରୀ ଶ୍ରୀ ଗଣ୍ଡ ଆଗାମୀ ଦିନରେ ଏ ସମସ୍ତ ବିଷୟ ତଦନ୍ତ କରି ନିଶ୍ଚିତ ଭାବରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ଥାଉ ଥାଉ କଳାହାଣ୍ଡିର କିନ୍ନର ମାନେ ଉମରକୋଟର କେତେକ ଅଣ କିନ୍ନର ମାନଙ୍କୁ କିନ୍ନର ଦର୍ଶାଇ କିପରି ଉମରକୋଟ କିନ୍ନର ସଂଘ ନାମରେ ଏକ ସଂଘ ଗଠନ କରିଛନ୍ତି ତାହା ତଦନ୍ତ କଲେ ସବୁ କଥାର ପର୍ଦ୍ଦାଫାଶ ହେବ ବୋଲି ସଂଘ ଦାବି ଉପସ୍ଥାପନ କରିଛି। ଏହି ସାକ୍ଷାତ କାର୍ଯ୍ୟକ୍ରମରେ କିନ୍ନର ସଂଘର ସଭାପତି କାଜଲ କିନ୍ନର, ସମ୍ପାଦକ ଚୁମୁକି କିନ୍ନର, ସଂଘର ସଦସ୍ୟା ମନ୍ଦିରା ନାୟକ, ସତ୍ୟବତୀ ନାୟକ, ଶେଫାଳୀ ବେବର୍ତ୍ତା ସମେତ ସଂଘର ସମସ୍ତ କିନ୍ନର ଉପସ୍ଥିତ ରହି ସହଯୋଗ କରିଥିଲେ।

## ୯୩୩ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

କୋରାପୁଟ, (ଭାସ୍କର ନ୍ୟୁଜ) : ଗଞ୍ଜେଇ ଚୋରାଚାଲଣକୁ ରୋକିବାରେ କୋରାପୁଟ ଜିଲ୍ଲା ମାଛକୁଣ୍ଡ ପୋଲିସକୁ ମିଳିଛି ବଡ ସଫଳତା । ଗଞ୍ଜେଇ ବ୍ୟବସାୟୀଙ୍କ ଘରୁ ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିବା ସହ ଘର ମାଲିକଙ୍କୁ ଗିରଫ କରିଛି ପୋଲିସ। ଗିରଫ ଘର ମାଲିକ ମାଛକୁଣ୍ଡ ଥାନା ଅନ୍ତର୍ଗତ ସାନକିଚବ ଗାଁର ଧନ ମାଣ୍ଡି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫୦ଲକ୍ଷ ହେବ ବୋଲି ଜଣାପଡିଛି। ସାନକିଚବ ଗାଁର ଧନ ମଣ୍ଡି ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରିବା ଉଦ୍ଦେଶ୍ୟରେ ନିଜ ଘର ଭିତରେ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ କରି ରଖିଥିଲେ। ମାଛକୁଣ୍ଡ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଏକ ସ୍ୱତନ୍ତ୍ର ଟିମ୍ ସହ ସାନକିଚବ ଗାଁକୁ ଯାଇ ଧନ ମାଣ୍ଡିଙ୍କ ଘରେ ଚଢଉ କରିଥିଲେ । ଘର ଭିତରେ ବସ୍ତା ବସ୍ତା ଗଞ୍ଜେଇ ରଖାଯାଇଥିବା ଦେଖିବାକୁ ପାଇଥିଲେ । ଏନେଇ ମାଛକୁଣ୍ଡ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ଉର୍ଦ୍ଧବ ଶବରଙ୍କୁ ଖବର ଦେଇଥିଲେ । ପରେ ମାଜିଷ୍ଟ୍ରେଟ୍ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରିବାରୁ ୯୩୩କେଜି ରହିଥିବା ଜଣାପଡିଥିଲା। ଯାହାର ଆନୁମାନିକ ମୂଲ୍ୟ ୫୦ଲକ୍ଷ ଟଙ୍କା ହେବ ବୋଲି ପୋଲିସ ଆକଳନ କରିଛି। ଏନେଇ ଏକ ମାମଲା ରୁଜୁ କରି ଘର ମାଲିକ ଧନ ମାଣ୍ଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ମାଲକାନଗିରି ଏସପି ବିନୋଦ ପାଟିଲ, ଜିଲ୍ଲାପରିଷଦ ମୂଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକେ ନିଜ ନିଜର ସମସ୍ୟାକୁ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଅନେକ ବ୍ୟକ୍ତିଗତ ସମସ୍ୟା ସହ ବିଭିନ୍ନ ସାମୁହିକ ସମସ୍ୟା ଗୁଡିକର ଶୁଣାଣୀ କରାଯାଇଥିବା ବେଳେ ମୋଟ ୨୧ ଗୋଟି ଅଭିଯୋଗର ଶୁଣାଣୀ କରାଯାଇଥିଲା। ସମସ୍ତ ସମସ୍ୟା ଗୁଡିକର ତ୍ୱରିତ ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବେ ବୋଲି କୁହା ଯାଇଥିଲା।

# ସିଦ୍ଧାନ୍ତ ପତ୍ରିକାର ରୌପ୍ୟ ଜୟନ୍ତୀ ପାଳିତ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ଆଜି ସନ୍ଧ୍ୟାରେ ସ୍ଥାନୀୟ ବିଶ୍ୱନାଥ କଲ୍ୟାଣ ମଣ୍ଡପ ଠାରେ ପାରଳାଖେମୁଣ୍ଡିର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ସିଦ୍ଧାନ୍ତ'ର ରୌପ୍ୟ ଜୟନ୍ତୀ ଉତ୍ସବ ମହା ସମାରୋହରେ ପାଳନ ହୋଇସାରିଛି। ଅନୁଷ୍ଠାନର ଅଧକ୍ଷା ଡ. ଅନ୍ନପୂର୍ଣ୍ଣା ଦେବୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ବିଶିଷ୍ଟ ଅତିଥି ସୁଶ୍ରୀ କିରଣ୍ ଦୀପ କୌର୍ ସହତା, ଉପ ଜିଲ୍ଲାପାଳ(ଗୁଣୁପୁର), ସ୍ୱତନ୍ତ୍ର ଅତିଥି ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ,ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ(ବ୍ରହ୍ମପୁର), ସମ୍ମାନନୀୟ ଅତିଥି ଡ.ସୁରେନ୍ଦ୍ର ନାଥ ସାହୁ(କବିସୂର୍ଯ୍ୟ ନଗର), ଡ.ସୁଜିତ୍ କୁମାର ପଣ୍ଡା (ଧରାକୋଟ), ମଞ୍ଚ ମଣ୍ଡନ କରିଥିଲେ। ଏହି ଅବସରରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ବି. କୋମଳାଙ୍ଗୀଙ୍କ ରଚିତ ପୁସ୍ତକ 'ଓଡ଼ିଶାର ଦକ୍ଷିଣାଞ୍ଚଳ: ଆଧୁନିକତାର ଆବର୍ତ୍ତରେ ପ୍ରାଚୀନ ଶାବରୀ ସଂସ୍କୃତି' ଅତିଥି ମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। ଏହା ସହିତ ରୌପ୍ୟ ଜୟନ୍ତୀ ବିଶେଷାଙ୍କ 'ସିଦ୍ଧାନ୍ତ' ସ୍ୱତନ୍ତ୍ର ପୁସ୍ତକ ମଧ ଉନ୍ମୋଚିତ ହୋଇଥିଲା। ଶବର ସଂସ୍କାର ଓ ସଂସ୍କୃତି ଏକ ପ୍ରାଚୀନ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ସହ ନିବିଡ଼ତା ରହିଛି ଏକଥା ବକ୍ତା ଗଣ କହିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଆକାଶବାଣୀ କଣ୍ଠଶିଳ୍ପୀ ବି. କୋମଳାଙ୍ଗୀ ଗାନ କରିଥିଲେ। ସାରଙ୍ଗୀରେ ତ୍ରିନାଥ ରଇତ ବନସୀରେ ଗିତାନ ଭୂୟାଁ ଯୋଗ ଦେଇଥିଲେ। ଡ.ସୁରେନ୍ଦ୍ରନାଥ ସାହୁଙ୍କୁ 'ସିଦ୍ଧାନ୍ତ ସମ୍ମାନ' ପ୍ରଦାନ କରାଯାଇଥିଲା। ଲାବଣ୍ୟ ଶବର, ତାରିଣୀସେନ ଦାଶ, କୃଷ୍ଣ ଶବର, ଫାଲଗୁନି ଶବର, ଗାୟତ୍ରୀ ଶବର, ହାରାବତୀ ଗମାଙ୍ଗ, ଆମ୍ରିତ୍ ପାଣିଗ୍ରାହୀ ଙ୍କୁ 'ସିଦ୍ଧାନ୍ତ ପତ୍ରିକା ସମ୍ମାନ' ପ୍ରଦାନ କରାଯାଇଥିଲା। ସ୍ୱାଗତ ସମ୍ଭାଷଣ ଆଶାଲତା ପାଣିଗ୍ରାହୀ, ଧନ୍ୟବାଦ ଅର୍ପଣ ଭାରତ ଭୂଷଣ ମହାନ୍ତି, ମାନପତ୍ର ପାଠ ସ୍ନିଗ୍ଧା ମିଶ୍ର, କରିଥିବାବେଳେ ସଭା ଶେଷରେ ଅରୂପାଞ୍ଜଳି ମହାନ୍ତିଙ୍କ ସଂଯୋଜନାରେ ଓଡ଼ିଶୀ ଓ କୁଚିପୁଡ଼ି ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟ ନିର୍ଦ୍ଦେଶନା ଡି.ପ୍ରିୟଙ୍କା, ଓ ଭି.ହିମାଗିରି ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ସଂଯୋଜନାରେ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଗଜପତି ବିଚିତ୍ରାନନ୍ଦ ବେବର୍ତ୍ତା କରିଥଲେ। ତ୍ରିପତି ପ୍ରସାଦ ପଣ୍ଡା, ମୂରଲୀଧର ପରିଚ୍ଛା, ବିଷ୍ଣୁ ପଣ୍ଡା, ସ୍ନେହା ବେହେରା, ରାଜେଶ୍ୱରୀ ସ୍ୱାଇଁ, ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ ସହଯୋଗ କରିଥିଲେ।

## କୃତି ଛାତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଲେ ବିଜେପି ନେତା



ତାଳଚେର, (ଭାସ୍କର ନ୍ୟୁଜ୍ ): ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇଛି। ତାଳଚେର ବ୍ରାହ୍ମଣୀ ମଣ୍ଡଳ ତଥା ୧୯ ନମ୍ବର ଜୋନରେ ପ୍ରଥମ ହୋଇଥିବା ତାଳଚେର ଆମ୍ବମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଇପସିତା ପ୍ରଧାନ ୫୪୯ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ବ୍ରଜନାଥ ପୁର ପଂଚାୟତ ଅରଖପାଳ ଗ୍ରାମର ବିଶ୍ୱନାଥ ପ୍ରଧାନ ଓ ଗୋଲାପ ପ୍ରଧାନଙ୍କ ଝିଅ। ଆଜି ବିଜେପି ପକ୍ଷରୁ ମଣ୍ଡଳ ସଭାପତି ଅଜୟ ସାହୁ, ପ୍ରାକ୍ତନ ମଣ୍ଡଳ ସଭାପତି ତଥା ସରପଞ୍ଚ ନରେଶ ଚନ୍ଦ୍ର ବେହେରା, ଚନ୍ଦନ ସାହୁ, ହରମୋହନ କବି, ରାଜକିଶୋର ବେହେରା ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି କୃତି ଛାତ୍ରୀଙ୍କୁ ଓ ତାଙ୍କ ପରିବାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଉଚିତ ଚିକିତ୍ସାରୁ ବଞ୍ଚିତ ପଶୁ ସମ୍ପଦ

ସୋରଡା, (ଭାସ୍କର ନ୍ୟୁଜ୍ ) : ସୋରଡା ସହର ଓ ବଡଗଡଠାରେ ପଶୁ ଚିକିତ୍ସାଳୟ ଖୋଲିଥିଲେ ବି ସେଗୁଡ଼ିକ ନାମକୁ ମାତ୍ର ବୋଲି ଅଭିଯୋଗ ହେଉଛି। ପ୍ରତି ଗ୍ରାମ ପଞ୍ଚାୟତରେ ଗୃହପାଳିତ ପଶୁ ଓ ପକ୍ଷୀଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପ୍ରାଣୀ ସହାୟକ କେନ୍ଦ୍ର ମାନ ପ୍ରତିଷ୍ଠା କରାଯାଇଛି। ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ବ୍ୟୟରେ ପ୍ରାଣୀଧନ ନିରିକ୍ଷକଙ୍କ କାର୍ଯ୍ୟାଳୟ ତଥା ପ୍ରାଣୀ ସହାୟକ କେନ୍ଦ୍ର ଖୋଲାଯାଇଛି । ଏହି କେନ୍ଦ୍ର ଗୁଡିକ ପରିଚାଳନା ପାଇଁ ଆବଶ୍ୟକୀୟ ଉପକରଣ, ଔଷଧ ଆଦି ଯୋଗାଇ ଦେବାପାଇଁ ପ୍ରାଣୀଧନ ନିରିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଉକ୍ତ ଅଞ୍ଚଳରେ ପଶୁ ସମ୍ପଦ ବିପଦ ଶଙ୍କୁଳ ଅବସ୍ଥାରେ। କାହିଁକି ନା ବ୍ଲକ ସହିତ ଗ୍ରାମାଞ୍ଚଳରେ ଥିବା ପ୍ରାଣୀ ସହାୟକ କେନ୍ଦ୍ର ଅଚଳାବସ୍ଥାରେ ପଡ଼ିରହିଛି। ଅନେକ ଦିନ ହେବ ଚିକିତ୍ସାଳୟରେ ତାଲା ଝୁଲିଥିବା ଦେଖିବାକୁ ମିଳୁଛି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଆମ ସୋରଡା ପ୍ରତିନିଧି ବ୍ଲକ ଭେଟନାଟି ଅଫିସର(ବିଭିଓ) ଓ ସୋରଡା ସହର ଦାୟିତ୍ୱରେ ଥିବା ପ୍ରାଣୀଧନ ନିରିକ୍ଷକଙ୍କୁ ଯୋଗାଯୋଗ କରିଥିଲେ ମଧ କୌଣସି ଉତ୍ତର ମିଳିନଥିଲା। ସୋରଡା ସମେତ ସୋରଡା ବ୍ଲକରେ ଥିବା ପ୍ରତି ଗ୍ରାମପଞ୍ଚାୟତର କେନ୍ଦ୍ରମାନଙ୍କରେ ମଧ ବର୍ଷ ବର୍ଷ ଧରି ଦେଖା ମିଳୁନଥିବା ପ୍ରାଣୀଧନ ନିରିକ୍ଷକମାନେ ନାମକୁ ମାତ୍ର କେନ୍ଦ୍ରରେ ପରିଚାଳନା ଦାୟିତ୍ୱ କାଗଜ ପତ୍ରରେ ଚଳାଇ ନାନା ଦୁର୍ନୀତି କରି ଚାଲିଛନ୍ତି। ଏସ୍ଡିଭିଓ କିମ୍ବା ସିଡିଭିଓଙ୍କ ପରିଦର୍ଶନ ନାହିଁ କି କାର୍ଯ୍ୟ କରିବାରେ ସହଯୋଗ ନଥିବାରୁ ସୋରଡା ସହର ସମେତ ବ୍ଲକର ବିଭିନ୍ନ ଗ୍ରାମରେ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସାରେ ବାଧା ଉପୁଜୁଛି। ପଶୁପକ୍ଷୀମାନଙ୍କୁ ଅଧିକ ଚିକିତ୍ସା ପାଇଁ ପ୍ରାଣୀ ମିତ୍ରମାନଙ୍କୁ ମଧ ମିଶନ ଶକ୍ତି ବିଭାଗ ଦ୍ୱାରା ପ୍ରତି ପଞ୍ଚାୟତରେ ନିଯୁକ୍ତି ଦିଆଯାଇଥିବା ବେଳେ ତାହା ମଧ କାଗଜପତ୍ରରେ ଚାଲିଛି। ସହରବାସୀ ଓ ବ୍ଲକର ଗ୍ରାମାଞ୍ଚଳବାସୀ ଓ ଚାଷୀମାନେ ପଶୁମାନଙ୍କ ଚିକିତ୍ସା ପାଇଁ ସୁବିଧା ପାଉ ନଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଆମ୍ବୁଲାନ୍ସ ମଧ ଯୋଗାଇ ଦିଆଯାଇଛି କିନ୍ତୁ ଏହା କାହା ସ୍ୱାର୍ଥରେ କାମରେ ଲାଗୁଛି ତାହା ତଦନ୍ତ ସାପେକ୍ଷ। ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ନକଲି ପ୍ରାଣୀଧନ ନିରିକ୍ଷକ ଭାବେ ଷ୍ଟାଫ ମାନେ ବିଭିଓ, ଏସ୍ଡିଭିଓଙ୍କ ନାମରେ ସୃଷ୍ଟି କରି ସେମାନଙ୍କ ଦ୍ୱାରା କାର୍ଯ୍ୟ କରୁଥିବାରୁ ବେଳେବେଳେ ଚିକିତ୍ସା କରି ପଶୁପକ୍ଷୀଙ୍କ ମୃତ୍ୟୁ ଘଟୁଥିବା ନଜର ରହିଛି। ଏଲଆଇ ମାନେ କେନ୍ଦ୍ରମାନଙ୍କରେ ବର୍ଷ ବର୍ଷ ଧରି ରହୁନଥିବା ଏକ ମୁଖ୍ୟ କାରଣ ହୋଇଛି। କେନ୍ଦ୍ର ଖୋଲାଯାଉ ନଥିବାରୁ ଅଭିଯୋଗ କଲେ ଗୁହାରି ଶୁଣିବ କିଏ ବୋଲି ପ୍ରଶ୍ନ କରୁଛନ୍ତି ଗ୍ରାମବାସୀ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଅଚାନକ ତଦନ୍ତ କଲେ ଏହି ଅଫିସରେ ଅବାଧରେ ଚାଲିଥିବା ଦୁର୍ନୀତି ପଦାରେ ପଡିବ ବୋଲି ସୋରଡା ପ୍ରେସ କ୍ଲବର ଆଡ଼ଭାଇଜର ଆରାପଲି ସାରଥି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି।

# ଦିନ ମଜୁରିଆଙ୍କୁ ମିଳୁନି ରାସନ କାର୍ଡ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମ ପଞ୍ଚାୟତର ଖଇରାବାଦ ଗ୍ରାମର ଦଳିତ ଯୁବକ ଗୋବିନ୍ଦ ଚନ୍ଦ୍ର ମଲିକ ବୃତ୍ତିରେ ଜଣେ ଦିନ ମଜୁରିଆ। ପର ଘରେ କାମ କଲେ ନିଜ ତେଲ ଲୁଣ ସଂସାର ଚଳିଥାଏ । ସେ ଜଣେ ଓ୍ୱାର୍ଡ ମେମ୍ବର ମଧ। ଦୀର୍ଘ ୮ ବର୍ଷରୁ ଉର୍ଦ୍ଧ୍ୱ ହେବ ରାସନ କାର୍ଡ ପାଇଁ ଆବେଦନ କରିଥିଲେ ମଧ ତାଙ୍କର ରାସନ କାର୍ଡ ହୋଇପାରୁନାହିଁ । ସେ ବାରମ୍ବାର ବ୍ଲକଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି କିନ୍ତୁ ରାସନ କାର୍ଡ ମିଳିପାରୁନାହିଁ। ଗୋବିନ୍ଦଙ୍କର ପରିବାର କହିଲେ ପତ୍ନୀ ଏବଂ ଗୋଟିଏ ପୁତ୍ର। ୩ଜଣଙ୍କୁ ନେଇ ଗୋବିନ୍ଦଙ୍କ ପରିବାର। କେନ୍ଦ୍ର ସରକାର ଗରିବଙ୍କ ପାଇଁ ଡ଼ିଣ୍ଡିମି ନାଗରା ପିଟୁଥିବା ବେଳେ ଖଇରାବାଦରେ ତାହା ସମ୍ପୂର୍ଣ୍ଣ ଭାବେ ବ୍ୟତିକ୍ରମ ପାଲଟିଛି । ଖଣ୍ଡେ ରାସନ କାର୍ଡ ପାଇଁ ବାର ଦ୍ୱାର ଶୁଣ୍ଢିପିଣ୍ଡା ହେବାକୁ ପଡୁଛି । କିନ୍ତୁ ସରକାରୀ ଚାକିରିଆ ଏଠି ରାସନ କାର୍ଡ ହାତେଇବାରେ ଲାଗିପଡିଛନ୍ତି । କିନ୍ତୁ ଗରିବ ଲୋକଟି ସରକାରଙ୍କ ରାସନକାର୍ଡ ଯୋଜନାରୁ ବାଦ ପଡୁଛି । ଏହା ହେଉଛି ବାସ୍ତବ ସତ୍ୟ ଓ ସରକାର ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା କେଉଁଠି ନାଁ କେଉଁଠି ପଥ ଭ୍ରଷ୍ଟ ହୋଇଛି । ଥିଲାବାଲା ଏଠି ସରକାରୀ ଯୋଜନା ହାତେଇବାରେ ଲାଗିଥିବା ବେଳେ ନଥିଲାବାଲା ଏଠି କଣ ଠେସା ହୋଇପଡିଛି।

# କେନ୍ଦୁପତ୍ର ଫଡିରେ କାମ କରୁଥିବା ଶିଶୁ ଶ୍ରମିକ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଚଳିତ ଗ୍ରୀଷ୍ମ ପ୍ରବାହର ଦାଉ ଦାଉ ଖରାରେ କୋମଳ ମତି ଶିଶୁମାନେ କେନ୍ଦୁପତ୍ର ଫଡିରେ କାମ କରୁଥିବା ଚିତ୍ର ମାଲକାନଗିରି ଜିଲ୍ଲାରେ ଦେଖିବାକୁ ମିଳିଛି। ମାଲକାନଗିରି ଜିଲ୍ଲା ପାଣ୍ଡ୍ରିପାଣି ପଞ୍ଚାୟତ ଅନ୍ତର୍ଗତ କୁଦୁଗୁଡା ଏବଂ ବିଜାଘାଟି ଗାଁରେ କିଛି ଅସାଧୁ କେନ୍ଦୁପତ୍ର ବେପାରୀ ସ୍ଥାନୀୟ ଶିଶୁଙ୍କୁ ଶ୍ରମିକ ଭାବରେ ନିୟୋଜିତ କରୁଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଶିଶୁମାନଙ୍କୁ କୌଣସି ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିବା ଆଇନଗତ ଏକ ବଡ଼ ଅପରାଧ। ଏହା ଜାଣିଶୁଣି ମଧ କେଉଁ ନିର୍ଦ୍ଦେଶାବଳୀ ଏବଂ କାହା ଇଙ୍ଗିତରେ ଏହି କେନ୍ଦୁପତ୍ର ବେପାରୀ ମାନେ ଏଭଳି ଅପରାଧିକ କାର୍ଯ୍ୟ କରୁଛନ୍ତି ବୋଲି ଗ୍ରାମବାସୀ ମାନେ ଜିଲ୍ଲା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ୨୬ ଜାନୁଆରୀ ୧୯୫୦ ମସିହାରେ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ସମ୍ବିଧାନରେ ଶିଶୁଙ୍କ ମୌଳିକ ଅଧିକାରକୁ ସୁନିଶ୍ଚିତ କରାଯାଇଛି। ଧାରା ୨୧-କ ଅନୁଯାୟୀ ୬-୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି କିନ୍ତୁ ମାଲକାନଗିରି ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ପ୍ରତିଦିନ କେଉଁଠି ନା କେଉଁଠି ଶିଶୁ ଶ୍ରମିକ ନିୟୋଜିତ ହେଉଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସାଜିଛି ନିରବଦ୍ରଷ୍ଟା। ହେଲେ ମାଲକାନଗିରି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏଭଳି ଅସାଧୁ କେନ୍ଦୁପତ୍ର ବେପାରୀଙ୍କୁ ଏପର୍ଯ୍ୟନ୍ତ କାବୁ କରିନାହିଁ କଣ ପାଇଁ ବୋଲି ସାଧାରଣରେ ପ୍ରଶ୍ନବାଚୀ। ଚଳିତ ବର୍ଷ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗି ରହିବା ସହ ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱ ତାପମାତ୍ରା ରେକର୍ଡ କରାଯାଇଛି। ଏମିତିରେ ଏତେ ଝାଞ୍ଜି ଖରାରେ କୁନି କୁନି ପିଲାମାନଙ୍କୁ



ଏକ କେନ୍ଦୁପତ୍ର ଫଡିରେ କାମ କରୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ନଜର ଆସିଛି। କାହାର ସେ ପଡ଼ି ଏବଂ ସେ କାହା ନିର୍ଦ୍ଦେଶରେ ଏହି ଶିଶୁମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଛନ୍ତି ବୋଲି ସ୍ଥାନୀୟ ଲୋକଙ୍କୁ ପଚାରିବାରୁ ଉକ୍ତ କେନ୍ଦୁପତ୍ର ଫଡି ପଟ୍ଟନାୟକ ବ୍ରଦର୍ସଙ୍କର ହୋଇଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଯଦି ଏପରି ହୋଇଥାଏ ତେବେ ଶିଶୁ ସୁରକ୍ଷା ବିଭାଗ କରୁଛି କ'ଣ? ଜିଲ୍ଲାବାସୀ ମଧ୍ୟରେ ଚର୍ଚ୍ଚା। କିଏ ସେହି କେନ୍ଦୁପତ୍ର ବେପାରୀ ପଟ୍ଟନାୟକ ବ୍ରଦର୍ସ ଏବଂ ରାଜେଶ? ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। କାହିଁକି ଜିଲ୍ଲା ଶ୍ରମ ବିଭାଗ ଏବଂ ଶିଶୁ ସୁରକ୍ଷା ବିଭାଗ ଚୁପ୍ ରହିଛନ୍ତି ଗ୍ରାମବାସୀ ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାଶଙ୍କୁ ପଚାରିବାରୁ ଘଟଣା ସ୍ଥଳକୁ ଯାଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେହିପରି କେନ୍ଦୁପତ୍ର ବେପାରୀ ପଟନାୟକ ବ୍ରଦର୍ସକୁ ଯୋଗାଯୋଗ କରିବାରୁ କୁଦୁଗୁଡା ଏବଂ ବିଜାଘାଟି ଫଡିକୁ ଆମେ ଉକ୍ତ ଗାଁର ରାଜେଶ ନାମକ ଜଣେ ବେପାରୀକୁ ଲିଜରେ ଦେଇ ଦେଇଛୁ ବୋଲି କହିଥିଲେ। ଏପରି ସ୍ଥଳେ ଯଦି ଏଠାରେ ଏହି ଶିଶୁ ମାନଙ୍କର କିଛି ଅଘଟଣ ଘଟେ ତେବେ ଦାୟୀ କିଏ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ। ଭାରତୀୟ ସମ୍ବିଧାନରେ ଶିଶୁମାନଙ୍କ ସମ୍ପର୍କିତ ୨୫୦ ରୁ ଅଧିକ ଆଇନ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଗୃହିତ ହୋଇଥିବା ବେଳେ ସବୁ ଆଇନ ମାଲକାନଗିରି ଜିଲ୍ଲାରେ ପାଣିର ଗାର ପାଲଟିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଜିଲ୍ଲା ପ୍ରଶାସନ ଏହି ଘଟଣା ସଂପର୍କରେ କିଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ବାକି ରହିଲା।



ଫୁଲନଖରା(ଭାସ୍କର ନ୍ୟୁଜ୍) : କଟକ ସଦର ଥାନା ଅନ୍ତର୍ଗତ ଆମଣ ଗ୍ରାମରେ ଶ୍ରୀ ଶ୍ରୀବରୁଣେଶ୍ୱର ମହାଦେବ, ଶ୍ରୀ ଶ୍ରୀ ଗୋପୀନାଥଜୀୟୁ ଓ ମା'କ୍ଷେତ୍ରପାଳୀଙ୍କ ପୀଠସ୍ଥଳୀରେ ବିଶ୍ୱରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରିବା ପାଇଁ ଓ ବିଶ୍ୱରେ ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ୫୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଉକ୍ତ ବିଶ୍ୱଶାନ୍ତି ମହାଯଜ୍ଞ ୫ ତାରିଖଠାରୁ ଆରମ୍ଭ ହୋଇ ୮ ତାରିଖରେ ପୂର୍ଣ୍ଣାହୁତି ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଆଜି ଅପରାହ୍ନରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷମାନେ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ପବିତ୍ର ପୁଷ୍କରିଣୀରୁ ଜଳ ଉତ୍ତୋଳନ କରି ବରୁଣେଶ୍ୱରଙ୍କ ପୀଠରେ ପହଞ୍ଚିଥିଲେ। ଉକ୍ତ ମହାଯଜ୍ଞରେ ସୁକାନ୍ତ ଚନ୍ଦ୍ର ଭୋଳ କର୍ତ୍ତାଭାବେ କାର୍ଯ୍ୟ ତୁଲାଉଥିବା ବେଳେ ପୂର୍ବତନ ସମିତି ସଭ୍ୟ ରସାନନ୍ଦ ଭୋଳ, ସମିତି ସଭ୍ୟ ରାଜକିଶୋର ପଟ୍ଟନାୟକ, ବିପ୍ରଚରଣ ଭୋଳ,ବିନୟ ବେହେରା,ବାବାଜି ଭୋଳ, ବିନୋଦ ସେନାପତି, ଚନ୍ଦନ କୁମାର ଦାଶ,ପ୍ରଭାତ ସେନାପତି, ବାସୁଦେବ ଭୋଳଙ୍କ ସମେତ ଆମଣ ଗ୍ରାମର ସମସ୍ତ ଗ୍ରାମବାସୀ ବୃନ୍ଦ ପରିଚାଳନା କରିଥିଲେ।

# ଜୁଲାଇ ଶେଷ ସୁଦ୍ଧା ସଂପୂର୍ଣ୍ଣ ହେବ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଆସନ୍ତା ଜୁଲାଇ ମାସ ଶେଷ ସୁଦ୍ଧା ସଂପୂର୍ଣ୍ଣ ହେବ କେନ୍ଦୁଝର ଜିଲ୍ଲାର ବହୁ ପ୍ରତିକ୍ଷୀତ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ । ଗତକାଲି କେନ୍ଦୁଝର ଜିଲ୍ଲା କାନୁପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ପରେ ରାଜ୍ୟ ଉନ୍ନୟନ କମିଶନର ତଥା ଜଳସମ୍ପଦ ଏବଂ ଯୋଜନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ଏହି ସୂଚନା ଦେଇଛନ୍ତି । ଯୋଡ଼ା ବ୍ଲକ କଣ୍ଡରା ଠାରେ ୨୪୩୮ ଦଶମିକ ୨୯ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା କାନୁପୁର ବୃହତ ଜଳସେଚନ ପ୍ରକଳ୍ପ ଅଞ୍ଚଳର ଜିରୋ ପଏଣ୍ଟ, ସ୍ପିଲ୍ ୱେ, କେନାଲ କାର୍ଯ୍ୟ ଆଦିକୁ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବା ସହ ଯଥାଶୀଘ୍ର କାମ ସରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ ଅନୁ ଗର୍ଗ । ଡ୍ୟାମ୍, ସ୍ପିଲ୍ ୱେ, କେନାଲ ଏବଂ ଡିଫ୍ଲିସନ୍ ସ୍ଲୁଇସ୍ ଗେଟ୍ କାମକୁ ସମୟ ସୀମା ମଧ୍ୟରେ ଶେଷ କରାଯିବ । ଏହି ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲ୍ଲାର ୫ଟି ବ୍ଲକ୍, ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର ଓ ପାଟଣା ବ୍ଲକର ୨୯ ହଜାର ୫୭୮ ହେକ୍ଟର ଜମିକୁ ଜଳ ସେଚନ କରାଯାଇ ପାରିବ । ତେବେ ଏଥି ମଧ୍ୟରୁ ଏହିବର୍ଷ ଖରିଫ୍ ଋତୁରେ ୧୩ ହଜାର ହେକ୍ଟର ଚାଷଜମିକୁ ପାଣି ମାଡ଼ିବ ବୋଲି ସେ କହିଛନ୍ତି। ଏଥି ସହିତ ଜିଲ୍ଲାରେ କରାଯାଉଥିବା ଡିଏମଏଫ୍ ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବାହ୍ନ ୧୦ ଘଟିକାରେ ଏକ ସମୀକ୍ଷା ବୈଠକ କାନୁପୁର ସଭାଗୃହରେ ଆୟୋଜନ କରାଯାଇଥିଲା । ପ୍ରୋଜେକ୍ଟର ମାଧ୍ୟମରେ ଯନ୍ତ୍ରୀମାନେ ବନ୍ଧ ସମ୍ପର୍କରେ ଅବଗତ କରାଇଥିଲେ । କାନୁପୁର ପ୍ରକଳ୍ପର ଅସମ୍ପୂର୍ଣ୍ଣ ଥିବା କାମ ଗୁଡ଼ିକ ମଧ୍ୟରେ ଡିଫ୍ଲିସନ୍ ସ୍ଲୁଇସ୍, ୧୨ ଗୋଟି ରେଡିଆଲ ଗେଟ୍,ସ୍ପିଲ୍ ୱେ କଂକ୍ରିଟ କାର୍ଯ୍ୟ ରହିଛି । ଯାହାକି ଏବେ ନିର୍ମାଣ କରାଯାଉଛି । ଡିଫ୍ଲିସନ୍ ସ୍ଲୁଇସ୍ କାର୍ଯ୍ୟ ଚାଲୁଥିବାରୁ ବୈତରଣୀ ନଦୀକୁ ଜଳ ନିଷ୍କାସନ କରାଯାଇ ପାରୁନାହିଁ । ନିର୍ମାଣ ପରେ ଏହା ଆରମ୍ଭ କରାଯିବ ବୋଲି ପ୍ରକଳ୍ପ ନିର୍ମାଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା କହିଛନ୍ତି । ରବିବାର ଗସ୍ତରେ ଆସିଥିବା କମିଶନର କହିଛନ୍ତି ଯେ,କାନପୁର ଡ୍ୟାମ ପ୍ରୋଜେକ୍ଟର ରିଭ୍ୟୁ କରାଯାଇଛି । ଆସନ୍ତା ଜୁଲାଇ ମାସ ମଧ୍ୟରେ ବନ୍ଧ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ । ୨୯ ହଜାର ହେକ୍ଟର ସମୁଦାୟ ଜଳସେଚନ ଅଞ୍ଚଳ ଥିବା ବେଳେ ଚଳିତ ବର୍ଷ ୧୩ ହଜାର ହେକ୍ଟର ଜମିକୁ ଜଳ ସେଚିତ କରାଯିବାର ଲକ୍ଷ୍ୟ ରଖାଯାଇଛି । ପର୍ଯ୍ୟାପ୍ତ ପରିମାଣର ଯନ୍ତ୍ରପାତି ରହିଛି ବୋଲି ସେ କହିଥିଲେ । ଏତଦବ୍ୟତୀତ ଜିଲ୍ଲା ଖଣିଜ ପାଣ୍ଠିରୁ ବ୍ୟୟ ବିନିଯୋଗରେ କରାଯାଇଥିବା ପ୍ରକଳ୍ପ ଗୁଡ଼ିକର ତଦାରଖ କରିବା ସହିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ କାର୍ଯ୍ୟର ସମୀକ୍ଷା କରିବେ । ଚାଷୀମାନଙ୍କୁ ପାଣି ଯୋଗାଇବା ସମ୍ପର୍କରେ ସେ କହିଥିଲେ ଯେ,ଡିସ୍ଲୁଇସ ଲଗାଇବାର କାରଣ ମନ୍ଥର ଗତିରେ ନଦୀକୁ ଜଳ ଛଡାଯିବ। ଯାହାକି ଚାଷ ପାଇଁ ଉପଯୋଗୀ ହେବ। ତେବେ ସେ କହିଥିଲେ ଯେ, ବିସ୍ଥାପିତ ପରିବାର ତାଙ୍କର ଭିଟାମାଟି ଦେଇ ବନ୍ଧର ସ୍ୱପ୍ନକୁ ସାକାର କରିଛନ୍ତି । ୮ରୁ ୯ ଟି ଗାଁ ବିସ୍ଥାପିତଙ୍କ ଥଇଥାନ ନିମନ୍ତେ ନିର୍ମାଣ କରାଯାଇଛି । ସେଠାକାର ସୁବିଧା ଅସୁବିଧା ସଂପର୍କରେ ବୁଝିବା ପାଇଁ ସମୀକ୍ଷା ବୈଠକରେ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚାଷ ଏବଂ ସାଧାରଣ ପାନୀୟ ଜଳ ଯୋଗାଣରେ ପ୍ରଥମେ ଜଳକୁ ବ୍ୟବହାର କରାଯିବ। ବଳକା ହେଲେ ଶିଳ୍ପ କଥା ଚିନ୍ତା କରାଯିବ ବୋଲି ଚାଷୀମାନଙ୍କୁ ଗର୍ଗ ପ୍ରତିଶ୍ରୁତି ଦେଇଥିଲେ।ବନ୍ଧର ତଳ ମୁଣ୍ଡକୁ ବୈତରଣୀ ଜଳ ଯାଉନଥିବାରୁ ପ୍ରାୟ ୧୦ ଟି ଗ୍ରାମର ଗ୍ରାମବାସୀ କମିଶନର ଗର୍ଗଙ୍କୁ ଏହାର ଶୀଘ୍ର ସମାଧାନ ପାଇଁ ଅଭିଯୋଗ କରିଥିଲେ । ଏଥିସହିତ ଗ୍ରାମବାସୀ ମାନେ କମିଶନରଙ୍କୁ ଦେଖା କରି ସେମାନଙ୍କର ଅସୁବିଧା କହିଥିଲେ ଓ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସେହିପରି ବିସ୍ଥାପିତ ଜଗନ୍ନାଥପୁର ଅଞ୍ଚଳର ଗ୍ରାମବାସୀମାନେ ବିସ୍ଥାପିତ ଗ୍ରାମରେ ଜଳ ସଂଯୋଗ ହୋଇ ନଥିବା ଅଭିଯୋଗ କରିଥିଲେ । ସମୀକ୍ଷା ବୈଠକରେ ୱାଟର ରିସୋର୍ସ ଚିଫ୍ ଇଞ୍ଜିନିୟର ଚନ୍ଦ୍ର ଶେଖର ପାଢ଼ୀ,କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ,ପ୍ରକଳ୍ପର ଚିଫ୍ କଂଷ୍ଟ୍ରକ୍ସନ୍ ଇଞ୍ଜିନିୟର ପ୍ରଶାନ୍ତ ରଞ୍ଜନ ପଣ୍ଡା, ସହକାରୀ ଯନ୍ତ୍ରୀ କୈଳାଶ ଚନ୍ଦ୍ର ବିନ୍ଧାଣୀ,ପୁନର୍ବସତି ଓ ଥଇଥାନ ଯନ୍ତ୍ରୀ ଅଜୟ କୁମାର ନାୟକ,ବନ୍ଧର ସହକାରୀ ଯନ୍ତ୍ରୀ ଅମୂଲ୍ୟ ରାଉତ, ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା,କନ୍ଦର୍ପ କୁମାର ବେହେରା, ଦୁର୍ଯ୍ୟୋଧନ କିଶାନ, ସ୍ମୃତି ରଞ୍ଜନ ବିଶୋଇ, ବିଜୟ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ରହିଥିଲେ ।



# ଓଁ ଶ୍ରୀଗୁରୁ ଆଦିବାସୀ ଆବାସିକ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

ଚିକିଟି(ଭାସ୍କର ନ୍ୟୁଜ୍): ଓଁ ଶ୍ରୀଗୁରୁ ଆଦିବାସୀ ଆବାସିକ ଉଚ୍ଚ ବିଦ୍ୟାଳୟ, ଧାନଘର ପରିସରରେ ଆଜି ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବର୍ତ୍ତମାନର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ପଣ୍ଡା, ଗୋଷ୍ଠୀ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ସୋରଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନଙ୍କ ତରଫରୁ ବହୁ ଆଡମ୍ବର ସହକାରେ ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଗମାନନ୍ଦ ପଣ୍ଡା ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ସଭା ସ୍ଥଳକୁ ପାଛୋଟି ନିଆଯାଇ ଅତିଥିମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ସୁଦୀପ୍ତ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ଅତିଥିମାନଙ୍କୁ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଇଓ ପନ୍ନଗ ଭୂଷଣ ମାଝୀ, ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଳା ପାଣିଗ୍ରାହୀ, ଭାନୁମତି ଜେନା, ପ୍ରଧାନଶିକ୍ଷକ ସରୋଜ କୁମାର ମହାନ୍ତି ପ୍ରମୁଖ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ସମର୍ପିତଭାବ,କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତୀତା, ସରଳ ଅମାୟିକ ବ୍ୟବହାର, ସାହାଯ୍ୟକାରୀ ମନୋବୃତ୍ତିର ଅନୁଭୂତିକୁ ପ୍ରକାଶ କରିଥିଲେ ଓ ସମ୍ମାନିତ ଅତିଥି ମହାପାତ୍ରଙ୍କ ସରଳ ନିଷ୍କପଟ ଓ ଛାତ୍ରଛାତ୍ରୀଙ୍କ ଉନ୍ନତି କଳ୍ପେ ରହିଥିବା ଚିନ୍ତାଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିବାବେଳେ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।



# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ସୁନୀଲ କାନ୍ତ ମହାନ୍ତି, ଶଙ୍କର କେରକେଟା, ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଓ କେ.ନାଗରଜୁ, ବନଖଣ୍ଡ ଅଧିକାରୀ, ପାରଳାଖେମୁଣ୍ଡି, ଅଭିଯୋଗ ଶୁଣାଣିରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଲକଇଠା,ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୫୫ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୪୫ ଗୋଟି,ଗ୍ରାମଭିତ୍ତିକ ସମସ୍ୟା- ୧୦ ଗୋଟି ଓ ୨ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଅଲ୍ଲୀ, ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋରାଚାନ୍ଦ ପଟ୍ଟନାୟକ, ସ୍ଥାନୀୟ ତହସିଲଦାର ନାରାୟଣ ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

# ନିଖୋଜ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର; ୩ ଅଟକ

ତାଳଚେର(ଭାସ୍କର ନ୍ୟୁଜ୍): ନିଖୋଜ ଯୁବତୀଙ୍କ ପରିବାର ବର୍ଗ ଝିଅର ମୃତ୍ୟୁ ଘଟଣାକୁ କେନ୍ଦ୍ରକରି ଆଖିରୁ ଲୁହ ଶୁଖୁନଥିବା ବେଳେ ପରିବାର ପ୍ରତିପୋଷଣ କରୁଥିବା ଏକମାତ୍ର ରୋଜଗାରିଆ ଝିଅର ମୃତ୍ୟୁକୁ ନେଇ ବାପା ଆଜି ହତବାକ୍! ତେବେ ଏଥିରୁ ଜଣାପଡ଼େ ତାଳଚେର ଉପଖଣ୍ଡରେ ନାରୀ କେତେ ସୁରକ୍ଷିତ ? ସରକାର ପୋଲିସ୍‌କୁ ପ୍ରାଧାନ୍ୟ ଦେଇ ଲୋକଙ୍କ ସେବାରେ ନିଜକୁ ସମର୍ପିତ କରି ସ୍ୱଚ୍ଛସେବା ଯୋଗାଦେବା ପାଇଁ କ୍ଷମତା ଦେଇଥିବାବେଳେ ଏହାର ଉଦାହରଣ ଆଜି ଜଳଜଳ ହୋଇ ଦିଶୁଛି, ଯାହାକି ଦୀର୍ଘ ୫୦ବର୍ଷ ହେବ ତାଳଚେର ଅଂଚଳରେ ଏଭଳି ଲୋମଟାଙ୍କୁରା ଓ ହୃଦୟବିଦାରକ ଘଟଣା ଘଟିନଥିବା ବୟଜ୍ୟେଷ୍ଠ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ । ଏଥିନେଇ ପରିବାର ବର୍ଗ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିବା ବେଳେ ପୀଡ଼ିତାର ପିତା ଓ ଭାଇ ପୋଲିସ୍ ନିଷ୍କ୍ରିୟତା ପାଇଁ ଆଜି ମୋ ଝିଅର ଜୀବନ ଅକାରଣରେ ଚାଲିଗଲା ବୋଲି କୋହଭରା କଣ୍ଠରେ କହିବା ସହ ଏଥିରେ ଯେଉଁମାନେ ସମ୍ପୃକ୍ତ ତାଙ୍କୁ ଫାଶି ଦିଆଯାଉ ବୋଲି ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି । ଗତକାଲି ମଧ୍ୟାହ୍ନ ୧.୩୦ମିନିଟ୍ ସମୟରେ ଘଟଣା ପ୍ରଚାର ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ଘରେ ଶୋକାକୁଳ ପରିବାରକୁ ସମବେଦନା ଜଣାଇବାକୁ ନା ପ୍ରଶାସନ ନା ଲୋକପ୍ରତିନିଧି କେହି ହେଲେ ପଂହଚିନଥିବା ଅତି ଦୁର୍ଭାଗ୍ୟଜନକ ବିଷୟ ହୋଇଛି । ଏହି ଘଟଣାରେ ଆଜି ତାଳଚେର ପୋଲିସ୍ ୩ଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିଲେ ମଧ୍ୟ ଥାନାରୁ ଏସମ୍ପର୍କରେ ସଠିକ୍ ତଥ୍ୟ ହସ୍ତଗତ ହୋଇପାରି ନାହିଁ । ତେବେ ଏହି ହୃଦୟବିଦାରକ ଘଟଣାରେ ମ୍ରିୟମାଣ ହୋଇ ଆଜି ଅଲଓଡ଼ିଶା ହ୍ୟୁମାନରାଇଟସ୍ ସଭାପତି ଡ଼ଃ ଦେବେନ୍ଦ୍ର ସିଂହ, ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ, ଅବନୀ ପାଣି ତାଙ୍କ କଣିହାଁ ସ୍ଥିତ ଲୋଧାଝରୀ ଗ୍ରାମରେ ପଂହଚି ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ରାଜ୍ୟ ସରକାର ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ତୁରନ୍ତ ୫୦ଲକ୍ଷ ସହାୟତା ରାଶି ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ବନ୍ଧୁକ ଚାଳନା ପ୍ରଶିକ୍ଷଣ ଶିବିର

ତାଳଚେର(ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ରାଇଫଲ କ୍ଲବ ଏବଂ ଜୁନିଅର୍ ଚାମ୍ବର ଇଣ୍ଟରନ୍ୟାସନାଲ ତାଳଚେର ଶାଖାର ମିଳିତ ଆନୁକୂଲ୍ୟରେ ଏକ ସାତଦିନିଆ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇଯାଇଛି। ମେ ମାସ ୫ ତାରିଖ ରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟା ରେ ଦୁଇଟି ବ୍ୟାଚ୍‌ରେ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଜେସିଆଇର ସଭାପତି ମହେଶ ଅଗ୍ରୱାଲ ସୂଚନା ଦେଇଥିଲେ। ସୁଦୂର ରାଞ୍ଚିରୁ ପ୍ରଶିକ୍ଷକ ମାଣିକ କୁମାର ଏହି ଶିବିରରେ (୧୭୭) କ୍ୟାଲିବର ବିଶିଷ୍ଟ ୧୦ ମିଟର ଓପନ ସାଇଟ୍ ଏୟାର ରାଇଫଲ୍ ଦ୍ୱାରା ଲକ୍ଷ୍ୟ ଭେଦ ବିଷୟରେ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଥିବା ଶିବିର ପରିଚାଳନା ନିର୍ଦ୍ଦେଶକ ମନିଷ ଅଗ୍ରୱାଲ କହିଥିଲେ। ପୂର୍ବରୁ ମଧ୍ୟ କ୍ଲବର ବହୁ ସଦସ୍ୟ ଏବଂ ପ୍ରଶିକ୍ଷଣ ନେଇଥିବା ବିଭିନ୍ନ ଛାତ୍ର ଛାତ୍ରୀ ନେସନାଲ ଲେବେଲ ପର୍ଯ୍ୟନ୍ତ ଉତ୍ତୀର୍ଣ୍ଣ ହୋଇ ସମୟ ସମୟରେ ବିଭିନ୍ନ ମେଡାଲ ଜିତି ଅଛନ୍ତି।ଏହି ଶିବିରରୁ ମଧ୍ୟ ଛାତ୍ରଛାତ୍ରୀ ନିଶ୍ଚୟ ଆଗକୁ ବଢ଼ିପାରିବେ ବୋଲି ମୁଖ୍ୟ ପ୍ରଶିକ୍ଷକ ମାଣିକ କୁମାର ଆଶା ବ୍ୟକ୍ତ କରି ଅଛନ୍ତି। ଏହି କାର୍ଯ୍ୟକ୍ରମରେ ରାଇଫଲ କ୍ଲବ ପକ୍ଷରୁ ସମ୍ପାଦକ ଶରତ ଚନ୍ଦ୍ର ଦେବ, ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ସାହୁ, ଭୁବନେଶ୍ୱର ସାମନ୍ତ, ସଞ୍ଜୀବ ପଟ୍ଟନାୟକ, ଜେସିଆଇର ପୂର୍ବତନ ଜୋନ ନିର୍ଦ୍ଦେଶକ ଆଶିଷ ଅଗ୍ରୱାଲ, ପୂର୍ବତନ ସଭାପତି ବାସୁଦେବ ସାହୁ, ସମ୍ପାଦକ ପ୍ରଦୀପ ପାଲ୍, ବିକାଶ ସିଂହ, ରଶ୍ମି ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।



# ଚୋର ପୋଲିସର ଲୁଚକାଳି ଖେଳରେ ଅସୁରକ୍ଷିତ ଧନ ଜୀବନ

ଚିକିଟି (ଭାସ୍କର ନ୍ୟୁଜ୍ ) : କେ. ନୂଆଗାଁ ଥାନା ଅଧିନସ୍ତ ଅଧିକାଂଶ ଗ୍ରାମରେ ଚୋରମାନେ ନିଜର କୟା ବିସ୍ତାର କରି ଅନେକ ଲୋକଙ୍କ ଧନ ଚୋରିକରି ଉଭାନ ହେଉଥିବା ଦେଖିବାକୁ ମିଳୁଛି । ଆଜକୁ ଦୁଇରୁ ତିନି ମାସ ହେଲା ନୂଆପଡା, ଗୌଡ଼ଗାଁ, ତେନ୍ତିଆପଡ଼ା, ଡଭାର, ଦାଉଣୀ ଅଂଚଳରୁ ପ୍ରାୟ ଲକ୍ଷ ଲକ୍ଷ ଟଙ୍କାର ସୁନାରୁପା, ନଗଦ ଆଦି ଆସବାବପତ୍ର ଚୋରି ହୋଇ ଆସୁଥିବାବେଳେ କିଛି ହାତଗଣତି ଲୋକ ପୋଲିସରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପ୍ରକାର ଭରଣା କିମ୍ବା ଚୋରର ଟେର ପୋଲିସ ପାଇପାରିନାହିଁ। ଏଭଳି ସ୍ଥିତିରେ କିଛିଦିନ ହେଲା ଚୋରମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଜାଗା ବଦଳାଇ ଅଞ୍ଚଳ ବଦଳାଇ ଚୋରି କରିବାରେ ସକ୍ଷମ ହେବାରେ ଲାଗିଛନ୍ତି। ଇତି ମଧ୍ୟରେ କିଛି ଦିନ ହେଲା ନୂଆପଡା ଅଂଚଳରେ ପୋଲିସ ନିଜର ରାତ୍ରି ପେଟ୍ରୋଲିଂ ବଢ଼ାଇଥିବାରୁ ଚୋରି ଟିକେ ମାତ୍ରାରେ କମିଛି ବୋଲି ପ୍ରକାଶ ପାଇଥିବା ବେଳେ ଗତ ରାତିରେ ମାଧବନ୍ଧ ଗ୍ରାମରେ ମଧ୍ୟରାତିରେ ରେଡ୍ଡୀସାହିରେ ଏକ ଘରେ ପଶି ଏକଭରି ସୁନା, ଚାରିଭରି ରୁପା ସହ ସାତହଜାର ଟଙ୍କା ଚୋରି କରି ଉଭାନ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ପ୍ରକାରେ ଉକ୍ତ ଘରର ପୋଡ଼ସିର ବାରିପଟୁ ଆସି କାନ୍ଥ ଡେଇଁ ବାରିପଟରୁ ଗ୍ରିଲ ଲକ ଖୋଲି କବାଟର ଗେଡା ତାଡି ପଶିଥିଲେ। ଘରେ ପଶି ଶୋଇବା ଘରେ ଥିବା କାଠ ଆଲମିରାର ଲକ ଭାଙ୍ଗି ସେଥିରେ ଥିବା ଡ୍ରମଧ୍ୟରୁ ସୁନା ରୁପା,ଟଙ୍କା ଧରି ଉଭାନ ହେଇଯାଇଥିଲେ। କିଛି ସମୟ ପରେ ଘର ମାଲିକ କିଛି ଶବ୍ଦ ଶୁଣି ଉଠିଦେଖିଲା ବେଳେ ଘରର ଆଲମିରା ଭାଙ୍ଗିପଡିଛି, ସେଥିର ଜିନିଷ ଏଣେତେଣେ ବିଞ୍ଚିହୋଇଛି। ଆଲମିରାରେ ଥିବା ସୁନା, ଟଙ୍କା ଥିବା ବ୍ରିଫକେଶ ନଥିବାରୁ ପଡୋଶୀଙ୍କୁ ଜଣାଇଥିଲେ। ପରେ ପରେ ସମସ୍ତ ଗ୍ରାମବାସୀ ମିଶି ପାଳିକରି ରାତି ସାରା ଗ୍ରାମର ଚାରିପଟେ ଜଗିଥିଲେ। ଅନେକ ଜାଗାରେ ଚୋରି ହେଉଥିଲେ ମଧ୍ୟ ଲୋକେ ଭୟରେ ଥାନାରେ ଅଭିଯୋଗ କରୁନଥିବା ବେଳେ ପୋଲିସ ମଧ୍ୟ ଏନେଇ କିଛି କଡ଼ା ପଦେକ୍ଷପ ନ ନେବା ହେତୁ ଚୋରମାନେ ନିଜର କାୟା ବିସ୍ତାର କରିବାରେ ଲାଗିଛନ୍ତି। ଦେଖାଯାଉ ଆଗାମୀ ରାତିରେ ଚୋରଙ୍କ ଟାର୍ଗେଟରେ କାହା ଘର ପଡିବ ସେଥିପାଇଁ ସମସ୍ତେ ଛାନିଆ ତାଟକା ହୋଇ ରହିଛନ୍ତି।

# ଆଦର୍ଶ ଶିକ୍ଷକ ନୀଳମଣିଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍ ) ବଡ଼ଚଣା ବ୍ଲକ ଅନ୍ତର୍ଗତ ବାହାଦୁରନଗର ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ନୀଳମଣି ସାମଲଙ୍କ ଏକାଦଶାହ ଅବସରରେ ତାଙ୍କ ବାହାଦୁରନଗରସ୍ଥ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷାବିତ୍ ଡ଼ଃ ଭାଗ୍ୟଧର ସାହୁଙ୍କ ସଂଚାଳନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାକୁ ବର୍ଷିୟାନ ଶିକ୍ଷକ ଉମାକାନ୍ତ ବଳ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସ୍ୱର୍ଗତ ନୀଳମଣି ସାମଲ ଜଣେ ଧୀର ସ୍ଥିର, ନମ୍ର ଓ ଭଦ୍ର ବ୍ୟକ୍ତିତ୍ୱ ଭାବରେ ଜଗତସିଂହପୁର ଜିଲ୍ଲା ଓ ବଡ଼ଚଣା ବ୍ଲକ ଅଞ୍ଚଳରେ ପରିଚିତ ଥିଲେ। ସେ ତାଙ୍କ କାର୍ଯ୍ୟକାଳ ସମୟରେ ଅନେକ ଛାତ୍ରଙ୍କୁ ନିଜ ପାଖରେ ରଖି ସେମାନଙ୍କର ସମସ୍ତ ଖର୍ଚ୍ଚ ବହନ କରି ଶିକ୍ଷାଦାନ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ସାମଲ ବଡ଼ଚଣାର ପୂର୍ବତନ ବିଧାୟକ ମାନଗୋବିନ୍ଦ ସାମଲଙ୍କ ଜାମାତା ଅଟନ୍ତି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି, ବଡ଼ଚଣା ବିଧାୟକ ଅମର ନାୟକ, ବିଜେଡ଼ି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବଜାନୀ ପ୍ରଧାନ, ଯୁବ କଂଗ୍ରେସ ନେତା ସନ୍ତୋଷ କୁମାର ବଳ, ଅଧ୍ୟାପକ ଡ଼ଃ ଯତିନ୍ଦ୍ର କୁମାର ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ନିରଞ୍ଜନ ସେନାପତି, ପ୍ରାକ୍ତନ ବ୍ଲକ ବିଜେଡ଼ି ସଭାପତି ଅରବିନ୍ଦ ସାମଲ, ପ୍ରାକ୍ତନ ଜିଲ୍ଲା ପରିଷଦ ବିପିନ ବିହାରୀ ଜେନା, ଶାରଦା ପ୍ରସନ୍ନ ମହାନ୍ତି, ପ୍ରାକ୍ତନ ଉପାଧ୍ୟକ୍ଷ ପଞ୍ଚାନନ ଧଳ, ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର କୁମାର ସାମଲ, ସାମାଜସେବୀ ଉମେଶ କୁମାର ସାମଲ, ରଞ୍ଜନ କୁମାର ସାମଲ, ଦୂର୍ଯ୍ୟଧନ ପ୍ରଧାନ, ବିଭୁଶଙ୍କର ପୃଷ୍ଟି, ପ୍ରଦୀପ୍ତ କୁମାର ସାମଲ, ରବୀନ୍ଦ୍ରନାଥ ସାମଲ, ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ପରିବେଶବିତ୍ କ୍ଷୀରେଦ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବାବେଳେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଅଶୋକ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ନୀଳମଣିଙ୍କ ସୁପୁତ୍ର ସାମ୍ବାଦିକ ଉତ୍କଳ କେଶରୀ ସାମଲ ଓ ସାନପୁତ୍ର ପ୍ରଦ୍ୟୋତ କେଶରୀ ସାମଲ. ରଞ୍ଜିତ କୁମାର ସାମଲ, ବିଜୟ କୁମାର ସାମଲ, କମଳ କୁମାର ମହାପାତ୍ର, ସୁଧାଂଶୁ ଶେଖର ସାମଲ, ଅର୍ଦ୍ଧେନ୍ଦୁ ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ପୌରପରିଷଦର ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା


ବ୍ୟାସନଗର(ଭାସ୍କର ନ୍ୟୁଜ୍): ବ୍ୟାସନଗର ପୌରପରିଷଦର ନୂତନ ଅଧ୍ୟକ୍ଷ ସୁବାଷଚନ୍ଦ୍ର ବଳଙ୍କୁ ବ୍ୟାସନଗର ନାଗରିକ କମିଟି ଦ୍ୱାରା ସମ୍ବର୍ଦ୍ଧନା କରାଯାଇଛି ନାଗରିକ କମିଟିର ସମ୍ପାଦକ ଦୁର୍ଯ୍ୟୋଧନ ରାଉତଙ୍କ ନେତୃତ୍ୱରେ ଡ଼ଃ ଦୁଷ୍ମନ୍ତ କୁମାର ରାଉତ, ହୃଷିକେଶ ସାହୁ, ଡ଼ଃ ଅକ୍ଷୟ କୁମାର ପଣ୍ଡା, ଦାମୋଦର ପଣ୍ଡା, ଅକ୍ଷୟ କୁମାର ଦେଓ, କୈଳାଶ ରାଉତ ପ୍ରମୁଖ ନୂତନ ଅଧ୍ୟକ୍ଷ ଙ୍କୁ ତାଙ୍କ ପୌରପରିଷଦର କାର୍ଯ୍ୟାଳୟରେ ଭେଟି ସମ୍ବର୍ଦ୍ଧିତ କରିଥିଲେ, ବ୍ୟାସନଗର ସହରର ବିଭିନ୍ନ ସମସ୍ୟା ଯଥା ବ୍ୟାସନଗର ସ୍ମଶାନ, ଉନ୍ନତକରଣ, ଟ୍ରାଫିକ ସମସ୍ୟା, ରାସ୍ତାଘାଟର ସମସ୍ୟା ଇତ୍ୟାଦି ସମ୍ପର୍କରେ ଅଧ୍ୟକ୍ଷଙ୍କ ସହ ବିଶଦ ଆଲୋଚନା କରିବା ସଙ୍ଗେ ସଙ୍ଗେ ଏହାର ଆଶୁ ସମାଧାନ କରିବାପାଇଁ ତାଙ୍କୁ ଅନୁରୋଧ କରିଥିଲେ, ସହରର ଉନ୍ନତିକରଣ ତଥା ସୌନ୍ଦର୍ଯ୍ୟକରଣ ପାଇଁ ଅଧ୍ୟକ୍ଷ ବ୍ୟାସନଗର ନାଗରିକ କମିଟି ପୂର୍ଣ୍ଣ ସହଯୋଗ କାମନା କରିଥିଲେ।

# ରାଶିଫଳ


ବୁଧବାର, ୦୭ ମଇ ୨୦୨୫



**ମେଷ:** ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ସହଭାଗୀମାନେ ସମର୍ଥନ ପାଇବେ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସୁଖ ମିଳିବ।




**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶତ୍ରୁମାନେ ସକ୍ରିୟ ରହିବେ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଗୁଣୁପୁର(ଭାସ୍କର ନ୍ୟୁଜ୍): ଓଡିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା କ୍ଷମତାପ୍ରାପ୍ତ ରାୟଗଡା ଜିଲ୍ଲାର ସ୍ୱତନ୍ତ୍ର ବିଚାରପତି ଆନନ୍ଦଚନ୍ଦ୍ର ବେହେରା ଜିଲ୍ଲା ଅଦାଲତ ଦୁଇଦିନିଆ କାର୍ଯ୍ୟକ୍ରମରେ ଆସିଥିବା ସମୟରେ ଗୁଣପୁର ଓକିଲ ସଂଘ ତରଫରୁ ସଭାପତି ଗୌରୀ ଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ଉମାଚରଣ ପଟ୍ଟନାୟକ, ସୁଂକାରୀ ଗଣପତି, କୃଷ୍ଣଚନ୍ଦ୍ର ସେନାପତି, ଗଣେଶ କୁମାର ପଣ୍ଡା, ସମ୍ପାଦକ ପ୍ରବୀଣ କୁମାର ପଟ୍ଟନାୟକ ଏବଂ ଶ୍ରୀ ରାଜକିଶୋର ଦାସ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ । ସେଥିରେ ଗଂଜେଇ ସମ୍ବନ୍ଧୀୟ ମକଦ୍ଦମା ଯାହାକି, ଉଚ୍ଚ ନ୍ୟାୟାଳୟ ଆଦେଶ ଅନୁଯାୟୀ ଏକ ସ୍ୱତନ୍ତ୍ର ଅଦାଲତ ୧୯ ଗୋଟି ଜିଲ୍ଲାରେ କରାଯାଇ ମକଦ୍ଦମା ଗୁଡିକୁ ଶୀଘ୍ର ସମାପ୍ତ କରିବାର ପ୍ରାବଧାନ ରହିଛି। ତେବେ ତାହା ଗୁଣପୁର ପରିସରରେ କରାଯିବା ନେଇ ଅନୁରୋଧ କରାଯାଇଛି । କାରଣ ଗୁଣପୁର ଅଦାଲତରେ ପ୍ରାୟ ୪୦୧ ମକଦ୍ଦମା ବିଚାରାଧିନ ରହିଥିବା ସ୍ଥଳେ ବିଷମକଟକରେ ୨୦୦ ଏବଂ ରାୟଗଡାରେ ୧୦୦ ମକଦ୍ଦମା ବିଚାରାଧୀନ ରହିଛି ତା ସହ ଚଳିତବର୍ଷ ଗୁଣପୁରରେ ୩୭ରୁ ଅଧିକ ନୂତନ ଭାବେ ପଞ୍ଜୀକରଣ ହୋଇଥିବାବେଳେ ବିଷମକଟକରେ ୫ ଗୋଟି ଓ ରାୟଗଡାରେ କେବଳ ମାତ୍ର ୭ ଗୋଟି ମକଦ୍ଦମା ପଞ୍ଜୀକରଣ ହୋଇଛି। ସେଥିପାଇଁ ଉକ୍ତ ସ୍ୱତନ୍ତ୍ର ଅଦାଲତ ଗୁଣପୁରରେ ସ୍ଥାପନ କରାଗଲେ ଉଭୟ ମୁଦାଲା ଓ ମହକିଲଙ୍କୁ ସୁବିଧା ହୋଇ ମକଦ୍ଦମା ଗୁଡିକ ଶୀଘ୍ର ସମାପ୍ତ ହୋଇପାରିବ ବୋଲି ଉଲ୍ଲେଖ ରହିଛି। ମାନ୍ୟବର ବିଚାରପତି ସ୍ମାରକପତ୍ରକୁ ଗ୍ରହଣ କରି ମୁଖ୍ୟ ବିଚାରପତିଙ୍କୁ ଉପସ୍ଥାପନା କରାଯାଇ ବିଚାରକୁ ନିଆଯିବ ବୋଲି କହିଥିଲେ।

# ଜାତୀୟ ବାୟୋଶ୍ରେଷ୍ଠ ସେମିନାରରେ ଗୋପାଳଚନ୍ଦ୍ର ଶତପଥୀଙ୍କ ଯୋଗଦାନ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଚଳିତ ମାସ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଜାତୀୟ ବାୟୋଶ୍ରେଷ୍ଠ ସେମିନାରରେ ପାରଳାଖେମୁଣ୍ଡି, ମୃତ୍ୟାଲୁ ସାହି ବାସିନ୍ଦା ,ସେବାନିବୃତ ପ୍ରଧାନ ଶିକ୍ଷକ ଗୋପାଳଚନ୍ଦ୍ର ଶତପଥୀ (ଓଡ଼ିଶାରୁ ମାତ୍ର ଦୁଇଜଣ) ଯୋଗ ଦାନ କରି ସାଂପ୍ରତିକ ପରିସ୍ଥିତିରେ ବୟସ୍କ(ବରିଷ୍ଠ ନାଗରିକଙ୍କ) ଲୋକଙ୍କର ସାମଗ୍ରିକ ଶାନ୍ତି ଓ ସୁରକ୍ଷା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ସ୍ପର୍ଶକାତର ତଥା ସମ୍ବେଦନଶୀଳ ଆଲୋଚନାର ଅଧ୍ୟକ୍ଷତା କରିଥିଲେ ମହାମହିମ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଭାରତର ମାତ୍ର ୨୧ ଜଣଙ୍କୁ ବିଭିନ୍ନ ରାଜ୍ୟରୁ ନିମନ୍ତ୍ରଣ କେନ୍ଦ୍ର ସରକାର ସରକାର କରିଥିଲେ।ଏହି ପରିପ୍ରେକ୍ଷୀରେ ପ୍ରାକ୍ତନ ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେ଼ମୀ (ଗଜପତି) ବିଚିତ୍ରାନନ୍ଦ ବେବର୍ତ୍ତା,ଏବଂ ଗଜପତି ବିଭିନ୍ନ ଅନୁଷ୍ଠାନ, ଆତ୍ମୀୟ ସ୍ୱଜନ ଶ୍ରୀଶତପଥୀଙ୍କୁ ଅଜସ୍ର ସମ୍ମାନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଦାଦନ ଖଟିବାକୁ ଯାଇ ଫେରିନାହାନ୍ତି ସ୍ୱାମୀ

## ପ୍ରତୀକ୍ଷାରେ ପତ୍ନୀ



ଉମରକୋଟ(ଭାସ୍କର ନ୍ୟୁଜ୍): ଅଧିକ ଟଙ୍କା ରୋଜଗାର କରି ନିଜ ପରିବାର ପ୍ରତିପୋଷଣ କରିବେ, ଏଭଳି ଭାବି ଜଣେ ଦଲାଲ ହାବୁଡ଼ରେ ପଡି ଦେଢ ବର୍ଷ ହେବ ଦାଦନ ଖଟିବାକୁ ଯାଇ ଆଉ ଫେରି ନାହାନ୍ତି ଜନୈକ ଯୁବକ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ଯୁବକ ଜଣକ ହେଲେ ଉମରକୋଟ ପୌର ପରିଷଦର ୧୨ ନଂ ୱାର୍ଡ ର କ୍ଷେତ୍ର ହରିଜନ (୩୨)। ଏନେଇ କ୍ଷେତ୍ରଙ୍କ ସ୍ତ୍ରୀ ସୁଶିଳା ହରିଜନ (୨୭) ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ସୁଶିଳାଙ୍କ ଲିଖିତ ଅଭିଯୋଗ ଅନୁସାରେ ୩୦-୧୦-୨୦୨୩ ମସିହା ଅପରାହ୍ନ ପ୍ରାୟ ୨ ଘଣ୍ଟା ସମୟରେ ସାହିର ସଞ୍ଜିପ ଶାହା ଓ ତାଙ୍କ ସ୍ତ୍ରୀ ନୀଳାରାଣି ସାହା କ୍ଷେତ୍ରଙ୍କ ଘରକୁ ଆସିଥିଲେ। କ୍ଷେତ୍ରକୁ ଅଧିକା ଟଙ୍କା ରୋଜଗାର କରିବାକୁ ପ୍ରଲୋଭନ ଦେଖାଇଥିଲେ।କୁଲି କାମ କରେଇବାକୁ ସାଙ୍ଗରେ ଛତିଶଗଡ଼ର ରାଜଧାନୀ ରାୟପୁରକୁ ନେଇ ଯାଇଥିଲେ। ୪-୧୧-୨୦୨୩ ତାରିଖ ଦିନ ସଞ୍ଜିପ ଓ ନୀଳାରାଣି ରାୟପୁର ଠାରୁ ଉମରକୋଟ ଫେରି ଆସିଥିଲେ। କିନ୍ତୁ ସାଙ୍ଗରେ କ୍ଷେତ୍ରକୁ ଆଣି ନଥିଲେ। କ୍ଷେତ୍ରଙ୍କ ବିଷୟରେ ପରିବାର ଲୋକେ ସଞ୍ଜିପକୁ ପଚାରିବାରୁ ସଞ୍ଜିପ କ୍ଷେତ୍ରର ଦରମା ବାବଦକୁ ପ୍ରତି ମାସରେ ୧୦୦୦୦/ ଟଙ୍କା ଦେବି ବୋଲି କହିଥିଲେ। ଏହି ପରି ଦଶମାସ ଟଙ୍କା ଦେଇଥିଲେ ସଞ୍ଜିପ। ସେହି ଟଙ୍କାରେ ପରିବାର ଚଳାଉଥିଲେ ସୁଶିଳା। ଏବେ କିଛି ମାସ ହେବ ଆଉ ଟଙ୍କା ଦେଉନାହାନ୍ତି ସଞ୍ଜିପ। ପରିବାର ଚଳାଇବା କଷ୍ଟ ହେବାରୁ ସୁଶିଳା ଖୋଜିଥିଲେ କ୍ଷେତ୍ରକୁ । କ୍ଷେତ୍ର ଯେଉଁ ଦିନ ଘରୁ ବାହାରି ରାୟପୁର ଯାଇଥିଲେ ତାହା ଥିଲା କ୍ଷେତ୍ର ଓ ପରିବାର ମଧ୍ୟରେ ଶେଷ ଦେଖା।ଏହା ପରଠାରୁ କ୍ଷେତ୍ର ଓ ପରିବାର ମଧ୍ୟରେ କୌଣସି ସମ୍ପର୍କ ହୋଇନଥିଲା।କ୍ଷେତ୍ର କେଉଁ ଠାରେ ଅଛି ତାହା ଜାଣିବାକୁ ପରିବାର ଲୋକେ ସଞ୍ଜିପ କୁ ପଚାରି ବୁଝିଥିଲେ। କିନ୍ତୁ ସଞ୍ଜିପ କ୍ଷେତ୍ର ଙ୍କ ଠିକଣା ଜାଣି ନଥିବା କହିଥିଲେ। ଯଦି ସଞ୍ଜିପ କ୍ଷେତ୍ରଙ୍କ ବିଷୟରେ କିଛି ଜାଣି ନାହାନ୍ତି ତାହାହେଲେ ସେ କ୍ଷେତ୍ରର ପରିବାରକୁ ପ୍ରତି ମାସରେ ୧୦୦୦୦ଟଙ୍କା ଦେଉଥିଲେ କାହିଁକି ଏହା ଏକ ପ୍ରଶ୍ନବାଚି ! ଏ ନେଇ ସୁଶିଳା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ରେ ଉଲ୍ଲେଖ ଅଛି ଯେ ସଞ୍ଜିପ ମୋ ସ୍ୱାମୀଙ୍କୁ ମାରି ଦେଇଛି। ଯଥା ଶୀଘ୍ର ମୋ ସ୍ୱାମୀଙ୍କୁ ମୋତେ ଆଣି ଦିଅନ୍ତୁ ବୋଲି ନିବେଦନ କରିଛନ୍ତି ।ବାପାର ଫେରିବା ବାଟକୁ ଚାହିଁଛି କ୍ଷେତ୍ର ଙ୍କ ୯ ବର୍ଷ ର ପୁଅ। ବର୍ତମାନ ଦେଖିବାକୁ ବାକି ରହିଲା ଦାଦନ ଖଟେଇବାକୁ ନେଇଥିବା ସଞ୍ଜିପ ଶାହା କ୍ଷେତ୍ର କୁ ତାଙ୍କ ପରିବାର ସହିତ ଭେଟ କରିବେ ନା ଖୋଦ କ୍ଷେତ୍ର ଫେରିଆସିବେ ?

# ଓଡିଶା ଟପର ବବିତା ରଥ ସମ୍ବର୍ଦ୍ଧିତ



ବରଗଡ(ଭାସ୍କର ନ୍ୟୁଜ୍): ମାୟ ଫିନହବ ଫାଇନାନ୍ସିଆଲ୍ ରିଲାକ୍ସେସନ୍ ସଂସ୍ଥା ସମାଜରେ ଆର୍ଥିକ ଉନ୍ନତି କ୍ଷେତ୍ରରେ କାର୍ଯ୍ୟଶୀଳ ଥିବା ସହିତ ଶିକ୍ଷା କ୍ଷେତ୍ରରେ ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ତାଙ୍କର ପ୍ରତିଭା ବିକାଶ ପାଇଁ ଉତ୍ସାହିତ କରି ଆସୁଛି। ସମଗ୍ର ଓଡ଼ିଶା ରାଜ୍ୟରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବାଧିକ ଅଙ୍କ ପ୍ରାପ୍ତ କରିଥିବା ଛାତ୍ରୀ ବବିତା ରଥଙ୍କୁ ମାୟ ଫିନହବ ସଂସ୍ଥା ପକ୍ଷରୁ ସ୍ମୃତିଚିହ୍ନ, ପୁଷ୍ପମାଲ୍ୟ, ଉପହାର ସାମଗ୍ରୀ ସହ ଧନରାଶି ପ୍ରଦାନ କରି ସମ୍ମାନିତ ତଥା ସମ୍ବର୍ଦ୍ଧିତ କରାଯାଇଛି। ଏହା ସହିତ, ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ ଏକ ଶୁଭେଚ୍ଛା ପତ୍ର ଦେଇ ବବିତା ରଥଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି। ଏହି ସମ୍ମାନ ପ୍ରଦାନ ଅବସରରେ ମାୟ ଫିନହବର ଚିଫ୍ ଏକ୍‌ଜିକ୍ୟୁଟିଭ୍ ପାର୍ଟନର୍ ଜୟପ୍ରକାଶ ଅଗ୍ରୱାଲ, ପାର୍ଟନର୍ ରେଣୁ ଅଗ୍ରୱାଲ, ଭଗବାନ ମିଶ୍ର ସ୍ମୃତି ସମିତି ସଭାପତି ସରଦାର ପ୍ରୀତମ ସିଂହ, ବାଳକୃଷ୍ଣ ମିଶ୍ର, ନବକୃଷ୍ଣ ମିଶ୍ର, ଖୁସ୍‌ବୁ ଶର୍ମା, ମୋନାଲିସା ବେହେରା ଓ ବିକାଶ ବର୍ମା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସିଦ୍ଧାନ୍ତ ପତ୍ରିକାର ରୌପ୍ୟ ଜୟନ୍ତୀ ପାଳିତ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍):ସ୍ଥାନୀୟ ବିଶ୍ୱନାଥ କଲ୍ୟାଣ ମଣ୍ଡପ ଠାରେ ପାରଳାଖେମୁଣ୍ଡିର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସିଦ୍ଧାନ୍ତର ରୌପ୍ୟ ଜୟନ୍ତୀ ଉତ୍ସବ ମହା ସମାରୋହରେ ପାଳନ ହୋଇସାରିଛି। ଅନୁଷ୍ଠାନର ଅଧ୍ୟକ୍ଷା ଡ. ଅନ୍ନପୂର୍ଣ୍ଣା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ବିଶିଷ୍ଟ ଅତିଥି ସୁଶ୍ରୀ କିରଣ୍ ଦୀପ କୌର୍ ସହତା, ଉପଜିଲ୍ଲାପାଳ (ଗୁଣୁପୁର), ସ୍ୱତନ୍ତ୍ର ଅତିଥି ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ(ବ୍ରହ୍ମପୁର), ସମ୍ମାନନୀୟ ଅତିଥି ଡ.ସୁରେନ୍ଦ୍ର ନାଥ ସାହୁ(କବିସୂର୍ଯ୍ୟ ନଗର), ଡ.ସୁଜିତ୍ କୁମାର ପଣ୍ଡା (ଧରାକୋଟ), ମଞ୍ଚ ମଣ୍ଡନ କରିଥିଲେ। ଏହି ଅବସରରେ ଉପାନ୍ତ ପ୍ରହରୀ ପୂର୍ଣଚନ୍ଦ୍ର ମହାପାତ୍ର ଏବଂ ବି. କୋମଳାଙ୍ଗୀଙ୍କ ରଚିତ ପୁସ୍ତକ ‘ଓଡ଼ିଶାର ଦକ୍ଷିଣାଞ୍ଚଳ: ଆଧୁନିକତାର ଆବର୍ତ୍ତରେ ପ୍ରାଚୀନ ଶାବରୀ ସଂସ୍କୃତି’ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। ଏହା ସହିତ ରୌପ୍ୟ ଜୟନ୍ତୀ ବିଶେଷାଙ୍କ ସିଦ୍ଧାନ୍ତ ସ୍ୱତନ୍ତ୍ର ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ଶବର ସଂସ୍କାର ଓ ସଂସ୍କୃତି ଏକ ପ୍ରାଚୀନ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ସହ ନିବିଡ଼ତା ରହିଛି ଏକଥା ବକ୍ତାଗଣ କହିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଆକାଶବାଣୀ କଣ୍ଠଶିଳ୍ପୀ ବି. କୋମଳାଙ୍ଗୀ ଗାନ କରିଥିଲେ ସାରଙ୍ଗୀରେ ତ୍ରିନାଥ ରଇତ ବନ୍ସୀରେ ଗିତାନ ଭୂୟାଁ ଯୋଗ ଦେଇଥିଲେ। ଡ.ସୁରେନ୍ଦ୍ରନାଥ ସାହୁଙ୍କୁ ସିଦ୍ଧାନ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ଲାବଣ୍ୟ ଶବର, ତାରିଣୀସେନ ଦାଶ, କୃଷ୍ଣ ଶବର, ଫାଲ୍ଗୁନି ଶବର, ଗାୟତ୍ରୀ ଶବର, ହାରାବତୀ ଗମାଙ୍ଗ, ଆମ୍ରିତ୍ ପାଣିଗ୍ରାହୀଙ୍କୁ ସିଦ୍ଧାନ୍ତ ପତ୍ରିକା ସମ୍ମାନ ପ୍ରଦାନ କରାଯାଇଥିଲା । ସ୍ୱାଗତ ସମ୍ଭାଷଣ ଆଶାଲତା ପାଣିଗ୍ରାହୀ, ଧନ୍ୟବାଦ ଅର୍ପଣ ଭାରତ ଭୂଷଣ ମହାନ୍ତି, ମାନପତ୍ର ପାଠ ସ୍ନିଗ୍ଧା ମିଶ୍ର କରିଥିବାବେଳେ ସଭା ଶେଷରେ ଅରୂପାଞ୍ଜଳି ମହାନ୍ତିଙ୍କ ସଂଯୋଜନାରେ ଓଡ଼ିଶୀ ଓ କୁଚିପୁଡ଼ି ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟ ନିର୍ଦ୍ଦେଶନା ଡି.ପ୍ରିୟଙ୍କା, ଓ ଭି.ହିମାଗିରି ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ସଂଯୋଜନାରେ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଗଜପତି ବିଚିତ୍ରାନନ୍ଦ ବେବର୍ତ୍ତା କରିଥଲେ। ତ୍ରିପତି ପ୍ରସାଦ ପଣ୍ଡା, ମୁରଲୀଧର ପରିଚ୍ଛା, ବିଷ୍ଣୁ ପଣ୍ଡା,ସ୍ନେହ ବେହେରା,ରାଜେଶ୍ୱରୀ ସ୍ୱାଇଁ, ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ ସହଯୋଗ କରିଥିଲେ।

## ଏକାଦଶ ରାଜ୍ୟସ୍ତରୀୟ ପାରଳା ନାଟକ ମହୋତ୍ସବ ଦ୍ୱିତୀୟ ସଂଧ୍ୟା

# ‘ଭିନ୍ନ ଏକ ସହଯାତ୍ରୀ’ ମଞ୍ଚସ୍ଥ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ପାରଳାଖେମୁଣ୍ଡି ନଗର ଭବନ ଠାରେ କ୍ରିଏଟିଭ ଆର୍ଟସ ଦ୍ୱାରା ଆୟୋଜିତ ଏକାଦଶ ରାଜ୍ୟସ୍ତରୀୟ ପାରଳା ନାଟକ ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ଭୁବନେଶ୍ୱରର ପଞ୍ଚଧ୍ୱନୀ ଅନୁଷ୍ଠାନ ଦ୍ୱାରା ‘ଭିନ୍ନ ଏକ ସହଯାତ୍ରୀ’ ମଞ୍ଚସ୍ଥ ହୋଇଥିଲା। ଜିଲ୍ଲା ସଂସ୍କୃତି ପରିଷଦ ର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ସାଂସ୍କୃତିକ ସନ୍ଧ୍ୟାରେରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ଅଧ୍ୟକ୍ଷ ଡ଼ ତିରୁପତି ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ଦେବେନ୍ଦ୍ର ଦାସ୍ ,ବିଜେପି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ନବକିଶୋର ଶବର ତଥା କ୍ରିଏଟିଭ ଆର୍ଟସ୍‌ର ସଭାପତି ନୃସିଂହ ଚରଣ ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ଆଦର୍ଶ ଦାସ ମଞ୍ଚାସୀନ ଥିଲେ। ନାଟକ ଉତ୍ସବ ଆୟୋଜନ କରି ସାରା ଜିଲ୍ଲା ପାଇଁ ସୁନାମ ଅର୍ଜନ ସହ ନାଟ୍ୟ କଳାକୁ ବଞ୍ଚାଇ ରଖିଥିବା ପାଇଁ ଆୟୋଜକମାନଙ୍କ ଅତିଥି ମାନେ ପ୍ରଶଂସା କରିଥିଲେ। ଆୟୋଜକ ମାନଙ୍କ ପକ୍ଷରୁ ସଂସ୍କୃତି ଭବନ ସଠିକ ସ୍ଥାନରେ ନିର୍ମାଣ ନିମନ୍ତେ ପୁଣି ଦାବି ଉଠିଥିଲା। ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ ଉଦଘାଟନୀ ସଭାକୁ ସଭାପତିତ୍ୱ କରିଥିବାବେଳେ ସଂପାଦକ ମନୋଜ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ, ଅମୂଲ୍ୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ, ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦ ଅନୁଷ୍ଠାନର କଳାକାର ମାନେ ନାଟକ ‘ଭିନ୍ନ ଏକ ସହଯାତ୍ରୀ’ ପରିବେଷଣ କରିଥିଲେ। ବର୍ତ୍ତମାନ୍ ସମାଜରେ ଯେ ଯେଉଁ ବୃତ୍ତି ରେ ରହୁଛନ୍ତି ସେହି ବୃତ୍ତି ରେ ରହୁଥିବା ଝିଅ ବା ପୁଅଙ୍କୁ ହିଁ ବାହା ହୋଇ ଜୀବନଯାପନ କରିବା ଏକ ଟ୍ରେଣ୍ଡ ହେଇ ସାରିଛି। ଭିନ୍ନ ବୃତ୍ତି ରେ ମଧ୍ୟ ଜଣେ ବାହା ହୋଇ ସମାଜରେ ଜୀବନଯାପନ କରିପାରିବେ । ଏକ ଏଭଳି ଏକ ସୁନ୍ଦର କାହାଣୀକୁ ନେଇ ନାଟକ ‘ଭିନ୍ନ ଏକ ସହଯାତ୍ରୀ’ ମଞ୍ଚସ୍ଥ ହୋଇଥିଲା। ନାଟକ କୁ ପଞ୍ଚାନନ ଦାସ ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ମଳୟ କୁମାର ମହାନ୍ତି। କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଂଚ ସମ୍ମୁଖରେ ବାନ୍ଧି ରଖିବା ସହ ମନ ଜିଣିଥିଲେ। ଏହି ଅବସରରେ ପ୍ରବୀଣ ପଣ୍ଡା ସ୍ମୃତି ସମ୍ମାନରେ ନାଟ୍ୟକାର ପଞ୍ଚାନନ ଦାସଙ୍କୁ ସମ୍ମାନିତ କରାଯାଇଥିଲା।

# ଚୋରି ମାମଲାରେ ୨ ଗିରଫ



ଉମରକୋଟ(ଭାସ୍କର ନ୍ୟୁଜ୍): ଜମିରେ ଫସଲ ନିମନ୍ତେ ପାଣି ମଡାଇବା ପାଇଁ ଲାଗିଥିବା ମୋଟର ଚୋରି କରି ଦୁଇ ଜଣ ଯୁବକ ଗିରଫ ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ଗିରଫ ହୋଇଥିବା ଯୁବକମାନେ ହେଲେ ଉମରକୋଟ ବ୍ଲକ ଅଧିକାରୀ ଗୁଡା ସତନାମି ପାରାର ଉତ୍ତମ ସତନାମି (୨୦) ଓ ମନିଷ ସତନାମି (୨୨)। ପୋଲିସ ଏହି ଦୁଇ ଜଣ ଙ୍କ ଠାରୁ ଗୋଟିଏ ମୋବାଇଲ, ଗୋଟିଏ ବାଇକ୍ ଓ ଗୋଟିଏ ୧.୫ଏଚ୍‌ପି ପାଣି ମୋଟର ଜବତ କରିଛି। ମିଳିଥିବା ସୂଚନା ଅନୁସାରେ ଅଧିକାରୀଗୁଡା ଗ୍ରାମର ପ୍ରବିଣ ମଣ୍ଡଳ (୨୨) ନିଜ ଚାଷ ଜମିରେ ବୋର ଖୋଳି ଏକ ୧.୫ ଏଚ୍‌ପିର ମୋଟର ଲଗାଇ ଚାଷ କରୁଥିଲେ। ଚଳିତ ମାସ ୨ ତାରିଖ ଦିନ ଅପରାହ୍ନ ଚାରିଟା ସମୟରେ ଜମିରେ ମୋଟର ଲାଗିଥିବା ଦେଖିଥିଲେ। ୩ ତାରିଖ ଦିନ ସକାଳ ୬ ଘଣ୍ଟା ସମୟରେ ଜମିକୁ ଯାଇ ଦେଖିଲେ ଯେ ପାଣି ମୋଟର କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛି। ବହୁ ଖୋଜାଖୋଜି କରିବା ପରେ ମୋଟର ନମିଳିବାରୁ ଏନେଇ ୪ ତାରିଖ ଦିନ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତି କରି ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରିଥିଲେ। ତଦନ୍ତ ପରେ ପୋଲିସ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଏହି ଦୁଇ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇଦିଆଯାଇଛି। ଏହି ଚୋରି କେସର ତଦନ୍ତ ଭାର ଏସ୍‌ଆଇ ସଞ୍ଜୟ ମଣ୍ଡଳ ସମ୍ଭାଳିଥିଲେ।

# ନବୀନଙ୍କୁ କୃତଜ୍ଞତା ଜଣାଇଲେ ରମେଶ



ଉମରକୋଟ (ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀ ରମେଶ ଚନ୍ଦ୍ର ମାଝୀଙ୍କୁ ମନୋନୀତ କରାଯାଇଛି ଶ୍ରୀ ମାଝୀ ଜଣେ ଦକ୍ଷ ସଙ୍ଗଠକ ସହ ଜଣେ ଶୃଙ୍ଖଳିତ ନେତା ତାଙ୍କ ନେତୃତ୍ୱରେ ରାଜ୍ୟ ବିଜୁ ଜନତା ଦଳ ଅଧିକ ମଜବୁତ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଶ୍ରୀ ମାଝୀଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଥିବାରୁ ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଆନନ୍ଦର ଲହରୀ ଖେଳିଯାଇଛି। ଏଥିପାଇଁ ରମେଶ ଚନ୍ଦ୍ର ମାଝୀ ଦଳର ସୁପ୍ରିମ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ବିଜୁ ଜନତା ଦଳ କିପରି ସଂଗଠିତ ହୋଇ ରାଜ୍ୟରେ ରାଜନୀତି କ୍ଷମତାକୁ ଆସିବ ସେଥିପାଇଁ ସମ୍ପୂର୍ଣ୍ଣ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



ପାରଳାଖେମଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନୀଲ କାନ୍ତ ମହାନ୍ତି, ଶଙ୍କର କେରକେଟା, ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଓ କେ. ନାଗରଜୁ, ବନଖଣ୍ଡ ଅଧିକାରୀ, ପାରଳାଖେମୁଣ୍ଡି, ଅଭିଯୋଗ ଶୁଣାଣିରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୫୫ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୪୫ ଗୋଟି, ଗ୍ରାମଭିତ୍ତିକ ସମସ୍ୟା- ୧୦ ଗୋଟି ଓ ୨ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଆଲ୍ଲୀ, ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋରାଚନ୍ଦ୍ର ପଟ୍ଟନାୟକ , ସ୍ଥାନୀୟ ତହସିଲଦାର ନାରାୟଣ ବେହେରାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

# କ୍ଷତ୍ରୀୟ ସମାଜର ପ୍ରଥମ ମାସିକ ବୈଠକ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ଉଦୟପୁର ଠାରେ ବ୍ଲକ କ୍ଷତ୍ରୀୟ ସମାଜ ତରଫରୁ ପ୍ରଥମ ମାସିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାରୁ ବଦ୍ରୀ ନାରାୟଣ ସିଂହ, ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀ ଭୁବନେଶ୍ୱର ସୁର , ଗୋପାଳକୃଷ୍ଣ ଭଞ୍ଜ,ଦେବୀ ପ୍ରସାଦ ସିଂହ,ସରୋଜ କୁମାର ପରିଛା ଉପସ୍ଥିତ ରହିଥିଲେ । ବ୍ଲକ ସଭାପତି କିଶୋର ଚନ୍ଦ୍ର ସିଂହ ସମସ୍ତ ଅତିଥିଙ୍କୁ ମଞ୍ଚରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବୈଠକର ଶୁଭାରମ୍ଭ କରିଥିବା ବେଳେ ଉପସ୍ଥିତ ସମସ୍ତ ଅତିଥି ସଂଗଠନକୁ ସୁଦୃଢ କରିବା ପାଇଁ ବିଭିନ୍ନ ବିଷୟରେ ଆଲୋକପାତ କରି ନିଜ ନିଜ ର ବକ୍ତବ୍ୟ ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ସମସ୍ତ କ୍ଷତ୍ରୀୟ ପରିବାରର ସଦସ୍ୟ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ । ତପନ କୁମାର ସିଂହ ଜିଲ୍ଲାରୁ ଆସିଥିବା ସମସ୍ତ ଅତିଥି ଏବଂ ବ୍ଲକସ୍ତରୀୟ କର୍ମକର୍ତ୍ତା ଓ କ୍ଷତ୍ରୀୟ ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସହିଦ ସ୍ମୃତି ସ୍ତମ୍ଭ ଓ ପାର୍କର ଉନ୍ନତିକରଣ ନିମନ୍ତେ ବୈଠକ



ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୁଲ୍ୟରେ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଠାରେ ଦେଶ ପାଇଁ ସହିଦ ହୋଇଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସହିଦ ସ୍ମୃତି ପାର୍କ ନିର୍ମାଣ ବାବଦକୁ ୬ କୋଟି ଟଙ୍କା ଅନୁମୋଦନ ହୋଇଯାଇଅଛି । ଏହି ସହିଦ ସ୍ମୃତି ପାର୍କ ର ନିର୍ମାଣ ଓ ଉନ୍ନତିକରଣ ନିମନ୍ତେ କିଭଳି ରୂପରେଖ ତିଆରି ହେବ ଏବଂ ଏ ସମ୍ବନ୍ଧୀୟ ସର୍ବ ସମ୍ମତି କ୍ରମେ ପଦକ୍ଷେପ ପ୍ରସ୍ତାବ ଗ୍ରହଣ ପାଇଁ ପାପଡ଼ାହାଣ୍ଡି ପଂଚାୟତ ସମିତି ସମ୍ମିଳନୀ ଗୃହରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏଥିରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ବିଧାୟକ ଡାବୁ ଗାଁ ମନୋହର ରାନ୍ଧାରୀ , ଜିଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ପୂର୍ବତନ ଲୋକସଭା ସଦସ୍ୟ ପର୍ଶୁରାମ ମାଝୀ, ପଂଚାୟତ ସମିତି ଅଧ୍ୟକ୍ଷା ହେମଲତା ମାଝୀ, ଆଦିବାସୀ ସହିଦ ସ୍ମୃତି କେନ୍ଦ୍ର ସଭାପତି ମୁନା ତ୍ରିପାଠୀ,ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ସର୍ବସମ୍ମତି କ୍ରମେ ସହିଦ ସ୍ମୃତି ପାର୍କ ପାଇଁ ନବରଙ୍ଗପୁର ଉମରକୋଟ ରାସ୍ତାରେ ୫ ଏକର ଜାଗା ଚିହ୍ନଟ କରାଯିବ। ସହିଦ ସଂଗ୍ରାମୀ ଙ୍କ ନାମ ସ୍ମୃତି ସ୍ତମ୍ଭ ରେ ସ୍ଥାପନ କରାଯିବ।ଏକ କମିଟି ଗଠନ କରାଯାଇ ସେଥିରେ ସହିଦ ପରିବାରଙ୍କ ଦାୟଦ, ଜନ ପ୍ରତିନିଧି, ସହରର ବୁଦ୍ଧିଜୀବୀ ,ଏ ସମ୍ବଧୀୟ ଗବେଷଣା ନିବନ୍ଧ ରେ ସଂପୃକ୍ତ ବ୍ୟକ୍ତିବିଶେଷ,ପ୍ରଶାସନିକ ଅଧିକାରୀଙ୍କୁ ସାମିଲ କରାଯିବା ସହିଦ ସ୍ମୃତି ପାର୍କ ରେ ପ୍ରବେଶ ଗେଟ, ଷ୍ଟାଚ୍ୟୁ ଏରିଆ, ୱାଟର ଫାଉଣ୍ଟେନ୍ , ପାର୍କ, ଶିଶୁ ଉଦ୍ୟାନ, ପାଠାଗାର, ଶୌଚାଳୟ, ସିଟିଂ ଏରିଆ, ପ୍ରାର୍ଥନାସ୍ଥଳ,ସାଂସ୍କୃତିକ ଉତ୍ସବ ସ୍ଥଳ, ଭିଜୁଆଲ ଗ୍ୟାଲେରୀ ଓ ଅନ୍ୟାନ୍ୟ ସ୍ମୃତି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ପ୍ରସ୍ତାବ ଗ୍ରହଣ କରାଗଲା। ସଭାରେ ଉପଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା,ବିଡିଓ ମନୋଜ କୁମାର ପାଣିଗ୍ରାହୀ, ସହିଦ ସ୍ମୃତି କମିଟି ସଭ୍ୟ,ସ୍ୱାଧୀନତା ସଂଗ୍ରାମୀ ଦାୟଦ, ଉଦ୍ଧବ ପ୍ରଧାନୀ, ଟଙ୍କଧର ଗଉଡ, ସିରାଜୁଦ୍ଦିନ ଅହମଦ,ବିଶେଷ ଗବେଷକ ଡ ବିଜୟ ମିଶ୍ର, ସ୍ୱାଧୀନ ପଟ୍ଟନାୟକ, ଏସଇ ଆର୍ ଏଣ୍ଡ ବି କ୍ଷିରୋଧର କନ୍ଧପାଣ , ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା, ଡିସିଓ ଘାଷିଆ ହରିଜନଙ୍କ ସମେତ ସହରର ବିଶିଷ୍ଟ ବ୍ୟକ୍ତି, ପଂଚାୟତ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମୁନା ତ୍ରିପାଠୀ ସମସ୍ତଙ୍କ ମିଳିତ ସହଯୋଗ କାମନା କରି ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର ଓ ସରକାରୀ ମହିଳା ମହାବିଦ୍ୟାଳୟ ମଧ୍ୟରେ ଚୁକ୍ତିନାମା



ପଦ୍ମପୁର(ଭାସ୍କର ନ୍ୟୁଜ୍): ଗବେଷଣା ତଥା ଅନ୍ୟାନ୍ୟ ଗୁଣାତ୍ମକ କାର୍ଯ୍ୟାବଳୀ ଗୁଡ଼ିକର ବିକାଶ ଉଦ୍ଦେଶ୍ୟରେ ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର ସହିତ ଅଞ୍ଚଳ ମହାବିଦ୍ୟାଳୟ, ପଦ୍ମପୁରର ଏମ.ଓ.ୟୁ ସ୍ୱାକ୍ଷରିତ ହୋଇଯାଇଛି। ଏହି ସ୍ୱାକ୍ଷରନାମା ସମୟରେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରୋ. ରାଜଶ୍ରୀ ବରାଳ,ଆଇ.କ୍ୟୁ.ଏ. ସି. ସଂଯୋଜକ ଡଃ. ସୁବାସ ଚନ୍ଦ୍ର ଭୋଇ ଏବଂ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରୋ. ଲଳିତ ମୋହନ ପଣ୍ଡା,ଆଇ.କ୍ୟୁ.ଏ. ସି. ସଂଯୋଜକ ପ୍ରୋ. ନବକୃଷ୍ଣ ମିଶ୍ର ଉପସ୍ଥିତ ଥିଲେ। ଏହି ସମୟରେ ଉଭୟ ଶିକ୍ଷାନୁଷ୍ଠାନ ମଧ୍ୟରେ ଏମ.ଓ.ୟୁର ବିନିମୟ ହୋଇଥିଲା । ଏହି ଏମ.ଓ.ୟୁ ପରେ ଉଭୟ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ବିଭିନ୍ନ ଆଲୋଚନା ଚକ୍ର, କର୍ମଶାଳା, ଗବେଷଣା ଇତ୍ୟାଦି କାର୍ଯକ୍ରମଗୁଡ଼ିକର ଆୟୋଜନ କରାଯାଇ ପାରିବ। ଯାହା ଦ୍ୱାରା କି ଉଭୟ ଅନୁଷ୍ଠାନର ଉଚ୍ଚଶିକ୍ଷାର ଗୁଣବତ୍ତାର ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ଏହି ଏମ.ଓ.ୟୁ ପାଇଁ ଉଭୟ ଅନୁଷ୍ଠାନର ପ୍ରାଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ,ପ୍ରାଧ୍ୟାପକ ଖଗେଶ୍ୱର ଦାଶ, ଡଃ ତୁଷାରକାନ୍ତ ସାହୁ, ଭୋଜରାଜ୍ ରୋହିଦାସ, ପ୍ରଶାନ୍ତ ସାହୁ, ଡଃ ଭେଙ୍କଟେଶ୍ୱର ମେହେର, ସଞ୍ଜୟ ପଟ୍ଟନାୟକ, ସସ୍ମିତା ମେହେରଙ୍କ ସମେତ ସମସ୍ତ ପ୍ରଧ୍ୟାପକ, ପ୍ରଧ୍ୟାପିକ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ରଥଯାତ୍ରା ୨୦୨୫ ସମୟରେ ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ଭାବରେ ଭକ୍ତମାନେ ଯାତ୍ରା କରିପାରିବେ ବୋଲି ନିଶ୍ଚିତ କରିବାକୁ, ଏସ୍ ?ପି ପୁରୀ ଶ୍ରୀ ବିନିତ ଅଗ୍ରୱାଲ, ଆଇପିଏସ ଆଜି ମସାଣିଚଣ୍ଡୀ ଛକ, ମାର୍କଣ୍ଡେଶ୍ୱର ମନ୍ଦିର, ପାଣ୍ଡେ ଜାଗା ଦେଇ ଗଡ଼ନ୍ତିଛକରେ ପହଁଚିଥିଲେ। ଏହି ଗସ୍ତ ସମୟରେ ସ୍ଥାନୀୟ ନିବାସୀମାନେ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗଗୁଡ଼ିକୁ ଗ୍ରହଣ କରିଛନ୍ତି। ମୁଖ୍ୟ ଅଭିଯୋଗଗୁଡ଼ିକ ରାସ୍ତା ମଧ୍ୟରେ ପର୍ଯ୍ୟାପ୍ତ ଦିଗ୍ଦର୍ଶନ ସାଇନବୋର୍ଡ ନଥିବା ଭକ୍ତମାନେ ନିର୍ଦ୍ଦିଷ୍ଟ ମାର୍ଗ ଜାଣିନଥିବାରୁ ସମସ୍ୟା। ଏସ୍‌ପି ପୁରୀ ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଗମ୍ଭୀରତା ସହିତ ଗ୍ରହଣ କରି ସମୟମଧ୍ୟରେ ସମାଧାନ କରାଯିବ ବୋଲି ନିଶ୍ଚିତ ଆଶ୍ୱାସନ ଦେଇଛନ୍ତି। ଏହି ଗସ୍ତ ସମୟରେ ଏସ୍‌ପି ପୁରୀ ଯେଉଁଥିରେ ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ୨୦୨୫ ପାଇଁ ଭକ୍ତମାନଙ୍କ ଗୁଡିକୁ ଲେନ୍ ଭିତ୍ତିକ ଆଗମନ କେମିତି ବଡଦାଣ୍ଡକୁ ପ୍ରବେଶ କରାଯିବ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀମାନେ ହେଲେ ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ,ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି,ବାସେଲିସାହି ଆଇଆଇସି ବିକ୍ରମ କିଶୋର ଜେନା,ମନ୍ଦିର ଏସି ଘନଶ୍ୟାମ ହେମ୍ବ୍ରମ,ମନ୍ଦିର ଏସି ବିଜୟ ନନ୍ଦ ଏସ୍‌ପି ପୁରୀ ସମସ୍ତ ଅଧିକାରୀଙ୍କୁ ସଂବେଦନଶୀଳ ଏବଂ ଭୀଡ ଅଞ୍ଚଳ ଚିହ୍ନଟ କରି ମାଇକ୍ରୋ ଯୋଜନା ପ୍ରସ୍ତୁତି ନିମିତ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସେ ମନ୍ଦିର ପ୍ରଶାସନ, ପୋଲିସ ଓ ସେଠାକାର ଲୋକମାନଙ୍କ ସହ ସମନ୍ୱୟ ରଖି ଭକ୍ତମାନଙ୍କ ପାଇଁ ସୁରକ୍ଷିତ ଓ ଆଧ୍ୟାତ୍ମିକ ଅନୁଭବ ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।

## AFFIDAVIT

By virtue of an affidavit sworn before the executive magistrate, Jatni, on date 22.01.2025 vide Serial No-07. That I am "Jyotsnarani Baliarsingh. D/o-Prabir Baliarsingh, village-Basantapur, Po-Motori, P.S-Delange, Dist-Puri. Pin-752015, Declar that my actual name is "Jyotsnarani Baliarsingh", D/o- Prabir Baliarsingh and my Date Of Birth is 08-02-2007 in my Educational record but wrongly in my Adhar Card my name is recorded as "JYOTSNA BALIARSINGH" and date of birth 07-11-2007. "Jyosharani Baliarsingh and Jyotna Baliarsingh" both are same person. This affidavit is to be produced before concerned authority for correction of Adhar Card.

**Sd/-Jyotnarani Baliarsingh**

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 03.05.2025, I Sudhir Behera, Address: At-Kandarasuni, Po- Hindol, Ps-Hindol, Dist- Dhenkanal, Odisha, PIN-759022, declare that I have changed my son's name from Rakes Behera to Rakesh Kumar Behera. Henceforth, He shall be known as Rakesh Kumar Behera for all purposes.

**Sd/- Sudhir Behera**

## AFFIDAVIT

By virtue of an affidavit sworn before the Executive Magistrate, Jaleswar, dated:L 06.05.2025, I Chinmoy Sahu, Address: At- Santia, Po-Jaleswar, Ps- Jaleswar, Dist-Balasore, Odisha, PIN-756032, declare that I have changed my name from Kamalakanta Sahu to Chinmoy Sahu. Henceforth, I shall be known as Chinmoy Sahu for all purposes.

**Sd/- Chinmoy Sahu**

## AFFIDAVIT

By virtue of an affidavit sworn before the Executive Magistrate, Niali, dated: 05.05.2025, I Meeta Sethi, Address: village- Dahijanga, Po- Bilasuni, Ps- Niali, Dist-Cuttack, Odisha, PIN-754004, declare that I have changed my name from Meeta Ramesh Shetty to Meeta Sethi. Henceforth, I shall be known as Meeta Sethi for all purposes.

**Sd/- Meeta Sethi**

# ଖୋର୍ଦ୍ଧା ଜିଲ୍ଲା ବିକାଶ, ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ କମିଟିର ବୈଠକ




ଖୋର୍ଦ୍ଧା (ଭାସ୍କର ନ୍ୟୁଜ): ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ବିକାଶ, ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କମିଟିର ଅଧକ୍ଷ ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଞ୍ଜନ ବଡ଼ଜେନାଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାରେ ସମସ୍ତ ବିଧାୟକ, ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକର ପରିଚାଳନା କରିଥିଲେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା । ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ୪୮ଟି ପ୍ରମୁଖ ଯୋଜନାର କାର୍ଯ୍ୟକାରିତା ଏବଂ ଅଗ୍ରଗତି ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଯେମିତିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନା । ଏହି ଯୋଜନାର ଲାଭ ଯେମିତି ପ୍ରତିଟି ହିତାଧିକାରୀ ପାଇପାରିବେ ସେନେଇ ବୈଠକରେ ଗୁରୁତ୍ୱାରୋପ କରିଥିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ । ଯେମିତି କଚ୍ଚା ଘରେ ରହୁଥିବା ଲୋକେ ପକ୍କା ଘର ପାଇପାରିବେ । ସେନେଇ ବରିଷ୍ଠ ଅଧିକାରୀଙ୍କ ସହ ବିଧାୟକମାନଙ୍କୁ ମଧ୍ୟ ଏହାର ଉତ୍ତରଦାୟିତ୍ୱ ଦେଇଛନ୍ତି ଅପରାଜିତା । ଖାଲି ସେତିକି ନୁହେଁ । ବିଡିଓମାନେ ଘର ଘର ବୁଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାକୁ ଥିବା ହିତାଧିକାରୀଙ୍କର ଏକ ରିପୋର୍ଟ ପ୍ରସ୍ତୁତ କରିବେ । ଆଉ ସେହି ଅନୁଯାୟୀ ଆଗାମୀ ଦିନରେ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କରାଯିବ । ସେହିପରି ଜଳସେଚନ, ବିଜୁଳି ଭଳି ୪୮ଟି ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଜିର ଜିଲ୍ଲା ବିକାଶ, ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ କମିଟିର ବୈଠକରେ ଯୋଜନାର କାର୍ଯ୍ୟକାରିତା ନେଇ ବିଭାଗୀୟ ଅଧିକାରୀଙ୍କୁ ଡେଡ୍ ଲାଇନ୍ ମଧ୍ୟ ପ୍ରଦାନ କରାଯାଇଛି । ନିର୍ଦ୍ଧାରିତ ସମୟସୀମାନ ମଧ୍ୟରେ ଯେମିତି ଉତ୍ତମ ଗୁଣବତ୍ତା ବଜାଇ ରଖି ସମସ୍ତ କାର୍ଯ୍ୟ ସମାପନ କରାଯିବ ସେନେଇ ଅଧିକାରୀମାନଙ୍କୁ ତାଗିଦ୍ ମଧ୍ୟ କରାଯାଇଛି । ପ୍ରତି ୩ ମାସରେ ଥରେ ଏହି ବୈଠକ ଅନୁଷ୍ଠିତ ହୁଏ । ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ ।

## AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated. 06.05.2025, I RANJITA NAIK, 40 y w/o- DINESH NAIK, Vill-parajabarang padar Po--deopali p/s khatiguda ,Dist-Nabarangpur, Odisha, declare that. I have changed my minor doughter's name from SUNELI NAIK to BIPASHA NAIK Henceforth he shall be known as BIPASHA NAIK for all purposes.

**Sd/- RANJITA NAIK**

## AFFIDAVIT

By virtue of an affidavit sworn before the Executive Magistrate, Salipur, dated: 01.05.2025, I Priyadarshini Mall, Address: village-Mandasahi, Po- Mandasahi, Ps- Jagatsinghpur, Dist-Jagatsinghpur, Odisha, PIN-754114, declare that I have changed my name from Priyadarshini Mohanty to Priyadarshini Mall. Henceforth, I shall be known as Priyadarshini Mall for all purposes.

**Sd/- Priyadarshini Mall**

## AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated. 22.04.2025, I Gurubari Muduli, W/o- Bhagat Muduli, Vill- Badadebataguda, Po-Manchagam, Ps- Khatiguda, Dist-Nabarangpur, Odisha, declare that. I have changed my name from Gurubari Jani to Gurubari Muduli. Henceforth I shall be known as Gurubari Muduli for all purposes.

**Sd/- Gurubari Muduli**

# ଚାନ୍ଦପୁର ମେଡିକାଲରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା

ଟାଙ୍ଗୀ(ଭାସ୍କର ନ୍ୟୁଜ): ଚାନ୍ଦପୁର ମେଡିକାଲରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଜଣେ ରୋଗୀର ମୃତ୍ୟୁ ହୋଇଛି । ଏହି ଘଟଣାକୁ ନେଇ ଚାନ୍ଦପୁର ମେଡିକାଲରେ ଚାପା ଉତ୍ତେଜନା ପ୍ରକାଶ ପାଇବାରୁ ପରିସ୍ଥିତିକୁ କଣ୍ଟ୍ରୋଲ କରିବା ପାଇଁ ଚାନ୍ଦପୁର ଥାନା ପୋଲିସ ହସ୍ତକ୍ଷେପ କରିବାକୁ ପଡିଲା । ଚାନ୍ଦପୁର ଥାନା କନ୍ଧନୟାଗଡ଼ ଗ୍ରାମର ସୋମନାଥ ପଲେଇ ଶାରୀରିକ ଅସୁସ୍ଥତା କାରଣରୁ ଚାନ୍ଦପୁର ସ୍ଥିତ ବସନ୍ତ ମଞ୍ଜୁରୀ ଜେନେରାଲ ହସ୍ପିଟାଲରେ ଚିକିତ୍ସା ହେଉଥିଲେ । ଚିକିତ୍ସା ହେଉଥିବା ବେଳେ ସୋମନାଥ ପଲେଇ ଙ୍କର ହଠାତ୍ ମୃତ୍ୟୁ ହୋଇଗଲା । ସୋମନାଥ ପଲେଇ ଙ୍କର ଆକସ୍ମିକ ମୃତ୍ୟୁକୁ ନେଇ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଏଭଳି ଅଘଟଣ ଘଟିଛି ବୋଲି ମୃତକ ଆତ୍ମୀୟ ମାନେ ଅଭିଯୋଗ କରିଛନ୍ତି । ଚିକିତ୍ସା କରୁଥିବା ଡ଼ାକ୍ତର ବାବୁଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ସୋମନାଥ ପଲେଇ ଙ୍କର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ କରି ମେଡିକାଲ ପରିସରରେ ସ୍ଥାନୀୟ ସାଧାରଣ ଜନତା ହୋ-ହଲ୍ଲା କରିବା ଯୋଗୁଁ ମେଡିକାଲ ପରିସରରେ ଚାପା ଉତ୍ତେଜନା ଦେଖା ଦେଇଥିଲା । ଏପରିକି କିଛି ସମୟ ପର୍ଯ୍ୟନ୍ତ ମେଡିକାଲରେ ରୋଗୀ ଚିକିତ୍ସା ବନ୍ଦ ରହିଥିଲା । ମେଡିକାଲ ପକ୍ଷରୁ ଖବର ପାଇ ଚାନ୍ଦପୁର ପୋଲିସ ପହଞ୍ଚି ବୁଝାସୁଝା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା । ମୃତକ ପରିବାରର ଅଭିଯୋଗକୁ ଆଧାର କରି ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାଜିବ ସାଇରନ୍...

ଆକ୍ଟିଭ ରହିଛି। ଏହି ଅଭ୍ୟାସ ଗ୍ରାମୀଣ ସ୍ତରରେ ମଧ୍ୟ ଆଗକୁ କରାଯିବ। ସଂକଟଜନକ ସ୍ଥିତିରେ ନାଗରିକମାନେ କିପରି ସୁରକ୍ଷିତ ରହିପାରିବେ ସେ ନେଇ ଏହି ମକଡ୍ରିଲରେ ଲୋକଙ୍କୁ ସଚେତନ କରାଯିବ। ଏହି ଡ୍ରିଲରେ ସିଭିଲ ଡିଫେନ୍ସ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ହୋମଗାର୍ଡ, ଏନସିସି, ଏନଏସଏସର ଲୋକଙ୍କୁ ସାମିଲ କରାଯିବ। ଏହାଛଡ଼ା ସ୍କୁଲ କଲେଜ ଛାତ୍ର ମଧ୍ୟ ଭାଗ ନେବେ। ଏହାଛଡ଼ା ସାଧାରଣ ନାଗରିକଙ୍କୁ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏହି ଡ୍ରିଲର ୯ଟି ଉଦ୍ଦେଶ୍ୟ ରହିଛି। ଦେଶରେ ଏୟାର ରେଡ୍ ୱାର୍ଣ୍ଣିଂ ସିଷ୍ଟମର ସ୍ଥିତି ଏହାଫଳରେ ଆକଳନ କରାଯାଇପାରିବ। ଡ୍ରିଲବେଳେ ଏୟାରଫୋର୍ସ ସହ ହଟ୍‌ଲାଇନ୍ ଓ ରେଡିଓ କମ୍ୟୁନିକେସନକୁ ମଧ୍ୟ ଚେକ୍ କରାଯିବ। ଏହାଛଡ଼ା କଣ୍ଟ୍ରୋଲ ରୁମ୍‌ର ମଧ୍ୟ ଆକଳନ କରାଯିବ। ସାଧାରଣ ନାଗରିକ ଓ ଛାତ୍ରମାନେ କୌଣସି ବିପଦଜନକ ସ୍ଥିତିରେ ନିଜକୁ କିପରି ରକ୍ଷା କରିପାରିବେ ସେ ନେଇ ଅବଗତ କରାଯିବ। ଟ୍ରେନିଂବେଳେ ବ୍ଲାକଆଉଟ୍ ସମୟରେ କିଭଳି ନିଜକୁ ରକ୍ଷା କରିହେବ ସେ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ଲାକଆଉଟ୍ ଡ୍ରିଲବେଳେ ଲୋକେ ନିଜ ଘରର ଲାଇଟ୍‌କୁ କିଛି ସମୟ ପାଇଁ ବନ୍ଦ କରିବେ। ଦେଶର ୨୪୪ ଜିଲ୍ଲା ମଧ୍ୟରେ ଅମ୍ବାଲା, ଫରିଦାବାଦ, ଗୁରୁଗାମ, ହିସାର, ପଞ୍ଚକୁଲା, ପାନିପଥ, ରୋହତକ, ସିର୍ସା, ସୋନିପତ ଓ ଯମୁନାନଗର ସାମିଲ ରହିଛି। ସେହିପରି ଗୁଜରାଟର ଅହମ୍ମଦାବାଦ, ଜାମନଗର, ଗାନ୍ଧୀନଗର, ଭାବନଗର, କାଣ୍ଡଲା, ଅଙ୍କଲେଶ୍ୱର ରହିଥିବାବେଳେ ଜାମ୍ମୁକାଶ୍ମୀରର ଅନନ୍ତନାଗ, ବାରମୂଲା, ଦୋଦା, କୁପୱାରା,ଶାମ୍ବା, ଉରି, ନୌସେରା ଓ ଅଖପୁର ପ୍ରଭୃତି ସାମିଲ ରହିଛି। ସେହିପରି ଦିଲ୍ଲୀର ବହୁ ସ୍ଥାନରେ ମକଡ୍ରିଲ ହେବାର ବ୍ୟବସ୍ଥା ହୋଇଥିବାବେଳେ ଉତ୍ତରପ୍ରଦେଶର ସବୁ ଜିଲ୍ଲାକୁ ସାମିଲ କରାଯାଇଛି।

### ନିଖୋଜ ଖବର...

ସମସ୍ତେ ଭାବିଥିଲେ, ତାଙ୍କୁ କେହି ଅପହରଣ କରି ନେଇଛନ୍ତି। ଦୀର୍ଘ ୩ ଘଣ୍ଟା ପରେ ସିହୋରା ଷ୍ଟେସନରେ ସଂପର୍କକ୍ରାନ୍ତି ଏକ୍ସପ୍ରେସ୍‌ରେ ସେ ବସିଥିବା ଦେଖିବାକୁ ମିଳିଥିଲା। ତାଙ୍କ ହାତଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ସେ ସଂପର୍କକ୍ରାନ୍ତି ଏକ୍ସପ୍ରେସର କୋଚ୍ ନଂ ବି-୩ ଏବଂ ବର୍ଥ ନମ୍ବର ୫୭ରେ ବସିଥିଲେ। ତେବେ କୁହାଯାଉଛି, ରବିବାର ଭୋର ସମୟରେ ତାଙ୍କର ସୁଗର ଲେବଲ କମିଯାଇଥିଲା। ସେ ଟ୍ରେନରେ ଚଢିବା ସମୟରେ ଖସିପଡ଼ିବାରୁ ହାତ ଓ ଗୋଡ଼ରେ ଆଘାତ ଲାଗିଥିଲା।

### ୧୩ରେ ଆଣ୍ଡାମାନ...

ଡିଗ୍ରୀ ତଳେ ଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଗତ କିଛିଦିନ ହେବ ସାରା ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ଲାଗି ରହିଛି। ବର୍ଷା ସହ ଘଡ଼ଘଡ଼ି, ବିଜୁଳି ଓ ପବନ ବହୁଥିବାରୁ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟୁଛି। ଏପରିକି ରାଜଧାନୀ ଭୁବନେଶ୍ୱର ମଧ୍ୟ କାଳବୈଶାଖୀ ଦାଉରୁ ତ୍ରାହି ପାରିପାଇନାହିଁ । ଆହୁରି ଦୁଇଦିନ କାଳବୈଶାଖୀ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ପର୍ଯ୍ୟଟନ କ୍ଷେତ୍ରର...

ସୁଦୃଢ଼ୀକରଣ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ପୁରୀ ସହିତ ପାରାଦୀପରେ ମଧ୍ୟ ଏକ ନୂଆ ବିମାନ ବନ୍ଦର କରିବାର ଯୋଜନା ରହିଛି । ପୁରୀ ବିମାନ ବନ୍ଦରକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିବା ପରେ ଆହୁରି ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକ ଓଡିଶା ଆସିବାର ସୁଯୋଗ ପାଇବେ ଓ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

### ଦୀଘାରେ ସ୍ଥାୟୀ...

ସୁଦର୍ଶନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖିଛନ୍ତି। ଏଥିରେ ଏ ନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଦୀଘାରେ ଥିବା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ଭାବରେ ପଶ୍ଚିମବଙ୍ଗ ସରକାର ବୋର୍ଡ ମାରିବା ଘଟଣା ଉପରେ ଆପଣ ହସ୍ତକ୍ଷେପ କରନ୍ତୁ ଏବଂ ଏହାର ସମାଧାନ କରନ୍ତୁ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏକ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଲେଖିଛନ୍ତି, ଜଗନ୍ନାଥ ଧାମର ନାମ ପବିତ୍ର ଏବଂ ସ୍ୱତନ୍ତ୍ର। ଏହି ନାମ ପୁରୀ ସହିତ ଜଡ଼ିତ ରହିଛି। ଏହାକୁ ଅନ୍ୟ କୌଣସି ମନ୍ଦିର କିମ୍ବା ସ୍ଥାନ ସହ ଯୋଡ଼ିବା ଠିକ୍ ନୁହେଁ । ଏଭଳି କଲେ କୋଟି କୋଟି ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଲାଗୁଛି। ତେଣୁ ଆନ୍ତଃରାଜ୍ୟ ସମ୍ମାନ ଓ ସାଂସ୍କୃତିକ ସମ୍ବେଦନଶୀଳତାକୁ ବଜାୟ ରଖିବା ପାଇଁ ସେ ଅନୁରୋଧ କରିଛନ୍ତି।

### ଯୁଦ୍ଧପାଇଁ...

ତାଙ୍କ ସ୍ଥାନରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଯୋଗଦେବାର ଥିଲେ ମଧ୍ୟ ତାଙ୍କ ଗସ୍ତ ମଧ୍ୟ ବାତିଲ କରାଯାଇଛି। ଅନ୍ୟପକ୍ଷରେ ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ କହିଛନ୍ତି ଯେ ଭାରତ ଯେକୌଣସି ମୁହୂର୍ତ୍ତରେ କାଶ୍ମୀରର ନିୟନ୍ତ୍ରଣ ରେଖାରେ ଆକ୍ରମଣ କରିବାର ସମ୍ଭାବନା ରହିଛି।


## ପୂର୍ବ ତଟ ରେଳପଥ

**(1)ଟେଣ୍ଡର ସଂ.eT-M-LM-GRI-PUI-34-2025**

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋର ଟ୍ରେନ୍ ନଂ. 18477/78, 18425/26 (ଗ୍ରୁପ୍-I)ର ବେଡ୍ ରୋଲ୍ ଲିନେନ୍ ଗୁଡ଼ିକର ଯାନ୍ତ୍ରୀକୃତ ସଫେଇ (Mechanized Washing)।

**ବିଜ୍ଞାପିତ ମୂଲ୍ୟ :** ₹ 7,69,66,137.84, EMD : ₹ 5,34,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-

**(2)ଟେଣ୍ଡର ସଂ.eT-M-PURI-CCTV-35-2025**

**କାର୍ଯ୍ୟର ନାମ :** ଏକ ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋର LHB କୋଚ୍‌ଗୁଡ଼ିକରେ ପ୍ରଦାନ କରାଯାଇଥିବା କ୍ଲୋଜ୍‌ଡ ସର୍କିଟ୍ ନିରୀକ୍ଷଣ ପ୍ରଣାଳୀ (CCTV)ର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି କାର୍ଯ୍ୟର ଆଉଟ୍‌ସୋର୍ସିଙ୍ଗ୍।

**ବିଜ୍ଞାପିତ ମୂଲ୍ୟ :** ₹ 1,44,23,036.16, EMD : ₹ 2,22,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-

ଶେଷ ହେବା ଅବଧି : 24 ମାସ (କ୍ରମ ସଂ. 1 ପାଇଁ) ଓ 12 ମାସ (କ୍ରମ ସଂ. 2 ପାଇଁ)।

ବିଡ୍ ଆରମ୍ଭ ହେବା ତାରିଖ : 07.05.2025 (କ୍ରମ ସଂ. 1 ପାଇଁ) ଓ 08.05.2025 (କ୍ରମ ସଂ. 2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 21.05.2025, 1300 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ 22.05.2025, 1500 ଘଟିକାରେ (କ୍ରମ ସଂ. 2 ପାଇଁ)।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ସିନିୟର କୋଚିଙ୍ଗ୍ ଡିପୋ ଅଧିକାରୀ / ପୁରୀ

PR-97/Q/25-26

## ଦ.ପୂ. ରେଳପଥ-ଟେଣ୍ଡର

ନିମ୍ନରେ ଉଲ୍ଲେଖ କରାଯାଇଥିବା ପରି ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର/ଟିଆରଡି/ ଚକ୍ରଧରପୁରଙ୍କ ଦ୍ୱାରା ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଇ-ଟେଣ୍ଡର ଆମନ୍ତ୍ରିତ କରାଯାଇଛି। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ, ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କ୍ରମିକ ନମ୍ବର ଏବଂ ଇ-ଟେଣ୍ଡର ନୋଟିସ୍ ନମ୍ବର ଏବଂ ତାରିଖ; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ସର୍ବଶ୍ରେଷ୍ଠ ମୂଲ୍ୟ : (୧)୧୩-ଇଏଲ୍-ଡବ୍ଲୁଟି-୨୦୨୫-୨୬, ତାରିଖ ୦୫.୦୫.୨୦୨୫; ରୋଡ୍ ଓଭର ବ୍ରିଜ୍ ପାର୍ଶ୍ୱରେ ପ୍ରତିବନ୍ଧିତ ଉଚ୍ଚତା ସବୱେ (ଆଭ୍ୟନ୍ତରୀଣ ଆକାର ୪ ମିଟର X ୨.୫ ମିଟର) ନିର୍ମାଣ ସହିତ ଜଡିତ ବୈଦ୍ୟୁତିକ (ଜି) କାର୍ଯ୍ୟ। (ତୃତୀୟ କଲ୍); ଟ.୪,୨୮,୨୮୩.୧୨; ଟ.୮,୬୦୦। (୨) ୧୪-ଇଏଲ୍-ଡବ୍ଲୁଟି-୨୦୨୫-୨୬, ତାରିଖ ୦୫.୦୫.୨୦୨୫; ସହକାରୀ ବିଭାଗୀୟ ଯନ୍ତ୍ରୀ/ଆଇ/ଟାଟାନଗରଙ୍କ ଅଧୀନରେ ସାଲଗଝରୀ-ଟାଟାନଗର ମଧ୍ୟରେ ରୋଡ୍ ଅଣ୍ଡର ବ୍ରିଜ୍ ନିର୍ମାଣ ଦ୍ୱାରା ୦୧ ନମ୍ବର ମାନବଯୁକ୍ତ ଲେଭଲ୍ କ୍ରସିଂ (ଲେଭଲ୍ କ୍ରସିଂ ନମ୍ବର - ୧୪୦) ଉଚ୍ଛେଦ ପାଇଁ ବୈଦ୍ୟୁତିକ (ଜି) କାର୍ଯ୍ୟ। (ଦ୍ୱିତୀୟ କଲ୍); ଟ.୧୧,୦୮,୫୬୮.୯୯; ଟ.୨୨,୨୦୦। (୩)୧୫-ଇଏଲ୍-ଡବ୍ଲୁଟି-୨୦୨୫-୨୬, ତାରିଖ ୦୫.୦୫. ୨୦୨୫; ରାଇରଙ୍ଗପୁର-ବାଦାମପାହାଡ଼ ସହିତ ସଂଯୋଗରେ ବୈଦ୍ୟୁତିକ (ଜି) କାର୍ଯ୍ୟ: ରୋଡ୍ ଅଣ୍ଡର ବ୍ରିଜ୍ ନିର୍ମାଣ ଦ୍ୱାରା ମାନବଯୁକ୍ତ ଲେଭଲ୍ କ୍ରସିଂ ଲେଭଲ୍ କ୍ରସିଂ ନମ୍ବର ଟିବି-୬୧ ଉଚ୍ଛେଦ ପାଇଁ ବୈଦ୍ୟୁତିକ (ଜି) କାର୍ଯ୍ୟ। (ଦ୍ୱିତୀୟ କଲ୍); ଟ.୪,୫୫,୫୯୮.୧୬; ଟ.୯,୧୦୦। (୪) ୧୬-ଇଏଲ-ଡବ୍ଲୁଟି-୨୦୨୫-୨୬, ତାରିଖ ୦୫.୦୫.୨୦୨୫; କାଲୁଙ୍ଗା-ରାଜଗାଙ୍ଗପୁର କାର୍ଯ୍ୟ ସହିତ ଜଡିତ ବୈଦ୍ୟୁତିକ (ଜି) କାର୍ଯ୍ୟ: ସହାୟକ ବିଭାଗୀୟ ଯନ୍ତ୍ରୀ /ଝାରସୁଗୁଡାଙ୍କ ଅଧିକାରକ୍ଷେତ୍ରରେ ରାସ୍ତା ଅଣ୍ଡର ବ୍ରିଜ/ସୀମିତ ଉଚ୍ଚତା ସବୱେ ନିର୍ମାଣ ପାଇଁ ମାନବ ଲେବଲ୍ କ୍ରସିଂର (ଲେଭଲ୍ କ୍ରସିଂ ନମ୍ବର ୨୧୬, ୨୧୭, ୨୧୯ ଏବଂ ୨୨୦) ଉଚ୍ଛେଦ। (ଦ୍ୱିତୀୟ କଲ୍); ଟ.୧୨,୬୨,୫୯୩.୯୨; ଟ.୨୫,୩୦୦। ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ (ଟଙ୍କାରେ): ପ୍ରତ୍ୟେକ ପାଇଁ କୌଣସି ନାହିଁ। ବନ୍ଦ / ଖୋଲିବା ତାରିଖ: ୦୩.୦୬.୨୦୨୫ ଦିନ ୧୫.୦୦ ଘଣ୍ଟା ପ୍ରତ୍ୟେକ ପାଇଁ। ଟେଣ୍ଡରଟି ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା / ବିଡରମାନଙ୍କର ଶ୍ରେଣୀ-III ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ IREPS ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

**(PR-125)**

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER
MINOR IRRIGATION DIVISION.NAYAGARH

**A-105**

e-Procurement Notice
**BID IDENTIFICATION NO-SEMIDN-1/2025-26**

Letter No- 1092 Date- 01 / 05 / 2025

| | |
|---|---|
| Name of work | Repair of MIPs under Critical MIPs grant & Improvement of MIPs under ERM grant and Improvement to Check Dams under Imp.to Check Dam grant during the year 2025-26. |
| No Works | 13 (Thirteen) |
| Estimated Cost | Varies from Rs. 6.20 lakh to Rs. 34.40 lakh Approximately. |
| Class of Contractor. | Class "D", "C" & "B" |
| Tender paper cost | Rs 4000.00 Rs 6000.00 (Non- refundable). |
| Period of completion | 01 (One) & 03 (Three) Calendar months. |
| Availability of Bid documents | From 10.00 AM of 09.05.2025 to 17.00 hrs of 15.05.2025 in website (www.tendersodisha.gov.in) |
| Time of receipt of bid through on line | From 10.00 AM of 09.05.2025 to 17.00 hrs of 15.05.2025 through online. |
| Date of opening of bid documents | At 11.00 hrs of 16.05.2025 in the O/O S.E., M.I. Division, Nayagarh. |
| Date of Transparent Lottery (if cases arise) | At 11.00 hrs onwards of Dt. 23.05.2025. |
| Digital signature certificate | The bidder must possess compatible digital signature certificate (DSC) of class II or class-III. |

The detail tender call notice can also be seen in the DOWR website http//dowrorissa.gov.in. Name and address of the OIT:- Office of Superintending Engineer, M.I. Division, Nayagarh, Tel No. (06753)291009, e-mail- eemidivisionnayagarh@gmail.com

Further details can be seen from the e-procurement market place, http//www.tendersodisha.gov.in

Sd/-Superintending Engineer
M.I. Division, Nayagarh.

OIPR 32260/11/0015/2526

ODISHA HYDRO POWER CORPORATION LTD.,
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. Tech-WK-68/1, Vol-VI /2489 Date : 03.05.2025

**CAD-325**

TENDER CALL NOTICE NO. HHEP- 21/2025

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from registered agencies / reputed firms having similar type of work experience during the last three years for the following works as mentioned below.

| Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. | Period of sale / download of tender document | Last date & Time of receipt of tender document | Date & Time of opening of Techno Commercial bid |
|---|---|---|---|---|---|
| Refilling & Reconditioning of Fire Extinguisher of HHEP, Burla along with required spare materials for fire extinguisher | Rs. 2360/- (Rs. 2000 + GST @ 18%) | 3100/- | 07/05/2025, 10.00AM to 20/05/25 upto 11:30AM | 20/05/2025 upto 12.00Noon | 20/05/2025 at 12.30PM |

Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpcltd.com

OIPR 04007/11/0044/2526 Sd/-C&P Head, HHEP, Burla

GOVERNMENT OF ODISHA, DEPARTMENTOF WATER RESOURCES
Office of the Addl. Chief Engineer, Mechanical Circle, Bhubaneswar

**O-182**

Email Address: semechcircle104@gmail.com
e-Procurement Notice- Bid Identification No.- ACEM/MDL-10/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDL-10/2025-26
5. Estimated Cost : Rs. 15,72,543 /-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.06.05.2025(10.00 AM) to dt.19.05.2025(5.30 PM)
8. Last date/ time for receipt of bid In the Portal : dt.19.05.2025 (up to 5.30 PM)
9. Date and Place of opening of Bid : dt.20.05.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Addl. Chief Engineer,
Mechanical Circle Bhubaneswar

OIPR 32405/11/0061/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER
AUL EMBANKMENT DIVISION, AUL
Dist: Kendrapara, Odisha - 754219
Tel/Fax: 06729-295188
Mail id:- aulembankment@gmail.com

**A-123**

'e' Procurement Notice No.AED-02 OF 2025-26

1. No of the work : 46 no. Flood Control & Road works.
2. Tender Cost : Varies from ₹.11,39,140.00 to 78,66,209.00
3. Bid Document Cost : Rs.6000.00 to 10000.00
4. Bid Security : Varies from Rs.11,400.00 to 78,700.00
5. Class of Contractor : D,C & B Class
6. Period of Completion : Six calendar months
7. Other details are as follows.

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2024-25 To AUL 46 of 2024-25 (46 no. work) | 07.05.2025 10.00 A.M | 17.05.2025 5.00 P.M | 19.05.2025 11.00 A.M |

8. e-mail Id : aulembankment@gmail.com
9. **If required Lottery will be held on dtd.10.06.2025 at 10.00 A.M**

Further detail conditions can be seen from the Govt. website www.tendersodisha.gov.in

Sd/- Superintending Engineer
Aul Embankment Division
Aul

OIPR 32004/11/0007/2526

MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍

Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427

ଏତଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି up to 30.06.2024 & MSGL ,SPL 16 ,One Plus, Guide prepaid, Super value, ADGL and all other 6 months tenure gold loans up to 30.09.2024 and MSGB ,SME Suvarna & EMI due upto 31.03.2025.Also those gold loans where interest is due and not paid up to 31.03.2025 are also included in this auction ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 20.05.2025 ସକାଳ 10 ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

**BALANGIR DISTRICT - BALANGIR:** 409502133, 409502142, 409502164, 409502182, 409502269, 409502270, 409502274, 409502291, 409502325, 409502342, 409502350, 409502358, 409502362, 409502370, 409502395, 409502400, 409502404, 409502413, 409502431, 409502441, 409502453, 409502454, 409502471, 409502490, 409502504, 409502506, 409502509, 409502510, 409502518, 409502522, 409502524, 409502530, 409502531, 409502563, 409502569, 409502570, 409502611, 409502632, 409502633, 409502639, 409502661, 409502675, 409502689, 409502713, 409502739, 409502742, 409502748, 409502764, 409502805, 409502810, 409502832, 409502834, 409502856, 409502868, 409502869, 409502870, 409502878, 409502889, 409502898, 409502899, 409502902, 409502913, 409502915, 409502916, 409502925, 409502928, 409502935, 409502954, 409503000, 409503006, 409503053, 409503057, 409503073, 409503074, 409503085, 409503102, 409503105, 409503111, 409503126, 409503129, 409503132, 409503134, 409503139, 409503159, 409503161, 409503164, 409503172, 409503185, 409503195, 409503209, 409503214, 409503226, 409503235, 409503248, 409503251, 409503254, 409503255, 409503260, 409503265, 409503275, 409503278, 409503285, 409503305, 409503306, 409503307, 409503316, 409503327, 409503331, 409503334, 409503346, 409503348, 409503351, 409503367, 409503381, 409503386, 409503387, 409503388, 409503398, 409503404, 409503406, 409503408, 409503410, 409503414, 409503418, 409503421, 409503426, 409503427, 409503429, 409503430, 409503440, 409503441, 409503442, 409503449, 409503453, 409503454, 409503456, 409503478, 409503481, 409503485, 409503494, 409503496, 409503507, 409503508, 409503511, 409503513, 409503521, 409503522, 409503523, 409503529, 409503531, 409503532, 409503533, 409503534, 409503535, 409503536, 409503537, 409503538, [illegible] 416600956, 416600957, 416600959, 416600963, 416600966, 416600969, 416600972, 416600973, 416600979, 416600983, 416600984, 416600986, 416600995, 416600997, 416600998, 416601003, 416601010, 416601011, 416601012, 416601020, 416601024, 416601025, 416601027, 416601029, 416601033, 416601037, 416601038, 416601042, 416601043, 416601046, 416601048, 416601060, 416601093, 416601098, 416601113, 416601117, 416601120, 416601124, 416601128, 416601136, 416601143, 416601152, 416601153, 416601162, 416601166, 416601172, 416601176, 416601180, 416601184, 416601185, 416601188, 416601190, 416601193, 416601194, 416601195, 416601199, 416601207, 416601211, 416601217, 416601219, 416601222, 416601223, 416601224, 416601227, 416601228, 416601236, 416601237, 416601241, 416601246, 416601247, 416601254, 416601255, 416601260, 416601262, 416601271, 416601273, 416601281, 416601282, 416601283, 416601284, 416601286, 416601295, 416601301, 416601302, 416601303, 416601304, 416601307, 416601315, 416601325, 416601327, 416601330, 416601336, 416601338, 416601339, 416601340, 416601345, 416601349, 416601350, 416601352, 416601353, 416601354, 416601357, 416601361, 416601362, 416601366, 416601367, 416601373, 416601380, 416601381, 416601382, 416601383, 416601385, 416601386, 416601389, 416601390, 416601395, 416601397, 416601398, 416601403, 416601408, 416601413, 416601414, 416601417, 416601423, 416601429, 416601430, 416601434, 416601437, 416601439, 416601441, 416601444, 416601446, 416601456, 416601458, 416601464, 416601478, 416601490, 416601491, 416601494, 416601516, 416601519, 416601523.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 30.05.2025 ସକାଳ 10 **BARGARH:** First Floor Sai Bhagawati Complex . Bhatli Chowk Road Near Kishori Nursing Home Bargarh Bargarh. Pin: 768028. **BALANGIR:** Ist Floor, Plot No 244, Ramai Talkis Chowk, Old Palace Road, Balangir, District- Balangir, Odisha-767001 **SAMBALPUR:** 1. Plot No. 2194/8194, Khatyan No. 559/3241, 1st Floor, Above Oriental Bank Of Commerce, Ainthapali Main Road, Budha Raja, Sambalpur, Odisha – 768004. **JHARSUGUDA:** Plot No. 343 & 344, Khatian No. 929/1691, 1st Floor, Above Samsons Punjab Readymade Store, Main Road, Jharsuguda, Odisha - 768201. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ । ସଫଳ ନିଲାମୀଦାତା ଆର୍‌ଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍



ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣର ପୀଡିତଙ୍କ ପ୍ରତି ସମର୍ଥନ ଜଣାଇବା ପାଇଁ ସମଗ୍ର ବିଶ୍ବରେ ଭାରତୀୟ ସମୁଦାୟ ଶାନ୍ତିପୂର୍ଣ୍ଣ ରାଲି ଏବଂ ପ୍ରାର୍ଥନା ସଭା ଜାରି ରଖିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାରେ ଜର୍ଜିଆର ଭାରତୀୟ ସମୁଦାୟ ଆଟଲାଣ୍ଟାରେ ଏକ ପ୍ରତିବାଦ ରାଲି ଆୟୋଜନ କରିଥିଲା। ଚାଇନାଟାଉନର ନ୍ୟାସନାଲ ଇଣ୍ଡିଆ ହବ୍ ଶିକାଗୋରେ ଅନେକ ଭାରତୀୟ ସଂଘ ସହ ମିଶି ଏକ ସମାବେଶର ଆୟୋଜନ କରିଥିଲେ। ନ୍ୟୁୟର୍କର ଜ୍ୟାକସନ ହାଇଟ୍ସସ୍ଥିତ ସେଣ୍ଟ ମେରିଅଥୋଡକ୍ସ ଚର୍ଚ୍ଚରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସ୍ପେନରେ ଭାରତୀୟ ପ୍ରବାସୀ ମାନେ ମାଡ୍ରିଡର ପ୍ଲାଜା ଡି କାଲାଓରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କାନାଡାରେ ଟରୋଣ୍ଟୋସ୍ଥିତ ଭାରତୀୟ କନସୁଲେଟ୍ ଜେନେରାଲ ବାହାରେ ଏକାଠି ହୋଇ ଲୋକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ରିଟେନରେ ଭାରତୀୟ ପ୍ରବାସୀମାନେ ପୀଡ଼ିତଙ୍କୁ ସମ୍ମାନ ଜଣାଇବା ଏବଂ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇରେ ଏକଜୁଟ ହୋଇ ଠିଆ ହେବା ପାଇଁ କିଛି ମୁହୂର୍ତ୍ତ ପାଇଁ ନୀରବତା ପାଳନ କରିଥିଲେ।

## ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ମୋଦୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଆନ୍ଥୋନି ଆଲବାନିଜଙ୍କ ସହ ଟେଲିଫୋନରେ ବାର୍ତ୍ତାଳାପ କରିବା ସହିତ ଅଷ୍ଟ୍ରେଲିଆର ୩୨ତମ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ଐତିହାସିକ ପୁନଃନିର୍ବାଚନ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଦୁଇ ପ୍ରଧାନମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ବ୍ୟାପକ ରଣନୀତିକ ସହଭାଗିତା (ସିଏସପି)କୁ ମଜବୁତ୍ କରିବା ପାଇଁ ଦୁଇ ନେତା ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେ କହିଥିଲେ କି ବିଗତ ପାଞ୍ଚ ବର୍ଷର ଶାସନ କାଳରେ ସିଏସପିର ବିଭିନ୍ନ କ୍ଷେତ୍ର ମଜବୁତ୍ ସହଯୋଗରେ ବିକଶିତ ହୋଇଥିବା ଦେଖାଯାଇଛି। ଦ୍ୱିପକ୍ଷୀୟ ସମ୍ପର୍କକୁ ମଜବୁତ୍ କରିବା ଦିଗରେ ଉଭୟ ପ୍ରବାସୀ ଭାରତୀୟ ସମୁଦାୟଙ୍କ ଭୂମିକା ଉପରେ ସେ ଜୋର୍ ଦେଇଥିଲେ। ଉଭୟ ନେତା ପାରସ୍ପରିକ ହିତରେ କ୍ଷେତ୍ରୀୟ ଏବଂ ବୈଶ୍ୱିକ ପ୍ରସଙ୍ଗରେ ମତ ବିନିମୟ କରିଥିଲେ। ଏକ ସ୍ୱତନ୍ତ୍ର, ମୁକ୍ତ, ସ୍ଥିର, ନିୟମ ଆଧାରିତ ଏବଂ ସମୃଦ୍ଧ ହିନ୍ଦ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ବିକାଶ ଦିଗରେ ମିଳିମିଶି କାମ କରିବାକୁ ଉଭୟ ନିଜ ନିଜର ପ୍ରତିବଦ୍ଧତା ଦୋହରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଆଲବାନିଜଙ୍କୁ ଭାରତ ଆସିବାକୁ ଆମନ୍ତ୍ରଣ କରିଥିଲେ। ଏହି ସମୟରେ ବାର୍ଷିକ ଶିଖର ସମ୍ମିଳନୀ ଏବଂ ଭାରତରେ ହେବାକୁ ଥିବା କ୍ୱାଡ ଶିଖର ସମ୍ମିଳନୀ ମଧ୍ୟ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ନିୟମିତ ସମ୍ପର୍କରେ ରହିବାକୁ ଉଭୟ ନେତା ସହମତି ଜଣାଇଥିଲେ।

### ସାରା ଦେଶରେ ଯୋଜନା ଲାଗୁ

## ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ମିଳିବ ମାଗଣା ଚିକିତ୍ସା



ନୂଆଦିଲ୍ଲୀ: ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ପାଇଁ କେନ୍ଦ୍ର ସରକାର ବଡ଼ ଘୋଷଣା କରିଛନ୍ତି। ମଙ୍ଗଳବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଆହତ ବ୍ୟକ୍ତିଙ୍କ ଚିକିତ୍ସା ନେଇ ଏକ ବିଜ୍ଞପ୍ତି ଜାରି ହୋଇଛି। ସଡ଼କ ପରିବହନ ମନ୍ତ୍ରାଳୟ ଏକ ଗେଜେଟ ବିଜ୍ଞପ୍ତି ଅନୁଯାୟୀ, ଦେଶରେ ସଡ଼କ ଦୁର୍ଘଟଣାରେ ପୀଡ଼ିତଙ୍କ ପାଇଁ କ୍ୟାସଲେସ ଚିକିତ୍ସା ସ୍କିମ ଘୋଷଣା କରାଯାଇଛି। ଏହି ଯୋଜନା ଅନୁଯାୟୀ ପୀଡ଼ିତଙ୍କୁ ଦୁର୍ଘଟଣା ଦିନରୁ ୭ ଦିନ ପର୍ଯ୍ୟନ୍ତ କୌଣସି ମାନ୍ୟତାପ୍ରାପ୍ତ ହସ୍ପିଟାଲରେ ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାସଲେସ ଚିକିତ୍ସାର ଲାଭ ମିଳିପାରିବ। ଏହି ଯୋଜନା ୨୦୨୫ ମେ ୫ରୁ ଲାଗୁ ହୋଇଛି। ପୂର୍ବରୁ ଚଳିତ ବର୍ଷ ଜାନୁଆରୀରେ କେନ୍ଦ୍ର ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଭାରତରେ ସଡ଼କ ଦୁର୍ଘଟଣାର ବଢ଼ୁଥିବା ସଂଖ୍ୟା ଉପରେ ଚିନ୍ତା ପ୍ରକଟ କରିବା ସହ ଏହି ଘୋଷଣା କରିଥିଲେ ଯେ, ସରକାର ସଡ଼କ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ଖୁବ୍ ଶୀଘ୍ର ଏକଟି ଯୋଜନା ଆଣିବା ଉପରେ ବିଚାର କରୁଛନ୍ତି। ଇଣ୍ଡିଆନ ଏକ୍ସପ୍ରେସର ଏକ ରିପୋର୍ଟ ଅନୁଯାୟୀ, ଏହି ଯୋଜନାକୁ ଲାଗୁ କରିବା ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ରାଜ୍ୟ ପୋଲିସ, ହସ୍ପିଟାଲ ଏବଂ ରାଜ୍ୟର ସ୍ୱାସ୍ଥ୍ୟ ଏଜେନ୍ସି ସହ ମିଶି କାମ କରିବେ। ସୂଚନାଥାଉକି, ଭାରତରେ ସଡ଼କ ଦୁର୍ଘଟଣାରେ ପ୍ରତିବର୍ଷ ପ୍ରାୟ ୫ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି। ସେହିଭଳି ପ୍ରାୟ ୪ ଲକ୍ଷ ଲୋକ ଗୁରୁତର ଭାବରେ ଆହତ ହେଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ ଏଥିରେ ସବୁଠୁ ଅଧିକ ପ୍ରଭାବିତ ଦୁଇ ଚକିଆ ଯାନ ଚାଳକ ଏବଂ ପଥଚାରୀ ଅଧିକ ରହିଥାନ୍ତି।

## ଭାରତକୁ କତରର ସମର୍ଥନ

ନୂଆଦିଲ୍ଲୀ : ମୁସଲିମ ଦେଶ କତରର ଅମୀର ଶେଖ ତାମିମ୍ ବିନ୍ ହାମଦ୍ ଅଲ୍-ଥାନି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି। ସେ ପହଲଗାମ ହତ୍ୟାକାଣ୍ଡରେ ମୃତ ଲୋକଙ୍କ ପ୍ରତି ସମବେଦନା ପ୍ରକାଶ କରିଥିଲେ। ସେ ଆତଙ୍କବାଦୀମାନଙ୍କୁ ନ୍ୟାୟ ଦେବା ପାଇଁ ଭାରତ ଦ୍ୱାରା ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପକୁ ସମର୍ଥନ କରିଥିଲେ। କତରର ଆମୀରଙ୍କ ସହ ଏହି ଆଲୋଚନା କେବଳ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏହା ପାକିସ୍ତାନ ପାଇଁ ମଧ୍ୟ ଅଧିକ ଚିନ୍ତାଜନକ ହେବାକୁ ଯାଉଛି। ଆଲୋଚନା ବିଷୟରେ ସୂଚନା ଦେଇ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସୱାଲ ଟ୍ୱିଟରରେ ଲେଖିଛନ୍ତି, 'କତରର ଆମୀର ଶେଖ ତମିମ ବିନ୍ ହାମଦ ଅଲ୍-ଥାନି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି।' ସେ ପହଲଗାମରେ ସୀମାପାର ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ସମବେଦନା ଏବଂ ଏକତା ପ୍ରକାଶ କରିଥିଲେ। ସେ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇ ଏବଂ ଅପରାଧୀମାନଙ୍କୁ ନ୍ୟାୟ ଦେବା ପାଇଁ ଭାରତ ଦ୍ୱାରା ନିଆଯାଉଥିବା ସମସ୍ତ ପଦକ୍ଷେପକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଶେଖ ତାମିମ୍ ବିନ୍ ହାମଦ୍ ଅଲ୍-ଥାନିଙ୍କ ତାଙ୍କର ଏକତା ଏବଂ ସମର୍ଥନର ସ୍ପଷ୍ଟ ବାର୍ତ୍ତା ପାଇଁ ଧନ୍ୟବାଦ ଜଣାଇଥିଲେ।

## ଶିବ ଏବଂ ହନୁମାନଙ୍କ ଦର୍ଶନ କଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ସୁଶାସନତିହାର ଅର୍ନ୍ତଗତ ବେମେତରା ଜିଲ୍ଲାର ସହସପୁର ଗାଁରେ ଥିବା ୧୩୦୦ ଓ ୧୪୦୦ ଶତାବ୍ଦୀରେ ନିର୍ମିତ ଭଗବାନ ଶିବ ଏବଂ ହନୁମାନଙ୍କ ପ୍ରାଚୀନ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ଏଥିସହ ରାଜ୍ୟବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରାଚୀନ ମନ୍ଦିର ଫଣୀନାଗବଂଶୀ ରାଜାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ଏହି ମୂର୍ତ୍ତି ସବୁ ପଥରରେ ନିର୍ମାଣ କରାଯାଇଛି। ଗାଁର ସୁରମ୍ୟ ବାତାବରଣ ମଧ୍ୟରେ ଏହି ଦୁଇଟି ମନ୍ଦିର ରହିଛି। ଏହି ମନ୍ଦିର ଉପରେ ଛତିଶଗଡବାସୀଙ୍କ ଧାର୍ମୀକ ଓ ଆସ୍ଥା ରହିଥିବା ବିଷ୍ଣୁଦେବ କହିଛନ୍ତି। ସେ କହିଥିଲେ ଏହି ପୁରୁଣା ମନ୍ଦିରର ଇତିହାସ ଅତିବ ପ୍ରାଚୀନ। ମଙ୍ଗଳବାର ଶ୍ରୀ ସାଏ ହଠାତ୍ ଏହି ଗାଁରେ ପହଞ୍ଚିବା ସହ ମନ୍ଦିର ଦର୍ଶନ କରିବା ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳାଇ ଦେଇଛି।

## ପାକ୍ ସୀମାରେ ସମରାଭ୍ୟାସ କରିବ ବାୟୁସେନା



ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ଯୁଦ୍ଧ ଆଶଙ୍କା ଧୀରେ ଧୀରେ ବଢ଼ୁଛି । ଆକାଶ ମାର୍ଗରୁ ଯୁଦ୍ଧାଭ୍ୟାସ କରିବ ବାୟୁସେନା। ସୀମାରେ ଗର୍ଜିବେ ଯୁଦ୍ଧବିମାନ । ଏନେଇ ନୋଟାମ୍ ଜାରି କରିଛନ୍ତି କେନ୍ଦ୍ର ସରକାର । ବୁଧବାର ଦିନ ଭାରତ-ପାକିସ୍ତାନ ସୀମାରେ ଆକାଶ ମାର୍ଗରେ ଯୁଦ୍ଧାଭ୍ୟାସ କରିବ ଭାରତୀୟ ବାୟୁସେନା । ଏହି ଅଭ୍ୟାସ ଭାରତ-ପାକିସ୍ତାନ ଦକ୍ଷିଣ ସୀମାରେ ହେବ । ଏୟାରଫୋର୍ସ ମରୁଭୂମି ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳ ଆକାଶରେ ସମରାଭ୍ୟାସ କରିବ। ଏଥିରେ ରାଫେଲ, ମିରାଜ-୨୦୦୦ ଓ ସୁଖୋଇ-୩୦ ସମେତ ଅନେକ ଯୁଦ୍ଧବିମାନ ସାମିଲ୍ ହେବେ । ଏହାଛଡ଼ା ସୀମା ସଂଲଗ୍ନ ଅନେକ ଜିଲ୍ଲାରେ ଆସନ୍ତାକାଲି ମଧ ମକ୍‌ଡ୍ରିଲ୍ ହେବ । ଏପରି ପରିସ୍ଥିତିରେ ଭାରତ ପୂର୍ବରୁ ନୋଟିସ୍ ଟୁ- ଏୟାର ମିଶନ ଜାରିଛି। ନୋଟାମ୍ ହେଉଛି ଏକ ପ୍ରକାର ନୋଟିସ୍ ଯାହା ପାଇଲଟ୍, ଏୟାର ଟ୍ରାଫିକ୍ ନିୟନ୍ତ୍ରକମାନଙ୍କୁ ସମ୍ଭାବ୍ୟ ବିପଦ ବିଷୟରେ ସୂଚନା ଦିଏ । ଫଳରେ ଯୁଦ୍ଧ ଅଭ୍ୟାସ ବେଳେ ସାଧାରଣ ଲୋକ କିମ୍ବା ଅନ୍ୟ କୌଣସି ପ୍ରକାର କ୍ଷତି ହେବ ନାହିଁ । ଉଡ଼ାଣ ସୁରକ୍ଷା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ । ମେ' ୭ ତାରିଖରେ ଦେଶର ୨୪୪ଟି ଜିଲ୍ଲାରେ ସମ୍ଭାବ୍ୟ ଯୁଦ୍ଧକୁ ନଜରରେ ରଖି ମକ୍‌ଡ୍ରିଲ୍ କରାଯିବ। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ନାଗରିକମାନଙ୍କୁ ତାଲିମ ଦେବାକୁ ଏହି ନାଗରିକ ସୁରକ୍ଷା ଅଭ୍ୟାସ କରାଯିବ। ପହଲଗାମ୍ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଭାରତର ପ୍ରତିଜବାବ ଭୟରେ ପାକିସ୍ତାନ। ନୋଟିସ୍ ଟୁ ଏୟାର ମିଶନ୍ ସିଷ୍ଟମ୍ ଏକ ପ୍ରକାରର ଯୋଗାଯୋଗ ପ୍ରଣାଳୀ, ଯାହା ସାହାଯ୍ୟରେ ବିମାନରେ କ୍ୟାବିନ କ୍ରୁଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପଠାଯାଏ । ଏହା ଏକ ଅତ୍ୟନ୍ତ ଗୋପନୀୟ ସୂଚନା ପ୍ରଣାଳୀ । ଏହାକୁ ହ୍ୟାକ୍ କରିବା ଅତ୍ୟନ୍ତ କଷ୍ଟକର । ନୋଟିସ୍ ଟୁ ଏୟାର ମିଶନ ସିଷ୍ଟମରେ ପାଣିପାଗ, ଆଗ୍ନେୟଗିରି ଉଦଗିରଣ, ଆକାଶ ସୀମା ପ୍ରତିବନ୍ଧକ, ଯେକୌଣସି ପାରାଚୁଟ୍ ଜମ୍ପ, ରକେଟ୍ ଲଞ୍ଚ୍ ଏବଂ ସାମରିକ ଅଭ୍ୟାସ ଭଳି ଅତ୍ୟନ୍ତ ସମ୍ବେଦନଶୀଳ ସୂଚନା ବିମାନ ପାଇଲଟ୍‌ଙ୍କୁ ପଠାଯାଇଥାଏ।

## ଭାରତ-ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର




ନୂଆଦିଲ୍ଲୀ: ଭାରତ ଏବଂ ବ୍ରିଟେନ ମଧ୍ୟରେ ବହୁ ପ୍ରତୀକ୍ଷିତ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଯାହା ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ଏବଂ ରଣନୀତିଗତ ସମ୍ପର୍କକୁ ଏକ ନୂଆ ଉଚ୍ଚତାକୁ ନେଇଯିବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଚୁକ୍ତିକୁ ଏକ 'ଐତିହାସିକ ମାଇଲଖୁଣ୍ଟ'" ବୋଲି ଅଭିହିତ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଏହି ଚୁକ୍ତି ଉଭୟ ଦେଶର ଅର୍ଥନୀତିରେ ବାଣିଜ୍ୟ, ନିବେଶ, ଅଭିବୃଦ୍ଧି, ରୋଜଗାର ସୃଷ୍ଟି ଏବଂ ନବସୃଜନକୁ ଉତ୍ସାହିତ କରିବ।' ଏହି ଏଫ୍‌ଟିଏ ଦୀର୍ଘ ଦିନର ଆଲୋଚନା ଓ କୂଟନୈତିକ ପ୍ରୟାସର ଫଳାଫଳ, ଯାହା ଭାରତ ଓ ବ୍ରିଟେନ ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ନୂଆ ଦିଗନ୍ତ ପ୍ରଦାନ କରିବ। ଭାରତ ଏବଂ ବ୍ରିଟେନ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଦୀର୍ଘ ଦିନରୁ ମଜବୁତ ରହିଆସିଛି, କିନ୍ତୁ ଏହି ମୁକ୍ତ ବାଣିଜ୍ୟ ଚୁକ୍ତି ଦୁଇ ଦେଶ ମଧ୍ୟରେ ଶୁଳ୍କ ବାଧା ହ୍ରାସ କରି ବାଣିଜ୍ୟକୁ ଆହୁରି ସରଳ ଓ ସୁଗମ କରିବ। ଏହା ଭାରତୀୟ ରପ୍ତାନୀକାରୀମାନଙ୍କୁ ବ୍ରିଟିଶ ବଜାରରେ ଅଧିକ ସୁଯୋଗ ପ୍ରଦାନ କରିବ ଏବଂ ବ୍ରିଟିଶ କମ୍ପାନୀମାନଙ୍କୁ ଭାରତରେ ନିବେଶ ପାଇଁ ଉତ୍ସାହିତ କରିବ। ବିଶେଷ କରି ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବା, କୃଷି ଏବଂ ଉତ୍ପାଦନ କ୍ଷେତ୍ରରେ ଏହା ନୂଆ ସମ୍ଭାବନା ସୃଷ୍ଟି କରିବ।

## ଜାତିଗତ ଜନଗଣନାକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଖଡ଼ଗେ



ନୂଆଦିଲ୍ଲୀ: କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ସରକାରଙ୍କ ଜାତିଗତ ଜନଗଣନା ନିଷ୍ପତ୍ତି ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ତେଲେଙ୍ଗାନା ମଡେଲକୁ ଗ୍ରହଣ କରିବା ସହିତ ଏହି ପ୍ରସଙ୍ଗରେ ଶୀଘ୍ର ସମସ୍ତ ରାଜନୈତିକ ଦଳ ସହିତ ଆଲୋଚନା କରିବାକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲେଖିଥିବା ଚିଠିରେ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀଙ୍କୁ ଏକ ସାମ୍ବିଧାନିକ ସଂଶୋଧନ ଦ୍ୱାରା ସଂରକ୍ଷଣ ଉପରେ ୫୦ ପ୍ରତିଶତ ସୀମା ହଟାଇବା ଏବଂ ଘରୋଇ ଶିକ୍ଷାନୁଷ୍ଠାନରେ ଅନୁଚ୍ଛେଦ ୧୫ (୫) ଅନୁଚ୍ଛେଦକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି। ଜାତିଗତ ଜନଗଣନା ଭଳି ଯେକୌଣସି କାର୍ଯ୍ୟ ଯାହା ଆମ ସମାଜର ପଛୁଆ, ଦଳିତ ଏବଂ ଅବହେଳିତ ବର୍ଗକୁ ସେମାନଙ୍କର ଅଧିକାର ପ୍ରଦାନ କରେ, ତାହାକୁ କୌଣସି ପ୍ରକାରେ ବିଭାଜନକାରୀ ବୋଲି ବିବେଚନା କରାଯାଇପାରିବ ନାହିଁ ଏବଂ କରାଯିବା ଉଚିତ୍ ନୁହେଁ ବୋଲି ମଲ୍ଲିକାର୍ଜୁନ ଖଡ଼ଗେ ପ୍ରକାଶ କରିଛନ୍ତି।

# ବାଣିଜ୍ୟ

ନୂଆଦିଲ୍ଲୀ: ଅଭିଭା ଲାଇଫ ଇନ୍ସୁରାନ୍ସ , ଟିଆର୍‌ଏର ବ୍ରାଣ୍ଡ ଟ୍ରଷ୍ଟ ରିପୋର୍ଟ ୨୦୨୫ରେ କ୍ରମାଗତ ଭାବେ ୭ ବର୍ଷ ପାଇଁ ଇଣ୍ଡିଆଜ ମୋଷ୍ଟ ଟ୍ରଷ୍ଟେଡ ପ୍ରାଇଭେଟ ଲାଇଫ ଇାନ୍ସ୍ୟୋରାନ୍ସ ବ୍ରାଣ୍ଡ ଭାବେ ସ୍ୱୀକୃତି ହାସଲ କରିଛି। ଘରୋଇ ଜୀବନ ବୀମା କ୍ଷେତ୍ରରେ ନିଜର ନେତୃତ୍ୱ ଆହୁରି ସୁଦୃଢ଼ କରି ଅଭିଭା ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷରେ ୩୦ ଦିନ ମଧ୍ୟରେ ୧୦୦% ଦାବି ସମାଧାନ ସହିତ ସର୍ବୋତମ ଦାବି ସମାଧାନ ସମୟ ମାନ୍ୟତା ହାସଲ କରିଛି। ଅଭିଭା ଲାଇଫ ଇନ୍ସୁରାନ୍ସର ମୁଖ୍ୟ ମାର୍କେଟିଂ ଅଧିକାରୀ ବିନିତ କପାଥି କୃତଜ୍ଞତା ବ୍ୟକ୍ତ କରି କହିଛନ୍ତି, 'ଆମର ପ୍ରତିଶ୍ରୁତିବଦ୍ଧତା ପାରମ୍ପରିକ ସୁରକ୍ଷାଠାରୁ ଆଗକୁ ବିସ୍ତାର ହୋଇଛି, କାରଣ ଆମେ ପ୍ରତିରୋଧ, ସ୍ୱାସ୍ଥ୍ୟ ଓ ସାମଗ୍ରିକ ସୁସ୍ଥତା ଦିଗରେ ଧ୍ୟାନ ଆକର୍ଷିତ କରି ଜୀବନ ବୀମାକୁ ନୂଆ ରୂପ ଦେବା ପାଇଁ ଲକ୍ଷ୍ୟ ରଖିଛୁ। ଅଭିଭା ଲାଇଫ ଇନ୍ସୁରାନ୍ସ ଗ୍ୟାରେଂଟିଡ ସେଭିଙ୍ଗ୍‌ସ ପ୍ଲାନ, ଟର୍ମ ପ୍ଲାନ, ଇନ୍‌ଭେଷ୍ଟମେଂଟ ସଲ୍ୟୁଶନ ଓ ରିଟାୟାରମେଂଟ ପ୍ଲାନ ସମେତ ଲାଇଫ ଇନ୍ସୁରାନ୍ସ ପ୍ରଡକ୍ଟଗୁଡିକର ଏକ ବିସ୍ତୃତ ପୋର୍ଟଫୋଲିଓ ପ୍ରଦାନ କରି ନିଜର ବିଶ୍ୱାସର ବିରାସତକୁ ଆଗକୁ ବଢାଇବା ଜାରି ରଖିଛି। କମ୍ପାନୀ ନିକଟରେ ଅଭିଭା ସିଗ୍ନେଚର ୩ଡି ଟର୍ମ ପ୍ଲାନ- ପ୍ଲାଟିନମର ଶୁଭାରମ୍ଭ କରିଥିଲା।

## ଗୋଦରେଜ ପକ୍ଷରୁ 'ଏଜ୍ ମିନିକୁଲ୍' ଉନ୍ମୋଚିତ

ନୂଆଦିଲ୍ଲୀ: ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଘରେ ବିବିଧ ଶୀତଳତା ସମାଧାନ ପାଇଁ ଜରୁରୀକାଳୀନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋଦରେଜ ଏଂଟରପ୍ରାଇଜେସ ଗ୍ରୁପର ଅଂଶ ଗୋଦରେଜ ଆଣ୍ଡବଏସର ଆପ୍ଲାଏନସେସ ବ୍ୟବସାୟ ପକ୍ଷରୁ ଏୟାରକୁଲର ବର୍ଗରେ ଏହାର ସଦ୍ୟତମ ଉତ୍ପାଦ ଏକ କ୍ଷୁଦ୍ର ବ୍ୟକ୍ତିଗତକୁଲର 'ଏଜ ମିନିକୁଲ'କୁ ଉନ୍ମୋଚନ କରାଯାଇଛି। ଗୋଦରେଜର ଏଜ ମିନିକୁଲ ହେଉଛି ଏକ ପତଳା, ଛୋଟ ଓ ସୁବିଧାଜନକ ବ୍ୟକ୍ତିଗତ ଏୟାରକୁଲର ଯାହାକୁ ଘରର ସବୁ ସ୍ଥାନକୁ ନେଇ ଶୀତଳତା ହାସଲ କରିହେବ। ଏଥିରେ ୩୭ ଲିଟରର ପାଣି ଟାଙ୍କି ସହିତ ଜଳସ୍ତର ସୂଚକ ଏବଂ ଏକ ବିଲଟ୍ ଇନ ଆଇସ ଚ୍ୟାମ୍ବର ରହିଛି ଯାହା ଅତ୍ୟଧିକଗରମ ଦିନରେ ଅତିରିକ୍ତଶୀତଳତା ପ୍ରଦାନ କରିବ। ଏହାର ୫ ବ୍ଲେଡବିଶିଷ୍ଟଏରୋଡାଇନାମିକ ୧୨ ଇଂଚର ଫ୍ୟାନ ଶକ୍ତିଶାଳୀ ଭାବେ ପବନ ପ୍ରବାହକୁ ନିଶ୍ଚିତ କରିବାସହ ଉତ୍କୃଷ୍ଟ ଶୀତଳତା ପାଇଁ ତିନି ପାର୍ଶ୍ୱକୁ ପବନ ପ୍ରବାହିତ କରିବ। ଏହାର ଉନ୍ମୋଚନ ଅବସରରେ ଗୋଦରେଜ୍ ଏଣ୍ଟରପ୍ରାଇଜେସ୍ ଗ୍ରୁପ ବ୍ୟବସାୟ ମୁଖ୍ୟ ଓ ଇଭିପି-ଆପ୍ଲାଏନସେ ସବ୍ୟବସାୟ କମଳ ନନ୍ଦୀ କହିଛନ୍ତି ଯେ, 'ଗ୍ରୀଷ୍ମ ପ୍ରବାହ ଜଟିଳ ହେବାରୁ ଗ୍ରାହକଙ୍କ ଘରେ ବିବିଧ, ପ୍ରଭାବଶାଳୀ ଓ ସୁଲଭ ଶୀତଳତା ସମାଧାନ ରଜରୁରୀ କାଳୀନ ଆବଶ୍ୟକତା ଦେଖାଦେଇଛି। ଏହି ମେଡ ଇନ ଇଣ୍ଡିଆ ଗୋଦରେଜ ଏଜ ମିନିକୁଲ ଆକର୍ଷଣୀୟ ୱାଇନ ରେଡ ଓ ଡାର୍କଗ୍ରେ ରଙ୍ଗରେ ସାରା ଭାରତରେ ଥିବା ଷ୍ଟୋରରେ ୧୦,୪୯୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହୋଇଛି। ଏହା ସହିତ ୧ ବର୍ଷର ବ୍ୟାପକ ୱାରେଂଟି ରହିଛି ଏବଂ ସହଜ ଇଏମଆଇ ଓ ଶୂନ ଡାଉନ ପେମେଂଟ ଜରିଆରେ ଏହାକୁ କିଣା ଯାଇପାରିବ।

## ଆମାଜନ୍ ପକ୍ଷରୁ ଆକର୍ଷଣୀୟ ଡିଲ୍

ନୂଆଦିଲ୍ଲୀ: ଆମାଜନ ବିଜନେସ୍ ଗ୍ରେଟ୍ ସମର ସେଲ୍ ସମୟରେ ବର୍ତମାନ ଉପଲବ୍ଧ ଡିଲ୍ ଏବଂ ଅଫରଗୁଡ଼ିକୁ ପ୍ରକାଶ କରିଛି, ଯାହା ଦେଶବ୍ୟାପୀ ବ୍ୟବସାୟିକ ଗ୍ରାହକମାନଙ୍କ ପାଇଁ ଯଥେଷ୍ଟ ସଂଚୟ ସୁଯୋଗ ପ୍ରଦାନ କରୁଛି। ଏହି ବିକ୍ରୟରେ ଲାପଟପ୍, ଟାବଲେଟ୍, ହେଡଫୋନ୍, ଏସି, କୁଲର, ଫ୍ୟାନ୍, ଅଫିସ ଫର୍ଣ୍ଣିଚର, ରୋଷେଇ ଘର ଉପକରଣ ଏବଂ ଗ୍ରୀନ ସୋଲ୍, ବୋଟ୍, ଜେବିଏଲ୍, ଡାଇକିନ୍, ବୋଶ୍, ଏଚପି, ସାମସଙ୍ଗ ଏବଂ ସିନୋ ଭଳି ଶୀର୍ଷ ବ୍ରାଣ୍ଡର ଶିଳ୍ପ ଯୋଗାଣ ସମେତ ବିଭିନ୍ନ ପ୍ରକାରର ୨ ଲକ୍ଷରୁ ଅଧିକ ଅନନ୍ୟ ଉତ୍ପାଦ ଉପରେ ୭୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଇଛି। 'ଆମାଜନ ବିଜନେସ୍ ଗ୍ରେଟ୍ ସମର ସେଲ୍ ଅବିଶ୍ୱସନୀୟ ଡିଲ୍ ପ୍ରଦାନ କରୁଛି ଯାହା ଆମର ବ୍ୟବସାୟିକ ଗ୍ରାହକମାନଙ୍କ ପାଇଁ ମୂଲ୍ୟ ସଂଚୟକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଅନଲକ୍ କରୁଛି,' ବୋଲି କହିଛନ୍ତି ମିତ୍ରନ ଭାଦୁରୀ, ଡାଇରେକ୍ଟର - ଆମାଜନ ବିଜନେସ୍। ଆମାଜନ ବିଜନେସ ଗ୍ରେଟ ସମର ସେଲରେ ଡିଲର କିଛି ମୁଖ୍ୟ ବିଷୟ ହେଉଛି ଗ୍ରୀନ ସୋଲ୍, ସେଲବେଲ୍, ଫିଦରଲାଇଟ୍, ଏବଂ ଦି ସ୍ଲିପ୍ କମ୍ପାନୀ ରୁ ଅଫିସ୍ ଚେୟାର ଉପରେ ୮୦% ପର୍ଯ୍ୟ' ରିହାତି, ବୋଟ୍, ବୋଲ୍ଟ, ଜେବିଏଲ, ଏବଂ ସୋନି ରୁ ବେଷ୍ଟସେଲିଂ ହେଡଫୋନ୍ସ ଉପରେ ୭୦% ପର୍ଯ୍ୟନ୍ତ ରିହାତି, ବୋଟ୍, ଜେବିଏଲ୍, ସୋନି, ଏବଂ ଜେବ୍ରୋନିକ୍ସ ରୁ ବେଷ୍ଟ ସେଲିଂ ସ୍ପିକର୍ସ ଉପରେ ୭୦% ପର୍ଯ୍ୟନ୍ତ ରିହାତି ପାଆନ୍ତୁ। ସେହିଭଳି କ୍ୟାରିୟର, ଡାଇକିନ୍, ପାନାସୋନିକ୍ ଏବଂ ଏଲଜିରୁ ଏୟାର କଣ୍ଡିସନର ଉପରେ ୬୦% ପର୍ଯ୍ୟନ୍ତ ରିହାତି ପାଆନ୍ତୁ। ବୋସ, ଷ୍ଟାନଲି, ଏବଂ ବ୍ଲାକ+ ଡେକର ରୁ ଔଦ୍ୟୋଗିକ ଯୋଗାଣ ଉପରେ ୬୦% ପର୍ଯ୍ୟନ୍ତ, ଏସର, ଡେଲ୍, ଏଚପି, ଆପଲ, ଏବଂ ଆସସ ରୁ ୫୦% ପର୍ଯ୍ୟନ୍ତ, ଆପଲ, ସାମସଙ୍ଗ, ଲେନୋଭୋ, ଏବଂ ୱାନପ୍ଲସରେ ୫୦% ପର୍ଯ୍ୟନ୍ତ ରିହାତି ଏବଂ ବଜାଜ, କ୍ରମ୍ପଟନ, ଏବଂ ସିନୋ ର ଏୟାର କୁଲର୍ସ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଆନ୍ତୁ।

## ପତଞ୍ଜଳି ମ୍ୟୁଜିୟମ୍ ଅଫ୍ ଓରିଜିମ୍ ଏବଂ କାଣ୍ଟିନମ୍ ବିଷୟ ଉପରେ ସମ୍ମିଳନୀ




ହରିଦ୍ୱାର: ପତଞ୍ଜଳି ପକ୍ଷରୁ ଇତିହାସ ଲେଖା ଏବଂ ପ୍ରମାଣିକରଣ ପାଇଁ ବିଭିନ୍ନ କାର୍ଯ୍ୟ ଜାରି ରହିଛି। ବୀରବଲ ସାହାଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପୋଲିଓ ସାଇନ୍ସ, ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେସନ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟ ସହଯୋଗରେ ମ୍ୟୁଜିୟମ୍ ଅପ୍ ଓରିଜିମ୍ ଏବଂ କ୍ୟାଣ୍ଟିନମ୍ ବିଷୟରେ ଉପରେ ଏକ ଏକଦୀବସୀୟ ସମ୍ମିଳିନୀ ଆୟୋଜିତ ହୋଇଥିଲା। ଏଥିରେ ସ୍ୱାମୀ ରାମଦେବଜୀ ମହାରାଜ ଏବଂ ଆଚାର୍ଯ୍ୟ ବାଳକୃଷ୍ଣଜୀ ମହାରାଜଙ୍କ ସହ ଦେଶର ଐତିହାସିକ, ବୈଜ୍ଞାନିକ ଏବଂ ବିଦ୍ୱାନମାନେ ଯୋଗଦେଇ ମାନସମନ୍ଥନ କରିଥିଲେ। ସମ୍ମିଳନୀରେ ନାକ୍ କାର୍ଯ୍ୟକାରୀ ସମିତି ଅଧ୍ୟକ୍ଷ ଅନୀଲ ସହସ୍ରବୃଦ୍ଧି ଯୋଗଦେଇ କହିଥିଲେ ଯେ, ପତଞ୍ଜଳି ପକ୍ଷରୁ ଇତିହାସ ଲେଖାଯିବା ଏବଂ ପ୍ରାମାଣିକରଣ ତଥ୍ୟ ଲେଖାଯିବା ଆଗାମୀ ପିଢ଼ୀ ପାଇଁ ପ୍ରେରଣା ଯୋଗାଇବ। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ୱାଇଏସ୍ ରାୱତ ଏଥିରେ ଯୋଗଦେଇ କହିଥିଲେ ଯେ, ପତଞ୍ଜଳି ପକ୍ଷରୁ ଇତିହାସର ସଂଗ୍ରକ୍ଷଣ କରାଯିବା ଏକ ଅଦ୍ୱିତୀୟ କାର୍ଯ୍ୟ। ଏହି କାର୍ଯ୍ୟ ପାଇଁ ସେ ପତଞ୍ଜଳିକୁ ଭୂରିଭୂରି ପ୍ରଶଂସା କରିଥିଲେ। ଏହା ବିଶ୍ୱ ଇତିହାସକୁ ପୁଣି ଥରେ ପୁର୍ନଜୀବିତ କରିବ ବୋଲି ସେ ମତ ରଖିଥିଲେ। ଏହି ଅବସରରେ ସ୍ୱାମୀ ରାମଦେବଜୀ ମହାରାଜ କହିଥିଲେ ଯେ, ଭାରତର ଗୌରବମୟ ଇତିହାସ ପଢ଼ିବା ସହ ବୁଝିବା ପରେ ଏହାକୁ ଛପା ଯାଇଛି। ପତଞ୍ଜଳି ପକ୍ଷରୁ ଭାରତର ସ୍ୱର୍ଣ୍ଣିମ ଇତିହାସକୁ ସଂରକ୍ଷଣ କରିବା ପ୍ରଥମେ ପତଞ୍ଜଳି ଉଠାଇଥିଲା। ସେହିପରି ଆଚାର୍ଯ୍ୟ ବାଳକୃଷ୍ଣ କହିଥିଲେ ଭାରତୀୟ ଇତିହାସ ବାସ୍ତବ ରୂପରେ ବିଶ୍ୱର ଇତିହାସ ଅଟେ। ଆମେ ବିଶ୍ୱସ୍ତରରେ ପ୍ରାଚୀନ ଇତିହାଓ ଓ ଶାସ୍ତ୍ରୀୟ ପରମ୍ପରାକୁ ନେଇ ଜ୍ଞାନବିଜ୍ଞାନକୁ ପୁନଃପ୍ରତିଷ୍ଠା କରିବାକୁ ଚାହୁଁଛୁ। ଏହି କାର୍ଯ୍ୟକ୍ରମରେ ବିଏସ୍‌ଆଇପିର ନିର୍ଦ୍ଦେଶକ ଏମ୍‌ଜି ଠକ୍‌ର, ଶିକ୍ଷା ମନ୍ତ୍ରଣାଳୟର ଆଇକେଏସ୍ ପ୍ରଭାଗ ପ୍ରମୁଖ ଜି ସୂର୍ଯ୍ୟନାରାୟଣ ମୂର୍ତ୍ତି। ଗୁଜରାଟର ଆର୍କିଟେକ୍ ପାର୍ଥ ଠକ୍‌ର, ଏହ୍ଲାବାଦ ସଂଗ୍ରାହଳର ନିର୍ଦ୍ଦେଶକ ରାଜେସ୍ ପ୍ରସାଦଙ୍କ ସହ ଯୋଗଦେଇ ମାନସମନ୍ଥନ କରିଥିଲେ।

## ସେବି ନିକଟରେ ଡିଆରଏଚ୍‌ପି ଦାଖଲ

ନୂଆଦିଲ୍ଲୀ କ୍ରିସ କ୍ୟାପିଟାଲ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ସେପିଆ ଇନଭେଷ୍ଟମେଣ୍ଟ ସମର୍ଥିତ ସଂସ୍ଥା କରୋନା ରେମେଡିଜ ଲିମିଟେଡ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। ମହିଳା ସ୍ୱାସ୍ଥ୍ୟ ସେବା, କାର୍ଡିଓ-ଡାଇବେଟୋ, ଯନ୍ତ୍ରଣା ପରିଚାଳନା, ୟୁରୋଲୋଜି ଓ ଅନ୍ୟାନ୍ୟ ଥେରାପି କ୍ଷେତ୍ରୋରେ ବିକାଶ, ଉତ୍ପାଦନ ଓ ଉତ୍ପାଦର ମାର୍କେଟିଂରେ ନିୟୋଜିତ ଥିବା କରୋନା ରେମେଡିଜ ଲିମିଟେଡ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ୮୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖିଛି। ଏହି ସମଗ୍ର ୮୦୦ କୋଟି ଟଙ୍କାର ପାଣ୍ଠି ଅଫର ଫର ସେଲ ଜରିଆରେ ସଂଗ୍ରହ କରାଯିବ।ଏହି ଇସ୍ୟୁର ବୁକ ରନିଂ ଲିଡ ମ୍ୟାନେଜରମାନେ ହେଉଛନ୍ତି ଜେଏମ ଫାଇନାନ୍ସିଆଲ ଲିମିଟେଡ, ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ ଓ କୋଟକ ମହିନ୍ଦ୍ରା କ୍ୟାପିଟାଲ କମ୍ପାନି ଲିମିଟେଡ।

## 'ଫାଣ୍ଟାସି ଜରୁରୁ ହେଁ'ର ଶୁଭାରମ୍ଭ



ନୂଆଦିଲ୍ଲୀ : ସନଫିଷ୍ଟ ଡାର୍କ ଫାଣ୍ଟାସି ତାହାର ସଦ୍ୟତମ ବ୍ରାଣ୍ଡ ପ୍ରୟାସ 'ଫାଣ୍ଟାସି ଜରୁରୀ ହେଁ' ଶୁଭାରମ୍ଭ କରିଛି, ଯାହାର କେନ୍ଦ୍ରସ୍ଥଳରେ ରହିଛି ଏକ ଉତ୍ସାହଜନକ ହିନ୍ଦୀ କବିତା, ଏବଂ ଏହା ଏକ ଚଳଚ୍ଚିତ୍ର ଆକାରରେ ଉପସ୍ଥାପନ କରାଯାଇଛି। ଜାତୀୟ ପୁରସ୍କାର-ବିଜେତା ଗୀତିକାର ଏବଂ କଣ୍ଠଶିଳ୍ପୀ ସ୍ୱାନନ୍ଦ କିରକିରେଙ୍କ ଦ୍ୱାରା ଲିଖିତ ଏବଂ ବଲିଉଡ ବାଦଶାହ ଶାହରୁଖ ଖାଁଙ୍କ ଦ୍ୱାରା ଗାନ କରାଯାଇଥିବା ଏହି କବିତା ଶ୍ରୋତାମାନଙ୍କୁ ଦୈନନ୍ଦିନ ଗତାନୁଗତିକ ଜୀବନରୁ ଏକ ଅଦ୍ଭୁତ ଏବଂ ଚିନ୍ତନଶୀଳ ଯାତ୍ରାରେ ଫାଣ୍ଟାସିର ସୀମାହୀନ ସମ୍ଭାବନା ଆଡକୁ ନେଇଯାଉଛି। ଅଲି ହାରିସ ଶେରେ, ଚିଫ ଅପରେଟିଂ ଅଫିସର, ବିସ୍କୁଟସ ଆଣ୍ଡ କେକସ୍ କ୍ଲଷ୍ଟର, ଫୁଡସ୍ ଡିଭିଜନ, ଆଇଟିସି ଲିମିଟେଡ କହିଥିଲେ, 'ଫାଣ୍ଟାସି ଅତ୍ୟନ୍ତ ବ୍ୟକ୍ତିଗତ, ତଥାପି ସାର୍ବଜନୀନ ଭାବରେ ପ୍ରାସଙ୍ଗିକ। 'ଫାଣ୍ଟାସି ଜରୁରୀ ହେଁ' ସହିତ ଆମେ ଡାର୍କ ଫାଣ୍ଟାସିରେ ଜନସାଧାରଣ ସେମାନଙ୍କର ଦୈନନ୍ଦିନ ରୁଟିନରୁ ନିଜକୁ ମୁକ୍ତ କରି ସେମାନଙ୍କ ଜୀବନରେ ଫାଣ୍ଟାସିର ରୂପାନ୍ତରଣକାରୀ ସ୍ପର୍ଶକୁ ପୁନଃ ଆବିଷ୍କାର କରିବାକୁ ଆହ୍ୱାନ କରୁଛୁ। ଏହି ପ୍ରୟାସ ଡିଜିଟାଲ-ପ୍ରଥମ ଆକାରରେ ପ୍ରଚଳନ କରାଯାଇଥିଲା, ଯେଉଁଥିରେ ଚଳଚ୍ଚିତ୍ର ପ୍ରମୁଖ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକ ଜରିଆରେ ଦର୍ଶକଙ୍କ ନିକଟରେ ପହଞ୍ଚିଥିଲା। ଶାହରୁଖ ଖାଁ ଏହି ଚଳଚ୍ଚିତ୍ରରେ ନିଜର କଣ୍ଠଦାନ ସହିତ ତାଙ୍କର ଉପସ୍ଥିତିକୁ ନେଇ କହିଥିଲେ, 'ଫାଣ୍ଟାସି କହିଲେ ପଳାୟନ ନୁହେଁ- ଏହା ସେହିଭଳି ଏକ ବିଷୟ ଯେଉଁଠାରେ ସ୍ୱପ୍ନ ଆରମ୍ଭ ହୁଏ। ସୁଚିତ୍ରା ଗାହଲୋଟ, ନ୍ୟାସ୍‌ନାଲ କ୍ରିଏଟିଭ ଡାଇରେକ୍ଟର, ଏଫସିବି ଉଲ୍‌କା କହିଥିଲେ, 'ଫାଣ୍ଟାସି ଜରୁରୀ ହେଁ' କେବଳ ଏକ ବ୍ରାଣ୍ଡ ପ୍ରଚାର ଅଭିଯାନ ନୁହେଁ- ଏହା ଫାଣ୍ଟାସିର ଯାଦୁକରୀ ଶକ୍ତିକୁ ନେଇ ଆଲୋଚନାକୁ ପ୍ରେରିତ କରିବାକୁ ଉଦ୍ଦିଷ୍ଟ। 'ଫାଣ୍ଟାସି ଜରୁରୀ ହେଁ' ସହିତ ସନଫିଷ୍ଟ ଡାର୍କ ଫାଣ୍ଟାସି ଶାହରୁଖ ଖାଁଙ୍କ ସହିତ ନିଜର ଘନିଷ୍ଠ ସମ୍ପର୍କକୁ ଅଧିକ ନିବିଡ କରୁଛି ଏବଂ ସମଗ୍ର ଭାରତରେ ଜନସାଧାରଣଙ୍କୁ ଏକ ପ୍ରଭାବଶାଳୀ ବାର୍ତ୍ତା ଦେଉଛି। ସମ୍ମିଳିତ ଭାବରେ ସେମାନେ ନିୟୁତ ନିୟୁତ ଲୋକଙ୍କୁ ସାଧାରଣରୁ ନିଜକୁ ମୁକ୍ତକରି ଫାଣ୍ଟାସିର ରୂପାନ୍ତରଣକାରୀ ଶକ୍ତି ଜରିଆରେ କିଛି ସ୍ୱତନ୍ତ୍ର ପୁନଃ ଆବିଷ୍କାର କରିବାକୁ ଆମନ୍ତ୍ରଣ କରୁଛି।

## ଖରାପ ମୁଦ୍ରାସ୍ଫୀତି ସମ୍ଭାବନା ସୃଷ୍ଟି କରିଛି ଆମେରିକାର ଆର୍ଥିକ ନୀତି

ନୂଆଦିଲ୍ଲୀ: ଆମେରିକା ଏପ୍ରିଲ ୨ ତାରିଖରେ ଦ୍ୱିପାକ୍ଷିକ ଶୁଳ୍କ ଘୋଷଣା କରିଥିବା ବେଳେ ତାହାକୁ ୯୦ ଦିନ ପାଇଁ ସ୍ଥଗିତ ରଖିବା ସହ ସେଥିରେ ଛାଡ ପ୍ରଦାନ କରିଥିଲା। ତେବେ ଚୀନ ସହ ବାଣିଜ୍ୟ ବୃଦ୍ଧି ବଜାୟ ରହିଛି। ନୀତି ଜନିତ ଅନିଶ୍ଚିତତା ଯୋଗୁଁ ଆମେରିକାର ଦୀର୍ଘମିଆଦୀ ରାଜସ୍ୱ ଆୟ ବୃଦ୍ଧି ପାଇଥିଲା ଏବଂ ଆମେରିକୀୟ ଡଲାର ଦୁର୍ବଳ ହୋଇଯାଇଥିଲା, ଯାହା ଅତ୍ୟନ୍ତ ଅସ୍ୱାଭାବିକ ଥିଲା । ପ୍ରଥମତଃ ଅନ୍ତର୍ଜାତୀୟ ସମ୍ପତି ଆବଂଟନ କ୍ଷେତ୍ରରେ ପରିବର୍ତ୍ତନ, ଯେଉଁଠାରେ ଆମେରିକୀୟ ନୀତି ଓ ସମ୍ପତିଗୁଡିକର ବିଶ୍ୱସନୀୟତାକୁ ପୁନଃମୂଲ୍ୟାୟନ କରାଯାଉଛି।ଆମେରିକୀୟ ନୀତି ଅସ୍ଥିର ଓ ଦୁର୍ବଳ ରହିଥିବା ବେଳେ ଟାରିଫଗୁଡିକ ଖରାପ ମୁଦ୍ରାସ୍ଫୀତି ବିପଦକୁ ବୃଦ୍ଧି କରିଛି ଏବଂ ଟିକସ ହ୍ରାସ ଓ ନିଯୁକ୍ତି ଆଇନର ସମ୍ଭାବ୍ୟ ବିସ୍ତାର ସରକାରଙ୍କ ଋଣ ଓ ସୁଧ ହାରକୁ ଆହୁରି ବୃଦ୍ଧି କରିପାରେ। ଫେଡ୍ ଦ୍ୱାରା ସୁଧ ହାର ହ୍ରାସ ଓ ବର୍ଦ୍ଧିତ ବାଲାନ୍ସ ସିଟ ପଦକ୍ଷେପଗୁଡିକ ମାଧ୍ୟମରେ ଦୁର୍ବଳ ଅଭିବୃଦ୍ଧି ପାଇଁ ପ୍ରତିକ୍ରିୟା ୨୦୦୮ ଆର୍ଥିକ ସଙ୍କଟ ପରବର୍ତୀ ବର୍ଷଗୁଡିକ ତୁଳନାରେ କମ୍ ହୋଇପାରେ। ହେଜ୍ ଫଣ୍ଡଗୁଡିକ ଦ୍ୱାରା ଉଚ୍ଚ ମାର୍ଜିନ କଲ୍ ଏବଂ ବ୍ୟବହୃତ 'ବେସିସ୍ ଟ୍ରେଡ୍'ର ଉନ୍ମୋଚନ ଭଳି ବୈଷୟିକ ଦିଗଗୁଡିକ ଟ୍ରେଜରି ମାର୍କେଟରେ ସମସ୍ୟାକୁ ଆହୁରି ବୃଦ୍ଧି କରିପାରେ ବୋଲି ବନ୍ଧନ ଏଏମ୍‌ସିର ଫିକ୍ସଡ ଇନ୍‌କମ୍ ବିଭାଗର ଉପାଧ୍ୟକ୍ଷ ଓ ଅର୍ଥନୈତିଜ୍ଞ ଶ୍ରୀଜିଥ ବାଲାସୁବ୍ରମଣ୍ୟନ କହିଛନ୍ତି। ଏହି ପ୍ରସଙ୍ଗରେ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ଉପରେ ୟୁଏସ୍ ନୀତିଗୁଡିକର ସଦ୍ୟତମ ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ଅଟେ। ମୁଦ୍ରାସ୍ଫୀତି ଉପରେ ପ୍ରଭାବ ଚୂଡାନ୍ତ ଟାରିଫ ରେଟ, ରପ୍ତାନୀକାରୀ ଓ ଆମଦାନୀକାରୀଙ୍କ ଦ୍ୱାରା ବହନ କରାଯାଇଥିବା ଅଂଶ, ରପ୍ତାନୀକାରୀମାନେ କମ୍ ମୂଲ୍ୟରେ ବିକଳ୍ପ ସମ୍ବଳ ସନ୍ଧାନ କରିବାକୁ ସକ୍ଷମ ହେବେ କି ନାହିଁ ଏବଂ ଉପଭୋକ୍ତାଙ୍କ ଦ୍ୱାରା କେତେ ଭଲ ଭାବରେ ତାହାକୁ ଗ୍ରହଣ କରିବେ ତାହା ଉପରେ ନିର୍ଭର କରିବ। ଉପଭୋକ୍ତାଙ୍କ ଭାବନା, ଆୟ ଓ ବେତନ ବୃଦ୍ଧି ଆଶା ହ୍ରାସ ପାଇଥିବା ବେଳେ ମୁଦ୍ରାସ୍ଫୀତି ଆଶା ବୃଦ୍ଧି ପାଇଛି। ତେଣୁ ଆମେରିକାର ଆର୍ଥିକ ନୀତି ଓ ଏହା ଚାରିପାଖରେ ରହିଥିବା ଅନିଶ୍ଚିତତା ଏକ ଖରାପ ମୁଦ୍ରାସ୍ଫୀତି ଭଳି ଆର୍ଥିକ ପରିବେଶର ସମ୍ଭାବନା ସୃଷ୍ଟି କରିଛି (ଯେଉଁଠାରେ ଅଭିବୃଦ୍ଧି ହ୍ରାସ ପାଇବ ଓ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି)।

## ଭାରତ ହେବ ବିଶ୍ୱର ୪ର୍ଥ ବୃହତ୍ତମ ଅର୍ଥନୀତି: ଆଇଏମ୍‌ଏଫ୍

ନୂଆଦିଲ୍ଲୀ: ଚଳିତ ବର୍ଷ ଭାରତୀୟ ଅର୍ଥନୀତି ଏକ ବଡ଼ ମାଇଲଖୁଣ୍ଟ ଅତକ୍ରମ କରିବାକୁ ଯାଉଛି । ଭାରତୀୟ ଅର୍ଥନୀତି ଚଳିତ ବର୍ଷ ଶେଷସୁଦ୍ଧା ଜାପାନକୁ ପଛରେ ପକାଇ ବିଶ୍ୱର ୪ର୍ଥ ବୃହତ୍ତମ ଅର୍ଥନୀତି ହେବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ) ପୂର୍ବାନୁମାନ କରିଛି। ଆଇଏମଏଫ ଦ୍ୱାରା ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଆଉଟଲୁକ ଏପ୍ରିଲ ୨୦୨୫ ରେ ଏହି ସୂଚନା ଦିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୫ ମସିହାରେ ଭାରତର ମୋଟ ଘରୋଇ ଉତ୍ପାଦ ବା ଜିଡିପି ୪,୧୮୭.୦୧୭ ବିଲିୟନ ଡଲାରକୁ ବୃଦ୍ଧି ପାଇବ। ସେହି ସମୟରେ, ଜାପାନର ଜିଡିପିର ଆକାର ୪,୧୮୬.୪୩୧ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି। ଜିଡିପିରେ ଭାରତଠାରୁ ଆମେରିକା, ଚୀନ୍, ଜର୍ମାନୀ ଏବଂ ଜାପାନ ଆଗରେ ଅଛନ୍ତି। ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି। ଜିଡିପିରେ ଭାରତଠାରୁ ଆମେରିକା, ଚୀନ୍, ଜର୍ମାନୀ ଏବଂ ଜାପାନ ଆଗରେ ଅଛନ୍ତି।



ନୂଆଦିଲ୍ଲୀ: ଉତ୍ତର ପ୍ରଦେଶର ଆମରୋହା ନିବାସୀ ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମିଙ୍କୁ ମିଳିଛି ହତ୍ୟା ଧମକ। ଇ-ମେଲ ମାଧ୍ୟମରେ ତାଙ୍କୁ ଏହି ଧମକ ମିଳିଛି। ଏନେଇ ଶାମିଙ୍କ ଭାଇ ହସିବ ଆମରୋହା ପୋଲିସ ନିକଟରେ ପହଞ୍ଚିବା ପରେ ଆମରୋହା ଏସ୍‌ପି ଅମିତ କୁମାର ଆନନ୍ଦଙ୍କ ନିର୍ଦ୍ଦେଶ ପରେ ସାଇବର ସେଲ୍‌ରେ ଏହି ମାମଲା ସମ୍ପର୍କରେ ଏକ ଏଫ୍‌ଆଇଆର ପଞ୍ଜିକୃତ ହୋଇଥିଲା। ତେବେ ଶାମି ରବିବାର ତାଙ୍କ ଇମେଲରେ ରାଜପୁତ ସିନ୍ଧର ନାମକ ଏକ ମେଲ ଆଇଡିରୁ ଏକ ଧମକପୂର୍ଣ୍ଣ ମେସେଜ ପାଇଥିବା ତାଙ୍କ ଭାଇ ପୋଲିସକୁ କହିଛନ୍ତି। ତେବେ ଏହି କଥା ସାମ୍ନାକୁ ଆସିବା ପରେ ଆମରୋହା ସାଇବର ସେଲ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ଶାମିଙ୍କୁ ଏ ସଂକ୍ରାନ୍ତରେ ପ୍ରଥମେ ମେ' ୪ରେ ଏକ ଇମେଲ ଆସିଥିଲା। ଏହାପରେ ଦ୍ୱିତୀୟ ଇମେଲ ଆଜି ସକାଳେ ଆସିଥିଲା। ସେଥିରେ ଲେଖାଯାଇଛି ଯେ ଆମେ ତୁମକୁ ହତ୍ୟା କରିବୁ। ସରକାର ଆମର କିଛି କରିପାରିବେ ନାହିଁ ବୋଲି କୁହାଯାଇଛି। କର୍ଣ୍ଣାଟକର ରାଜପୁତ ସିନ୍ଧର ନାମକ ମେଲ୍ ଆଇଡିରୁ ମେଲଟି ପଠାଇଛନ୍ତି, ଯେଉଁଥିରେ ୧ କୋଟି ଟଙ୍କା ନ ଦେଲେ ଜୀବନରେ ମାରି ଦେବାକୁ ଧମକ ମିଳିଛି। ପୋଲିସ ତଦନ୍ତ କରୁଛି। ବର୍ତ୍ତମାନ ଶାମି ଆଇପିଏଲ୍ ୨୦୨୫ ଟୁର୍ନାମେଣ୍ଟରେ ବ୍ୟସ୍ତ ଅଛନ୍ତି। ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ସେ ଖେଳୁଛନ୍ତି। ଚଳିତ ଆଇପିଏଲ୍‌ରେ ହାଇଦ୍ରାବାଦ ଟିମ୍‌ର ପ୍ରଦର୍ଶନ ସେତେଟା ଭଲ ରହିନାହିଁ। ଏଯାଏ ଦଳ ୧୦ ମ୍ୟାଚ୍ ଖେଳିଥିବା ବେଳେ ୭ ମ୍ୟାଚରେ ପରାଜିତ ହୋଇଛି।

## ୫୬ତମ ମ୍ୟାଚ୍ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଗୁଜରାଟ ଟାଇଟାନ୍ସ

# ଗୁଜରାଟ ଟାଇଟାନ୍ସ ୩ୱିକେଟ୍‌ରେ ବିଜୟୀ



ମୁମ୍ବାଇ: ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମଠାରେ ମଙ୍ଗଳବାର ଖେଳାଯାଇଥିବା ଆଇପିଏଲ ୨୦୨୫ର ୫୬ତମ ମ୍ୟାଚ ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚକୁ ଗୁଜରାଟ ୩ୱିକେଟ୍‌ରେ ଜିତି ନେଇଛି। ଗୁଜରାଟ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଆରମ୍ଭରୁ ୱିକେଟ ହରାଇ ସଂକଟରେ ପଡ଼ିଥିଲା। ରିୟାନ ରିକଲଟନ ମାତ୍ର ୨ ରନ କରିଥିବାବେଳେ ରୋହିତ ଶର୍ମା ୭ ରନ କରିଥିଲେ। ତେବେ ୱିଲ ଜାକ୍ସ ଓ ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ହୋଇଥିଲା। ଜାକ୍ସ ୫୩ ରନ କରିଥିବାବେଳେ ସୂର୍ଯ୍ୟକୁମାର ୩୫ ରନ କରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ ହେବା ପରେ ଆସିଥିବା ତିନି ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ହାର୍ଦ୍ଦିକ ପାଣ୍ଡ୍ୟା, ତିଳକ ବର୍ମା ଓ ନମନ ଧୀର ଶୀଘ୍ର ଆଉଟ ହୋଇଯିବା ଫଳରେ ମୁମ୍ବାଇ ବଡ ସ୍କୋର କରି ପାରିନଥିଲା। ତେବେ ଶେଷ ବେଳକୁ କର୍ବିନ ବୋସ ୨୭ ରନର ଏକ ଉପଯୋଗୀ ପାଳି ଖେଳିଥିଲେ। ଯାହାଫଳରେ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୫ ରନ କରିଥିଲା। ଗୁଜରାଟ ପକ୍ଷରୁ ସାଇକିଶୋର ୨ଟି ୱିକେଟ ନେଇଥିବାବେଳେ ମହମ୍ମଦ ସିରାଜ, ଅର୍ସଦ ଖାଁ, ପ୍ରସିଦ୍ଧ କ୍ରିଷ୍ଣା, ରସିଦ ଖାଁ ଓ ଗେରାଲ୍ଡ କୋଜି ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଗୁଜରାଟ ଟାଇଟନ୍ସ ୧୯ ଓଭରରେ ୭ୱିକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ୫, ଅଧିନାୟକ ଶୁଭମନ ଗିଲ୍ ୪୩, ଜୋସ ବଟଲର ୩୦, ସେଫରନ୍ ରଦରଫୋର୍ଡ ୨୮, ସାରୁଖ ଖାନ୍ ୬, ରାହୁଲ ତିୱାରୀ ୧୧, ରସିଦ୍ ଖାନ୍ ୨, ଜେରାଲ୍‌ଡ କୋଟେଜି ୧୨, ଅର୍ସଦ ଖାନ୍ ୧ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ଦୀପକ ଚହର ୧ୱିକେଟ, ଟ୍ରେଣ୍ଟ ବୋଲ୍ଟ ଓ ଜସପ୍ରୀତ ବୁମ୍‌ରା, ଅଶ୍ୱିନୀ କୁମାର ପ୍ରତ୍ୟେକ ୨ୱିକେଟ ଅକ୍ତିଆର କରିଥିଲେ।

## ରୁଡ୍‌ଙ୍କ ପ୍ରଥମ ମାଷ୍ଟର୍ସ ଟାଇଟଲ



ମାଡ୍ରିଡ୍: କାସ୍ପର ରୁଡ୍ ମାଡ୍ରିଡ୍ ପ୍ରଥମଥର ପାଇଁ ଓପନ ଫାଇନାଲ ଜିତିଛନ୍ତି। ସେ ଜ୍ୟାକ୍ ଡ୍ରାପରଙ୍କୁ ୭-୫, ୩-୬, ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ଏଥିସହିତ ସେ ନରୱେର ପ୍ରଥମ ଖେଳାଳି ହିସାବରେ ମାଷ୍ଟର୍ସ ୧,୦୦୦ ଟାଇଟଲ ହାସଲ କରିଛନ୍ତି। ୧୫ତମ ର୍‌ୟାଙ୍କିଙ୍ଗପ୍ରାପ୍ତ ୨୬ ବର୍ଷୀୟ ରୁଡ୍ ସୋମବାର ପ୍ରକାଶିତ ସଦ୍ୟତମ ର୍‌ୟାଙ୍କିଙ୍ଗ ତାଲିକାରେ ଟପ୍ ୧୦ରେ ପ୍ରବେଶ କରିବା ସହ ୭ମ ସ୍ଥାନ ଅଧିକାର କରି ନେଇଛନ୍ତି। ୧୯୯୦ରେ ମାଷ୍ଟର୍ସ ସିରିଜର ପ୍ରଚଳନ ହେବାପରଠାରୁ ୧୩ ଥର ଟୁର ଚାମ୍ପିୟନ ନରୱେର ପ୍ରଥମ ଖେଳାଳି ଭାବେ ଏକ ମାଷ୍ଟର୍ସ ୧୦୦୦ ଟ୍ରଫି ହାସଲ କରିଥିବା ଏଟିପି କହିଛି। ଗତବର୍ଷ ମଣ୍ଟେ କାର୍ଲୋଠାରେ ଷ୍ଟିଫାନସ ସିତ୍‌ସିପାସ ଏବଂ ୨୦୨୨ରେ ମାୟାମିରେ କାର୍ଲୋସ ଅଲ୍‌କରାଜଙ୍କ ପରେ ରୁଡ୍‌ଙ୍କର ଏହାଥିଲା ତୃତୀୟ ଫାଇନାଲ। ଆହୁରି ମଧ୍ୟ ୨୦୨୦ ଆରମ୍ଭରୁ ଅନ୍ୟ ଯେକୌଣସି ଖେଳାଳିଙ୍କ ତୁଳନାରେ ରୁଡ୍ ସବୁଠାରୁ ଅଧିକ ୧୨ଟି କ୍ଲେ ଟାଇଟଲ ହାସଲ କରିଛନ୍ତି। ଡ୍ରାପର ମାର୍ଚ୍ଚରେ ଇଣ୍ଡିଆନ ୱେଲ୍ସ ଚାମ୍ପିୟନ ହୋଇଥିଲେ। ମାଡ୍ରିଡ୍‌ରେ କ୍ୱାର୍ଟରଫାଇନାଲ ଜିତିବା ପରେ ର୍‌ୟାଙ୍କିଙ୍ଗ ତାଲିକାର ୫ମ ସ୍ଥାନ ଅଧିକାର କରିନେଇଛନ୍ତି।

# ବଳାତ୍କାର ଅଭିଯୋଗରେ ବନ୍ଧା ହେଲେ ଖେଳାଳି



ନୂଆଦିଲ୍ଲୀ: ପୂର୍ବତନ ମୁମ୍ବାଇ ଇଣ୍ଡିଆନ୍ସ କ୍ରିକେଟର ଶିବାଳିକ ଶର୍ମାଙ୍କୁ ରାଜସ୍ଥାନର ଯୋଧପୁରର କୁଡି ଭଗତସୁନି ହାଉସିଂ ବୋର୍ଡ ପୋଲିସ ଗିରଫ କରିଛି। ଏହି ପୂର୍ବତନ ଆଇପିଏଲ୍ କ୍ରିକେଟରଙ୍କ ଉପରେ ତାଙ୍କର ଜଣେ ବନ୍ଧୁ ବଳାତ୍କାରର ଅଭିଯୋଗ ଆଣିଛନ୍ତି। ତାଙ୍କ ବିରୋଧରେ ଏହି ଅଭିଯୋଗ ଆଣିଥିବା ଯୁବତୀ ମଧ୍ୟ ତାଙ୍କ ସହିତ ନିର୍ବନ୍ଧ ହୋଇଥିବା ଜଣାପଡ଼ିଛି। କ୍ରିକେଟର ଶିବାଳିକ ଶର୍ମା ଏବଂ ଅଭିଯୋଗ ଆଣିଥିବା ଯୁବତୀ ଇନଷ୍ଟାଗ୍ରାମ ମାଧ୍ୟମରେ ବନ୍ଧୁ ହୋଇଥିଲେ। ଏହା ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା। ଏହି ସମୟ ମଧ୍ୟରେ, ଶିବାଳିକ ତାଙ୍କୁ ଭେଟିବା ପାଇଁ ଅନେକ ଥର ଯୋଧପୁର ମଧ୍ୟ ଯାଇଥିଲେ। କ୍ରିକେଟର ଜଣକ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ଦୁହିଁଙ୍କ ନିର୍ବନ୍ଧ ମଧ୍ୟ ହୋଇଥିଲା। ଯୁବତୀ ଅଭିଯୋଗ କରିଛନ୍ତି ଯେ, ଶିବାଳିକ ତାଙ୍କୁ ବିବାହ ପାଇଁ ବାରମ୍ବାର ପ୍ରତାରିତ କରୁଥିଲେ ଏବଂ ତାଙ୍କ ସହିତ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ। ପ୍ରାୟ ଗୋଟିଏ ବର୍ଷ ଏକାଠି ରହିବା ପରେ, ଶିବାଳିକଙ୍କ ପରିବାର ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ପରେ ଯୁବତୀ କୁଡି ଥାନାରେ ଶିବାଳିକ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ମାମଲା ଦାୟର କରିଥିଲା। ଏହି ଗମ୍ଭୀର ଅଭିଯୋଗ ପରେ, ଭଡୋଦରାର ଅଟଲାଦରା ଥାନା ଅଞ୍ଚଳରୁ ଶିବାଳିକଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ଯୋଧପୁର କୋର୍ଟରେ ହାଜର କରାଯାଇଥିଲା, ପରେ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଥିଲା। ଗତ ବର୍ଷ (୨୦୨୪) ଆଇପିଏଲରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଶିବାଳିକ ଶର୍ମାଙ୍କୁ ସାମିଲ କରାଯାଇଥିଲା।

# ଇତିହାସ ରଚିଲେ ପ୍ୟାଟ୍ କମିନ୍ସ

ନୂଆଦିଲ୍ଲୀ: ସନରାଇଜର୍ସ ହାଇଦ୍ରାବାଦର ଅଧିନାୟକ ପ୍ୟାଟ କମିନ୍ସ ଆଇପିଏଲ ଟୁର୍ନାମେଣ୍ଟରେ ଚମତ୍କାର ରେକର୍ଡ କରିଛନ୍ତି। ଏମିତି ରେକର୍ଡ ୧୮ ବର୍ଷ ମଧ୍ୟରେ କୌଣସି ଅଧିନାୟକ କରିପାରି ନାହାଁନ୍ତି। କମିନ୍ସଙ୍କ ଅଧିନାୟକତ୍ୱରେ, ସନରାଇଜର୍ସ ହାଇଦ୍ରାବାଦ ଦଳ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଦୃଢ଼ ବୋଲିଂ କରିଥିଲେ। ଏହି ମ୍ୟାଚ୍‌ରେ ପାୱାର ପ୍ଲେରେ ହିଁ ଦିଲ୍ଲୀ କ୍ୟାପିଟାଲ୍ସର ୩ଟି ଉଇକେଟ ନେଇଥିଲେ। କମିନ୍ସ ଏପରି କରିବାରେ ପ୍ରଥମ ବୋଲିଂ ଅଧିନାୟକ ହୋଇଛନ୍ତି। ଆଇପିଏଲ ଇତିହାସରେ ଏପର୍ଯ୍ୟନ୍ତ କୌଣସି ଅଧିନାୟକ ଏହି କୃତିତ୍ୱ ହାସଲ କରିନାହାଁନ୍ତି।


## EXECUTIVE ENGINEER, MINOR IRRIGATION DIVISION, BOKARO.

**Short e-Re-Tender Reference No.**
**WRD/MID/BOKARO (DMFT)/F2-01/2025-26 (2nd Call)**
**Date : 06.05.2025**

1. Date of Publication of Tender on website :- 15.05.2025 at 2.00 PM
2. Last date/Time for receipt of bids online bids :- e-Procurement Portal (Jharkhandtenders. gov.in)
   Fee, Security and other documents 22.05.2025 up to 2.00 PM
3. Date of Opening of Tender on website :- 24.05.2025 at 3:00 PM
4. Name & address of office Inviting tender :- Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001
5. (a) Contact no of e-Procurement officer :- 9773661712
   (b) E-mail of e-Procurement officer :- eemidbok-cemr-jhr@nic.in
6. Helpline number of e-Procurement cell :- 9431510092

| Gr. No. | Name of the work | Estimated Cost (Rs.) | EMD | Cost of BOQ | Time of Completion |
|---|---|---|---|---|---|
| 1 | Renovation and Beautification of Barka Ahar pond in village- Hosir East, Panchayat- Hosir East, Under Block- Gomia, Bokaro. | 2,49,02,150.00 | 4,98,100.00 | 10,000.00 | 6 months |

**Note :-** Only e-Tenders will be accepted. The tender amount may be changed at time of publication on website.Further details can be seen on website http://jharkhandtenders.gov.in

PR.NO.351736 Minor Irrigation(25-26):D

Executive Engineer,
Minor Irrigation Division, Bokaro


## ବିସିସିଆଇକୁ ଚେତାଇଲେ ଗ୍ରେଗ୍ ଚାପେଲ

# ବିନୋଦ କାମ୍ବଲି-ପୃଥ୍ୱୀ ଶ'ଙ୍କ ଭଳି ନ ହୁଅନ୍ତୁ ବୈଭବ



ନୂଆଦିଲ୍ଲୀ: ବିହାରର ଯୁବ ବ୍ୟାଟ୍ସମ୍ୟାନ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ବର୍ଷ ବୟସରେ ନିଜର ବ୍ୟାଟିଂ ଯୋଗୁ ନୂଆ ପରିଚୟ ସୃଷ୍ଟି କରିଛନ୍ତି। ସେ ସମ୍ପ୍ରତି ଆଇପିଏଲ୍‌ରେ ଶତକ ହାସଲ କରିବାରେ ଦ୍ରୁତତମ ଭାରତୀୟ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ବୈଭବଙ୍କ ପ୍ରତିଭା ଦେଖିବା ପରେ, ଅନେକ କିମ୍ବଦନ୍ତୀ ତାଙ୍କୁ ଭାରତୀୟ କ୍ରିକେଟର ଭବିଷ୍ୟତ ବୋଲି କହୁଛନ୍ତି। ସେହିଭଳି ସେ ଖୁବ୍‌ଶୀଘ୍ର ଟିମ୍ ଇଣ୍ଡିଆ ପାଇଁ ଖେଳିପାରନ୍ତି ବୋଲି କୁହାଯାଉଛି। ଏସବୁ ମଧ୍ୟରେ, ଭାରତର ପୂର୍ବତନ ପ୍ରଶିକ୍ଷକ ଏକ ବଡ଼ ବୟାନ ଦେଇଛନ୍ତି। ଏହି ଯୁବ ଖେଳାଳିଙ୍କୁ ସଠିକ ଭାବରେ ପରିଚାଳନା କରିବା ପାଇଁ ବିସିସିଆଇକୁ ଏକ ବଡ଼ ଚେତାବନୀ ଦେଇଛନ୍ତି। ବୈଭବ ସୂର୍ଯ୍ୟବଂଶୀ ନିଜ ବ୍ୟାଟିଂରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଏହି କ୍ରମରେ ପୂର୍ବତନ ଭାରତୀୟ ପ୍ରଶିକ୍ଷକ ଗ୍ରେଗ ଚାପେଲ ବୈଭବଙ୍କୁ ନେଇ ବିସିସିଆଇକୁ ଚେତାବନୀ ମଧ୍ୟ ଦେଇଛନ୍ତି। ବିସିସିଆଇକୁ ବୈଭବଙ୍କୁ ସଠିକ ଉପାୟରେ ପରିଚାଳନା କରିବାକୁ ପଡିବ। କାରଣ ଭାରତ ପୂର୍ବରୁ ସଚିନ ତେନ୍ଦୁଲକର, ବିନୋଦ କାମ୍ବଲି ଏବଂ ପୃଥ୍ୱୀ ଶ'ଙ୍କ ଭଳି ଯୁବ କ୍ରିକେଟରଙ୍କୁ କମ ବୟସରେ ବଡ଼ ନାମ କମାଇବାର ଦେଖିଛି। କିନ୍ତୁ ବିନୋଦ କାମ୍ବଲି ଏବଂ ପୃଥ୍ୱୀ ଶ'ଙ୍କ କ୍ୟାରିୟର ଖୁବ୍‌ଶୀଘ୍ର ଶେଷ ହୋଇଯାଇଛି।ଏପରି ପରିସ୍ଥିତିରେ, ବିସିସିଆଇକୁ ବୈଭବଙ୍କ ପ୍ରତି ଅଧିକ ଧ୍ୟାନ ଦେବାକୁ ପଡିବ ବୋଲି ସେ କହିଛନ୍ତି। ଗ୍ରେଗ ଚାପେଲ ଲେଖିଛନ୍ତି, ସଚିନ ତେନ୍ଦୁଲକର କେବଳ ପ୍ରତିଭା ଯୋଗୁ ନୁହେଁ, ବରଂ ତାଙ୍କର ଏକ ଦୃଢ଼ ସପୋର୍ଟ ସିଷ୍ଟମ୍ ମଧ୍ୟ ଥିଲା – ଜଣେ ଶାନ୍ତ ସ୍ୱଭାବ, ଜଣେ ବୁଝାମଣା ପ୍ରଶିକ୍ଷକ, ଏକ ପରିବାର ଯିଏ ତାଙ୍କୁ ସାଂସାରିକତାର ସର୍କସରୁ ରକ୍ଷା କରିଥିଲେ। ଅନ୍ୟପକ୍ଷରେ, ସମାନ ପ୍ରତିଭାଶାଳୀ ଏବଂ ଅଧିକ ଚମତ୍କାର ଥିଲେ ବି ବିନୋଦ କାମ୍ବଲି, ପ୍ରସିଦ୍ଧି ଏବଂ ଶୃଙ୍ଖଳା ମଧ୍ୟରେ ସନ୍ତୁଳନ ରଖିପାରି ନ ଥିଲେ। ପୃଥ୍ୱୀ ଶ' ମଧ୍ୟ ଆଉ ଜଣେ ଚମତ୍କାର ଖେଳାଳି ଯିଏ ଏବେ ବି ଶୀର୍ଷକୁ ଫେରିପାରିବେ। ଦିନ ଥିଲା ବିନୋଦ କାମ୍ବଲି ଏବଂ ପୃଥ୍ୱୀ ଶ'ଙ୍କୁ ଥରେ ଭାରତୀୟ କ୍ରିକେଟର ଭବିଷ୍ୟତ ବୋଲି ବିବେଚନା କରାଯାଉଥିଲା, କିନ୍ତୁ କିଛି ସମୟ ମଧ୍ୟରେ ସେମାନେ ନିଜର ପଥରୁ ଓହରି ଯାଇଥିଲେ। ଏହି ଦୁଇ ଖେଳାଳି ନିଜ ପ୍ରତିଭାକୁ ଠିକ ଭାବରେ ବ୍ୟବହାର କରିପାରିଲେ ନାହିଁ। କାମ୍ବଲିଙ୍କ କ୍ରିକେଟ କ୍ୟାରିଅର ସଚିନ ତେନ୍ଦୁଲକରଙ୍କ ଠାରୁ ଆରମ୍ଭ ହୋଇଥିଲା। କିନ୍ତୁ କାମ୍ବଲି ପଡ଼ିଆ ବାହାରେ ଜିନିଷଗୁଡ଼ିକୁ ସମ୍ଭାଳିବାରେ ବିଫଳ ହୋଇଥିଲେ ଏବଂ ତାଙ୍କର ମଦ୍ୟପାନ ନିଶା ତାଙ୍କ କ୍ୟାରିୟରକୁ ନଷ୍ଟ କରିଦେଇଥିଲା। ପୃଥ୍ୱୀ ଶ' ମଧ୍ୟ ବହୁତ କମ ବୟସରେ ଭାରତ ପାଇଁ ତିନୋଟି ଫର୍ମାଟରେ ଡେବ୍ୟୁ କରିଥିଲେ। କିନ୍ତୁ ବର୍ତ୍ତମାନ ସେ ବରିଷ୍ଠ ଦଳର ଯୋଜନାରେ କୌଣସି ସ୍ଥାନରେ ନାହାନ୍ତି। ଏହାର ସବୁଠାରୁ ବଡ଼ କାରଣ ହେଉଛି ଅନୁଶାସନହୀନତା, ଫିଟନେସ ଚିନ୍ତା ଏବଂ ତାଙ୍କର ମଇଦାନ ବାହାରର ବିବାଦ।

## ଇଭା ଜୋଭିକ, ଏମିଲିଓ ନାଭାଙ୍କୁ ମିଳିଲା ୱାଇଲ୍ଡ କାର୍ଡ



ଫ୍ଲୋରିଡା: ୧୭ ବର୍ଷୀୟା ଇଭା ଜୋଭିକ ଓ ୨୩ ବର୍ଷୀୟ ଏମିଲିଓ ନାଭା ଫ୍ରେଞ୍ଚ ଓପନ ୱାଇଲ୍ଡ କାର୍ଡ ହାସଲ କରିଛନ୍ତି। ଗତ ୫ ସପ୍ତାହ ଧରି ହୋଇଥିବା ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ପଏଣ୍ଟ ହାସଲ କରିଥିବାରୁ ଦୁହିଁଙ୍କୁ ୟୁଏସ୍ ଟେନିସ ଆସୋସିଏଶନ ପକ୍ଷରୁ ସୋମବାର ଫ୍ରେଞ୍ଚ ଓପନ ଲାଗି ୱାଇଲ୍ଡ କାର୍ଡ ଦିଆଯାଇଛି। ଜୋଭିକ ଲଗାତର ତୃତୀୟ ଥର ପାଇଁ ଗ୍ରାଣ୍ଡସ୍ଲାମ ଇଭେଣ୍ଟରେ ଭାଗ ନେବାକୁ ଯାଉଛନ୍ତି। ସେ ଗତ ସେପ୍ଟେମ୍ବରରେ ୟୁଏସ୍ ଓପନ ଓ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ବର୍ତ୍ତମାନ ସେ ୧୨୦ତମ ର୍‌ୟାଙ୍କରେ ଅଛନ୍ତି। ଅନ୍ୟପକ୍ଷରେ ୧୩୭ତମ ସ୍ଥାନରେ ନାଭା ଫ୍ରେଞ୍ଚ ଓପନରେ ଦ୍ୱିତୀୟ ଥର ପାଇଁ ଖେଳିବାକୁ ଯାଉଛନ୍ତି।


## कार्यपालक अभियंता का कार्यालय, ग्रामीण विकास विशेष प्रमण्डल, चतरा

पत्रांक 402/ग्रा०वि०वि०प्र०,चतरा, दिनांक–05.05.2025

**शुद्धि–पत्र**

ई–निविदा आमंत्रण सूचना संख्या No.–RDD/SD/CHATRA/05/2024-25/RE-03 में उल्लेखित चतरा जिलान्तर्गत प्रखण्ड पत्थलगडडा पंचायत सिंघानी में परसोनिया नदी में पुल निर्माण कार्य PR No. 351596 के कंडिका क्रमांक 03 में ई–निविदा प्राप्ति की तिथि दिनांक–07.05.2025 से दिनांक–16.05.2025 के स्थान पर दिनांक–07.05.2025 से दिनांक–27.05.2025 तथा कंडिका क्रमांक 5 में ई–निविदा खोलने की तिथि 19.05.2025 के स्थान पर 29.05.2025 पढ़ा जाय।

निविदा की शेष शर्तें पूर्ववत रहेगी।

PR 351710 Rural Development(25-26)#D

कार्यपालक अभियंता,
ग्रामीण विकास विशेष प्रमण्डल,
चतरा

## कार्यपालक अभियंता का कार्यालय राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड

**सूचना**

इस कार्यालय द्वारा आमंत्रित अल्पकालीन ई–निविदा प्रसंग सं०– NH/DEOGHAR/SBD/02/2024-25 (3rd Call) [PR NO. 345921 Deoghar(24-25):D] [Widening & Strengthening Work of Meharma bypass starting from Sidhokanho Chowk to meet at Ch. 11.2 at Meharma from Km 9.300 to Km 11.200 of NH-133 (total Length- 1.710 Km)] को अपरिहार्य कारणवश रद्द किया जाता है।

PR 351741 Deoghar(25-26).D

कार्यपालक अभियंता
राष्ट्रीय उच्च पथ प्रमंडल,देवघर

## MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍

Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427

ଏତଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି up to 30.06.2024 & MSGL ,SPL 16 ,One Plus, Guide prepaid, Super value, ADGL and all other 6 months tenure gold loans up to 30.09.2024 and MSGB ,SME Suvarna & EMI due upto 31.03.2025.Also those gold loans where interest is due and not paid up to 31.03.2025 are also included in this auction ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 19.05.2025 ସକାଳ 10 ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

**BOUDH DISTRICT - BOUDHGARH:** 426700054, 426700844, 426700846, 426700850, 426700851, 426700854, 426700868, 426700870, 426700871, 426700874, 426700876, 426700878, 426700888, 426700894, 426700897, 426700901, 426700908, 426700909, 426700912, 426700922, 426700923, 426700924, 426700929, 426700930, 426700940, 426700942, 426700947, 426700948, 426700954, 426700959, 426700960, 426700963, 426700964, 426700969, 426700971, 426700972, 426700978, 426700983, 426700984, 426700989, 426700991, 426700995, 426700997, 426701004, 426701009, 426701020, 426701021, 426701022, 426701023, 426701025, 426701029, 426701035, 426701036, 426701037, 426701038, 426701041, 426701042, 426701043, 426701044, 426701045, 426701047, 426701048, 426701050, 426701053, 426701059, 426701061, 426701062, 426701064, 426701067, 426701068, 426701069, 426701070, 426701071, 426701074, 426701077, 426701080, 426701084, 426701090, 426701091, 426701094, 426701095, 426701099, 426701101, 426701102, 426701103, 426701104, 426701109, 426701118, 426701129, 426701130, 426701136, 426701141, 426701142, 426701145, 426701148, 426701153, 426701157, 426701168, 426701174, 426701175, 426701176, 426701179, 426701181, 426701182, 426701184, 426701187, 426701191, 426701194, 426701195, 426701196, 426701200, 426701206, 426701207, 426701208, 426701209, 426701213, 426701215, 426701218, 426701222, 426701225, 426701227, 426701228, 426701229, 426701231, 426701233, 426701234, 426701235, 426701242, 426701243, 426701246, 426701247, 426701251, 426701254, 426701256, 426701258, 426701260, 426701262, 426701263, 426701268, 426701272, 426701276, 426701278, 426701287, 426701293, 426701295, 426701301, 426701302, 426701305, 426701306, 426701311, 426701312, 426701317, 426701318, 426701323, 426701324, 426701325, 426701326, 426701330, 426701332, 426701336, 426701342, 426701343, 426701344, 426701347, 426701349, 426701350, 426701352, 426701354, 426701355, 426701356, 426701359, 426701360, 426701361, 426701368, 426701371, 426701378, 426701379, 426701381, 426701382, 426701389, 426701390, 426701392, 426701393, 426701397, 426701401, 426701407, [illegible]

[illegible] 409301881, 409301882, 409301883, 409301884, 409301891, 409301893, 409301897, 409301903, 409301907, 409301908, 409301910, 409301911, 409301912, 409301916, 409301918, 409301919, 409301921, 409301924, 409301932, 409301942, 409301946, 409301954, 409301962, 409301964, 409301966, 409301969, 409301974, 409301976, 409301981, 409301990, 409301994, 409301996, 409301999, 409302004, 409302005, 409302012, 409302020, 409302029, 409302032, 409302033, 409302037, 409302038, 409302045, 409302047, 409302052, 409302053, 409302056, 409302062, 409302068, 409302071, 409302078, 409302083, 409302085, 409302090, 409302093, 409302098, 409302102, 409302105, 409302107, 409302117, 409302120, 409302127, 409302132, 409302133, 409302136, 409302150, 409302159, 409302163, 409302164, 409302176, 409302183, 409302185, 409302190, 409302191, 409302197, 409302198, 409302203, 409302220, 409302221, 409302222, 409302224, 409302226, 409302237, 409302238, 409302240, 409302257, 409302264, 409302285, 409302286, 409302287, 409302297, 409302332, 409302346, 409302392. **SUNDARGARH:** 416800652, 416800654, 416800675, 416800676, 416800705, 416800706, 416800707, 416800717, 416800718, 416800726, 416800733, 416800742, 416800744, 416800749, 416800760, 416800766, 416800775, 416800780, 416800781, 416800787, 416800788, 416800800, 416800810, 416800813, 416800814, 416800817, 416800820, 416800822, 416800827, 416800842, 416800843, 416800844, 416800845, 416800847, 416800848, 416800850, 416800857, 416800858, 416800860, 416800865, 416800866, 416800867, 416800868, 416800870, 416800873, 416800876, 416800881, 416800883, 416800884, 416800885, 416800892, 416800922, 416800945, 416800948, 416800950, 416800955, 416800963, 416800964, 416800966, 416800974, 416800976, 416800977, 416800980, 416800984, 416800986, 416800988, 416800989, 416801000, 416801006, 416801013, 416801016, 416801019, 416801022, 416801023, 416801024, 416801025, 416801032, 416801039, 416801040, 416801043, 416801046, 416801049, 416801051, 416801053, 416801062, 416801063, 416801065, 416801070, 416801075, 416801076, 416801078, 416801083, 416801086, 416801097, 416801106, 416801112, 416801130, 416801133, 416801136, 416801145, 416801150, 416801151, 416801152, 416801160, 416801161, 416801165, 416801167, 416801176, 416801177, 416801187, 416801195, 416801206, 416801208, 416801214, 416801234, 416801235, 416801236, 416801240, 416801255, 416801256, 416801259, 416801264, 416801270, 416801271, 416801275, 416801278, 416801279, 416801280, 416801282, 416801284, 416801285, 416801286, 416801287, 416801290, 416801295, 416801303, 416801308, 416801309, 416801312, 416801313, 416801314, 416801315, 416801317, 416801321, 416801327, 416801329, 416801335, 416801341, 416801342, 416801347, 416801353, 416801357, 416801360, 416801361, 416801364, 416801367, 416801370, 416801377, 416801383, 416801385, 416801389, 416801390, 416801394, 416801395, 416801400, 416801404, 416801406, 416801407, 416801408, 416801409, 416801416, 416801422, 416801424, 416801425, 416801429, 416801430, 416801431, 416801433, 416801434, 416801435, 416801446, 416801452, 416801454, 416801457, 416801458, 416801464, 416801468, 416801470, 416801471, 416801476, 416801477, 416801478, 416801479, 416801482, 416801487, 416801490, 416801495, 416801496, 416801497, 416801499, 416801502, 416801503, 416801505, 416801508, 416801511, 416801530, 416801539, 416801540, 416801550, 416801557, 416801560, 416801563, 416801564, 416801567, 416801572, 416801581, 416801584, 416801589, 416801717.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 29.05.2025 ସକାଳ 10 **BOUDHGARH:** Muthoot FinCorp Ltd., First Floor, No. 1564/2350, Khata No 997, Boudhgarh Nazul, Boudhgarh, Odisha - 762014. **SUNDARGARH:** Muthoot FinCorp Ltd., Plot No. 46, Khata No. 516/1192, 1st Floor, Mission Road, Beside Andhra Bank, Sundargarh, Odisha - 770001. **SONEPUR:** Muthoot FinCorp Ltd., First Floor, Plot No 2887, Khata No 984, P.S No 76, Unit No 76, Holding No 70, Ward No 8, Sonepur, Odisha - 767017. **KESINGA:** Muthoot FinCorp Ltd., First Floor, Plot No:364/816, Khata No.135/15, 135/341, Ward No:12, Near Durga Mandap Chowk, Kesinga Nazul, Kesinga, Odisha - 766012. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ । ସଫଳ ନିଲାମୀଦାତା ଆର୍‌ଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍

# ବିବିଧବର୍ଣ୍ଣା



ଶୁଷ୍କ ତ୍ୱଚାରେ କେତେଜଣଙ୍କଠାରେ ବ୍ରଣ, ଦାଗ ସମସ୍ୟା ଦେଖାଯାଏ। ହେଲେ ଏଥିରେ ବ୍ୟତିବ୍ୟସ୍ତ ନ ହୋଇ ସରଳ ଘରୋଇ ଉପଚାର କଲେ ବ୍ରଣ କମ୍ ହୁଏ। ନିଜ ଖାଦ୍ୟପାନୀୟ ଉପରେ ଗୁରୁତ୍ୱ ଦିଅନ୍ତୁ, ଶୋଷ ନ ହେଉଥିଲେ ମଧ୍ୟ ଦିନକୁ ୯-୧୦ ଗ୍ଲାସ ପାଣି ପିଇବାର ଅଭ୍ୟାସ କରନ୍ତୁ। ଉଷୁମ ପାଣି ପ୍ରତିଦିନ ପିଇଲେ ତ୍ୱଚା ଓ କେଶର ଅନେକ ସମସ୍ୟାର ସମାଧାନ ହୁଏ।କଞ୍ଚା କ୍ଷୀରରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ତ୍ୱଚାକୁ ଭଲରେ ପୋଛି ମଏଶ୍ଚରାଇଜର ଲଗାଇନେବେ। ତ୍ୱଚା ଶୁଷ୍କ ହେଲେ ବ୍ରଣ ଏଇ ଦିନେ ବଢ଼ିବାର ସମସ୍ୟା ଉପୁଜେ। ଘି-କୁଆଁରୀ ରସରେ ମହୁ ଅଳ୍ପ ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ପରେ ଧୋଇନେବେ। ସକାଳବେଳା ଏହି ପ୍ୟାକ୍ ଲଗାନ୍ତୁ। ଏସବୁ ସହ ବେସନରେ ମହୁ ଓ କ୍ଷୀର ସର ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାନ୍ତୁ। ଶୁଖିବା ପରେ ଧୋଇନେବେ, ବ୍ରଣ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ଏହା ଏକ ଭଲ ପ୍ୟାକ୍। ବାହାରୁ ଆସିବା ପରେ ତ୍ୱଚାକୁ ଭଲରେ ଧୋଇ ମଏଶ୍ଚରାଇଜର, ଟୋନ୍‌ର ଲଗାଇବାକୁ ଯେପରି ନ ଭୁଲିବେ।

## ଭେଟାଭେଟି ହେଲେ ବିଶ୍ୱର ସବୁଠୁ ଡେଙ୍ଗା-ଗେଡ଼ା କୁକୁର

ଆମେରିକାର ଇଡାହୋରେ ବିଶ୍ୱର ସବୁଠାରୁ ଡେଙ୍ଗା କୁକୁର ରେଗିନାଲ୍ଡ ଓ ସବୁଠାରୁ ଗେଡ଼ା କୁକୁର ପର୍ଲ ପରସ୍ପରକୁ ଭେଟିଛନ୍ତି। ରେଗିନାଲ୍ଡର ବୟସ ୭ ବର୍ଷ ହୋଇଥିବା ବେଳେ ଏହାର ଉଚ୍ଚତା ୩ ଫୁଟ ୪ ଇଞ୍ଚ ରହିଛି। ସେହିପରି ପର୍ଲର ବୟସ ୪ ବର୍ଷ ହୋଇଥିବା ବେଳେ ଏହାର ଉଚ୍ଚତା ମାତ୍ର ୩.୫୯ ଇଞ୍ଚ ରହିଛି। ସମ୍ପ୍ରତି ଉଭୟଙ୍କର ନାମ ବିଶ୍ୱର ସବୁଠାରୁ ଡେଙ୍ଗା ଏବଂ ଗେଡ଼ା କୁକୁର ଭାବେ ଗିନିଜ୍ ୱାର୍ଲଡ ରେକର୍ଡ୍ସରେ ସ୍ଥାନିତ ରହିଛି। ରେଗିନାଲ୍ଡ ଗ୍ରେଟ୍ ଡେନ୍ ପ୍ରଜାତିର କୁକୁର ହୋଇଥିବା ବେଳେ ପର୍ଲ ହେଉଛି ଚିହୁଆହୁଆ ପ୍ରଜାତିର କୁକୁର। ରେଗିନାଲ୍ଡର ଘରେ ଯେତେବେଳେ ପର୍ଲ ଓ ତା'ର ମାଲିକାଣୀ ଭାନେସା ସେମଲର ପହଞ୍ଚିଥିଲେ, ସେତେବେଳେ ରେଗିନାଲ୍ଡ ନିଜ ଅତିଥିଙ୍କୁ ଜୋରସୋରରେ ସ୍ୱାଗତ କରିଥିଲା। ଉଭୟ କୁକୁରଙ୍କ ଏହି ସାକ୍ଷାତ୍ ଖୁବ୍ ସ୍ୱତନ୍ତ୍ର ଥିଲା ଏବଂ ଏବେ ଏହି ସାକ୍ଷାତ୍‌ର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ଉଭୟ କୁକୁର ଏକାଠି ଖେଳୁଥିବା ଏବଂ ମଜା କରୁଥିବାର ଦେଖିବାକୁ ମିଳୁଛି। ରେଗିନାଲ୍ଡର ମାଲିକ ସାମ୍ ଜନସନ କହିଛନ୍ତି, ଯେବେଠାରୁ ସେ ରେଗିନାଲ୍ଡକୁ ପାଳିଛନ୍ତି ସେବେଠାରୁ ପ୍ରାୟ ଦେଢ଼ ବର୍ଷ ପର୍ଯ୍ୟନ୍ତ ରେଗିନାଲ୍ଡ ଦ୍ରୁତ ଗତିରେ ବଢ଼ିଥିଲା ଏବଂ ଅତ୍ୟଧିକ ଡେଙ୍ଗା ହୋଇଯାଇଥିଲା। ତେବେ ଏତେ ଡେଙ୍ଗା ଏବଂ ଆକାରରେ ବଡ଼ ହୋଇଥିଲେ ମଧ୍ୟ ରେଗିନାଲ୍ଡ ହୃଦୟରୁ ଏବେ ବି ଏକ ଛୋଟ କୁକୁର ଛୁଆ ପରି ବ୍ୟବହାର କରେ ବୋଲି ସାମ୍ କହିଛନ୍ତି। ପର୍ଲର ମାଲିକାଣୀ ଭାନେସା କହିଛନ୍ତି, ଚିହୁଆହୁଆ ପ୍ରଜାତିର ଅନ୍ୟ କୁକୁରଙ୍କ ତୁଳନାରେ ପର୍ଲ ଅତ୍ୟନ୍ତ ଶାନ୍ତ ସ୍ୱଭାବର। ପର୍ଲକୁ ଛାଡ଼ି ତାଙ୍କର ୩ ଅନ୍ୟ କୁକୁର ମଧ୍ୟ ରହିଛନ୍ତି। ତେବେ ପର୍ଲ ତାଙ୍କର ସବୁଠାରୁ ଛୋଟ କୁକୁର ବୋଲି ଭାନେସା କହିଛନ୍ତି। ପର୍ଲ ଏବଂ ରେଗିନାଲ୍ଡ ପରସ୍ପରକୁ ଭେଟିବା ସମୟରେ ଉଭୟେ ପ୍ରଥମ ଥର ପାଇଁ ଭେଟୁଥିବା ପରି ମନେ ହେଉ ନ ଥିଲା। ତେଣୁ ଏହା ତାଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ବୋଲି ଭାନେସା କହିଛନ୍ତି। ଉଭୟ ରେଗିନାଲ୍ଡ ଓ ପର୍ଲର ଅନନ୍ୟ ବନ୍ଧୁତାକୁ ସୋସିଆଲ ମିଡିଆରେ ୟୁଜର୍ସମାନେ ବେଶ୍ ପସନ୍ଦ କରିଛନ୍ତି।



## ‘ରେଡ୍ ୨’ ଆୟ କଲା ୭୦ କୋଟିରୁ ଅଧିକ




ବଲିଉଡ ଅଭିନେତା ଅଜୟଦେବଗନଙ୍କ ଫିଲ୍ମ 'ରେଡ୍ ୨' ନିକଟରେ ରିଲିଜ ହୋଇସାରିଛି । ଯାହା ସଫଳତାର ସହ ଗୋଟି, ସପ୍ତାହକୁ ଅତିକ୍ରମ କରିସାରିଛି । ଫିଲ୍ମ ତା'ର ପ୍ରଥମ ସପ୍ତାହରେ କରିଥିବା କଲେକ୍ସନକୁ ନେଇ ଅପଡେଟ୍ ଆସିଛି । ଏହା ଛଡା ଅଜୟ ଦେବଗନ ଖୁବ୍ ସୁନ୍ଦର କଳାକାର ଭାବେ ପରିଚିତ ହୋଇ ଆସୁଛନ୍ତି । ତାଙ୍କର ଅଭିନୟ ମାଧ୍ୟମରେ ଲୋକଙ୍କ ହୃଦୟରେ ଗୋଟିଏ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛନ୍ତି । ବର୍ତ୍ତମାନ କିନ୍ତୁ ରିଲିଜ ହୋଇଥିବା ତାଙ୍କ 'ରେଡ୍ ୨' ଫିଲ୍ମର ବକ୍ସ ଅଫିସ କଲେକ୍ସନକୁ ନେଇ ଚର୍ଚ୍ଚା ଉଠିଛି। ରିଲିଜ ହୋଇଥିବା 'ରେଡ୍ ୨' ଫିଲ୍ମର ପ୍ରଥମ ପାର୍ଟଟି ସୁପରହିଟ୍ ହୋଇଥିବାବେଳେ ଦ୍ୱିତୀୟ ପାର୍ଟଟି ଆଇଏମ୍‌ଡିବିରେ ୮.୧ ରେଟିଙ୍ଗ୍ ପାଇଛି । ଏହା ସହିତ ଫିଲ୍ମଟିର ବଜେଟ ମଧ୍ୟମ ଧରଣର ଥିଲା। ଯେଉଁଥି ପାଇଁ ଫିଲ୍ମକୁ ନେଇ ଲୋକଙ୍କ ମନରେ ଅନେକ ଆଶା ସୃଷ୍ଟି ହୋଇଥିଲା । ଫିଲ୍ମଟିକୁ ଦେଖିବା ପରେ ଦର୍ଶକଙ୍କ ପଇସା ଅସୁଲ ହୋଇପାରିଛି । ତେବେ ଆସନ୍ତୁ 'ରେଡ୍ ୨'ର ବକ୍ସ ଅଫିସ କଲେକ୍ସନ କେତେ ହୋଇଛି ସେ ସମ୍ପର୍କରେ ଜାଣିବା । 'ରେଡ୍ ୨' ଫିଲ୍ମ ବକ୍ସ ଅଫିସ କଲେକ୍ସନର ପ୍ରଥମ ଦିନରେ ୧୯.୨୫ କୋଟି ଟଙ୍କା କମାଇଥିଲା । ଦ୍ୱିତୀୟ ଦିନରେ ୧୨ କୋଟି, ତୃତୀୟ ଦିନରେ ୧୮ କୋଟି ଟଙ୍କା ଏବଂ ଚତୁର୍ଥ ଦିନରେ ୨୧.୫୦ କୋଟି ଟଙ୍କା ରୋଜଗାର କରିଥିଲା । ଏହି ଫିଲ୍ମଟି ମୋଟ୍ ୭୦.୭୫ କୋଟି ଟଙ୍କା ବକ୍ସ ଅଫିସରେ କଲେକ୍ସନ କରିଥିଲା । ଆଗାମୀ ଦିନରେ ବକ୍ସ ଅଫିସ କଲେକ୍ସନ ମଧ୍ୟ କମିପାରେ । ଯାହା ଦ୍ୱାରା ରୋଜଗାର ହ୍ରାସ ପାଇବ । କିନ୍ତୁ ଫିଲ୍ମଟି କେତେ ଦିନରେ ୧୦୦ କୋଟି ଟଙ୍କା ଛୁଇଁବ ତାହା ଖାଲି ଦେଖିବାକୁ ବାକି ରହିଲା । ଏପଟେ ଫିଲ୍ମଟି ସକାଳେ ୧୯.୩୮ ପ୍ରତିଶତ ଦର୍ଶକ ଆସୁଛନ୍ତି । ସେହିପରି ମଧ୍ୟାହ୍ନ ଶୋରେ ୪୫.୩୪ ପ୍ରତିଶତ ରହୁଛନ୍ତି । ସନ୍ଧ୍ୟା ଶୋରେ ୫୫.୦୭ ପ୍ରତିଶତ ରହୁଥିବାବେଳେ ରାତି ଶୋରେ ୩୯.୪୨ ପ୍ରତିଶତ ଦର୍ଶକ ରହୁଛନ୍ତି । ସନ୍ଧ୍ୟା ସମୟରେ ଦର୍ଶକଙ୍କ ସଂଖ୍ୟା ସର୍ବାଧିକ ରହୁଥିବା ସୂଚନା ମିଳୁଛି ।

## ମେହେନ୍ଦୀ ରଙ୍ଗ ଗାଢ଼ ହେବାକୁ ଚାହୁଁଥିଲେ
## ଆପଣାନ୍ତୁ ଏହି ଉପାୟ



*ପୂଜାପର୍ବାଣୀ, ବାହାଘର ହେଉ ଅବା ସ୍ୱତନ୍ତ୍ର ଦିନମାନଙ୍କରେ ଝିଅ ବୋହୂମାନେ ହାତରେ ମେହେନ୍ଦୀ ଲଗାଇଥାନ୍ତି । ଆଜିକାଲି,ବଜାରରେ ଅନେକ ପ୍ରକାରର ମେହେନ୍ଦୀ ଉପଲବ୍ଧ ଅଛି , ଯାହା ଲଗାଇବାର କିଛି ସମୟରେ ହିଁ ମେହେନ୍ଦୀ ରଙ୍ଗ ଗାଢ ଆସିଥାଏ , କିନ୍ତୁ ପାରମ୍ପାରିକ ମେହେନ୍ଦୀରେ ଥିବା ରଙ୍ଗ ଏବଂ ସୁଗନ୍ଧ ଟାଟୁ ହୋଇଥିବା ମେହେନ୍ଦୀରେ ଦେଖାଯାଏ ନାହିଁ । ମେହେନ୍ଦୀ ଲଗାଇବା ପରେ, ମେହେନ୍ଦୀ ରଙ୍ଗ ଗାଢ ଆସିବକି ନାହିଁ ଚିନ୍ତିତ ଥାଆନ୍ତି । ତେବେ ଆସନ୍ତୁ ଜାଣିବା କିଛି ସହଜ ଟିପ୍ସ ଯାହା ଅନୁସରଣ କଲେ ଆପଣଙ୍କ ମେହେନ୍ଦୀ ରଙ୍ଗ ଗାଢ ଆସିବ ।*

◆ ସର୍ବପ୍ରଥମେ, ମେହେନ୍ଦୀ ଶୁଖିଯିବା ପରେ ମଧ୍ୟ ଏହାକୁ କିଛି ଘଣ୍ଟା ପାଣିରୁ ଦୂରରେ ରଖନ୍ତୁ ଏବଂ ଏହାକୁ ଧୋଇବା ପୂର୍ବରୁ ହାତରେ ତେଲ ଲଗାନ୍ତୁ ।

◆ ମେହେନ୍ଦୀ ଶୁଖିଯିବା ପରେ,ଲେମ୍ବୁ ରସ ଏବଂ ଚିନି ମିଶ୍ରଣକୁ ତୁଳା ସାହାଯ୍ୟରେ ମେହେନ୍ଦୀରେ ଲଗାନ୍ତୁ ଏବଂ ଏହାକୁ ଶୁଖିବାକୁ ଦିଅନ୍ତୁ ।ପାଣିରେ ଧୋଇବା ପୂର୍ବରୁ ଏହି ମିଶ୍ରଣକୁ ଅନେକ ଥର ପ୍ରୟୋଗ କରାଯାଇପାରିବ ।

◆ ମେହେନ୍ଦୀ ଶୁଖିଯିବା ପରେ ସୋରିଷ ତେଲ ଲଗାନ୍ତୁ ଏବଂ ଏହାକୁ କିଛି ସମୟ ଛାଡିଦିଅନ୍ତୁ ।

◆ ପ୍ୟାନକୁ କମ୍ ନିଆଁରେ ରଖନ୍ତୁ ଏବଂ ଏଥିରେ ଚାରି-ପାଞ୍ଚଟି ଲବଙ୍ଗ ରଖନ୍ତୁ ଏବଂ ଧୂଆଁ ବାହାରିବା ପରେ ମେହେନ୍ଦୀ ହାତକୁ ଭଲ ଭାବରେ ଦେଖାନ୍ତୁ । ଲବଙ୍ଗର ଧୂଆଁ ବାଜି ମେହେନ୍ଦୀର ରଙ୍ଗ ଗାଢ ହୋଇଥାଏ ।

◆ ଭିକ୍ସ ଏବଂ ଆଇଡେକ୍ସ ପରି ବାମ୍ ଗରମ ଅଟେ , ତାହାର ଗରମରେ ମେହେନ୍ଦୀର ରଙ୍ଗ ଗାଢ ହୋଇଥାଏ ।



## ମେଟ୍ ଗାଲାରେ ଡେବ୍ୟୁ କଲେ କିଆରା

ମେଟ୍ ଗାଲାରେ ଡେବ୍ୟୁ କରିଛନ୍ତି ଗର୍ଭବତୀ ଥିବା ଅଭିନେତ୍ରୀ କିଆରା ଆଡଭାନୀ। ସେ ତାଙ୍କ ସ୍ୱାମୀ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ତାଙ୍କର ପ୍ରଥମ ସନ୍ତାନକୁ ଜନ୍ମ ଦେବାକୁ ଯାଉଥିବା ବେଳେ ଡିଜାଇନର ଗୌରବ ଗୁପ୍ତାଙ୍କ ଦ୍ୱାରା ନିର୍ମିତ ଏକ ସ୍ୱତନ୍ତ୍ର ଗାଉନ ପିନ୍ଧି ମେଟ୍ ଗାଲାରେ ନଜର ଆସିଛନ୍ତି। ପୋଷାକରେ ସେ ତାଙ୍କର ମାତୃତ୍ୱ ମନାଉଥିବାର ସ୍ପଷ୍ଟ ଦେଖିବାକୁ ମିଳିଛି। ନ୍ୟୁୟର୍କର ପ୍ରତିଷ୍ଠିତ ମେଟ୍ରୋପଲିଟାନ୍ ମ୍ୟୁଜିୟମ୍ ଅଫ୍ ଆର୍ଟରେ ହେଉଥିବା ମେଟ୍ ଗାଲା ୨୦୨୫ରେ ପହଞ୍ଚିବା ସମୟରେ ମା' ହେବାକୁ ଥିବା କିଆରା ଏକ ମୋନୋକ୍ରୋମ୍ ଗାଉନରେ ବେଶ୍ ଆକର୍ଷଣୀୟ ଦିଶୁଥିଲେ। କିଆରା 'ବ୍ରେଭ୍ ହାର୍ଟସ' ଥିମ୍‌ରେ ସଜ ହୋଇ ଏକ ଉଦାହରଣ ପାଲଟିଛନ୍ତି। ତାଙ୍କର ଲୁକ୍ ଫ୍ୟାଶନ ଅପେକ୍ଷା ନାରୀତ୍ୱକୁ ଅଧିକ ପ୍ରତିପାଦନ କରୁଥିଲା। ଗାଉନରେ ଘୁଙ୍ଗୁରୁ ଏବଂ କ୍ରିଷ୍ଟାଲ୍ ଲାଗିବା ବେଳେ କଳା ରଂଗର କପଡ଼ାର ବକ୍ଷ ଅଞ୍ଚଳରେ ସୁନା ପ୍ଲେଟ୍ ଲାଗିଥିବା ଦେଖିବାକୁ ମିଳିଥିଲା। ଦୁଇଟି ପ୍ରତୀକାତ୍ମକ ମାଆ ଓ ଛୁଆ ହୃଦୟ (ହାର୍ଟ) ବି ଦେଖିବାକୁ ମିଳିଥିଲା କିଆରାଙ୍କପୋଷାକରେ। କିଆରା ଲାଲ କାର୍ପେଟରେ ଶକ୍ତି ଏବଂ ମାତୃତ୍ୱର ଏକ ସ୍ପଷ୍ଟ ଚିତ୍ର ଆଙ୍କିବାରେ ସଫଳ ହୋଇଥିଲେ। ତାଙ୍କର ପୋଷାକ ଚୟନ ଚିନ୍ତାଶୀଳ ଥିଲା ଏବଂ ତାଙ୍କର ମେକଅପ୍ ଓ ଷ୍ଟାଇଲିଂ ଆହୁରି ଉଚ୍ଚ କୋଟୀର ଥିଲା। ନ୍ୟୁଡ୍ ଲିପ୍‌ଷ୍ଟିକ୍ ଓ ହାଲୁକା ଆଇ-ସ୍ୟାଡୋ ଲଗାଇ ସେ ନିଜର ଲୁକ୍‌କୁ ପୂରା କରିଥିଲେ।





## ଶାହାରୁଖଙ୍କ 'କିଙ୍ଗ୍'ର କୁଇନ୍ ହେବେ ଦୀପିକା

ବଲିଉଡ୍ ବାଦଶାହ ଶାହାରୁଖ ଖାନଙ୍କ ଅପକମିଂ ଫିଲ୍ମ 'କିଙ୍ଗ୍'ର ରିଲିଜକୁ ତାଙ୍କ ଫ୍ୟାନ୍ସ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏଥିରେ ଶାହାରୁଖଙ୍କ ନାୟିକା କିଏ ହେବେ ସେନେଇ ଅନେକ ଦିନରୁ କଳ୍ପନାଜଳ୍ପନା ଲାଗି ରହିଥିଲା। ଏବେ ଏଥିରେ ଦୀପିକା ପାଦୁକୋନ ନାୟିକା ଭାବେ ନଜର ଆସିବେ ବୋଲି ଜଣାପଡିଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ସୁଟିଂ ମେ ୧୮ ରୁ ମୁମ୍ବାଇରୁ ଆରମ୍ଭ ହେବ। ଏଥିରେ ଶାହାରୁଖଙ୍କ ସହ ଅଭିଷେକ ବଚ୍ଚନ, ସୁହାନା ଖାନ, ଅଭୟ ବର୍ମା, ଜୟଦୀପ ଅହଲାୱତ, ଅରଶଦ ୱର୍ସି ଆଦି ନଜର ଆସିବେ। ପୂର୍ବରୁ ଦୀପିକା ତାଙ୍କର ଝିଅ ପାଇଁ ଏହି ଫିଲ୍ମରେ ନାୟିକା ଭାବେ ଅଭିନୟ କରିବାକୁ ମନା କରିଦେଇଥିଲେ। ଅବଶ୍ୟ ପରେ ସେ ଅତିଥି କଳାକାର ଭାବେ ଅଭିନୟ କରିବା ପାଇଁ ରାଜି ହୋଇ ଯାଇଥିଲେ। ଫିଲ୍ମ ସୁଟିଂରେ ଡେରି ହେବାରୁ ଏବେ ସେ ନାୟିକା ଭାବେ କାମ କରିବା ପାଇଁ ରାଜି ହୋଇଯାଇଥିବା ଜଣାପଡିଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ଚାନ୍ଦବାଲି, (ଭାସ୍କର ନ୍ୟୁଜ୍): ଚାନ୍ଦବାଲି ବ୍ଲକ ତୋଟାପଡା ସ୍ଥିତ ହନୁମାନ ବାଟିକାରେ ଥିବା ମହାବୀରଙ୍କର ୫ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳର ୧୦୦୧ ମହିଳା ନରେନ୍ଦ୍ରପୁର ସ୍ଥିତ ମା' ପାଟଣ ମଙ୍ଗଳାଙ୍କ ପୋଖରୀରୁ ଘଟ ଉତ୍ତୋଳନ କରି ଯଜ୍ଞ ସ୍ଥଳରେ ସ୍ଥାପନ ପରେ ପୂଜା ଆରମ୍ଭ ହୋଇଥିଲା। ପ୍ରଥମ ଥର ପାଇଁ ପୁରୀ ବଡ଼ଛତା ମଠ ମହାରାଜ ସୂର୍ଯ୍ୟକାନ୍ତ ଦାସ ମହାରାଜ ବାବାଙ୍କ ପ୍ରଚେଷ୍ଟାରେ ମହାପ୍ରଭୁ ଜଗନ୍ନାଥଙ୍କ ୩୬ ବେଶ ମହୋତ୍ସବ ଚାଲିଛି। ଶ୍ରୀକ୍ଷେତ୍ର ଧାମର ଚୂନର ସେବାୟତ ନୃସିଂହ ମହାପାତ୍ର ଯୋଗଦାନ ଦେଇଥିଲେ। ଜଗନ୍ନାଥଙ୍କର ବିଭିନ୍ନ ବେଶକୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଉଦ୍‌ଘାଟନ କରାଯାଇଥିଲା। ତିନିଦିନ ଧରି ପାଳନ ହେବାକୁ ଥିବା ଉତ୍ସବର ପ୍ରଥମ ସନ୍ଧ୍ୟାରେ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୌମ୍ୟରଞ୍ଜନ ପଣ୍ଡା ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ଓଡ଼ିଶାର ବିଭିନ୍ନ ମଠ, ମନ୍ଦିର ରୁ ମହନ୍ତ, ସାଧୁ ସନ୍ଥମାନେ ଏହି ବାର୍ଷିକ ଉତ୍ସବରେ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି। ଶ୍ରଦ୍ଧାଳୁମାନଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଛି। ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି।

## ଅତ୍ୟାଧୁନିକ ସୁଲଭ ଶୌଚାଳୟ ଉଦ୍‌ଘାଟିତ

ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ପୌରପାଳିକା ତରଫରୁ ନିର୍ମିତ ୨ ଗୋଟି ଅତ୍ୟାଧୁନିକ ସୁଲଭ ଶୌଚାଳୟକୁ ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିଛନ୍ତି। ଏଥି ମଧ୍ୟରୁ ଗୋଟିଏ ବାରିପଦା ସ୍ଥିତ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତ କାର୍ଯ୍ୟାଳୟ ପରିସରରେ ଏବଂ ଅନ୍ୟଟି ତକତପୁରସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ



ସମ୍ମୁଖରେ ନିର୍ମିତ ହୋଇଛି। ଏହି ଉଦ୍‌ଘାଟନ ଅବସରରେ କୋର୍ଟ କାର୍ଯ୍ୟାଳୟ ପରିସରରେ ମାନ୍ୟବର ମନ୍ତ୍ରୀଙ୍କ ସହିତ ଜିଲ୍ଲା ପରିଷଦର ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ପୌର ପାଳିକା ଅଧକ୍ଷ କୃଷ୍ଣା ନନ୍ଦ ମହାନ୍ତି, ଉପାଧକ୍ଷା ଶ୍ରୀମତୀ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ବିଭିନ୍ନ ୱାର୍ଡ ର କାଉନ୍‌ସିଲର, ଜିଲ୍ଲା ଓକିଲ ସଙ୍ଘ ସଭାପତି ପ୍ରବୀର କୁମାର ବସା, ସମ୍ପାଦକ ବିପ୍ଳବ ବାରିକ, ମନ୍ତ୍ରୀଙ୍କ ପ୍ରତିନିଧି କାହ୍ନା ସୋରେନଙ୍କ ସହ ଓକିଲ ବୃନ୍ଦ ଉପସ୍ଥିତ ଥିଲେ।

# କଣିହାଁ ବ୍ଲକରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ



କଣିହାଁ, (ଭାସ୍କର ନ୍ୟୁଜ): କଣିହାଁ ବ୍ଲକ କାର୍ଯ୍ୟାଳୟ ପବିତ୍ର ମୋହନ ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ସୋମବାର ଆୟୋଜିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର ଯୋଗଦେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ନାଥ ରାୟଗୁରଙ୍କ ଉପସ୍ଥିତିରେ ଶୁଣାଣି କରିଥିଲେ। ଜନଶୁଣାଣୀ ଶିବିରରେ ମୋଟ୬୭ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଓ ୨୦ ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ ୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପ-ଜିଲ୍ଲାପାଳ ସମୀର କୁମାର ଜେନା, କଣିହାଁ ତହସିଲଦାର ଚିନ୍ମୟ ଦାସ, କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, କଣିହାଁ ପ୍ରଜାମଣ୍ଡଳ ଭବନ ଶିଘ୍ର ନିର୍ମାଣ କରିବା, ଜାତୀୟ ରାଜପଥ ନିର୍ମାଣ କରିବା, ଏନ୍‌ଟିପିସି ବାଇପାସ ଛକ ଠାରୁ ବଲାଙ୍ଗି ଲେଭଲ କ୍ରସିଂ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବରେ ପାଉଁଶ ଗାଡି ପାର୍କିଂ କରୁଥିବା ବେଳେ ତାକୁ ବନ୍ଦ କରିବା, କୋଇଲା ଖଣି, ବିଦ୍ୟୁତ ପ୍ରକଳ୍ପ, ଜମିହରା ପ୍ରଜାଙ୍କ ନିଯୁକ୍ତି ଥଇଥାନ କ୍ଷତି ପୂରଣ ପ୍ରଦାନ ସମେତ ବିଭିନ୍ନ ଅଭିଯୋଗ କରିଥିଲେ। ମଙ୍ଗଳବାର ଶୁଣାଣିରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଶୁଣାଣି କରିଥିଲେ।

# କାଞ୍ଜିଆପାଟ ଗ୍ରାମରେ ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବାରସର ପଞ୍ଚାୟତ ଅଧୀନ କାଞ୍ଜିଆପାଟ ଗ୍ରାମରେ ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ମଙ୍ଗଳବାର ଦୀର୍ଘ ୬ କି.ମି ରାସ୍ତା ଶତାଧିକ ମହିଳା କଳସ ଶୋଭାଯାତ୍ରାଯାଇ କଳସ ବୁଡାଇ ଫେରିଥିବା ମହିଳାଙ୍କ ଭକ୍ତି ଭାବନାକୁ ପ୍ରମାଣିତ କରିଛି। କାଞ୍ଜିଆପାଟ ଗ୍ରାମରୁ ସକାଳ ୮ଟା ସମୟରେ ମହିଳାମାନେ ଶୋଭାଯାତ୍ରାରେ ବାହାରି ୬କିମି ଦୂରରେ ଥିବା ଗୋବିନ୍ଦପୁର ପଞ୍ଚାୟତ ଅଧୀନ କୁଆଁରଚତର ଗ୍ରାମର ନୂଆ ପୋଖରୀ ନିକଟରେ ପହଞ୍ଚିଥିଲେ। ସେଠାରେ ମାନସ ରଞ୍ଜନ ନାୟକ, ନୃସିଂହ ମହାକୁଡ଼, ରମଣ ରଞ୍ଜନ ମହାନ୍ତି, ଦୀନବନ୍ଧୁ ମହାକୁଡ଼ ପ୍ରମୁଖ ବ୍ରତଧାରୀ ମହିଳାଙ୍କୁ ଭବ୍ୟଅର୍ଭ୍ୟର୍ଥନା ଓ ସ୍ୱାଗତ କରିଥିଲେ। ସେଠାରେ କଳସ ବୁଡ଼ାଇ ମନ୍ଦିର ନିକଟକୁ ଫେରିବା ପରେ କଳସକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ସକାଳେ ଘଟ ଉତ୍ତୋଳନ, ମଣ୍ଡପ ପୂଜା ପରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜାର କର୍ତ୍ତା ଭାବେ ବିପିନ ରାଉତ, ସବିତା ରାଉତ, ପ୍ରଭାକର ନାୟକ, ବାସନ୍ତୀ ନାୟକ ଏବଂ ପୂଜକ ଧୁକୁଡି ମିଶ୍ର, ପଣ୍ଡିତ ଶ୍ରୀଧର ମିଶ୍ର, କିଶୋର ପଣ୍ଡା, ଦେବରାଜ ମିଶ୍ର, ସୁଭାଶିଷ ମିଶ୍ର, ସିଦ୍ଧାନ୍ତ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ତୁଲାଉଛନ୍ତି। ବୁଧବାର ସୂର୍ଯ୍ୟପୂଜା ପରେ ବିଗ୍ରହଙ୍କ ନଗର ପରିକ୍ରମା ସହିତ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ହୋଇ ଦଧିନଉତି ସ୍ଥାପନ କରାଯିବ। ଗୁରୁବାର ମହାରୁଦ୍ର ଅଭିଷେକ ପରେ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ। ଭାସ୍କର ଚନ୍ଦ୍ର ନାୟକ, ଶମ୍ଭୁନାଥ ରାଉତ, ଜୟରାମ ସାହୁ, ପ୍ରମୋଦ ରାଉତ, ଦେବେନ୍ଦ୍ର ରାଉତ, ଗୟାଧର ରାଉତ, ତ୍ରୈଲୋଚନ ରାଉତ, ରାଧାକାନ୍ତ ରାଉତ, ରଙ୍ଗାଧର ନାୟକ, ରବିନ୍ଦ୍ର ରାଉତ ପ୍ରମୁଖଙ୍କ ସମେତ ଗ୍ରାମବାସୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।



## ମାଗଣାରେ ଚକ୍ଷୁ ପରୀକ୍ଷା

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକର ଝାଲିଆମରା ପଞ୍ଚାୟତ ସଭାଗୃହରେ ମାଗଣା ଚକ୍ଷୁ ପରୀକ୍ଷା କରାଯାଇଛି। ରଙ୍ଗାମାଟିଆର ମହାତ୍ମାଗାନ୍ଧୀ ଚକ୍ଷୁ ହସପିଟାଲ ପକ୍ଷରୁ ସୌଦାମିନୀ ପରିଡା ଓତପସ୍ୱିନୀ ପାତ୍ର ଚକ୍ଷୁ ପରୀକ୍ଷ କରିଥିଲେ। ସେଥିମଧ୍ୟରୁ ଯୋଉ ମାନଙ୍କର ଚକ୍ଷୁ ଅପରେସନ କରାଯିବାର ହେବ ସେମାନଙ୍କୁ ତାଙ୍କ



ହସ୍ପିଟାଲ୍‌କୁ ନିଜ ଗାଡ଼ି ଯୋଗେ ନେଇ ମାଗଣା ଚକ୍ଷୁ ଅପରେସନର ବ୍ୟବସ୍ଥା କରାଯାଇଥିଲା ଓ ଝାଲିକାମରା ସରପଞ୍ଚ ସୁଶାନ୍ତ ଟୁଡୁ ଓ ପିଇଓ ମମିତା ପତି ଉପସ୍ଥିତ ଥିଲେ।

# ମହାବୀର ବିଦ୍ୟାପୀଠରେ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୦୨୪-୨୫ ଶିକ୍ଷା ବର୍ଷର ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମହାବୀର ବିଦ୍ୟାପୀଠ ଖଣ୍ଡାସାହିର ଛାତ୍ରୀ ଅସ୍ତରଙ୍ଗ ବ୍ଲକ ଟପ୍ପର ହୋଇଛନ୍ତି ଦିବ୍ୟାଶ୍ରୀ ଦାଶ। ମୋଟ ୬୦୦ନମ୍ବରରୁ ୫୬୧ନମ୍ବର ରଖି ବିଦ୍ୟାଳୟ ପାଇଁ ତଥା ଅସ୍ତରଙ୍ଗ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଖବର ମୁତାବକ ମଙ୍ଗଳବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମହାବୀର ବିଦ୍ୟାପୀଠ ଖଣ୍ଡାସାହି ବିଦ୍ୟାଳୟ ପରିସରରେ ଶିକ୍ଷାବିତ ସ୍ୱପ୍ନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅତିଥି ଭାବେ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ମଣ୍ଡଳ ସହଶିକ୍ଷା ଅଧିକାରିଣୀ ସୁଧାଂଶୁ ବାଳା ଶତପଥୀ, ସମ୍ମାନିତ ଅତିଥି ନଇଗୁଆଁ ସରପଞ୍ଚ ମଞ୍ଜୁଳତା ଖୁଣ୍ଟିଆ, କାକଟପୁର ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ପ୍ରତାପ ରାଉତ, ସୁରେଶ ସ୍ୱାଇଁ, ସାଧନ ସଂଯୋଜକ ଶତ୍ରୁଘ୍ନ ବେହେରା ଓ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦାସ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଯୋଗଦାନ କରି ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକରେ ଟପ୍ପର ହୋଇଥିବା ଦିବ୍ୟାଶ୍ରୀ ଦାଶ (୫୬୧)ଙ୍କ ସହ ତପସ୍ୱିନୀ ସାହୁ (୫୩୬), ରୋନାଲି ସାହୁ (୫୨୪)ନମ୍ବର ରଖିଥିବା ବେଳେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରୀଙ୍କୁ ଉପସ୍ଥିତ ଅତିଥି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଭବିଷ୍ୟତରେ ଜଣେ ଦକ୍ଷ ଆଇଏଏସ୍ ଅଫିସର ହୋଇ ଲୋକଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଥିବା ଦିବ୍ୟାଶ୍ରୀ ଦାଶ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଆଶିଷ ଚକ୍ରବର୍ତ୍ତୀ ବିଜୁ ଜନତା ଦଳର ନୂତନ ଜିଲ୍ଲା ସଭାପତି

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବିପ୍ଳବୀ ବୀର ଧରଣୀଧରଙ୍କ ଜୟନ୍ତୀରେ କେନ୍ଦୁଝର ଜିଲ୍ଲାର ଲଢୁଆ ଯୁବନେତା ଆଶିଷ ଚକ୍ରବର୍ତ୍ତୀଙ୍କୁ କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ସଭାପତି ଭାବେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। କେନ୍ଦୁଝର ସମେତ ଭୁବନେଶ୍ୱର, ରାଉରକେଲା, ମୟୁରଭଞ୍ଜ-୨, ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାର ଜିଲ୍ଲା ସଭାପତିଙ୍କ ନାମ ଘୋଷଣା ହୋଇଛି। ଛାତ୍ର ରାଜନୀତିରୁ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ଆଶିଷ ଚକ୍ରବର୍ତ୍ତୀ ଜିଲ୍ଲା ଛାତ୍ର ଜନତା ଦଳ ସଭାପତି ଭାବେ ସଂଗଠନ ଆରମ୍ଭ କରିଥିଲେ। ପରେ ଯୁବ ଜନତା ଦଳ ସଭାପତିତ୍ୱୟସ୍ୱ ସହ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ସହ ଜିଲ୍ଲା ସଭାପତି ଭାବରେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ୨୦୧୭



ମସିହାରେ ତାଙ୍କ ସଭାପତିତ୍ୱ ସମୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହୋଇ ବିଜୁ ଜନତା ଦଳ ବିପୁଳ ଜନ ସମର୍ଥନ ହାସଲ କରିଥିଲା। ସେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ମଧ ରହିଥିଲେ। ଦୀର୍ଘ ସମୟ ଧରି ସେ ଜିଲ୍ଲା ଓକିଲ ସଙ୍ଘର ସଭାପତି ଦାୟିତ୍ୱ ନିର୍ବାହ କରିବା ସହିତ ଏବେ ଜିଲ୍ଲା ପରିଷଦ ସଦସ୍ୟ ରହିଛନ୍ତି। ଜଣେ ଓଜସ୍ୱିନୀ ବକ୍ତା ଓ ସଂଗଠକ ଭାବେ ତାଙ୍କର ସୁନାମ ରହିଥିବା ବେଳେ ତାଙ୍କୁ ପୁନର୍ବାର ଏହି ଦାୟିତ୍ୱ ମିଳିଥିବାରୁ ଜିଲ୍ଲାର ବିଜୁ ଜନତା ଦଳ କର୍ମୀମାନେ ଆନନ୍ଦ ପ୍ରକାଶ କରିଛନ୍ତି। ତେବେ ସମ୍ପ୍ରତି ବିଜୁ ଜନତାଦଳ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବା ବେଳେ କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର ବିଧାୟକ ମୋହନ ଚରଣ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ଅଛନ୍ତି। ଏହାକୁ ନେଇ ଭାରତୀୟ ଜନତା ପାର୍ଟି ବା ବିଜେପିର କର୍ମୀମାନେ ଉତ୍ସାହିତ ଥିବା ବେଳେ ଏହି ନୂତନ ଦାୟିତ୍ୱ ଆଶିଷଙ୍କ ପାଇଁ ଅଗ୍ନି ପରୀକ୍ଷା ସଦୃଶ ହେବ। ତେବେ ଦଳକୁ ତୃଣମୂଳ ସ୍ତରରେ ସଂଗଠିତ କରିବା ସହିତ କର୍ମୀ ଓ ନେତାଙ୍କ ମଧ୍ୟରେ ସମନ୍ୱୟ ରଖାଯିବାକୁ ସେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

## ମକ୍‌ଡ୍ରିଲ୍‌କୁ ଏବିଭିପିର ସମର୍ଥନ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏକ ବଡ ପଦକ୍ଷେପ ନେଇ ଅନେକ ରାଜ୍ୟକୁ ମକ୍‌ଡ୍ରିଲ୍ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ, ରାଜ୍ୟଗୁଡିକୁ ୭ ମଇ ୨୦୨୫ରେ ପ୍ରଭାବଶାଳୀ ନାଗରିକଙ୍କ ସୁରକ୍ଷା ପାଇଁ ମକ୍‌ଡ୍ରିଲ୍ ଆୟୋଜନ କରିବେ। ଓଡ଼ିଶାର ସର୍ବମୋଟ୍ ୧୨ଟି ସ୍ଥାନରୁ ଢେଙ୍କାନାଳକୁ ଗୃହମନ୍ତ୍ରଣାଳୟ ଦ୍ୱାରା ସୂଚନା ଦିଆଯାଇଛି। ତେଣୁ ଏହି ପରିପ୍ରେକ୍ଷୀରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଢେଙ୍କାନାଳ ବିଭାଗ ସଂଯୋଜକ ଅରୂପ ପଟ୍ଟନାୟକଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ସୂଚନା ପତ୍ର ପ୍ରଦାନ କରିଛନ୍ତି। ଯେକୌଣସି ଜରୁରୀ ପରିସ୍ଥିତିରେ ଲୋକଙ୍କ ସୁରକ୍ଷା ପାଇଁ ଏବିଭିପି ପକ୍ଷରୁ ସହଯୋଗ ହାତ ବଢାଇବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି।

# ଆଧୁନିକ ଢଙ୍ଗରେ ବାଲି ଚୋରି

## ବାଲି ଚୋରି ପାଇଁ ପଶ୍ଚିମବଙ୍ଗରୁ ଆସିଥିଲା ସ୍ୱତନ୍ତ୍ର ଦୁଇଟି ଲୁହାଡ଼ଙ୍ଗା



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାରେ ଦିନ କୁ ଦିନ ବାଲି ମାଫିଆ ସକ୍ରିୟ ହେଇପଡ଼ିଛନ୍ତି। ଏବେ ବାଲି ମାଫିଆ ଆଧୁନିକ ଢଙ୍ଗରେ ବାଲି ଚୋରୀ କରୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ଟ୍ରାକ୍ଟର ଯୋଗେ ଲୋକଙ୍କ ସାହାଯ୍ୟରେ ବାଲି ଚୋରି ହେଉଥିଲା। ଆଉ ଏବେ ଅଳ୍ପ ସମୟ ମଧ୍ୟରେ ଆଧୁନିକ ଯନ୍ତ୍ରପାତି ସାହାଯ୍ୟରେ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ ହେଉଛି। ବାଲି ଚୋରି କରିବା ପାଇଁ ପଶ୍ଚିମବଙ୍ଗବରୁ ସ୍ୱତନ୍ତ୍ର ଲୁହାର ଡଙ୍ଗା ଅଣାଯାଇଥିବାର ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ କରିଛନ୍ତି। ନଦୀ ମଝିରୁ ଲୁହା ଡଙ୍ଗା ସାହାଯ୍ୟରେ କୋଟି କୋଟି ଟଙ୍କାର ବାଲି ଚୋରି ହେଉଥିଲା। ସୋମବାର ଅପରାହ୍ନ ୧୨ ସମୟରେ ବିଶେଷ ସୂତ୍ରରୁ ଖବର ପାଇ ମୟୁରଭଞ୍ଜ ଜିଲ୍ଲାର ଶୁକ୍ରୁଲି ବ୍ଲକ ଅନ୍ତର୍ଗତ ଆଦିପୁର ଗାଁର ବୈତରଣୀ ନଦୀର ଦ୍ୱାରଶୁଣି ଘାଟ ନିକଟ ରେ ମାଇନିଂ, ପୋଲିସ ଏବଂ ରାଜସ୍ୱ ବିଭାଗ ମିଳିତ ଚଢ଼ାଉ କରିଥିଲେ। ରେଡ଼ କରି ଦୁଇଟି ଲୁହା ଡଙ୍ଗା ଧରିବା ରେ ସଫଳ ହେଇଛନ୍ତି। ଘଟଣା ସ୍ଥାନରୁ ବାଲି ମାଫିଆ ଫେରାର ହେଇ ଯାଇଛନ୍ତି ଯାହା ଫଳରେ ନଦୀ ଘାଟରୁ କାହାରିକୁ ଗିରଫ ସଫଳ ହେଇ ନାହାନ୍ତି ଟିମ। ବାଲି ଚୋରି କରିବା ପାଇଁ ଏହି ଡ଼ଙ୍ଗା ଗୁଡିକ ବ୍ୟବହାର କରାଯାଇଥାଏ। ଏମିତି କି ୫୦ ରୁ ୧୦୦ ଫୁଟ ପାଣି ତଳରୁ ମଧ ବାଲି ଉଠାଇପାରେ ଏହି ଡଙ୍ଗା। ଡଙ୍ଗାରେ ଡିଜେଲ ଚାଳିତ ଏକ ମୋଟର ବସିଥାଏ। ସେହି ମଟର ସହାୟତା ରେ ପାଇପ ଯୋଗେ ବାଲି ଉଠି ନଦୀ କୂଳରେ ବାଲି ଜମା ହେଇଥାଏ। ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି ଯେ ଏହି ଡଙ୍ଗା ଚଳାଇବା ପାଇଁ ପଶ୍ଚିମବଙ୍ଗବରୁ ଲୋକମାନେ ଆସିଥାନ୍ତି। ଗୋଟିଏ ଘଣ୍ଟା ମଧ୍ୟରେ ଦେଢ଼ ଲକ୍ଷରୁ ଦୁଇ ଲକ୍ଷ୍ୟ ଟଙ୍କାର ବାଲି ଉଠି ପାରେ ବୋଲି ବିଶେଷସୂତ୍ରରୁ ଖବରମିଳିଛି। ଏହି ଡଙ୍ଗା ଲୁହାରେ ନିର୍ମାଣ କରାଯାଇଥିବା ବେଳେ ଏହାର ଲମ୍ବ ପ୍ରାୟ ୨୦ ରୁ ୩୦ ଫୁଟ ମଧ୍ୟରେ ରହିଛି। ସୋମବାର ରାତିରେ ଲୁହା ଡଙ୍ଗା ଗୁଡିକୁ ନଦୀରୁ ବାହାର କରି ରରୁଆ ଥାନା ଆଣିବାକୁ ଚେଷ୍ଟା କରିଥିଲେ ବି ସଫଳ ହେଇପାରି ନାହାନ୍ତି ଟିମ। କାରଣ ଲୁହା ଡଙ୍ଗା ଗୁଡିକ ଓଜନ ଅଧିକ ଥିବାରୁ ନଦୀରୁ ବାହାର କରିବା ସମ୍ଭବ ହେଇ ପାରୁ ନାହିଁ। ଏହି ଟିମ ପାଇଁ ନଦୀରୁ ଲୁହା ଡ଼ଙ୍ଗା ବାହାର କରିବା ଏକ ଚାଲେଞ୍ଜ ପାଲିଟିଛି। ଅନେପଟେ ଦୀର୍ଘଦିନ ଧରି ବାଲି ଚୋରି ହେଉଥିଲେବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ବିଳମ୍ବରେ ହେଲେ ମଧ ଦୁଇଟି ଡଙ୍ଗା ଜବତ ହେଇଥିଲେବି ଡଙ୍ଗା ମାଲିକ ଗିରଫ ହେଇ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

# ଅଧକ୍ଷାଙ୍କୁ ହଟାଇବା ନିମନ୍ତେ ଅନାସ୍ଥା ପ୍ରସ୍ତାବ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଆଗାମୀ ୧୩ ତାରିଖ ଦିନ ବହୁଚର୍ଚ୍ଚିତ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଭୋଟ ଗ୍ରହଣ କରାଯିବ। ଇତିମଧ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଅଧିକାଂଶ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଅଜ୍ଞାତବାସରେ ରହିଥିଲା ବେଳେ ସେପଟେ ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପରିସ୍ଥଳେ ଅନାସ୍ଥା ପ୍ରସ୍ତାବ ଗୃହିତ ହେବା ନେଇ ଆବଶ୍ୟକୀୟ ମ୍ୟାଜିକ ନମ୍ବର ଛୁଇଁବା ନେଇ ରାଜନେତା ମାନେ ଆଶା ଆଶଙ୍କାରେ ରହିଥିବାର ଜଣାଯାଇଛି। ରାଜନୈତିକ ପଟ୍ଟଚିତ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ପରିବର୍ତ୍ତନ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକଟି କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଂଚାୟତକୁ ନେଇ ଗଠିତ। ଏହି ବ୍ଲକରୁ ୨ଜଣ ବିଧାୟକ ଓ ୨ଜଣ ସାଂସଦ ପ୍ରତିନିଧିତ୍ୱ କରିଛନ୍ତି। ମାହାଙ୍ଗା ସ୍ୱାଧିନ ବିଧାୟକ ସାରଦା ପ୍ରଧାନ ଓ କଟକ ସଦର ବିଜେପି ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀଙ୍କର ଏହି ବ୍ଲକରେ ଅଂଶ ରହିଥିଲା ବେଳେ ସେପଟେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଓ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କର ମଧ ଏହି ବ୍ଲକରେ ଅଂଶ ରହିଛି। ତେବେ ଗତ ପଂଚାୟତ ନିର୍ବାଚନରେ ପ୍ରାକ୍ତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରତାପ ଜେନାଙ୍କ ସଫଳ ଗୋଟି ଚାଳନା ହେତୁ ଏହି ବ୍ଲକର ନାମକୁ ମାତ୍ର କେତୋଟି ହାତ ଗଣତି ପଞ୍ଚାୟତକୁ ଛାଡିଦେଲେ ଅଧିକାଂଶ ଗ୍ରାମପଂଚାୟତରେ ବିଜେଡି ସମର୍ଥୀତ ସରପଂଚ ଓ ସମିତି ସଭ୍ୟ ସଭ୍ୟାମାନେ ନିର୍ବାଚିତ ହୋଇଥିଲେ। ତେବେ ପ୍ରତାପଙ୍କ ଏକାନ୍ତ ଅନୁଗତ ରୂପେ ପରିଚିତ ଓରତି ଗ୍ରାମପଂଚାୟତର ସମିତି ସଭ୍ୟା ରୋଜୀ ସେଠୀ ଅଧକ୍ଷା ଓ ଜିଗ୍ନିପୁର ଗ୍ରାମପଂଚାୟତର ସମିତି ସଭ୍ୟ ଅଶୋକ କୁମାର ଓଝାଙ୍କୁ ଉପାଧକ୍ଷ ରୂପେ ନିର୍ବାଚିତ କରାଯାଇ ଥିଲା। ତେବେ ବିଧାନସଭା ନିର୍ବାଚନ ପରେ ଏହି ବ୍ଲକର ରାଜନୈତିକ ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଥିଲା। ମାହାଙ୍ଗାରୁ ସ୍ୱାଧିନ ପ୍ରାର୍ଥୀ ସାରଦା ପ୍ରଧାନ ଓ କଟକ ସଦରରୁ ବିଜେପି ପ୍ରାର୍ଥୀ ଇଂ ପ୍ରକାଶ ଚନ୍ଦ୍ର ସେଠୀ ବିଧାୟକ ରୂପେ ଓ କେନ୍ଦ୍ରାପଡାରୁ ବିଜେପି ରୁ ବୈଜୟନ୍ତ ପଣ୍ଡା ଏବଂ କଟକରୁ ବିଜେପିର ଭର୍ତ୍ତୃହରି ମହତାବ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତେବେ ବିଗତ ନବୀନ ସରକାରଙ୍କ ସମୟରେ ଏହି ବ୍ଲକରେ କରାଯାଇଥିବା ମୋ ଓଡିଶା ନବୀନ ଓଡିଶା ଯୋଜନାରେ ଠିକାଦାରଙ୍କର କୋଟି କୋଟି ଟଙ୍କାର ପ୍ରାପ୍ୟ ପଡି ରହିଥିଲା। ଏହି କାର୍ଯ୍ୟକୁ ବହୁ ସରପଞ୍ଚ ସମିତି ସଭ୍ୟମାନେ କରିଥିଲେ। ସରକାର ପରିବର୍ତ୍ତନ ହେବା ପରେ ଠିକାଦାର ସର୍ବୋପରି ସରପଞ୍ଚ ସମିତି ସଭ୍ୟଙ୍କ କୋଟି କୋଟି ଟଙ୍କାର ବକେୟା ପ୍ରାପ୍ୟକୁ ରାଜନୈତିକ ଚାପରେ ବନ୍ଦ କରିଦିଆଯାଇଥିଲା। ଫଳରେ ଏହି ବକେୟା ପ୍ରାପ୍ୟକୁ ଆୟୁଧ କରି ବିଭାଗୀୟ ଅଧିକାରୀଙ୍କ ମାଧ୍ୟମରେ ରାଜନେତାମାନେ ସରପଞ୍ଚ ଓ ସମିତି ସଭ୍ୟଙ୍କ ଉପରେ ପଟ୍ଟ ପରିବର୍ତ୍ତନ ନିମନ୍ତେ ଚାପ ପକାଇଥିଲେ। ଫଳରେ ଅର୍ଥ ଓ ସ୍ୱାର୍ଥ ପାଇଁ ବହୁ ସରପଞ୍ଚ ସମିତି ସଭ୍ୟ ଦଳ ଛାଡିବାକୁ ବାଧ ହୋଇଥିଲେ। ଖୋଦ ପ୍ରତାପଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ଉପାଧକ୍ଷ ଅଶୋକ ଓଝା ମଧ ପଦବୀ ଓ ଦଳୀୟ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ପ୍ରତାପଙ୍କ ଏକାନ୍ତ ଅନୁଗତ ଥିବା ଫଙ୍ଗୋଲ ଗ୍ରାମପଞ୍ଚାୟତର ସମିତି ସଭ୍ୟ ନୃସିଂହ ଚରଣ ମିଶ୍ର ହଠାତ ପଟ୍ଟ ପରିବର୍ତ୍ତନ କରି ସ୍ୱାଧିନ ବିଧାୟକ ସାରଦାଙ୍କ ଗୋଷ୍ଠୀରେ ସାମିଲ ହୋଇ ଉପାଧକ୍ଷ ନିମନ୍ତେ ନିର୍ବାଚନ ଲଢିଥିଲେ। ପରିସ୍ଥିତି ଏପରି ଜଟିଳ ହୋଇଥିଲା ଯେ ପ୍ରତାପ ଚତୁରତାର ସହ ଉପାଧକ୍ଷ ପଦବୀ ନିମନ୍ତେ କୌଣସି ପ୍ରାର୍ଥୀ ଦେଇନଥିଲେ। ଏହି ଲଢେଇ ମୁଖ୍ୟତ ମାହାଙ୍ଗା ସ୍ୱାଧିନ ବିଧାୟକ ସାରଦା ଓ କଟକ ସଦର ବିଜେପି ବିଧାୟକ ପ୍ରକାଶଙ୍କ ମଧ୍ୟରେ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଏହି ନିର୍ବାଚନରେ ପ୍ରାକ୍ତନ ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରାଙ୍କ ନିଜର ରାଜନୈତିକ ସ୍ୱାର୍ଥ ସାଧନ ନିମନ୍ତେ ଦଳ ବିରୋଧି କାର୍ଯ୍ୟ କରିବାକୁ ପଛାଇନଥିଲେ। ତାଙ୍କର ପ୍ରତ୍ୟକ୍ଷ ଇଙ୍ଗିତରେ ତାଙ୍କ ସମର୍ଥୀତ ସରପଞ୍ଚ ସମିତି ସଭ୍ୟମାନେ ଘୋଡା ବେପାର କରି ସାରଦାଙ୍କ ସମର୍ଥୀତ ପ୍ରାର୍ଥୀ ନୃସିଂହଙ୍କୁ ଖୁଲମ ଖୁଲା ଭାବେ ସମର୍ଥନ ଦେବା କାରଣରୁ ତାଙ୍କର ବିଜୟ ହୋଇଥିଲା। ତେବେ ଏହି ଘଟଣାକୁ ନେଇ ସାରଦା ଓ ପ୍ରକାଶଙ୍କ ମଧ୍ୟରେ ରାଜନୈତିକ ଶୀତଳ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ଉପାଧକ୍ଷ ପଦବୀ ହାସଲ ପରେ ସାରଦାଙ୍କ ନଜର ଅଧକ୍ଷ ଆସନ ଉପରେ ପଡିଥିଲା। କଳେବଳେ କୌଶଳେ ଅଧକ୍ଷା ରୋଜୀ ସେଠୀଙ୍କୁ କ୍ଷମତାରୁ ହଟାଇବା ନିମନ୍ତେ ସାରଦା କଳ ବଳ କୌଶଳ ଖଟାଇଥିଲେ। ୩୧ଜଣ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ନେଇ କଟକ ଉପଜିଲ୍ଲାପାଳଙ୍କ ନିକଟରେ ରୋଜିଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦସ୍ତଖତ ଯାଂଚ ପରେ ଆସନ୍ତା ୧୩ ତାରିଖ ଦିନ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଭୋଟ ଗ୍ରହଣ କରାଯିବା ନିମନ୍ତେ ପ୍ରଶାସନିକ ସ୍ତରରେ ସ୍ଥିର କରାଯାଇଥିଲା। ତେବେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ତାରିଖ ଘୋଷଣା ହେବା ପରେ ଏହି ବ୍ଲକର ୪୧ଜଣ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଅଜ୍ଞାତବାସରେ ରହିଥିବାର ଜଣାଯାଇଛି। ସେପଟେ ନିଜର ରାଜନୈତିକ ସ୍ୱାର୍ଥ ସାଧନ ନିମନ୍ତେ ଚନ୍ଦ୍ରସାରଥି ଦଳ ବିରୋଧି କାର୍ଯ୍ୟ କରିଥିବା କାରଣରୁ ତାଙ୍କ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟାମାନେ ଅଧକ୍ଷା ନିର୍ବାଚନରେ ଦଳ ବିରୋଧି କାର୍ଯ୍ୟ କରିବା ନିମନ୍ତେ ତାଙ୍କ ବୋଲ ମାନୁ ନଥିବାର ଜଣାଯାଇଛି। ସେପଟେ ସାରଦାଙ୍କୁ ଚେକ୍ ଦେବା ନିମନ୍ତେ ପ୍ରକାଶ ସ୍ୱତନ୍ତ୍ର ରଣ କୌଶଳ ପ୍ରସ୍ତୁତ କରିଥିବାର ଜଣାଯାଇଛି। ଧିରେ ଧିରେ ତାଙ୍କ ଅକ୍ତିଆରକୁ ବହୁ ସମିତି ସଭ୍ୟ ଓ ସରପଞ୍ଚ ଚାଲିଯାଇଥିବାର ଜଣାଯାଇଛି। ପ୍ରତାପ ରାଜନୀତିରେ ପୋଖତ ହୋଇଥିଲା ବେଳେ ଗୋଟି ଚାଳନାରେ ବେଶ ଧୂରିଣ ଅଟନ୍ତି। ତେଣୁ ପ୍ରତାପଙ୍କ ଗୋଟି ଚାଳନା କେତେଦୂର ସଫଳ ହେବ ତାହା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। କଳେ ବଳେ କୌଶଳେ ଅଧକ୍ଷା ପଦବୀ ବଜାୟ ରଖିବା ନିମନ୍ତେ ପ୍ରତାପ ଦୃଢତାର ସହ କାର୍ଯ୍ୟ କରୁଥିବାର ଜଣାଯାଇଛି। ସାରଦା ଓ ପ୍ରକାଶଙ୍କ ଗୋଳିଆ ପାଣିରୁ ପ୍ରତାପ ଫାଇଦା ଉଠାଇବା ନିମନ୍ତେ ଜୋରଦାର ପ୍ରୟାସ ଜାରି ରଖିଛନ୍ତି। ସେପଟେ ସାରଦା ୩୦ରୁ ଊର୍ଦ୍ଧ୍ୱ ସରପଞ୍ଚ ସମିତି ସଭ୍ୟ ସଭ୍ୟାଙ୍କୁ ନେଇ ଅଜ୍ଞାତବାସରେ ରଖିଥିବାର ଜଣାଯାଇଛି। ତେବେ ମ୍ୟାଜିକ ନମ୍ବର ୫୮କୁ ଛୁଇଁବା ନିମନ୍ତେ ସାରଦାଙ୍କ ପାଇଁ କାଠିକର ପାଠ ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ମ୍ୟାଜିକ ନମ୍ବର ଛୁଇଁବାରେ ସାରଦା କେତେଦୂର ସଫଳ ହେଉଛନ୍ତି ତାହା ଭବିଷ୍ୟତହିଁ କହିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିଲା ବେଳେ ସେପଟେ ସରପଂଚ ସମିତି ସଭ୍ୟସଭ୍ୟାମାନେ ଘୋଡା ବେପାରରେ ସାମିଲ ହୋଇ ବେଶ ହାତ ଟିକେଣ କରୁଥିବାର ଜଣାଯାଇଛି।


# ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ଇ-୧ଛାତ୍ରଛାତ୍ରୀଙ୍କୁ ବ୍ଲକ ସ୍ତରୀୟ ସମ୍ବର୍ଦ୍ଧନା

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନା ରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବ୍ଲକରେ ଦଶମ ଶ୍ରେଣୀରେ ଉତୀର୍ଣ୍ଣ ଇ-୧ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନିଆଳି ତହସିଲଦାର ଲିଲନ ପ୍ରସାଦ ସାହୁ ମୁଖ୍ୟ ବକ୍ତା ବିଡିଓ ଧର୍ମ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଅନନ୍ତ ନାରାୟଣ ସିଂ, ଏବିଓ ହିରଣ୍ମୟୀ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ଇ-୧ ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବୃକ୍ଷ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୬ ଜଣ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରଛାତ୍ରୀ ହେଲେ ପହଙ୍ଗା ନୋଡାଲ ହାଇସ୍କୁଲର ଛାତ୍ର ରୁଦ୍ର ପ୍ରତାପ ପ୍ରଧାନ, ସେହି ବିଦ୍ୟାଳୟର ପ୍ରୟାସ ରାଉତ, ମହାବୀର ହାଇସ୍କୁଲ ବଡିମୁଣ୍ଡେଇର ଛାତ୍ରୀ ଅମ୍ରିତା ପ୍ରିୟଦର୍ଶିନୀ ବିହାରୀ, ସେହି ବିଧାଳୟର ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ସ୍ୱାଇଁ, ଜଗନ୍ନାଥ ବିଦ୍ୟାପୀଠ ଏକବରୁଆଁର ଛାତ୍ର ରୁଦ୍ର ପ୍ରତାପ ଦାଶ, ସିଧ ମଙ୍ଗଳା ସରକାରୀ ହାଇସ୍କୁଲ କରାଙ୍ଗ ଛାତ୍ର ଓମ ପ୍ରକାଶ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ଓ ସିଆରସିମାନେ ଉପସ୍ଥିତ ରହିଥିଲେ।

# ଆଦର୍ଶ ଶିକ୍ଷକ ନରେନ୍ଦ୍ର ବିନ୍ଧାଣୀଙ୍କୁ ଶ୍ରଦ୍ଧାଞ୍ଜଳି

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକର ପାଟଳିପୁରା ଗ୍ରାମ ପଞ୍ଚାୟତର ପାଟଳିପୁରା ଗ୍ରାମ ନିବାସୀ ସ୍ୱର୍ଗତ ନରେନ୍ଦ୍ର ବିନ୍ଧାଣିଙ୍କର ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରାକୃତିକ ଚିକିତ୍ସକ ଭାସ୍କରଚନ୍ଦ୍ର ଦୁର୍ଗାଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପାଟଳିପୁରାର ମୁଖ୍ୟ ଭଉଣୀ ବ୍ରହ୍ମାକୁମାରୀ ମମତା, କୃଷ୍ଣଚନ୍ଦ୍ର ଶିକ୍ଷାନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ, ପାଟଳିପୁରାର ବରିଷ୍ଠ ଶିକ୍ଷକ ଡକ୍ଟର ରମାକାନ୍ତ ମହାନ୍ତ, ପ୍ରାକୃତିକ ଚିକିତ୍ସକ ଧ୍ରୁବ ଚରଣ ପ୍ରଧାନ, ମନୋରଞ୍ଜନ ଦୁର୍ଗା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଶିକ୍ଷକ ନରେନ୍ଦ୍ର ମୋହନ ବିନ୍ଧାଣି ଜଣେ ମିଷ୍ଟଭାଷୀ, ଶାନ୍ତ, ସରଳ, ସହଯୋଗୀ, ପରୋପକାରୀ ଏବଂ ଦୟାଶୀଳ ବ୍ୟକ୍ତି ଥିଲେ ବୋଲି କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କର ଧର୍ମପତ୍ନୀ କାଞ୍ଚନ ଲତା ବିନ୍ଧାଣି, ଝିଅ ବିଜୟଲକ୍ଷ୍ମୀ ବିନ୍ଧାଣି, ରାଜଲକ୍ଷ୍ମୀ ବିନ୍ଧାଣି, ପୁତ୍ର ବଧୂ ସଂଗୀତା ବିନ୍ଧାଣି, ଜ୍ୱାଇଁଭଞ୍ଜନ ମହାନ୍ତି, ନୃସିଂହ ଓଝା, ପୁତୁରା ମୁରଲୀ ଧର ବିନ୍ଧାଣି, ଜୟନ୍ତ କୁମାର ବିନ୍ଧାଣି, ନାତି ଦୀନେଶ ବିନ୍ଧାଣି, ସତ୍ୟରଞ୍ଜନ ବିନ୍ଧାଣି, ଲିସା ବିନ୍ଧାଣି, ତ୍ରିସା ବିନ୍ଧାଣି, ଆରିସ ବିନ୍ଧାଣିଙ୍କ ସମେତ ସମସ୍ତ ଗ୍ରାମବାସୀ ଏବଂ ଆତ୍ମୀୟସ୍ୱଜନମାନେ ସ୍ୱର୍ଗତ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଭଗବାନଙ୍କ ଠାରେ ପ୍ରାର୍ଥନା କରିଥିଲେ।

# ମିଳିତ ଜନଅଭିଯୋଗ ଶୁଣାଣି ଶିବିର



ଭଦ୍ରକ, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ରଇପୁର ଗ୍ରାମ ପଞ୍ଚାୟତ ଠାରେ 'ସେବା, ସମର୍ପଣ, ସୁଶାସନ' ପ୍ରଦାନ ଉଦ୍ଦେଶ୍ୟରେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସଂସ୍କୃତି, କ୍ରୀଡା ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଆରକ୍ଷୀ ଅଧିକ୍ଷକ ମଡ଼କର ସନ୍ଦୀପ ସମ୍ପଦଙ୍କୁ ନେଇ ଏକ ମିଳିତ ଜନଶୁଣାଣୀ ଶିବିର ବୁଧବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଧାମନଗର ଗୋଷ୍ଠି ଉନ୍ନୟନ ଅଧିକାରୀ, ତିହିଡ଼ି ତହସିଲଦାର ଓ ବରିଷ୍ଠ ଅଧିକାରୀ ମାନେଯୋଗ ଦେଇ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ। ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ଆଜିର ଜନ ଶୁଣାଣି ଶିବିରରେ ଆବେଦନ ପତ୍ର ଗୁଡ଼ିକ ମୁଖ୍ୟତଃ ବର୍ଦ୍ଧିତ ଭତ୍ତା, ଆବାସ ଗୃହ ବିଷୟରେ ଦାଖଲ ହୋଇଥିଲା। ଏହି ଜନ ଶୁଣାଣୀରେ ରଇପୁର ସରପଞ୍ଚ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ବାରିପଦା, (ଭାସ୍କର ନ୍ୟୁଜ୍): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ନାଗରିକମାନଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନରେ ଶାରୀରିକ କାର୍ଯ୍ୟକଳାପକୁ ସାମିଲ କରିବାକୁ ଉତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଏକ ପଦକ୍ଷେପ ଭାବେ କାର୍ଯ୍ୟକାରୀ କରିବାପାଇଁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଏକ ସାଇକେଲ ର‍୍ୟାଲିର ଆୟୋଜନ କରାଯାଇଥିଲା। ଏଥିରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଫ୍ଲାଗ୍-ଅଫ୍ ପୂର୍ବରୁ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ସମାବେଶଙ୍କୁ ସମ୍ବୋଧନ କରି ନିଜ ବକ୍ତବ୍ୟରେ ନିୟମିତ ବ୍ୟାୟାମର ଗୁରୁତ୍ୱ ଉପରେ ଆଲୋକପାତ କରି ସାଇକେଲ୍ ଚାଳନା କେବଳ ଏକ ଶାରୀରିକ କାର୍ଯ୍ୟକଳାପ ନୁହେଁ ବରଂ ସ୍ୱାସ୍ଥ୍ୟ ଏବଂ ପରିବେଶ ପ୍ରତି ଆମର ଦାୟିତ୍ୱ ବୋଲି ସେ ମତବ୍ୟ ଦେଇଥିଲେ। ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡକ୍ଟର ପ୍ରିୟ ରଞ୍ଜନ ଦେବତା, ସହଯୋଗୀ ପ୍ରଫେସର ଡକ୍ଟର ଗୁଣନିଧି ଧାଙ୍ଗଡାମାଝୀ, ଡକ୍ଟର ଯତୀନ୍ଦ୍ରନାଥ ବେଶ୍ରା, ଡକ୍ଟର ଜନ୍ମେଞ୍ଜୟ ନାୟକ ଏବଂ ଡକ୍ଟର ପ୍ରିୟଙ୍କା ଦାସ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।



# ଚୋରା ବିଦ୍ୟୁତ ଓ ରାଜରାସ୍ତାକୁ କାଟି ମେଡିକାଲ ଗୃହ ନିର୍ମାଣ





ମାଲକାନାଗିରି, (ଭାସ୍କର ନ୍ୟୁଜ୍): ସରକାରୀ ମେଡିକାଲ ନିର୍ମାଣ କାର୍ଯ୍ୟରେ ଚୋରା ବିଦ୍ୟୁତ ସହିତ ବେନିୟମ ଭାବରେ ରାଜରାସ୍ତାକୁ କାଟି ନିକଟସ୍ଥ ପୋଖରୀରୁ ଡିଜେଲ ପାଣି ମୋଟର ସହିତ ବିଦ୍ୟୁତ ଚାଳିତ ମୋଟର ଏହିପରି ଦୁଇଟି ମୋଟର ଲଗାଇ ପୋଖରୀରୁ ପାଣି ଉଠାଇ ଚାଲିଛି ମେଡିକାଲ ନିର୍ମାଣ। ଗାଁ' ଲୋକେ ପ୍ରତିବାଦ କରିବାରୁ ଗାଁ' ଲୋକଙ୍କୁ ଡରେଇ ଧମକାଇ ଜୋର ଜବରଦସ୍ତ କାର୍ଯ୍ୟ କରୁଛି ସମ୍ପୃକ୍ତ ଠିକାଦାର ଜଣକ। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ସଦର ଗ୍ରାମରେ ନୂତନ ପ୍ରାଥମିକ ଚିକିତ୍ସାଳୟର ନୂତନ ଗୃହ ନିର୍ମାଣ କାର୍ଯ୍ୟ କିଛିମାସ ପୂର୍ବରୁ ଆରମ୍ଭ ହୋଇ ଏବେ ଛାତପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇ ସାରିଲାଣି। ମେଡ଼ିକାଲର ନୂତନ ଗୃହ ନିର୍ମାଣ ଆରମ୍ଭ ଦିନଠାରୁ ଚୋରା ବିଦ୍ୟୁତରେ ପାଣି ମୋଟର ଠାରୁ ଆରମ୍ଭକରି କୋଠା ନିର୍ମାଣ କାର୍ଯ୍ୟର ସମସ୍ତ ପ୍ରକାର ବୈଦ୍ୟୁତିକ ଯନ୍ତ୍ରପାତି ବ୍ୟବହାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଯେ ଏତେଦିନ ହେବ କାର୍ଯ୍ୟ ଚାଲୁଥିବା ଖବର ବିଦ୍ୟୁତ ବିଭାଗ ପାଖରେ କିପରି ଖବର ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ସେବୀ ବିଦ୍ୟୁତ ଖୁଣ୍ଟରୁ ସଂଯୋଗ ହୋଇଛି ଜଣେ ବିଦ୍ୟୁତ ବିଭାଗର ଅଭିଜ୍ଞ କର୍ମଚାରୀ ନହେଲେ କେବେ ହେଲେ ବିଦ୍ୟୁତ ଖୁଣ୍ଟରୁ ବିଜୁଳି ତାର ସଂଯୋଗ ସମ୍ଭବ ନୁହେଁ ବୋଲି ଅନୁମାନ କରାଯାଉଛି। ଯାହା ସନ୍ଦେହ ଘନୀଭୂତ ହେଉଛି ଯେ ସମ୍ପୃକ୍ତ ଠିକାଦାର ଓ ବିଦ୍ୟୁତ ବିଭାଗର ମଧୁଚନ୍ଦ୍ରିକାରେ ଏହିସବୁ କାର୍ଯ୍ୟ ନୁହେଁ ତ ଏମିତି ଅନେକ ପ୍ରଶ୍ନ ଉଙ୍କି ମାରୁଛି ସାଧାରଣ ଲୋକଙ୍କ ମନରେ। ଚୋରା ବିଦ୍ୟୁତ ଓ ରାଜରାସ୍ତାକୁ କାଟିବା ଘଟଣାର ଖବର କିଛି ଗଣମାଧ୍ୟମ ପ୍ରତିନିଧିମାନେ ଜାଣିବା ଘଟଣା ସ୍ଥଳରେ ପହଞ୍ଚି ବିଦ୍ୟୁତ ବିଭାଗୀର କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ମହାରଣାଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ଟାଟା ବିଦ୍ୟୁତ କମ୍ପାନୀର ଏନ୍‌ଫୋର୍ସମେଣ୍ଟର ଅଧିକାରୀ ସୁଶୀଲ କୁମାରଙ୍କୁ ଅବଗତ କରାଇଥିଲେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ମହାରଣା। ଆଜି ସକାଳୁ ସକାଳୁ ଏନ୍‌ଫୋର୍ସମେଣ୍ଟର ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଠିକାଦାର ଅମିତ କୁମାର ବଳଙ୍କ ନାମରେ ଏକ ମାମଲା ରୁଜୁ କରିଛି। ଜୟପୁର ସ୍ଥିତ ଏନଫୋର୍ସମେଣ୍ଟ କାର୍ଯ୍ୟାଳୟରୁ ବିଦ୍ୟୁତ ଚୋରି ତଦନ୍ତ ରିପୋର୍ଟ ପାଇଲା ପରେ କେତେ ଆର୍ଥିକ ଜୋରିମାନା ପଡିବ ବୋଲି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସୁଶୀଲ କୁମାର ଆମକୁ ସୂଚନା ଦେଇଛନ୍ତି। ଏହା ସହ ସମ୍ପୃକ୍ତ ଠିକାଦାର ଅମିତ କୁମାର ପୂର୍ତ୍ତ ବିଭାଗର ମାଥିଲି-କାଳିଆଗୁଡା ରାସ୍ତାକୁ ଦଳପତିଗୁଡା ଠାରେ ବିନ ଆଦେଶରେ ମନଇଚ୍ଛା ମଝି ରାସ୍ତା କାଟି ନିକଟରେ ଥିବା ପୋଖରୀରୁ ଦୁଇଟି ମୋଟର ମାଧ୍ୟମରେ ଦୁଇଟି ପାଇପ ପକାଇ ପାଣି ନେଇ ମେଡ଼ିକାଲ ଗୃହ ନିର୍ମାଣ କରୁଛି ବୋଲି ଦେଖିବାକୁ ମିଳିଛି। ଆମେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀକୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲୁ କିନ୍ତୁ ସମ୍ଭବ ହୋଇ ପାରିଲା ନାହିଁ। ସେଥିପାଇଁ ପୂର୍ତ୍ତ ବିଭାଗର ମତାମତ ମିଳି ପାରି ନାହିଁ। ଏହି ଘଟଣାଟିକି ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରି ସମ୍ପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି।

# ୱାକଫ ସୁଧାର ଜନ ଜାଗରଣ

## ୱାକଫ୍ ବିଲ୍‌କୁ ନେଇ ସଂଖ୍ୟାଲଘୁଙ୍କୁ ବୁଝାଇଲେ ମୁଖ୍ୟମନ୍ତ୍ରୀ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ୱାକଫ ବିଲ୍ ସଂଶୋଧନ ଦ୍ୱାରା ୱାକଫ ବୋର୍ଡରେ ସ୍ୱଚ୍ଛତା ରହିବା ସହିତ ମୁସଲିମ ସମ୍ପ୍ରଦାୟର ମହିଳା ଏବଂ ଝିଅମାନଙ୍କୁ ସ୍ୱାବଲମ୍ବୀ ସହିତ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତି ଉପକୃତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କେନ୍ଦୁଝରରେ ଅନୁଷ୍ଠିତ ୱାକଫ ସଂଶୋଧନ ବିଲ୍ ଉପରେ ହୋଇଥିବା ଜନ ଜାଗରଣ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲ୍ଲା ପକ୍ଷରୁ ସ୍ଥାନୀୟ ଅଡିଟୋରିୟମରେ ଏହି ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ନାୟକ, ବିଧାୟକ ଫକୀର ମୋହନ ନାୟକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହନ୍ତ, ପୂର୍ବତନ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶିବାଜୀ ମହାନ୍ତି, ଜିଲ୍ଲା ବିଜେପି ସମ୍ପାଦକ ନାରାୟଣୀ ମହନ୍ତ, ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଜଲାଲଉଦ୍ଦିନ ଆକବର(ଲିଲି), ସଂଖ୍ୟାଲଘୁ ମୋର୍ଚ୍ଚାର ଜିଲ୍ଲା ସଭାପତି ମହବୁବ ଆଲାମ, କେନ୍ଦୁଝରଗଡ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ [illegible] ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ, ବିଜେପି ସରକାରଙ୍କ ସ୍ଲୋଗାନ ହେଉଛି ସବକା ସାଥ, ସବକା ବିକାଶ [illegible] ସମସ୍ତଙ୍କୁ ନେଇ ସରକାର ଚାଲୁଛି। କାହାକୁ କୌଣସି କ୍ଷେତ୍ରରେ ଅବହେଳା କରାଯାଉ ନାହିଁ। ସୁଭଦ୍ରା ଯୋଜନା ହେଉ କି ଧାନର ଇନ୍‌ପୁଟ ହେଉ, ସବୁଠାରେ ସମସ୍ତଙ୍କୁ ସାମିଲ କରାଯାଉଛି ଏବଂ ସମସ୍ତଙ୍କୁ ସରକାରଙ୍କ ସୁଫଳ ମିଳୁଛି। ବିଜେପିକୁ ନେଇ ସବୁବେଳେ ସାଂପ୍ରଦାୟିକ ଦଳ କହି ଆରୋପ କରାଯାଉଛି। ମାତ୍ର ଏହା ମିଥ୍ୟା। କେନ୍ଦୁଝର ଜିଲ୍ଲା ଯୋଡା, ବଡ଼ବିଲ, କେନ୍ଦୁଝର ଭଳି ସହରରେ ହନୁମାନ ଜୟନ୍ତୀ ଭଳି କାର୍ଯ୍ୟକ୍ରମରେ [illegible] ମୁସଲିମ ସମ୍ପ୍ରଦାୟର ଭାଇମାନେ ଏଥିରେ ସହଯୋଗ କରିଛନ୍ତି। ୱାକଫ ବୋର୍ଡ ବାବଦରେ ସେ କହିଥିଲେ, ଏହି ବିଲରେ ସଂଶୋଧନ କରାଯାଇଛି। [illegible] କୋଟଲା ଫିରୋଜ ଶାହା ଷ୍ଟାଡିୟମ ଭିତରେ ଥିବା ମସଜିଦ୍‌କୁ ୱାକଫ ବୋର୍ଡ ନିଜର ଦାବି କରୁଛି। ଏଭଳି ଅନେକ ମସଜିଦ୍ ଭଳି କେତେକ [illegible] ୱାକଫ ବୋର୍ଡ ମଧ୍ୟ ନିଜର ବୋଲି ଦାବି କରିଛି। ଯାହାକି ଅଗ୍ରହଣୀୟ। [illegible] ୱାକଫ ବୋର୍ଡ ନିଜର ବୋଲି ଦାବି କରୁଛି। [illegible] ଏହି ବିଲ୍ ସଂଶୋଧନ କରାଯାଇଛି ଏବଂ [illegible] ସେ କହିଥିଲେ, ମୋଗଲ ସାମ୍ରାଜ୍ୟରୁ ୨୦୧୩ ମସିହା ପର୍ଯ୍ୟନ୍ତ ୱାକଫ ବୋର୍ଡ ପାଖରେ ୧୮ଲକ୍ଷ ୪୩୦ ହଜାର ଏକର ଜମି ଥିଲା। ମାତ୍ର ୨୦୧୩ରୁ ୨୦୨୫ ମସିହା ମଧ୍ୟରେ ୨୦ଲକ୍ଷ ୯୨ ହଜାର ଏକର ୱାକଫ ବୋର୍ଡ ସହିତ ଯୋଡି ହୋଇଗଲା। ଖାଲି ଏହାଦ୍ୱାରା ହିନ୍ଦୁମାନେ କ୍ଷତିଗ୍ରସ୍ତ ହେଲେ, ତାହା ନୁହେଁ, ବରଂ ମୁସଲମାନମାନେ ମଧ୍ୟ ଅସମାନତାର ଶିକାର ହେଉଥିଲେ ବୋଲି ସେ କହିଥିଲେ। ସେ କହିଥିଲେ, ୨୦୧୩ ମସିହା ମଧ୍ୟରେ ୱାକଫ ବୋର୍ଡର କେସ୍ ସଂଖ୍ୟା ୧୦୩୮୧ଟି ଥିବା ବେଳେ ୨୦୧୩ ମସିହାରୁ ଏଯାବତ୍ ମୋଟ କେସ୍ ସଂଖ୍ୟା ୨୧୬୭୮ଟି କେସ୍ ହୋଇଛି। ଏମିତିକି ଇତିମଧ୍ୟରେ ମୋଟ ୫୮୭୩ଟି ସରକାରୀ ସମ୍ପତ୍ତି ଏବେ ୱାକଫ ବୋର୍ଡର ବୋଲି ୱାକଫ ବୋର୍ଡ ଦାବି କରୁଛି। ତେଣୁ ଏବେ ଏହି ବିଲ ସଂଶୋଧନ ହେବା ଦ୍ୱାରା ଆଗାମୀ ଦିନରେ ସମସ୍ତେ ଉପକୃତ ହେବେ ଏବଂ ବିଶେଷ କରି ଆଇନରେ ସମାନତା ଆସିବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଉପସଭାପତି ଅଗନୁ ମହାନ୍ତ ସମବେତ ସମସ୍ତ ଅତିଥି ଏବଂ ବୁଦ୍ଧିଜୀବୀମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ଅଗ୍ନିକାଣ୍ଡରେ ବିପନ୍ନ ପରିବାରଙ୍କୁ ଭେଟିଲେ ସାଂସଦ



ଅନୁଗୁଳ, (ଭାସ୍କର ନ୍ୟୁଜ୍): ଅନୁଗୁଳ ବିଧାନସଭା ଅନ୍ତର୍ଗତ ବଲଙ୍ଗ ଗ୍ରାମ ପଞ୍ଚାୟତରେ ଅଗ୍ନିକାଣ୍ଡ ଘଟିଥିଲା। ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ସୋମବାର ଆଜି ଖବର ପାଇ ବଲଙ୍ଗ ଗ୍ରାମକୁ ଯାଇ ଅଗ୍ନିକାଣ୍ଡରେ ବିପନ୍ନ ପରିବାର ସନ୍ତୋଷ ବିଶ୍ୱାଳ ଓ କଷ୍ଟୁ ନାଏକଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସାହାର୍ଯ୍ୟ କରିଥିଲେ। ଅନୁଗୁଳ ତହସିଲଦାରଙ୍କୁ ଫୋନ ଯୋଗେ କଥାହୋଇ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସାହାର୍ଯ୍ୟ ଯୋଗାଇଦେବା ପାଇଁ ପରାମର୍ଶ ଦେଇଥିଲେ। ସାଂସଦଙ୍କ ସହ ବିଜେପି ନେତା ଓବିଶି ମୋର୍ଚ୍ଚା ଜିଲ୍ଲା ସଭାପତି ସରୋଜ ଜେନା, ପ୍ରଭାତ ମିଶ୍ର, ଦିଲ୍ଲୀପ ମାଝୀ, ସ୍ଥାନୀୟ ସରପଞ୍ଚ ରିତାଞ୍ଜଳୀ ସାହୁ, ରଜନୀ ସାହୁ, ଦୁର୍ଯ୍ୟୋଧନ ଜେନା, ବାବୁରାମ ସାହୁଙ୍କ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ଓ ଜନ ସାଧାରଣ ଉପସ୍ଥିତ ଥିଲେ।

# ୧୦ମଇରେ ଅନୁଷ୍ଠିତ ହେବ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୁରଭଞ୍ଜ, ବାରିପଦାଙ୍କ ତରଫରୁ ଚଳିତ ମଇ ମାସ ୧୦ତାରିଖ (ଶନିବାର) ବାରିପଦା ସ୍ଥିତ ସିଭିଲ କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ ) ଚେକ ବାଉନ୍ସ, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିଦ୍ୟୁତ, ଜଳ ବିଲ ପୈଠ ମାମଲା, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରୀ ସମ୍ବନ୍ଧୀୟ (ପେନସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁସଙ୍ଗିକ ମାମଲା, ଖାଉଟି ବିବାଦ ଆଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ବିଚାରଧୀନ ମାମଲା ବ୍ୟତୀତ ପ୍ରାକ-ମକଦ୍ଦମା ସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇନଥିବା) ବିଭିନ୍ନ ମାମଲା ଗୁଡିକର ମଧ୍ୟ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସମାଧାନ ହୋଇପାରିବ।ଲୋକ ଅଦାଲତରେ ମକଦ୍ଦମା /ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଲାଗେ ନାହିଁ ଏବଂ ଅଦାଲତର ରାୟ ବୈଧ ଓ ଚୂଡାନ୍ତ ଅଟେ। ଯଦି କୌଣସି ବିଚାରଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ତେବେ ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ତେଣୁ ଦୀର୍ଘ ଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ ଏବଂ ଅଯଥା ଆର୍ଥିକ ଖର୍ଚ୍ଚାନ୍ତରୁ ତଥା ସମୟ ଅପଚୟରୁ ମୁକ୍ତି ପାଇବା ପାଇଁ ଏହାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପରାମର୍ଶ ଦିଆଯାଉଛି।

# ନୂତନ ପ୍ରଶାସନିକ ସୌଧ ଉଦ୍‌ଘାଟିତ



ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଉତ୍କଳ ବନାନୀ ସ୍ନାତକ ମହାବିଦ୍ୟାଳୟରେ ନୂତନ ପ୍ରଶାସନିକ ସୌଧ ଓ ଗ୍ରନ୍ଥାଗାର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ଓଡ଼ିଶା ସରକାର, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀ କାନ୍ଦ୍ରା ସୋରେନ, ସମ୍ମାନିତ ଅତିଥି ଭାବେ ଭାଗବତ ମାର୍ଣ୍ଡି, ରଜନୀକାନ୍ତ ବିଶ୍ୱାଳ, ପ୍ରଦୀପ ମହାନ୍ତି ଏବଂ ଶୁଳିଆପଦା ତହସିଲଦାର ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ସଂଞ୍ଜୟ କୁମାର ସେନାପତି କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଶରତ ଚନ୍ଦ୍ର ଧିର, ଜଗନ୍ନାଥ ମଣ୍ଡଳ, ଦୁଷ୍ମନ୍ତ ସି, ହେମନ୍ତ ଧଳ, ହରମୋହନ ମହାନ୍ତ, ଅଧ୍ୟାପିକା ନାରାୟଣୀ ନାଥ, ଜ୍ୟୋତିର୍ମୟୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ଦିନିକିଆ ଗସ୍ତ



ନବରଙ୍ଗପୁର, (ଭାସ୍କର ନ୍ୟୁଜ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନବରଙ୍ଗପୁର ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକାରୀ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ମୁଖ୍ୟ ଶାସନ ସଚିବ ଙ୍କ ସହ ଜିଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲ୍ଲାର ଡ଼ାଇଭଟା ଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ ସହ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅନ୍ତର୍ଗତ ରବି ଋତୁ ରେ ମକା,ବୁଟ ଓ ସୂର୍ଯ୍ୟମୁଖୀ ଚାଷ କରିଥିବା ହିତାଧିକାରୀଙ୍କୁ ଭେଟି ଉତ୍ପାଦନ, ବଜାର ବ୍ୟବସ୍ଥା ଉପରେ ବାର୍ତ୍ତାଳାପ କରିଥିଲେ। ସେଭଳି ଗ୍ୟାରେଜ , ଟିଫିନ୍ ଷ୍ଟଲ୍, ପାୱାର ଟିଲର କରିଥିବା ଆଦିବାସୀ ମାଇକ୍ରୋ ଉଦ୍ୟୋଗୀ ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଚାଷୀମାନେ ମୁଖ୍ୟ ଶାସନ ସଚିବଙ୍କୁ ନିଜର ଉତ୍ପାଦ ବିକ୍ରୟ ପାଇଁ ଏକ ହାଟ ପିଣ୍ଡି ଆବଶ୍ୟକ ଉପରେ କହିଥିଲେ। ଏହାପରେ ତାରା ଗାଁ ସ୍ଥିତ ପ୍ରାୟ ୫୦ ଲକ୍ଷ ମାଛ ଜାଆଁଳା ଉତ୍ପାଦନ କେନ୍ଦ୍ର ସ୍ଥାପନ କରିଥିବା ହିତାଧିକାରୀ ଇମରାନ ଖାଁ ଏବଂ ୭୫ ଟି ଗାଈ, ମହିଂଶୀ ଫାର୍ମ ସହିତ ଦିନକୁ ୬୦୦ ଲିଟର ଦୁଗ୍ଧ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର କରିଥିବା ଚାଷୀ ଇର୍ଫାନ ଖାଁ'ଙ୍କ କେନ୍ଦ୍ର ପରିଦର୍ଶନ କରିଥିଲେ। ହିତାଧିକାରୀଙ୍କୁ ଏଭଳି ୟୁନିଟ ଅନ୍ୟମାନେ ଯେଭଳି ସ୍ଥାପନ କରିବାକୁ ଆଗ୍ରହ ଦେଖାଇବେ ଓ ପଶୁପାଳନ ଉପରେ ତାଲିମ ପ୍ରଶିକ୍ଷାର୍ଥିଙ୍କୁ ନିଜର କେନ୍ଦ୍ର ପରିଦର୍ଶନର ସୁଯୋଗ ଦିଅନ୍ତୁ ବୋଲି କହିଥିଲେ। ଏହାପରେ ସେମଲକ୍ଷ ସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପରିଦର୍ଶନ ସହ ମାତୃଶକ୍ତି ପ୍ରୋଡୁସର ଏଣ୍ଟରପ୍ରାଇଜେସର ମା ମାନଙ୍କ ସହ ଖଲି ଉତ୍ପାଦନ, ବିକ୍ରୟ,ବଜାର ବ୍ୟବସ୍ଥା ଉପରେ ଏବଂ ମକାଚାଷୀମାନଙ୍କ ସହ ତାଙ୍କର ସୁବିଧା ଅସୁବିଧା ଉପରେ ବାର୍ତ୍ତାଳାପ କରିଥିଲେ। ବଦ୍ଧାଗୁଡ଼ାରେ ମନରେଗା ଯୋଜନାରେ କାଜୁଗଛ ରୋପଣ କ୍ଷେତ୍ର ପରିଦର୍ଶନ ପୂର୍ବକ ଫର୍ଷାଗୁଡ଼ା ଠାରେ ବନ ବିଭାଗ ଦ୍ୱାରା ବର୍ଣ୍ଣମାଳା ଉଦ୍ୟାନ, କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ଉକିଆପାଲି ଜଳ ବିଶୋଧନ କେନ୍ଦ୍ର, ମିଶନ ଶକ୍ତି କ୍ୟାଫେ ପରିଦର୍ଶନ କରିଥିଲେ ଏବଂ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ସାନମସି ଗାଁ ଠାରେ ହସ୍ତତନ୍ତ କ୍ଲଷ୍ଟର ପରିଦର୍ଶନ ସହ ଆର୍‌ଏମ୍‌ସି କ୍ୟାମ୍ପସ ପରିସରରେ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସଂପୃକ୍ତ ବିଭାଗୀୟ ଅଧିକାରୀ ପିଏ, ଆଇଟିଡିଏ, ସିଡିଭିଓ, ଡିଡବ୍ଲୁଓ, ଡିଏଫ୍‌ଓ, ସହକାରୀ ସିଇଓ, ଓରମାସ, ନିର୍ବାହୀ ଯନ୍ତ୍ରୀ, ମେଗା ଲିଫ୍ଟ, ନିର୍ବାହୀ ଯନ୍ତ୍ରୀ ଆର୍‌ଡବ୍ଲୁଏସ୍‌ଏସ, ବିଡିଓ କୋଶାଗୁମୁଡ଼ା / ପାପଡ଼ାହାଣ୍ଡି, ଡିପିସି, ମିଶନ ଶକ୍ତି, ଡିଡି ଟେକ୍ସଟାଇଲ, ଡିଡି, ଏଗ୍ରିକଲଚର ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ସରପଞ୍ଚଙ୍କ ବିୟୋଗ



ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସେକ କମ୍ପାମମୁଦ୍ଦିନଙ୍କର ୮୫ ବର୍ଷ ବୟସରେ ନିଜ ବାସଭବନରେ ବିୟୋଗ ଘଟିଛି। ସେ ୧୯୯୨ରୁ ୯୭ପର୍ଯ୍ୟନ୍ତ ସୁଙ୍ଗୁଡା ଗ୍ରାମର ସରପଞ୍ଚ ଭାବେ ବହୁ ଉନ୍ନତିମୂଳକ କାର୍ଯ୍ୟ କରି ପଞ୍ଚାୟତ ବସୀଙ୍କ ପ୍ରିୟ ପାତ୍ର ହୋଇଥିଲେ। ମଙ୍ଗୁଲ ଚାଚା ନାମରେ ସମଗ୍ର ବଡଚଣାରେ ପରିଚିତ ଥିଲେ। କୋଣାର୍କ ଝୋଟ କଳ ଶ୍ରମିକମାନଙ୍କ ପାଇଁ ବହୁକାର୍ଯ୍ୟ କରିବା ସହିତ ଧାନ ମଣ୍ଡଳ ବଜାର କମିଟିର ସଭ୍ୟ, ସମେତ ବହୁ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ବିଜୁ ପଟ୍ଟନାୟକଙ୍କ ଜଣେ ଦୃଢ଼ ସମର୍ଥକ ରହିବା ସହିତ ବିଜେଡ଼ି ଦଳର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଦୀର୍ଘଦିନ ଧରି ସେ ବସ୍ତିର ସର୍ଦ୍ଦାର ରହି ମୁସଲମାନ ଭାଇଭଉଣୀ ମାନଙ୍କ ବହୁ ସମସ୍ୟାର ସମାଧାନ କରି ଥିଲେ ଧକ୍ଷନମଣ୍ଡଳ ସ୍ଥିତ କଳିଙ୍ଗ ଫାଉଣ୍ଡରିର ଶ୍ରମିକ ନେତା ଭାବେ ଶ୍ରମିକମାନଙ୍କ ମଜୁରି ବୃଦ୍ଧି ପାଇଁ ଆନ୍ଦୋଳନ କରି ସଫଳ ହୋଇଥିଲେ। ତାଙ୍କ ବିୟୋଗରେ ବଡଚଣା ବିଧାୟକ ଅମର ନାୟକ, ପୁର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ସୀତାକାନ୍ତ ମହାପାତ୍ର କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ଗଣେଶ୍ୱର ବାରାଳ, ବଡ଼ଚଣା ପଞ୍ଚାୟତ ସମିତି ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ପୁର୍ବତନ ସରପଞ୍ଚ ଚାଟକ୍ଷଲିନ ସ୍ୱାଇଁ, ପୂର୍ବ ନାଏବ ସରପଞ୍ଚ ମସିର ଆଲାମ୍, ପଲ୍ଲୀ ମଙ୍ଗଳ ସେବା ସମବାୟ ସମିତି ସଭାପତି ସଞ୍ଜୟ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଆମର ମହାନ୍ତି, ସୁଙ୍ଗୁଡ଼ାକ୍ଷ ସରପଞ୍ଚ ଅଞ୍ଜୁଳତା ସ୍ୱାଇଁ, ପ୍ରେସ କ୍ଲବ ଚଣ୍ଡିଖୋଲ ର ସଭାପତି ବେଣୁଧର ପଣ୍ଡା, ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି, ଚଣ୍ଡିଖୋଲ ସ୍ଥାୟୀ ବଣିକ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ମକ୍ଷହକ୍ଷଲା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହିତ ଶୁଙ୍ଗୁଡ଼ା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା।

# ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ କର୍ମଶାଳା


କନ୍ଧମାଳ, (ଭାସ୍କର ନ୍ୟୁଜ୍): ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ କର୍ମଶାଳା ସ୍ଥାନୀୟ ପଞ୍ଚାୟତ ଭବନର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ଫୁଲବାଣୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଯୋଗ ଦେଇ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ଦୀପ ଜଳାଇ ମଞ୍ଚସିନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ପିଲାସାଲୁଙ୍କି ବିଭାଗର କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହା ପରେ ସମ୍ପୂର୍ଣ୍ଣ କର୍ମଶାଳାର ସଂଯୋଜକ ଭାବେ ଗୋଲକ ବିହାରୀ ସାହାଣୀ ସମ୍ପାଦନ କରି ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ କୃଷକ ଭାଇମାନଙ୍କୁ ସ୍ୱାଗତ କରିଥିଲେ। ଫୁଲବାଣୀ ବିଧାୟକ ପାଣି ପଞ୍ଚାୟତ ର ମୁଖ୍ୟ ଲକ୍ଷ୍ୟ ଓ ପାଣି ପଞ୍ଚାୟତ ହେଉଛି କୃଷକମାନଙ୍କ ଏକ ସ୍ୱାଧୀନ ବ୍ୟକ୍ତି ସାମୂହିକ ପରିଚାଳକ ଅମଳ ଏବଂ ବଣ୍ଟନ ଓ୍ୱେଲ ଏବଂ ପେରୋକ୍ସନ୍ ଟ୍ୟାଙ୍କରେ ନିୟୋଜିତ କୃଷକ ପରିଚାଳନା ଏବଂ ଭୂତଳ ଟ୍ୟାଙ୍କରେ ନିୟୋଜିତ ଚାଷ ଜୋନର ଏକ ସ୍ୱେଚ୍ଛାକୃତ କାର୍ଯ୍ୟକଳାପ। ଏଣୁ ସମସ୍ତ କୃଷକ ମାନେ ନିଜ ନିଜ ଜମିକୁ ପଡିଆ ନରଖି ଧାନ ଅମଳ ପରେ ଅନ୍ୟ କିଛି କୃଷି କରିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ମୁଖ୍ୟ ଭାବରେ ଜମିରେ କେବେବି ରାସାୟନିକ ସାର ପ୍ରୟୋଗ ନକରି ନିଜର ଜୈବିକ ସାର ପ୍ରୟୋଗ କରିବା ପାଇଁ କହିଥିଲେ। ଏହା ଦ୍ୱାରା ପାଣି ପ୍ରଦୂଷିତ ହେବନାହିଁ। ମାଟିର ଉର୍ବରତା କମ ହେବନାହିଁ କି ଦିନକୁଦିନ ଉର୍ବରତା ବୃଦ୍ଧି ପାଇବ। ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ତୁଷାରକାନ୍ତି ତୁଙ୍ଗ, ସଂଯୋଜକ ତଥା ଅଧୀକ୍ଷକ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ ଇଂ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ମୁହାଣ ଉଠାଜଳସେଚନ ବିଭାଗ, ଅମିତ କୁମାର ଭୂୟାଁ, ଜଳସେଚନ ବିଭାଗ, ସଂମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସାମାଜିକ କର୍ମୀ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସ ଇଂ ଅଶୋକ କୁମାର ଯୋଗଦେଇ କନ୍ଧମାଳ ଜିଲ୍ଲାରେ ଜୈବିକ କୃଷି ତଥା ଫସଲ ବିବିଧିକରଣ ଉପରେ ଉପସ୍ଥିତ ଚାଷୀମାନଙ୍କୁ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜୈବିକ ସାର ପ୍ରତି ଗୁରୁତ୍ୱ ଦିଅନ୍ତୁ, ଗାଈ ପାଳନ୍ତୁ, ଗାଈ ଗୋବର, ଗାଈ ପରିଶ୍ରାକୁ ଉଚିତ ମାଧ୍ୟମରେ ବ୍ୟବହାର କରନ୍ତୁ। ମାଟି ମା'କୁ ଉର୍ବର କରାନ୍ତୁ, ଭଲ ଫସଲ ଅମଳ କରନ୍ତୁ, ୫ଟି ଗଛ ଡିମିରି, କଦମ୍ବ, କରଞ୍ଜ ଗଛ ଲଗାଇ ପାଣିକୁ ଷ୍ଟୋର କରି ରଖନ୍ତୁ ପରାମର୍ଶ ୫୦୦ କୃଷି ଭାଇଙ୍କୁ ଦେଇଥିଲେ। କାର୍ଯ୍ୟକ୍ରମକୁ ଉପ-ବିଭାଗ ଅଧିକାରୀ ଗୋଲକ କୁମାର ସାହାଣୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ପାଣି ପଞ୍ଚାୟତର ସଦସ୍ୟ, ଚାଷୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ମହିଷାମର୍ଦ୍ଦିନୀ ଦେବୀଙ୍କ ଯଜ୍ଞ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ପିଚୁକୁଳି ଗ୍ରାମରେ ଚଳିତ ମାସ ୪ତାରିଖରୁ ଚାଲୁରହିଥିବା ଗ୍ରାମର ଆରାଧ ଦେବୀ ମା ମହିଷାମର୍ଦ୍ଦିନୀଙ୍କ ମନ୍ଦିର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ବାଦି ସଂକୀର୍ତ୍ତନ ଗାୟକ ବାନାମ୍ବର ପ୍ରଧାନ ଓ ଗଣେଶ୍ୱର ନିଶଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ପ୍ରଧାନ, ସମିତିସଭ୍ୟ ସଞ୍ଜୟ ଗୁମାନସିଂହ ଯୋଗଦେଇ ଆହୁତି ପ୍ରଦାନ କରିଛନ୍ତି। କର୍ତ୍ତା ଭାବେ ପବିତ୍ର ମୋହନ ମାଝୀ ଓ ପତ୍ନୀ କୁନି ଦେବୀ କାର୍ଯ୍ୟ ଭାର ତୁଲାଇଥିଲେ।

# ନିମ୍ନମାନର କାମ କରି ଠିକାଦାର ଛୁ

ନିଆଳି, (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଦେବୀକନ୍ଦଳ ଦୀପାଞ୍ଚଳ ସିଠାଳ ପୋଲ ଠାରୁ ସିଠାଳ ବଜାର ପର୍ଯ୍ୟନ୍ତ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯାଇ ଗାର୍ଡ ୱାଲ ନିର୍ମାଣ କରିବା ସହ ରାସ୍ତା ସମ୍ପ୍ରସାରଣ କରି ପିଚୁ ପକାଯାଇଥିଲା। ଏହି ରାସ୍ତା କାମ ନିର୍ମାଣ ଏକବର୍ଷ ନ ପୂରୁଣୁ ଗାର୍ଡ ୱାଲ ଥାଇ ମଧ୍ୟ ବିଭିନ୍ନ ଜାଗାରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଯାହାଫଳରେ ଭାରିଯାନ ଯିବାରେ ବାଧା ଉପୁଜିଛି। ସନ୍ଧ୍ୟା ହେଲେ ବାଇକ ଆରୋହୀ, ସାଇକଲ ଆରୋହୀ ଓ ପଥଚାରୀ ଦୁର୍ଘଟଣା ର ଶିକାର ହେଉଛନ୍ତି। ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣ ହୋଇଥିବା ବେଳେ ଠିକାଦାର କାମ ନିମ୍ନମାନର କରିଥିବା ଯୋଗୁଁ ସାମାନ୍ୟ ବର୍ଷାରେ ରାସ୍ତା ଧୋଇଯାଇ ଗର୍ତ୍ତ ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରେମଲତା ଦାଶଙ୍କୁ ପଚାରିବାରୁ ଉକ୍ତ ଜାଗାରେ ବାରମ୍ବାର ଅତଡା ଖସୁଥିବାରୁ ଷ୍ଟୋନ ପ୍ୟାକ କରାଯିବ ବୋଲି କହିଛନ୍ତି।



# ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା

ଅନୁଗୁଳ, (ଭାସ୍କର ନ୍ୟୁଜ୍): ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ୱାକଫ ସୁଧାର ଜନ ଜାଗରଣ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ବିଜେପିର ନିଷ୍ପତ୍ତି କ୍ରମେ ସମସ୍ତ ଜିଲ୍ଲାରେ ୱାକଫ ଆଇନ ସଂଶୋଧନ ଉପରେ କର୍ମଶାଳା ମାନ କରାଯାଇ ବିଜେପି କାର୍ଯ୍ୟକର୍ତ୍ତା ଓ ବୁଦ୍ଧିଜୀବୀମାନଙ୍କୁ ଉକ୍ତ ନୂତନ ଆଇନ ବିଷୟରେ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ରବିବାର ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଯୋଗଦେଇ ବିସ୍ତୃତ ଭାବେ ୱାକଫ ବୋର୍ଡର ପୂର୍ବ ଆଇନ ଓ ବର୍ତ୍ତମାନ କ'ଣ ସବୁ ସଂଶୋଧନ ହୋଇଛି ସେ ବିଷୟରେ ଅବଗତ କରାଇଥିଲେ। ରାଜ୍ୟରେ ୱାକଫ ବୋର୍ଡ ଏବଂ ଦେଶରେ ୱାକଫ କାଉନସିଲ ରହିଥିଲା। ୱାକଫ ବୋର୍ଡ ରେ ମହିଳା ମାନଙ୍କର ଭାଗିଦାରୀ ନଥିଲା ଏବଂ ସରକାର ଚାହିଁଲେ ତାକୁ ଅଡିଟ କିମ୍ବା କୌଣସି ହସ୍ତକ୍ଷେପ କରିପାରୁନଥିଲେ। ବ୍ରିଟିଶ ସମୟରେ ଏହା ଗଠିତ ହୋଇଥିବା ବେଳେ ତତ୍କାଳୀନ କଂଗ୍ରେସ ସରକାର ୧୯୫୪ ଏବଂ ୧୯୬୪ରେ ଏହାକୁ ଆଇନରେ ପରିଣତ କରି କିଛି ମୁଷ୍ଟିମେୟ ଲୋକଙ୍କର ହିତ ସାଧନ ଓ ଭୋଟ ବ୍ୟାଙ୍କ ପଲିଟିକ୍ସ ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟ କରିଆସୁଥିଲେ। ୱାକଫ ନାମରେ ଦେଶରେ ୯.୫୪ ଲକ୍ଷ ଏକର ଜମି ଥିବା ବେଳେ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରହିଛି। ୮୦ପ୍ରତିଶତ ୱାକଫ ବୋର୍ଡ ଆଜି ଦୁର୍ବଳ ଅବସ୍ଥାରେ ଅଛି, ଯେଉଁ ଉଦ୍ଦେଶ୍ୟରେ ଏହା ଗଠନ କରାଯାଇଥିଲା ତାଠାରୁ ବହୁ ଦୂରରେ ଉକ୍ତ ବୋର୍ଡ କାର୍ଯ୍ୟ କରୁଥିଲା, ଗରିବ ମାନଙ୍କର କୌଣସି କାର୍ଯ୍ୟରେ ନ ଆସି ଦେଶ ବିରୋଧୀ କାର୍ଯ୍ୟରେ ଉକ୍ତ ସମ୍ପତ୍ତିର ଅର୍ଥ ନିୟୋଜିତ ହେଉଥିଲା। ବ୍ୟାପକ ଭାବେ ଘୋଟଲା ଯେପରି କର୍ଣ୍ଣାଟକରେ ୱାକଫ ସମ୍ପତ୍ତିରେ ଦୁଇଲକ୍ଷ କୋଟିର ଘୋଟଲା ହୋଇଥିବାର ଗଣମାଧ୍ୟମ ପ୍ରକାଶ କରିଥିଲା। ନରେନ୍ଦ୍ର ମୋଦୀ ସରକାର ସବକା ସାଥ, ସବକା ବିଶ୍ୱାସ, ସବକା ବିକାଶ, ସବକା ପ୍ରୟାସକୁ ପାଥେୟ କରି ୱାକଫ ଆଇନ ରେ ସଂଶୋଧନ କରାଇ ଛନ୍ତି, ଯାହାକି ୱାକଫ ବୋର୍ଡରେ ହିସାବ କିତାବ ସଠିକ ଭାବେ ଲିପିବଦ୍ଧ ହେବ ଏବଂ ସରକାରଙ୍କ ନିକଟରେ ସେମାନେ ଉତ୍ତରଦାୟୀ ରହିବେ, ଜିଲ୍ଲାପାଳ ମାନେ ଜିଲ୍ଲା ମଧ୍ୟରେ ଥିବା ୱାକଫ ବୋର୍ଡକୁ ନୂତନ ନିୟମାନୁଯାୟୀ ତଦାରଖ କରି ପାରିବେ, ଏବଂ ବୋର୍ଡରେ ମହିଳାମାନେ ରହି ପାରିବେ। ଫଳରେ ମୁସଲମାନ ଗରିବ ଓ ମହିଳାମାନଙ୍କୁ ହକ ମିଳିବ ବୋଲି ଶ୍ରୀଯୁକ୍ତ ଟୁଡୁ ପ୍ରକାଶ କରିଥିଲେ। ଉକ୍ତ କର୍ମଶାଳାରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ଜିଲ୍ଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଏସ କେ ମିନାଉଦ୍ଦିନ, ଜିଲ୍ଲା ସାଧାରଣ ସମ୍ପାଦକ ଭବାନୀ ଜ୍ୟୋତିଷ ରାୟ ଓ ପ୍ରକାଶ ମହାରଣା ପ୍ରମୁଖ ୱାକଫ ଆଇନ ଉପରେ ବିଶେଷ ଭାବେ ପ୍ରକାଶ କରିଥିଲେ। ବିଜେପି ଜିଲ୍ଲା ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ଅଧ୍ୟାପକ ବିଶ୍ୱରଂଜନ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ରଥ ନିର୍ମାଣର ଷଷ୍ଠ ଦିନରେ ରଥ ନିର୍ମାଣକାରୀ ଦଳ ସକାଳ ଘ.୮.୦୦ ଟିକା ପୂର୍ବରୁ ରଥ ଖଳା ଠାରେ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ପରାମର୍ଶ କ୍ରମେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥ ମୁଖ୍ୟ ମହାରଣାଙ୍କ ଦ୍ୱାରା ତୁମ୍ବ ବିନ୍ଧ ଅନୁକୂଳ ପୂଜା ସମ୍ପନ୍ନ ପରେ ତୁମ୍ବ ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଜି ତିନି ରଥର ତୁମ୍ବ ବିନ୍ଧ ଅନୁକୂଳ ପୂଜା ପରେ ତୁମ୍ବ ଗୁଡିକରେ ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତିଟି ତୁମ୍ବରେ ୧୬ ଯୋଡା ବିନ୍ଧ ହୋଇଥାଏ (୨ /୩ ଆୟତନର ୫ ଇଞ୍ଚ ଗଭିର) ଆଜିର ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ତାଳଧ୍ୱଜ ରଥର ୧୪ ଗୋଟି ତୁମ୍ବର ୭ ଯୋଡ଼ା, ଦେବୀ ରଥ ର ୧୨ ଗୋଟି ତୁମ୍ବ ରୁ ୬ ଯୋଡ଼ା ଏବଂ ନନ୍ଦିଘୋଷ ରଥର ୧୬ ଗୋଟି ତୁମ୍ବ ୮ ଯୋଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ କରତୀ ମହାରଣା ମାନେ ତିନିରଥ ୫ ଗୋଟି ତୁମ୍ବ ର ଘେର (ବଳକା ଅଂଶ) କଟା କାର୍ଯ୍ୟ ଶେଷ କରିଛନ୍ତି। ଅନ୍ୟପଟେ ଦୋଳ ବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକ ମାନେ ଅର କଣ୍ଟା ସହ ତିନି ରଥର ତୁମ୍ବ ପାଇଁ ୪ ଗୋଟି ଲେଖାଏଁ ପନ୍ଦାରୀବଳା ନିର୍ମାଣ କରିଛନ୍ତି। ରଥ ନିର୍ମାଣର ଷଷ୍ଠ ଦିବସ ରେ ୬୨ ଜଣ ମହାରଣା, ୩୦ ଜଣ ଭୋଇ, ୪ ଜଣ କରତିଆ ଏବଂ ୯ ଜଣ କମାର ସେବକ ଓ ଜଣେ ରଥଖଳା ସହାୟକ କାର୍ଯ୍ୟ ରେ ଲାଗିଛନ୍ତି।



## ଥାନାରେ ଗାଳିଗୁଲଜ ଅଭିଯୋଗରେ ମାମଲା ରୁଜୁ



କଣ୍ଟାପଡ଼ା (ଭାସ୍କର ନ୍ୟୁଜ୍): ଗତ କିଛି ମାସ ତଳେ ଯେଉଁ ଯୁବକ ଜଣକ ନିଆଳି ବଜାରରେ ବିଳମ୍ବିତ ରାତିରେ ନିଆଳି ମହୋତ୍ସବକୁ ନେଇ ବିଭିନ୍ନ ଗାଳିଗୁଲଜ ଓ ନିଆଳି ଥାନା କର୍ମଚାରୀ ମାନଙ୍କୁ ଗାଳିଗୁଲଜ ଓ ଧମକ ଚମକ ଦେବା ଘଟଣା ସେତେବେଳେ ନିଆଳି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିବା ସହିତ ଯୁବକ ଜଣଙ୍କ ବିଭିନ୍ନ ହରକତ ଭିଡିଓ ଭାଇରାଲ ହେବା ପରେ ସତ ସାମ୍ନାକୁ ଆସିଥିଲା ଏବଂ ତାଙ୍କ ନାଁରେ ଏକାଧିକ ଅପରାଧିକ ମାମଲା ରୁଜୁ ହୋଇଥିଲା । ଗିରଫ ଦାରିକୁ ମୁକୁଳିବା ପାଇଁ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ଘଟଣାକୁ ନିଆଳି ଅଞ୍ଚଳରେ ଘୋର ନିନ୍ଦା କରାଯାଇଥିଲା। ଯୁବକ ଜଣକ ସୁଧିରିବେ କ'ଣ ମଣିଷ ପ୍ରକୃତି ମଲେ ତୁଟେ ଘୁଷୁରୀ ପ୍ରକୃତି ପଙ୍କେ ଲୋଟେ ପରି, ଯୁବକ ଜଣକ ଗତକାଲି ରାତିରେ କଟକ ଜିଲ୍ଲା ଓଲଟପୁର ଥାନାରେ ଜଣେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ଥାନାରେ ପଶି ବିଭିନ୍ନ ଭାଷାରେ ଗାଳିଗୁଲଜ କରିବା ସହିତ ବିଭିନ୍ନ ଧମକ ଚମକ ଦେଇଥିବା ନେଇ ମାମଲା ରୁଜୁ ହୋଇଛି ଓଲଟପୁର ଥାନାରେ। ମିଳିଥିବା ସୂଚନା ଅନୁସାରେ ଗତ କାଲି ରାତିର ଓଲଟପୁର ଥାନାରେ କାର୍ଯ୍ୟରତ ଏ.ଏସ.ଆଇ ବିପିନ ବିହାରି ଦେହୁରୀଙ୍କୁ ଥାନାରେ ପଶି ବିଭିନ୍ନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେବା ନେଇ କଟକ ଜିଲ୍ଲା ନିଆଳି ଥାନା ତିହୁଡି ଗାଁର ଶଶିକାନ୍ତ ଲେଙ୍କା ଓରଫ ଆଲୋକ ନାମରେ ୫୬/ ୨୫ରେ ମାମଲା ରୁଜୁ ହୋଇଛି। ଏତଲାରେ ଦର୍ଶାଇଛନ୍ତି ଗତ ଚାରି ତାରିଖ ଦିନ ଏକ ମାମଲାରେ ରଫାଦଫା କରିବା ସହିତ ଅଭିଯୁକ୍ତମାନଙ୍କୁ ଖସାଇବା ପାଇଁ ପୋଲିସ କର୍ମଚାରୀଙ୍କୁ ଚାପ ସୃଷ୍ଟି କରିବା ସହିତ ବିଭିନ୍ନ ଧମକ ଚମକ ଦେବା ସହିତ ଗାଳିଗୁଲଜ କରିଥିବା ନେଇ ଦର୍ଶାଯାଇଛି। ଆଲୋକ ଜଣେ ପେଶାଦାର ଖଳ ପ୍ରକୃତିର ଯୁବକ ବୋଲି ନିଆଳିରେ ଚର୍ଚ୍ଚା ହେଉଛି । ସରକାରୀ ଅଧିକାରୀମାନଙ୍କୁ ବିଭିନ୍ନ ସମୟରେ ବେଆଇନ କାର୍ଯ୍ୟ ପାଇଁ ଚାପ ସୃଷ୍ଟି କରୁଥିବା ନେଇ ଅଭିଯୋଗ ହୋଇଛି । ପୂର୍ବରୁ ନିଆଳି ଥାନାରେ ୧୦ ରୁ ଉର୍ଦ୍ଧ୍ୱ ମାମଲା ଥିବାବେଳେ ଏବେ ଓଲଟପୁର ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ଧମକ ଚମକ ଓ ଗାଳିଗୁଲଜ କରୁଥିବା ନେଇ ଏକ ମାମଲା ହେବା ଯୋଗୁଁ ଆଲୋକଙ୍କ ଏତାଦୃଶ କାର୍ଯ୍ୟକଳାପ ପ୍ରତି କଟକ ଏସପି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

### ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସାମ୍ବାଦିକ ସମ୍ମିଳନୀ
## ଅପରାହ୍ନ ୪ଟାରେ ପାରାଦ୍ୱୀପରେ ମକ୍ ଡ୍ରିଲ



ଜଗତସିଂହପୁର (ଭାସ୍କର ନ୍ୟୁଜ ) : ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ନିମନ୍ତେ ପାଇଁ ସମସ୍ତ ନାଗରିକଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିର୍ଦ୍ଦେଶ ଅନୁସାରେ ଓଡିଶାର ଯେଉଁ ୧୨ଗୋଟି ଜିଲ୍ଲାକୁ ସମ୍ଭାବ୍ୟ ଯୁଦ୍ଧକୁ ନେଇ ସତର୍କ ସୂଚନା ଦିଆଯାଇଛି ସେମାନଙ୍କ ମଧ୍ୟରୁ ଜଗତସିଂହପୁର ଅନ୍ୟତମ। ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଜେ ସୋନାଲ ଓ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍ ଗାତା ଯୁଗ୍ମ ଭାବେ ଏକ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରିଥିଲେ। ଏହି ସମ୍ମିଳନୀରେ ଆସନ୍ତା କାଲି ବୁଧବାର ଅପରାହ୍ନ ୪ଟା ସମୟରେ ପାରାଦ୍ୱୀପ ସ୍ଥିତ ଷଣ୍ଢକୁଦ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମକ ଡ୍ରିଲର ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ସୂଚନା ଦେଇଥିଲେ। ଅପରାହ୍ନ ୪ଟାରେ ସାଇରନ ୫ ମିନିଟ ପାଇଁ ବାଜିବ। ସାଇରନ ଶବ୍ଦ ଶୁଣିବା ମାତ୍ରେ ବାହାରେ ଥିବା ପ୍ରତ୍ୟେକ ନାଗରିକ ସୁରକ୍ଷିତ ଛାତ ଘର, କୋଠା, ବିଲ୍ଡିଂ ଇତ୍ୟାଦି ମଧ୍ୟକୁ ପ୍ରବେଶ କରି ସୁରକ୍ଷିତ ରହିବେ। ସେମାନଙ୍କୁ ସୁରକ୍ଷା କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିବେ। ସିଭିଲ ଡିଫେନ୍ସର କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିବେ। ଆକ୍ରମଣ ଶେଷ ହେବାର ସୂଚନା ଭାବେ ପୁନଶ୍ଚ ସାଇରନ ବାଜିଲେ ନାଗରିକ ମାନେ ପୂର୍ବବତ ସ୍ୱାଭାବିକ କାର୍ଯ୍ୟ କରି ପାରିବେ। ଏହି ମକ ଡ୍ରିଲ ସମୟରେ ଅଭ୍ୟାସ ପାଇଁ ଆହତ ହୋଇ ଥିବା ଲୋକ ଙ୍କୁ ଉଦ୍ଧାର ଓ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ହୋଇ ରହିଥିବ। ଏ ସବୁ ମକ ଡ୍ରିଲ ବା ଛାୟା ଯୁଦ୍ଧ ର ଅଭ୍ୟାସ କାର୍ଯ୍ୟକ୍ରମ ହୋଇ ଥିବାରୁ ସାଧାରଣ ଜନତା ଆଦୌ ଭୟଭୀତ ନ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଗୁଜବରେ ବିଶ୍ୱାସ କରିବା ନାହିଁ କିମ୍ବା ପ୍ରସାର କରିବା ନାହିଁ ବୋଲି ସେ କହିଛନ୍ତି। ଏହି ମକ ଡ୍ରିଲ ସମ୍ପର୍କରେ ଆବଶ୍ୟକୀୟ ସତର୍କ ସୂଚନା ଏବଂ ସଚେତନତା ବାର୍ତ୍ତା ସ୍ୱଚ୍ଛ ସାଥୀ, ଅଙ୍ଗନୱାଡି କର୍ମୀ, ୱାର୍ଡ ଅଫିସର ଆଦି ମାନଙ୍କ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ପ୍ରଚାର କରାଇବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହିପରି ସ୍ଥିତିରେ ଛୋଟ ପିଲା, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ମାନଙ୍କୁ ଅଗ୍ରାଧିକାର ଭିତ୍ତି ରେ ଉଦ୍ଧାର କରିବା ପାଇଁ ସେ ପରାମର୍ଶ ଦେବା ସହ ଯୁବପିଢୀଙ୍କୁ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଭାବେ ଏହି ଉଦ୍ଧାର କାର୍ଯ୍ୟରେ ଭାଗ ନେବାପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଉପସ୍ଥିତ ରହି ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍ଗାତା କହିଲେ ଯେ ଭୟଭୀତ ନ ହୋଇ ସତର୍କ ତଥା ସଜାଗ ରହିଲେ ସମସ୍ତ ବିପତ୍ତିକୁ ଏଡ଼ାଇ ପାରିବ। ଆଜି ପାରାଦ୍ୱୀପ ଠାରେ ମଧ୍ୟ ଏହି ପରିପ୍ରେକ୍ଷୀରେ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ଉପାଧ୍ୟକ୍ଷ,ଆରକ୍ଷୀ ଅଧିକ୍ଷକ,ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ , ଜିଲ୍ଲା ର ସମସ୍ତ ଶିଳ୍ପ ସଂସ୍ଥା ର ମୁଖ୍ୟ, ଜିଲ୍ଲା ସ୍ତରୀୟ ଅଧିକାରୀ, ସିଭିଲ ଡିଫେନ୍ସ କର୍ମକର୍ତ୍ତା, କୋଷ୍ଟ ଗାର୍ଡଆଦି ମାନଙ୍କ ସହ ପାରାଦ୍ୱୀପ ର ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଏକ ଜରୁରକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି।

## କଣିହାଁ ବନ ବିଭାଗର ଚଢାଉ
## ଶାଳ ଗଣ୍ଡି ଓ ଚଉକାଠ ଜବତ

କଣିହାଁ (ଭାସ୍କର ନ୍ୟୁଜ): କଣିହାଁ ବନାଂଚଳ ପକ୍ଷରୁ ଚଢାଉ କରାଯାଇ ଛେଳିଆ ଗ୍ରାମ ନାଳ ପାଖରୁ ଶାଳ ଗଣ୍ଡି ଓ ଚଉକାଠ ଜବତ କରାଯାଇଛି । ମଙ୍ଗଳବାର ଦିନ କୌଣସି ସୂତ୍ରରୁ ଖବର ପାଇ କଣିହାଁ ବନାଞ୍ଚଳ ଅଧିକାରୀ ନିଳାଦ୍ରିନାଥ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ ନାଳ ପାଖରୁ ମୋଟ ୨୬ସିପ୍ସ ଶାଳ କାଠ ଜବତ କରିଥିଲା କ୍ଷ ସେଥି ମଧ୍ୟରୁ ୪ଟି ଶାଳଗଣ୍ଡି ଓ ୨୫ପିସ୍ ଚଉକାଠ । ଉକ୍ତ ଚଢାଉ ରେ ଦୀପକ କୁମାର ସେଠି, ରଂଜନ ପ୍ରଧାନ, ଧ୍ରୁବ ସାହୁ, ଦିପକ କୁମାର ସାହୁ, ସଂସାର ସାହୁ, ପବିତ୍ର ପ୍ରଧାନ , ପ୍ରଶାନ୍ତ ପ୍ରଧାନ ପ୍ରମୁଖ ବନକର୍ମଚାରୀ ସାମିଲ ଥିଲେ।

## ବିଦ୍ୟୁତ ଆଘାତରେ ଯୁବକର ମୃତ୍ୟୁ

ଆଳି (ଭାସ୍କର ନ୍ୟୁଜ) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ସାନମଙ୍ଗ ପଞ୍ଚାୟତର ସାନମଙ୍ଗ ଗ୍ରାମର ଗୌରା ନାୟକଙ୍କ ପୁଅ ଚନ୍ଦ୍ରଶେଖର ନାୟକ (୨୪)। ଆଜି ଅପରାହ୍ନ ରେ ପଞ୍ଚାୟତ ଅଫିସ ପାଖ ପଡିଆ ରେ କ୍ରିକେଟ ଖେଳି ଫେରୁଥିବା ସମୟରେ ସମୟରେ ୧୧ କେଭି ତାର ସଂସ୍ପର୍ଶ ରେ ଆସି ମୃତ୍ୟୁ ବରଣ କରିଛନ୍ତି । ସୂଚନା ଅନୁସାରେ ସେ ପ୍ରଥମେ ଅଚେତ ହୋଇ ପଡ଼ିବାରୁ ଚନ୍ଦ୍ରଶେଖରଙ୍କୁ ଗ୍ରାମବାସୀଙ୍କ ସହାୟତାରେ ତୁରନ୍ତ ପଟ୍ଟାମୁଣ୍ଡାଇ ଚିକିତ୍ସାଳୟ ନିଆଯାଇଥିଲା। ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ସାନମଙ୍ଗ ଅଞ୍ଚଳ ରେ ଶୋକର ଛାୟା ଖେଳିଯାଇଛି।

## ପୁରୀରେ ନୂଆ ଏୟାରପୋର୍ଟ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ସମ୍ବିତ ପାତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁରୀରେ ନୂଆ ଏୟାରପୋର୍ଟ ନିର୍ମାଣ ପାଇଁ ମଂଜୁରୀ ଦେଇଥିବାରୁ ପିଏମ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି ସାଂସଦ ସମ୍ବିତ ପାତ୍ର । ସୋସିଆଲ ମିଡିଆ ଏକ୍ସରେ ସମ୍ବିତ ପାତ୍ର କହିଛନ୍ତି ଯେ, ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀରେ ନୂଆ ବିମାନ ବନ୍ଦର ନିର୍ମାଣକୁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଂଜାରାପୁ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ରରେ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଲାଭ କରିଛି । ପୁରୀ ଠାରେ ବିମାନ ବନ୍ଦର ନିର୍ମାଣ ହେବା ଦ୍ୱାରା ଏହି ଅଞ୍ଚଳରେ ଧାର୍ମିକ, ଆଞ୍ଚଳିକ ଓ ପର୍ଯ୍ୟଟନର ବିକାଶ ହେବା ସହ ଯୋଗାଯୋଗ ଏବଂ ଅର୍ଥନୀତି ଅଧିକ ସୁଦୃଢ଼ ହେବ ବୋଲି ସମ୍ବିତ ପାତ୍ର କହିଛନ୍ତି ।

## ବ୍ୟାଙ୍କ ସହଯୋଗୀଙ୍କଠାରୁ ୩ ଲକ୍ଷ ଲୁଟ୍

ବୋଲଗଡ଼(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅଧୀନ ବୋଲଗଡ଼ -ଖଙ୍ଗୁରିଆ ରାସ୍ତାର ମାରୁଗାଡିଆ ପୋଖରୀ ନିକଟରେ ଅପରାହ୍ନ ସାଢେ ୫ଟା ସମୟରେ ଏକ ଟଙ୍କା ଲୁଟ ଘଟଣା ଘଟିଛି। ଏଥିରେ ସ୍ଥାନୀୟ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ର ଜନୈକ ବ୍ୟବସାୟୀକ ସହଯୋଗୀଙ୍କୁ ବନ୍ଧୁକ ଫୁଟାଇ ଭୟଭୀତ କରି ତାଙ୍କ ନିକଟରେ ଥିବା ଏକ ବ୍ୟାଗରୁ ନଗଦ ୩ ଲକ୍ଷ ଟଙ୍କା ସହ ମୋବାଇଲ ଫୋନ, ୨ଟି ସ୍ୱାଇପ ମେସିନ, ଫିଙ୍ଗର ପ୍ରିଣ୍ଟ ଡିଭାଇସ୍, ପ୍ରିଣ୍ଟର ମେସିନ ସହିତ କେତେକ ପାସବୁକ୍ ଓ ଜରୁରୀ କାଗଜ ପତ୍ର ଲୁଟି ନେଇଛନ୍ତି। ଘଟଣା ଅନୁଯାୟୀ ବ୍ୟାଙ୍କରୁ କାର୍ଯ୍ୟ ସାରି ସଂପୁର ଗ୍ରାମରେ ଆଇଓବି ଶାଖା ଗ୍ରାହକ ସେବା କେନ୍ଦ୍ର କେନ୍ଦ୍ର କରିଥିବା ସଂପୁର ଗ୍ରାମର ସଞ୍ଜୟ କୁମାର ସ୍ୱାଇଁ ନିଜ କାରବାର ପାଇଁ ଟଙ୍କା ସହିତ ଅନ୍ୟାନ୍ୟ ସରଞ୍ଜାମ ଏକ ବ୍ୟାଗରେ ରଖି ତାଙ୍କ ମୋଟର ସାଇକେଲ ହ୍ୟାଣ୍ଡଲରେ ଓହଳାଇ ସଂପୁର ଫେରୁଥିଲେ। ତେବେ ମାରୁଗଡିଆ ପୋଖରୀ ନିକଟ ରେ ପଛରୁ ଏକ କଳା ପଲସର ଗାଡ଼ିରେ ତିନି ଜଣ ହେଲମେଟ ପିନ୍ଧିଥିବା ଯୁବକ ହଠାତ୍ ଆସି ସଞ୍ଜୟଙ୍କୁ ସମ୍ମୁଖରୁ ଜଗିବା ସହ ତାଙ୍କ ଗୋଡ଼କୁ ବନ୍ଧୁକରୁ ଗୋଟିଏ ଗୁଳି ଚଳାଇଥିଲେ। ସଞ୍ଜୟ ଗୋଡ ଘୁଞ୍ଚାଇ ଦେବାରୁ ରକ୍ଷା ପାଇଯାଇଥିଲେ। ପରେ ହ୍ୟାଣ୍ଡଲ ରେ ଥିବା ବ୍ୟାଗ ଟିକୁ ନେଇଯାଇ ଆଉ ଦୁଇ ରାଉଣ୍ଡ ଗୁଳି ଚଳାଇ ବୋଲଗଡ଼ ଦିଗକୁ ଚାଲି ଯାଇଥିଲେ। ପରେ ଏ ସଂକ୍ରାନ୍ତରେ ସଞ୍ଜୟ ବୋଲଗଡ଼ ଥାନାରେ ଜଣାଇବା ପରେ ପୋଲିସ ପକ୍ଷରୁ ଏସ ଆଇ ଲିଲି ପାଢ଼ୀ ଘଟଣା ସ୍ଥଳକୁ ଯାଇ ପରେ ବ୍ୟାଙ୍କ ପରିସର ସି ସି ଟିଭି ଯାଞ୍ଚ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ ବିଧିବଦ୍ଧ ଲିଖିତ ଅଭିଯୋଗ ହୋଇନାହିଁ।

## ୧୪ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିର(ଭାସ୍କର ନ୍ୟୁଜ): ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ଭଦ୍ରାଦ୍ରି କୋଠାଗୁଡେମ ଜିଲ୍ଲାର ଏସ୍‌ପିଙ୍କ ପାଖରେ ଆତ୍ମସମର୍ପଣ କରିଛନ୍ତି ୧୪ ଜଣ ହାଡକୋର ମାଓବାଦୀ। ଏମାନଙ୍କ ମଧ୍ୟରୁ ୧୩ ଜଣ ଛତିଶଗଡ ବିଜାପୁର ଜିଲ୍ଲାରୁ ହୋଇଥିବା ବେଳେ ଜଣେ ତେଲେଙ୍ଗାନା ଭଦ୍ରାଦ୍ରୀ କୋଠାଗୁଡେମ ଜିଲ୍ଲାର ରହିଛନ୍ତି । ଡିଭିସିଏମ ମେମ୍ବର ସୋଡି ବୁଦ୍ରା ମହାରାଷ୍ଟ୍ର ଗଡଚିରୋଲି ଜିଲ୍ଲାରେ ବେଶ କିଛି ବର୍ଷ ଧରି ସକ୍ରିୟ ରହିଥିଲେ । ସେହିପରି ମହିଳା ମାଓବାଦୀ ତଥା ଏସିଏମ ମେମ୍ବର କଲମା ଆନ୍ଧ୍ର ପ୍ରଦେଶର ଭେଙ୍କଟପୁରମ ଅଞ୍ଚଳରେ ସକ୍ରିୟ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଛି ବିଜାପୁର ଓ କିଛି ବସ୍ତର ଅଞ୍ଚଳରେ ସକ୍ରିୟ ରହିଥିଲେ । ଆତ୍ମସମର୍ପଣ କରିଥିବା ମାଓବାଦୀ ମାନେ ମାଓ ସଙ୍ଗଠନରେ ଧରିଥିବା ବନ୍ଧୁକ ତେଲେଙ୍ଗାନା ପୋଲିସ ନିକଟରେ ହସ୍ତାନ୍ତର କରିଛନ୍ତି । ତେଲେଙ୍ଗାନା ପୋଲିସର ସରେଣ୍ଡର ପଲିସିରେ ଆକର୍ଷିତ ହୋଇ ୧୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଭଦ୍ରାଦି କତଗୁଡ଼େମ ଏସପି କହିଛନ୍ତି।

## ଭୂତକୋଠି ପାଲଟିଛି ତହସିଲଦାରଙ୍କ ବାସସ୍ଥଳୀ



ଆଳି(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ପ୍ରଶାସନକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ କରୁଥିବା ବେଳେ,ପ୍ରଶାସକ ମାନେ କିପରି ରହିବେ ସେ କଥା ଭୁଲି ଯାଉଛନ୍ତି। ସରକାର ଉନ୍ନୟନ ମୂଳକ କାର୍ଯ୍ୟରେ କୋଟି କୋଟି ଟଙ୍କାର ଯୋଜନା କରୁଛନ୍ତି ଓ ତାହା କାର୍ଯ୍ୟରେ ପରିଣତ କରୁଛନ୍ତି କିନ୍ତୁ ଜଣେ ତହସିଲଦାରଙ୍କ କ୍ୱାର୍ଟର ଦୀର୍ଘ ଏକ ଦଶନ୍ଧି ହେବ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ସେ କଥା କାହାରି ଦୃଷ୍ଟିରେ ନ ପଡ଼ିବା ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ତହସିଲଦାରଙ୍କ ରହିବା ନିମନ୍ତେ ତହସିଲ କାର୍ଯ୍ୟାଳୟର ସମ୍ମୁଖଭାବରେ ରହିଛି ତହସିଲଦାରଙ୍କ କ୍ୱାର୍ଟର। କିନ୍ତୁ ଦୀର୍ଘ ଏକ ଦଶନ୍ଧି ଧରି ଏହି କ୍ୱାର୍ଟରର ମରାମତି କରାଯାଉନଥିବାରୁ ତାହା ଏକ ଭୁତକୋଠି ପରି ପଡ଼ିରହିଛି। କ୍ୱାଟର ଭାଙ୍ଗିରୁଜି ଯାଇଥିବା ବେଳେ କ୍ୱାଟର ପରିସରରେ ଅନାବନା ଗଛଲତାରେ ଭର୍ତ୍ତୀ ହୋଇ ରହିଛି କ୍ଷ ଦୀର୍ଘ ଦିନ ହେବ କ୍ୱାଟର ବ୍ୟବହାର ହେଉ ନଥିବାରୁ ସେଥିରେ ବିଷାକ୍ତ ସାପ ମଧ୍ୟ ରହୁଥିବା ନେଇ ସ୍ଥାନୀୟ ଲୋକ ପ୍ରକାଶ କରନ୍ତି । କ୍ୱାର୍ଟର ସାମ୍ନାରେ ଦୀର୍ଘ ଦିନ ହେବ କୁଢ଼କୁଢ଼ ଅଳିଆ ଗଦା ହୋଇ ରହିଥିବା ବେଳେ ସେହି ସ୍ଥାନକୁ ସଫାକରି ଜଣେ ଶୁଖୁଆ ବ୍ୟବସାୟୀ ବ୍ୟବସାୟ ଚଳାଇଛନ୍ତି । ଅପରପକ୍ଷେ ତହସିଲଦାରଙ୍କ ପରି ଜଣେ ବରିଷ୍ଠ ଅଧିକାରୀ ତହସିଲଦାରଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ସାଧାରଣ ଘରେ ରହିବାକୁ ବାଧ୍ୟ ହେଉଛନ୍ତି। ଏହି ଘରଟିରେ କେବଳ ବର୍ତ୍ତମାନର ତହସିଲଦାର ନୁହନ୍ତି ତାଙ୍କ ପୂର୍ବରୁ ମଧ୍ୟ ଅନ୍ୟ ତହସିଲଦାର ରହି ନିଜର କାର୍ଯ୍ୟକାଳ ଏଠାରେ ସମାପ୍ତ କରି ଅନ୍ୟତ୍ର ଯାଇଛନ୍ତି। ଅନେକ ସମୟରେ ଜିଲ୍ଲାର ଉଚ୍ଚପଦସ୍ଥ ଅଧିକାରୀ ମାନେ ଏଠାକୁ ଆସୁଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ପଡ଼ିବା ଆଶ୍ଚର୍ଯ୍ୟଜନକ ଘଟଣା ପରି ଜଣାପଡୁଛି। ବର୍ତ୍ତମାନର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କୁ କ୍ୱାର୍ଟର ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ ଯେଉଁ କ୍ୱାଟର ଅଛି ତାହା ରହିବା ଉପଯୋଗୀ ନୁହେଁ। ଏ ବିଷୟରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନୂତନ କ୍ୱାର୍ଟର ନିର୍ମାଣ ନିମନ୍ତେ ଅବଗତ କରାଯାଇଛି । ତେବେ ଦେଖିବାକୁ ବାକି ରହିଲା ତହସିଲଦାରଙ୍କ କ୍ୱାଟର ନିର୍ମାଣ ଦିଗରେ ପ୍ରଶାସନ କେବେ ପଦକ୍ଷେପ ନେଉଛି ।

## ରାଜ୍ୟରେ ଛାତ୍ରଛାତ୍ରୀ ମୃତ୍ୟୁର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗ ଜନକ : ଛାତ୍ର କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ଛାତ୍ର ଛାତ୍ରୀ ମୃତ୍ୟୁର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ଓ ଭୟାନକ ସ୍ଥିତିରେ ଆସି ପହଂଚିଛି। ଏହି ଅଳ୍ପ କିଛି ଦିନ ମଧ୍ୟରେ ରାଜ୍ୟ ରାଜଧାନୀରେ ଦୁଇଟି ବିଶ୍ୱ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମୃତ୍ୟୁବରଣ କରିଛନ୍ତି। ସିଭିରମଣ ଗ୍ଲୋବାଲ ବିଶ୍ୱ ବିଦ୍ୟାଳୟରେ ଜଣେ ତୃତୀୟ ବର୍ଷ ଛାତ୍ର ଆତ୍ମ ହତ୍ୟା କରିବା ଅତ୍ୟନ୍ତ ଦୁଃଖ ଦାୟକ ଘଟଣା। ଲଗାତର ଛାତ୍ରଛାତ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ବହୁ ସଂଖ୍ୟାକ ଛାତ୍ର କଂଗ୍ରେସର କର୍ମୀ ଓ ନେତୃବୃନ୍ଦ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ମାଷ୍ଟର କ୍ୟାଣ୍ଟିନ ଛକରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିବା ସହିତ ରାଜ୍ୟ ସରକାର ଏଭଳି ସ୍ଥିତି ପ୍ରତି ତିକ୍ଷ୍ଣ ଦୃଷ୍ଟି ଦେବା ସହିତ ବିଶ୍ୱ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କର ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ତାଙ୍କୁ ରେଗୁଲାର କାଉଂସିଲଙ୍ଗ କରିବା ପାଇଁ ଶ୍ରୀ ପ୍ରଧାନ ଦାବି କରିଛନ୍ତି। କାହିଁକି ଓ କେଉଁ ପରିସ୍ଥିତିରେ ନେପାଳୀ ଛାତ୍ରୀଜଣଙ୍କ କିଟ୍ ବିଶ୍ୱ ବିଦ୍ୟାଳୟରେ ପରିସରରେ ମୃତ୍ୟୁ ବରଣ କଲେ ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବାର ଆବଶ୍ୟକ ରହିଛି? କିନ୍ତୁ ଏ ସରକାର ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଏ ସ୍ଥିତିକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରନ୍ତୁ, ଛାତ୍ରଛାତ୍ରୀଙ୍କ ଜୀବନ ଓ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ଦାସ, ଜାନକୀବଲ୍ଲଭ ପଟ୍ଟନାୟକ, ରଜନୀ ମହାନ୍ତି, ପ୍ରକାଶ ଜେନା, ପ୍ରଶାନ୍ତ ଚମ୍ପତି, ଅଶୋକ ଦାସ, ସୁବ୍ରତ ମହାପାତ୍ର, ଚୁନୁ ସିଂ, ସାହାରୁଖ୍ ଖାନ, ସୁନିଲ କୁମାର ଗାନ୍ଧୀ, ଆଶିଷ କୁମାର ମହନ୍ତ, ସିଦ୍ଧାନ୍ତ ଓମ୍ ପ୍ରକାଶ, ସୁଭମ ରାଜ, ବିଜୟ ବିଶ୍ୱାଳ, ଆଶିଷ କୁମାର ଦାସ, ରୋଷନ ରାଉତ, ଓମ୍‌ପ୍ରକାଶ ପରିଡା, ସରୋଜ ଜେନା ଓ ଅୟସ କାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ପ୍ରାକ୍ ବୁଝାମଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ୧୦ ତାରିଖରେ ହେବାକୁ ଥିବା ରାଷ୍ଟ୍ରୀୟ ଲୋକ ଅଦାଲତ ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା ଜଜ କୋର୍ଟଙ୍କ ପକ୍ଷରୁ ଗାଡ଼ି ମୋଟର ଦୁର୍ଘଟଣା ଜନିତ ମାମଲା ଗୁଡିକର ଫଇସଲା ପାଇଁ ପ୍ରାକ ବୁଝାମଣା କରାଯାଇଛି। ବିଭିନ୍ନ ରାଷ୍ଟ୍ରୀୟ ବୀମା କମ୍ପାନୀ ଏବଂ ଦୁର୍ଘଟଣାରେ ପୀଡ଼ିତ ସାଧାରଣ ଜନତା ଓ ତାଙ୍କ ପକ୍ଷରୁ ବୀମା ଆବେଦନ କରିଥିବା ନିକଟ ସମ୍ପର୍କୀୟଙ୍କୁ ନେଇ ବିକଳ୍ପ ସମାଧାନ କେନ୍ଦ୍ର ପରିସରରେ ଏହି ପ୍ରାକ ବୁଝାମଣା ହୋଇଛି । ଭୁବନେଶ୍ୱର ଜିଲ୍ଲା ଓ ଦୌରା ଜଜ ବିରଞ୍ଚି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସର୍ବମୋଟ ୧୨ ଗୋଟି ଗାଡିମୋଟର ଦୁର୍ଘଟଣା ଜନିତ ମାମଲାର ଉଭୟ ପକ୍ଷଙ୍କ ସହମତି ଓ ବୁଝାମଣା ଜରିଆରେ ମାମଲାର ସମାଧାନ ହୋଇଅଛି। ଏଥିରେ ଅତିରିକ୍ତ ଜିଲ୍ଲା ଜଜ ହିମାଂଶୁ ଶେଖର ମଲ୍ଲିକ,ତୃତୀୟ ଅତିରିକ୍ତ ଜିଲ୍ଲା ଜଜ ବନ୍ଦନା କର, ଚତୁର୍ଥ ଅତିରିକ୍ତ ଜିଲ୍ଲା ଜଜ ଶୁଭରଞ୍ଜନ ମହାନ୍ତି ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସଲୋମୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁର ବ୍ଲକ ଶିକ୍ଷା ବିଭାଗରେ ଦୀର୍ଘ ଦିନର ବ୍ୟବଧାନ ପରେ ନୂତନ ବିଇଓ ଭାବେ ରବିନ୍ଦ୍ରନାଥ ନନ୍ଦ ଯୋଗ ଦେଇଛନ୍ତି । ଇତ୍ୟବସରରେ ମିଳିତ ଶିକ୍ଷକ ସଂଘ ସହ ବ୍ଲକର ସମସ୍ତ ବର୍ଗର ଶିକ୍ଷକ ନେତୃବୃନ୍ଦ,ସିଆରସିସି ସମୂହ, କେତେକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବିଇଓ କାର୍ଯ୍ୟାଳୟର ସମସ୍ତ ଅଫିସ୍ ଷ୍ଟାଫ, ସମଗ୍ର ଶିକ୍ଷା ଅନ୍ତର୍ଗତ ଏମଆଇଏସ୍ କୋଅଡିନେଟର, ଏକ୍ସକ୍ୟାଡର ଶିକ୍ଷକ ସଂଘ,ପାର୍ଟଟାଇମ୍ ଇନିସଟ୍ରକ୍ଟର ଶିକ୍ଷକ ସଂଘ,ଏନପିଏସ୍ ଶିକ୍ଷକ ସଂଘ,ବ୍ଲକ ଗ୍ରାଣ୍ଟ ଶିକ୍ଷକ ସଂଘ, ସ୍କିମାଟିକ ଶିକ୍ଷକ ସଂଘ ଓ ବ୍ଲକ ଓଷ୍ଟା ଶିକ୍ଷକ ସଂଘର ସଭାପତିମାନଙ୍କ ଉପସ୍ଥିତିରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି କ୍ଷ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ଖୁଣ୍ଟିଆ,ମୁନିର ଅହମ୍ମଦ ଖାଁ, ରକ୍ଷକ କୁମାର ସ୍ୱାଇଁ, ମନୋରଞ୍ଜନ ଆଚାର୍ଯ୍ୟ,ଦିପ୍ତୀ କୁମାରୀ ମହାନ୍ତି,ବିଷ୍ଣୁ ଚରଣ ମହାନ୍ତି,ଦେବାଶିଷ ପଣ୍ଡା,ଏକବାଲ ହୋସେନ ଖାଁ,ମୋକାରିବ ଖାଁ, ରାଜକିଶୋର ବେହେରା,ବିଚିତ୍ରାନନ୍ଦ ରାଉତ, ବିଚିତ୍ରା ନନ୍ଦ ରଥ, ବିଚିତ୍ରାନନ୍ଦ ଦାଶ ଓ ଗୋପାଳ କୃଷ୍ଣ ବାରିକ ପ୍ରମୁଖ ନେତୃଦୟ ଉପସ୍ଥିତ ଥିଲେ।

## ଗୋଶାଳା ବିବାଦ ନେଇ ଥାନାରେ ଅଭିଯୋଗ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ବିଳାଶୁଣୀ ପଂଚାୟତ ବିଳାଶୁଣୀ ଗ୍ରାମରେ ବଜରଂଗୀ ଦଳ ପକ୍ଷରୁ ଏକ ଗୋ ଶାଳା ସରକାରୀ ଜାଗାରେ କରାଯାଇଛି। ଗୋଶାଳାକୁ ଲାଗି ରହିଥିବା ଏକ ସରକାରୀ ଜାଗାରେ ଲିଶା ଶବରଙ୍କ ଘର ଅଟେ। ଗୋରୁମାନେ ତାଙ୍କ ଘର ଆଡକୁ ଯିବା ଅସ୍ୱୀ କରିବାରୁ ଲିସା ଗୋ ସୁରକ୍ଷା ମଞ୍ଚର କର୍ମକର୍ତ୍ତାଙ୍କ ନାମରେ ନିଆଳି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣା କୁ ମିଥ୍ୟା ଘଟଣା ଦର୍ଶାଇ ଗୋ ସୁରକ୍ଷା ମଞ୍ଚ ପକ୍ଷରୁ ସୌମ୍ୟ ରଂଜନ ମହାନ୍ତିଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ମାନେ ଅଚିନ୍ହା ପଡିଆରୁ ବାହାରି ନିଆଳି ଥାନା ପରିସରକୁ ଯାଇ ପ୍ରତିବାଦ କରିଥିଲେ। ନିଆଳି ପୋଲିସ ପକ୍ଷରୁ ଉଭୟଙ୍କୁ ବୁଝାସୁଝା କରିବା ପରେ ନିଆଳି ପୋଲିସ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଭାବେ ଘଟଣାକୁ ତଦନ୍ତ ଆରମ୍ଭ ହୋଇଛି।

## ଦୁଷ୍କର୍ମ ପୀଡିତାଙ୍କୁ ନ୍ୟାୟ ନମିଳିଲେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ତାଳଚେରରେ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ପୀଡିତାଙ୍କୁ ନ୍ୟାୟ ଦାବିରେ କଣିହାଁ ବ୍ଲକ ବାଲିପସି ପଞ୍ଚାୟତରେ ଆଜି ପହଞ୍ଚିଲା ବିଜେଡ଼ିର ୫ ଜଣିଆ ମହିଳା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ୨୩ ବର୍ଷୀୟ ଦଳିତ ଯୁବତୀଙ୍କୁ ଏପ୍ରିଲ ୨୬ ତାରିଖରେ ତାଳଚେର ରେଳ ଷ୍ଟେସନ ପାଖରୁ ଅପହରଣ କରି ବଳାତ୍କାର ଓ ହତ୍ୟା କରିବା ପରେ ଏସିଡ୍ ପକାଇ ଶବକୁ ଜଳାଇଦେବାର ଜଘନ୍ୟ ନାରକୀୟ କାଣ୍ଡ ଘଟିଥିଲା । ବିଜୁ ଜନତା ଦଳ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଉକ୍ତ ଗ୍ରାମ ଗସ୍ତ କରି ପୀଡିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ, ଅନୁଗୋଳ ଡିଆଇଜି ଏବଂ ଏସ୍ପିଙ୍କୁ ଭେଟି ଘଟଣାର ସଠିକ୍ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏହି ପ୍ରତିନିଧି ମଣ୍ଡଳରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ବକ୍ସିପାତ୍ର, ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତ ସିଂହାର, ଅନୁଗୋଳ ଜିଲ୍ଲା ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ପୂର୍ବତନ ବିଧାୟକ ଶସୁଶାନ୍ତ ବେହେରା, ମୁକେଶ କୁମାର ପାଳ, ରଜନୀକାନ୍ତ ସିଂ, ରାଜ୍ୟ ମୁଖପାତ୍ର ସଂଗ୍ରାମ ମହାପାତ୍ର, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ରଞ୍ଜନ ସାହୁ, ଶବତ୍ତ ପ୍ରସାଦ ପତି, ସୁଶ୍ରୀ ରିତା ରାଣୀ ଦାସ, ଗୋପାଳ ନାଏକ, ଅନୁଗୁଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ବଣ୍ଟାଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅନୁଗୋଳ ବାର ଆସୋସିଏସନ୍ର ପୂର୍ବତନ ସଭାପତି ଦିଲ୍ଲୀପ ସାହୁ ଓ ଅନ୍ୟାନ୍ୟ ବରିଷ୍ଠ ନେତା ମାନେ ସାମିଲ ଥିଲେ । ଘଟଣାକୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ଥିବାରୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲା ବିଜେଡି ଟିମ । ରାଜ୍ୟ ସରକାର ନାରୀକୁ ସଶକ୍ତ କରିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଆଜି ସାରା ରାଜ୍ୟରେ ମହିଳା ଦୁଷ୍କର୍ମ ଓ ହତ୍ୟାର ଶିକାର ହେଉଛନ୍ତି। ପୋଲିସ ପୀଡିତା ପରିବାର ଲୋକଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ କିଭଳି ହଇରାଣ କରିଥିଲା ସେ ନେଇ ଆଜି ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଆଲୋଚନା କରିଥିଲା । ଆଗାମୀ ୨୪ ଘଣ୍ଟା ଭିତରେ ପୀଡିତାଙ୍କୁ ନ୍ୟାୟ ନମିଳିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## କର୍କଟ ରୋଗୀଙ୍କ ଚିକିତ୍ସା ନିମନ୍ତେ ପ୍ରଶାସନକୁ ନିବେଦନ



ଆଳି (ଭାସ୍କର ନ୍ୟୁଜ) : ଯେଉଁଠି ପେଟ ପାଇଁ ପ୍ରତ୍ୟକ ଦିନ କରିବାକୁ ପଡୁଛି ସଂଘର୍ଷ ସେଠି ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଜୀବନରେ ବଞ୍ଚିବା ପାଇଁ କେମିତି ସଂଗ୍ରାମ କରିବାକୁ ପଡେ ସେକଥା ଏହି ଚିତ୍ର ବଖାଣୁଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଅର୍ଗଳ ପଞ୍ଚାୟତ ଅର୍ଗଳ ଗ୍ରାମର ସୁରେନ୍ଦ୍ର ଜେନା ଏବେ ମୁଖ ଗହ୍ୱର କ୍ୟାନ୍ସରରେ ପୀଡିତ। ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ସୁରେନ୍ଦ୍ରଙ୍କ ପରିବାର କହିଲେ ବାପା ଅର୍ଜୁନ ଜେନା ମା ଭାରତୀ ଜେନା ଧର୍ମପତ୍ନୀ ଅନୁରାଧା ଜେନା ଓ ଦୁଇ ପୁଅଙ୍କୁ ନେଇ ସଂସାର। ସେ ଗ୍ରାମରେ ଦୀନ ମଜୁରିଆ ଭାବେ କାମ କରନ୍ତି ତାହା ସହିତ ରହିଛି ଗୋଟେ କେବିନ ସେଥିରେ ପାନ ଦୋକାନରେ ଯାହା ରୋଜଗାର ହୁଏ କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ ହୋଇଥାଏ। ସୁରେନ୍ଦ୍ରଙ୍କ ଦୀର୍ଘ ଦୀନ ହେବ ଦାନ୍ତ ମୂଳ ବିନ୍ଧା ବିନ୍ଧି କରେ ସେ ସ୍ଥାନୀୟ ମେଡିକାଲରେ ଦେଖାଇ ମେଡ଼ିସିନ ଖାଇଲେ କମିଯାଏ। ପୁଣି କିଛି ଦିନ ପରେ ଦାନ୍ତମୂଳ ବିନ୍ଧା ଲାଗିରୁହେ। ଦାନ୍ତ ମୂଳ ଭଲ ନହେବାରୁ ସେ କଟକର ଏକ ଘରୋଇ ମେଡିକାଲରେ ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ତାଙ୍କୁ ଟେଷ୍ଟ କରିବାକୁ ପରାମର୍ଶ ଦିଅନ୍ତି। ସେ ଟେଷ୍ଟ କରିବାର ୭ ଦିନ ପରେ ରିପୋର୍ଟ ଆସେ ତାଙ୍କୁ ମୁଖ କର୍କଟ ରୋଗ। ତୁରନ୍ତ ଅପରେସନ ପାଇଁ ଡାକ୍ତର କହିବାରୁ ମାର୍ଚ୍ଚ ୧୩ ତାରିଖ ରେ ସ୍ୱାସ୍ଥ୍ୟ କାର୍ଡରେ ଅପରେସନ ହୋଇଥିଲେ କିନ୍ତୁ ମେଡ଼ିସିନ ବାହାରୁ କିଣା ହେବା ପାଇଁ ଟଙ୍କାର ଆବଶ୍ୟକ ହୋଇଥାଏ। ସାଧାରଣ ପରିବାରରେ ଗଛିତ ଟଙ୍କା ଆସିବ ବା କେଉଁଠୁ ଶେଷରେ ପ୍ରାୟ ୧ଲକ୍ଷ ୫୦ହଜାର ଟଙ୍କା କରଜ କରି ସେ ଚିକିତ୍ସିତ ହେଉଛନ୍ତି। ପ୍ରତେକ ମାସକୁ ୨୦ହଜାର ଟଙ୍କା ଚିକିତ୍ସା ବାବଦରେ ଅର୍ଥ ଆବଶ୍ୟକ। ଯାହା ଘରେ ଦୁଇ ଓଳି ଦୁଇ ମୁଠା ଖାଇବା କଷ୍ଟ ହୋଇ ପଡୁଛି କ୍ଷ ଏଭଳି ପରିସ୍ଥିତିରେ ଟଙ୍କା ଆସିବ କେଉଁଠୁ ଚିକିତ୍ସା ପାଇଁ ସହାୟତା ପାଇଁ ନିବେଦନ କରିଛନ୍ତି ସୁରେନ୍ଦ୍ରଙ୍କ ପତ୍ନୀ ଏବଂ ଗାଁ ଲୋକେ। ଆମ ଭିତରେ ସହୃଦୟ ବ୍ୟକ୍ତିଙ୍କ ଅଭାବ ନାହିଁ। ଚାହିଁ ବସିଥାନ୍ତି କାହାକୁ ଟିକେ ସାହାଯ୍ୟ ସହଯୋଗ କରିବାକୁ। ଖୋଜୁଥାନ୍ତି ଟିକେ ସୁଯୋଗ କ୍ଷ ସେମାନଙ୍କୁ ପରିବାର ଲୋକେ ଅନୁରୋଧ କରିଛନ୍ତି କି ସୁରେନ୍ଦ୍ରଙ୍କୁ କିଛି ବଦାନ୍ୟ ବ୍ୟକ୍ତି ତଥା ସରକାରୀ କିମ୍ବା ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସହାୟତା ମିଳିଲେ ଜୀବନ ସଂଘର୍ଷରେ ଲଢ଼ି ପାରନ୍ତେ। ଲୋକ ମାନଙ୍କ ର ଏହି ଛୋଟ ପ୍ରୟାସ ମାଧ୍ୟମରେ ସୁରେନ୍ଦ୍ର କୁ ବଞ୍ଚେଇ ହେବ। ଏ ନେଇ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀ ଅବିନାଶ ବିଶ୍ୱଜିତ ସେଠି ଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି କି ପ୍ରଶାସନ ତରଫରୁ ଯାହା ସାହାଯ୍ୟ ସହଯୋଗ ର ବ୍ୟବସ୍ଥା ଅଛି ତାହା ଯଥାଶୀଘ୍ର ଯୋଗାଇ ଦିଆଯିବ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ଶିକ୍ଷା ବ୍ଲକ ଫାସୀଓଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ କୋଟପଲ୍ଲୀ ଗ୍ରାମ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ଦେବୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷୟିତ୍ରୀ କୁମୁଦିନୀ ପଟ୍ଟାଶାଣୀଙ୍କ ସଭାପତିତ୍ୱରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଦାୟ କାଳୀନ ସଂଗୀତ ପରିବେଷଣ କରିଥଲେ। ଶିକ୍ଷୟିତ୍ରୀ ସ୍ନେହଲତା ମାଝୀ ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥିଭାବେ ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ମୁଖ୍ୟ ବକ୍ତାଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ନାଥ ସ୍ୱାଇଁ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗିନାଥ ନାୟକ, ବିପିନ ବିହାରୀ ସୁବୁଦ୍ଧି,ସରପଞ୍ଚ ପୁଷ୍ପଲତା ଭଟ୍ଟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର, ପଦ୍ମ ଚରଣ ବେହେରା,ଆଞ୍ଚଳିକ ସାଧନ ସଂଯୋଜକ ମହମ୍ମଦ ମୁସ୍ତାକ ଅଲ୍ଲୀ, ସମାଜ ସେବୀ ବିଷ୍ଣୁ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ନିମନ୍ତ୍ରିତ ଅତିଥିମାନେ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ଦେବୀଙ୍କ ଛାତ୍ର ବତ୍ସଳ ସମୟାନୁବର୍ତ୍ତିତା କର୍ତ୍ତବ୍ୟ ନିଷ୍ଠା, ପରୋପକାରିତା, ଆଦର୍ଶ ଶିକ୍ଷାଦାନ ଓ ଧର୍ମ ପରାୟଣତା ସମ୍ପର୍କରେ ଗୁଣଗାନ କରିବା ସଙ୍ଗେ ସଙ୍ଗେ ତାଙ୍କର ଅବସର ଜୀବନ ସୁଖମୟ ହେଉ ବୋଲି ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## କଦଳୀଘାଟି-କିଡିଙ୍ଗ ରାସ୍ତା ନିର୍ମାଣ ତ୍ୱରାନ୍ୱିତ

# ଜୁନ ଶେଷ ସୁଦ୍ଧା ରାସ୍ତା କାମ ସାରିବାକୁ ପୂର୍ତ୍ତ ବିଭାଗର ପ୍ରତିଶୃତି

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ନିର୍ମାଣରେ ମାତ୍ରାଧିକ ବିଳମ୍ବ ଓ ଅବହେଳାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ଏପରିକି କଦଳୀଘାଟି ଛକରୁ କିଡିଙ୍ଗ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଅଧାରେ କାମ ଛାଡ଼ି ଦେଇଥିବା ଓ ବିଲ ହୋଇନଥିବା ଦର୍ଶାଇବା ଘଟଣାକୁ ନେଇ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସମେତ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଚିଠି ଲେଖି ଅଭିଯୋଗ କରିଥିଲେ। ଯୁବ ସାମ୍ବାଦିକ ଓ ସମାଜସେବୀ ତଥା ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ। ତେବେ ଏହି ଅଭିଯୋଗକୁ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ସହିତ ଏନେଇ ଜିଲ୍ଲା ପୂର୍ତ୍ତ ବିଭାଗକୁ ତାଗିଦ କରାଯାଇଥିଲା। ଜିଲ୍ଲା ପ୍ରଶାସନର ତାଗିଦ ପରେ ଜିଲ୍ଲା ପୂର୍ତ୍ତ ବିଭାଗ ତତ୍ପରତା ପ୍ରକାଶ କରିବା ସହିତ ରାସ୍ତା ନିର୍ମାଣକୁ ତ୍ୱରାନ୍ୱିତ କରାଯାଇଛି। ଠିକାସଂସ୍ଥା ତରଫରୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବାବେଳେ ଆସନ୍ତା ଜୁନ ମାସ ଶେଷ ସୁଦ୍ଧା ରାସ୍ତା କାମ ସାରିବାକୁ ଧାର୍ଯ୍ୟ କରାଯାଇଛି। ନିର୍ମାଣ କାର୍ଯ୍ୟରେ ଅବହେଳା ଓ ମନ୍ଥରତା ଯୋଗୁଁ ରାସ୍ତାରେ ପ୍ରବଳ ଧୂଳି ଧୂଆଁ ଉଡିବା ସହିତ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ଶ୍ରୀ ବାଗ ପତ୍ର ଜରିଆରେ ଅଭିଯୋଗ କରିଥିଲେ। ଏବେ ରାସ୍ତା ନିର୍ମାଣ କାମ ତ୍ୱରାନ୍ୱିତ ହେବା ଫଳରେ ଜିଲ୍ଲାର ସବୁଠୁ ବ୍ୟସ୍ତବହୁଳ ଏହି ରାସ୍ତା ଦ୍ୱାରା ଉପୁଜିଥିବା ସମସ୍ୟା ଯଥାଶୀଘ୍ର ଦୂର ହେବ ବୋଲି ମତ ପ୍ରକାଶ ପାଇଛି।

**କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବିରାଟପର୍ବ- ମଞ୍ଚସ୍ଥ ନାଟକ ବାଘ, ମଲ୍ଲ ବଧ, ଓ ଚନ୍ଦନଯାତ୍ରାର ଏକ ଦୃଶ୍ୟ**



# ସାଇବର ଟାର୍ଗେଟରେ ଅଙ୍ଗନୱାଡି କେନ୍ଦ୍ର ହିତାଧିକାରୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : କାହାକୁ ଅଫିସର ପରିଚୟ ଦେଇ ତ ପୁଣି କାହାକୁ ପୋଷଣ ଆପ -ଦିଲ୍ଲୀ କାର୍ଯ୍ୟାଳୟରୁ କହୁଥିବା ଏକ ଅଜଣା ନମ୍ବର କଲକୁ ନେଇ ଅଞ୍ଚଳରେ ଛନକା ପସିଛି। ଏଭଳି ଘଟଣା ଧର୍ମଗଡ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେଖା ଦେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ସୋମବାର ଦିନ ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ ଅନ୍ତର୍ଗତ ରଇନଗୁଡ଼ା, ଜୟନ୍ତପୁର ଗ୍ରାମର ଅନେକ ମହିଳାଙ୍କ ଫୋନରେ ଏକ ଅଜଣା ନମ୍ବରରୁ କଲ ଆସିଥିଲା। କେବଳ ଅଙ୍ଗନୱାଡି କେନ୍ଦ୍ର ହିତାଧିକାରୀଙ୍କ ଫୋନରେ କଲ ଆସିଥିବା ବେଳେ ପ୍ରଥମେ ଅଙ୍ଗନୱାଡି କେନ୍ଦ୍ର ବିଷୟ ଉପରେ ପ୍ରଶ୍ନ ପଚାରି ପରବର୍ତ୍ତୀ ସମୟରେ ନିଜ ନିଜର ପାସବୁକ ଆକାଉଣ୍ଟ ଉପରେ ପଚାରିଥିଲେ। ଏପରିକି ମମତା ଯୋଜନା ହିତାଧିକାରୀଙ୍କ ପାସବୁକରେ ୪-୬ହଜାର ଟଙ୍କା ଜମା କରିବାକୁ ମହିଳା ମାନଙ୍କୁ କୁହାଯାଇଥିଲା। ତେବେ ପାସବୁକ୍ ନମ୍ବର, ଆଧାର କାର୍ଡ ଆଦି ପଚାରି ବୁଝିବାରୁ ଲୋକଙ୍କ ଭିତରେ ସନ୍ଦେହ ପ୍ରକାଶ ପାଇ ଥିଲା। ହେଲେ ସେ ଅତି ଚାଲାକି ଭାବେ ବିଶ୍ୱାସକୁ ନେବାକୁ ଗାଁର ଆଶା କର୍ମୀଙ୍କୁ ହାତବାରିଶ ଫଣ୍ଡା ଆପଣେଇ କର୍ମୀଙ୍କ ଫୋନରେ ପ୍ରଥମେ ଭିଡିଓ କଲ ଓ ପରେ ଅଙ୍ଗନୱାଡି ଅଧିନ ହିତାଧିକାରୀଙ୍କ ସହ କନ୍‌ଫରେନ୍ସ ଜରିଆରେ କଥା ହୋଇ ପାସବୁକ ଏକାଉଣ୍ଟ, ଫୋନ ପେ ନମ୍ବର ମାଗିବାକୁ ଚେଷ୍ଟା କରିଥିଲେ। ହେଲେ ଅନେକ ହିତାଧିକାରୀ ଡରି ଯାଇ ଅଙ୍ଗନବାଡି କର୍ମୀଙ୍କୁ ଜଣାଇବା ପରେ କର୍ମୀ ଜଣକ ଶିଶୁବିକାଶ ଯୋଜନା ଅଧିକାରୀଙ୍କୁ କହିଥିଲେ। ଅଧିକାରୀ ସାଂଗେ ସାଂଗେ ହିତାଧିକାରୀଙ୍କୁ ଏହି ଅଜଣା ନମ୍ବରରେ କୌଣସି ତଥ୍ୟ ନ ଦେବାକୁ କର୍ମୀଙ୍କୁ କହିଥିଲେ ଓ ପରେ କର୍ମୀ ଜଣକ ହିତାଧିକାରୀ କୌଣସି ତଥ୍ୟ ନ ଦେବାକୁ କହିଥିଲେ। ତେବେ ସରଳ ଆଶା କର୍ମୀ ମାନଙ୍କୁ ଜରିଆରେ ଭିଡିଓ ଓ ପରବର୍ତ୍ତୀ ସମୟରେ କନ୍‌ଫରେନ୍ସ ମାଧ୍ୟମରେ ହିତାଧିକାରୀଙ୍କ ସହ କଥାବାର୍ତ୍ତା କରିବା ପରେ ପାସବୁକ ତଥ୍ୟ ସଂଗ୍ରହ କରିବା ଉଦ୍ୟମ ଘଟଣା ଏବେ ଅଞ୍ଚଳରେ କକୁଆ ଭୟ ଦେଖା ଦେଇଛି। ସେହି ଅଜଣା ଫୋନ କଲ୍ ନମ୍ବର ୮୬୦୪୦୫୦୮୯୨ ହୋଇଥିବା ବେଳେ ଟାର୍ଗେଟରେ ଅଙ୍ଗନୱାଡି କେନ୍ଦ୍ର ଅଧିନ ହିତାଧିକାରୀ ଥିବା ଚର୍ଚ୍ଚା ପରିସରକୁ ଆସିଛି। ଏନେଇ ଧର୍ମଗଡ଼ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ପଚାରିବାରୁ - ଉକ୍ତ ଫୋନ ନମ୍ବର ଟି ବିଭାଗର ସମ୍ପୃକ୍ତ ନୁହଁ -ଏଭଳି ଅଜଣା ନମ୍ବର କଲରୁ ବିରତ ରହିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟପଟେ ଏଭଳି ଅଜଣା ନମ୍ବରରେ ତଥ୍ୟ ସଂଗ୍ରହ କରି ମମତା ଯୋଜନା ଅନ୍ତର୍ଭୁକ୍ତ କେତେକ ମହିଳାଙ୍କ ଏକାଉଣ୍ଟରୁ ଟଙ୍କା ଉଠାଇ ନେଇଥିବା ସୂଚନା ଦେଇଥିଲେ। ତେବେ ଅଜଣା କଲ୍‌ଟି ସାଇବର ଅପରାଧିଙ୍କର ନା କୌଣସି ବ୍ୟକ୍ତିଙ୍କର ତଦନ୍ତ କରାଗଲେ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ନୂତନ ବିଜେପି ସଭାପତି ଓ ଜିଲ୍ଲା ପ୍ରତିନିଧିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଜୁନାଗଡ଼, (ଭାସ୍କର ନ୍ୟୁଜ) : ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦାସିଗାଁ ମଣ୍ଡଳର ଦ୍ୱିତୀୟ ଥର ପାଇଁ ନିଯୁକ୍ତ ହୋଇଥିବା ସଭାପତି ଅଂଶୁମାନ ଯୋଶୀ ଓ ଜିଲ୍ଲା ପ୍ରତିନିଧି ଅଶ୍ୱିନ କୁମାର ମେହେରଙ୍କୁ ବଣିଜରା ଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ବିଜେପି ସଦସ୍ୟ ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଲ୍ଲଭ ମୁଣ୍ଡ, ଅଷ୍ଟାଙ୍ଗ ଭାଟି, ଦିଲୀପ ଗୁରୁ, ମଣ୍ଡଳ ବିଜେପି ଯୁବମୋର୍ଚ୍ଚା ସଭାପତି କୁମୁଦ ହଂସ ଉଦ୍‌ବୋଧନ ଦେଇ ଦଳକୁ କେମିତି ମଜଭୁତ କରାଯିବ ତା ଉପରେ ପ୍ରକାଶ କରିଥିଲେ। ଏହି ସଭାରେ ଅନାମ ମଙ୍ଗରାଜ, ଲିଙ୍ଗରାଜ ମେହେର, ବିକାଶ ନାଏକ, ନଥୁ ଲାଲ ଚଣ୍ଡୀ ନୀଲେଶ ପାଣିଗ୍ରାହୀ ବେଣୁ ଶବର, ହୃର୍ଶୀକେଶ ପୂଝାରି. ଜୟ ପ୍ରକାଶ ନାଏକ, ବିଦୁର ମେହେର ଜୟ ରାମ ମୁଣ୍ଡା ଯୋଗଦାନ କରିଥିଲେ।

# କେଗାଁରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କେଗାଁ ଗ୍ରାମପଞ୍ଚାୟତଠାରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ସହକାରି ଯନ୍ତ୍ରୀ ପର୍ଶୁରାମ ନାୟକ, ଏବିଇଓ ଲବଣି ନାଏକ, ରାଜସ୍ୱ ନୀରିକ୍ଷକ ଶୋଭା କିଶୋର ମଲ୍ଲିକ, ସରପଞ୍ଚ ଆମୃତା ବଛା, ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ରିତାରାଣୀ କିଶାନ, କନିଷ୍ଠ କିରାଣୀ ନନ୍ଦିନୀ ଶବର, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ନାଏକ, ଆଇସିଡ଼ିଏସ ମହିଳା ପରିଦର୍ଶିକା ଶାନ୍ତିଲତା ମଙ୍ଗରାଜ, ପିଇଓ ଶୁଭାଶିଷ ନାଏକ, ଜିଆରଏସ ଯୁଗେଶ୍ୱର ଚଣ୍ଡୀଙ୍କ ସମେତ ଅନେକ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶିବିରରେ ସମୁଦାୟ ୧୩୫ ଜଣ ନିଜ ନିଜ ଅଭିଯୋଗ ପଞ୍ଜିକରଣ କରିଥିବା ବେଳେ ପ୍ରାୟ ୨୮ଜଣଙ୍କ ସମସ୍ୟାର ସମାଧାନ ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗ ମଧ୍ୟରୁ ୧୨ଜଣ କେବଳ ଆବାସ ଯୋଜନା, ମନରେଗା ୩୫, ପିଡିଏସ ବାବଦକୁ ୨, ପେନସନ ୪୧, ତହସିଲ ସମ୍ବନ୍ଧୀୟ ୧୮, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସମ୍ବନ୍ଧୀୟ ୨ ଓ ଅନ୍ୟାନ୍ୟ ସମସ୍ୟା ପାଇଁ ୨୫ ଗୋଟି ଅଭିଯୋଗ କରିଥିବା ଜଣାପଡ଼ିଛି ।

# ଯବାନଙ୍କ ଆତ୍ମହତ୍ୟା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ): ଏଠାରୁ ପ୍ରାୟ ୨୫ କି.ମି. ଦୂରବର୍ତ୍ତୀ ଉକ୍‌ଲା ଫାଣ୍ଡି ଅଧୀନରେ ଥିବା ଗୋକୁଳେଶ୍ୱ ଗ୍ରାମର ଜଣେ ଯୁବକ ନିଜ ଘର କୋଠରୀରେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଯୁବକ ଜଣକ ନାମ ଲୋଚନ ଶବର ବୋଲି ଜଣାପଡିଥିବା ବେଳେ ସେ ଭାରତୀୟ ସେନାର ବିହାର ରେଜିମେଣ୍ଟର ଜଣେ ଯବାନ ଭାବେ କାମ କରୁଥିଲେ। ତାଙ୍କର ବୟସ ୩୦ ବର୍ଷ ବୋଲି ପୋଲିସ କହିଛି। ମୃତ ଯବାନ ଜଣକ ବିହାର ରେଜିମେଣ୍ଟରେ ଜାମ୍ମୁ କାଶ୍ମୀର ଠାରେ କାର୍ଯ୍ୟରତ ଥିଲେ ଓ ନିଜ ଚାକିରୀରୁ ଛୁଟି ନେଇ ସେ ଗତ କିଛିଦିନ ତଳେ ଘରକୁ ଆସିଥିଲେ। ଗତ ୪ ତାରିଖ ରବିବାର ଦିନ ମୃତ ଯବାନ ଜଣକ ତାଙ୍କ ସ୍ତ୍ରୀଙ୍କ ସହ ଭବାନୀପାଟଣା ସହରକୁ ଯାଇଥିଲେ ଓ ସେଠାରୁ ଫେରି ଆସି ସଂନ୍ଧ୍ୟାରେ ଖାଇ ସାରି ନିଜ କୋଠରୀରେ ଶୋଇଥିଲେ। ତାଙ୍କ ମାଆ ଓ ସ୍ତ୍ରୀ ଅନ୍ୟ କୋଠରୀରେ ଶୋଇଥିଲେ। ପରଦିନ ସକାଳ ବିଳମ୍ବିତ ପ୍ରହର ଯାଏଁ କବାଟ ନ ଖୋଲା ଯିବାରୁ ଘର ଲୋକେ କବାଟ ବାଡେଇଥିଲେ ଓ ବାଧ ହୋଇ କବାଟ ଭାଙ୍ଗି ତାଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ୍ କରିବା ସହ କେସିଙ୍ଗା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଉକ୍‌ଲା ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଦୋରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସୂଚନା ମିଳିଛି। ମୃତ ଯବାନ ଜଣକ ଗତବର୍ଷ ବିବାହ କରିଥିଲେ। ତେବେ କେଉଁ ପରିସ୍ଥିତିରେ ଲୋଚନ ଶବର ଚାକିରୀରୁ ଛୁଟିରେ ଆସି ନିଜ ଘରେ ଆତ୍ମହତ୍ୟା କଲେ ତାହା ଏବେ ସବୁଠାରେ ଆଲୋଚନାର ବିଷୟବସ୍ତୁ ପାଲଟିଛି।

## ନୂତନ ବ୍ଲକ ଶିକ୍ଷା ଅଧିକାରୀ ନିଯୁକ୍ତ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଶିକ୍ଷା ବିଭାଗରେ ନୂତନ ଭାବେ ସୋମବାର ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା ଯୋଗ ଦେଇଛନ୍ତି। କାର୍ଯ୍ୟାଳୟରେ ଯୋଗ ଦେବା ସମୟରେ ବିଭାଗୀୟ ଅଧିକାରୀ, କର୍ମଚାରୀ ତଥା ଶିକ୍ଷକ ସଂଘ ସଭାପତି ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ସିଆର୍‌ସିସି ମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ। କର୍ଲାମୁଣ୍ଡା ବ୍ଲକକୁ ରାଜ୍ୟସ୍ତରରେ ଶିକ୍ଷା କ୍ଷେତ୍ରରେ ଏକ ନମ୍ବର ବ୍ଲକ ଭାବେ ଗଢ଼ିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେ ତାଙ୍କ ଚାକିରି ଏହି ବ୍ଲକର ଡେରେସିଙ୍ଗା ଉଚ୍ଚ ବିଦ୍ୟାଳୟରୁ ୧୯୮୯ରୁ ୧୯୯୭ ପର୍ଯ୍ୟନ୍ତ ଶିକ୍ଷକତା କରିଥିଲେ। ଏନେଇ ବ୍ଲକର ସମସ୍ତଙ୍କ ସହଯୋଗ ପାଇବି ବୋଲି ଆଶା ବ୍ୟକ୍ତ କରିଛନ୍ତି। କର୍ଲାମୁଣ୍ଡା ବ୍ଲକରେ ଯୋଗ ଦେବା ପୂର୍ବରୁ ସେ ଜୁନାଗଡ଼ ବ୍ଲକ ମହିଚଲା ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ।

# ମରାମତି ହେଲା ଅମୃତ ଧାରା, ଆସ୍ୱସ୍ତି ପାଇବେ ପଥିକ




ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ ବ୍ଲକ ପର୍ଲା ଡାକ୍ତର ଖାନା ସମ୍ମୁଖରେ ନିର୍ମାଣ ହୋଇଥିବା ଅମୃତ ଧାରା ଦୀର୍ଘଦିନ ଧରି ଅଚଳ ହୋଇ ପଡିଥିବା ଖବର କିଛି ଦିନ ତଳେ ଓଡ଼ିଶା ଭାସ୍କରରେ ପ୍ରସାରଣ ହୋଇଥିଲା। ଯାହାର ପ୍ରଭାବରେ ପଞ୍ଚାୟତ ତତ୍ପରତା ପ୍ରକାଶ କରି ମରାମତି କରିଛି। ଖବର ପ୍ରସାରଣ ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତାଗିଡ କରି ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଯେ ଅମୃତ ଧାରା ନିର୍ମାଣର ଅଳ୍ପଦିନ ଭିତରେ ସଂଯୋଗ ହୋଇଥିବା ମେସିନ ଖରାପ ହୋଇ ପଡି ରହିଥିଲା। ସାଧାରଣ ଲୋକଙ୍କ ପାଇଁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବାକୁ ସରକାର ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ଗାଁ ମାନଙ୍କରେ ଅମୃତ ଧାରା ନିର୍ମାଣ କରିଥିଲେ। ହେଲେ ଏଥିପ୍ରତି ପଞ୍ଚାୟତ କୌଣସି ଗୁରୁତ୍ୱ ନ ନେଇ ନିରବ ସାଜିରହିଥିଲା।ମରାମତି ନ ହେବା ଯୋଗୁ ସାଧାରଣ ଲୋକଙ୍କ ଠାରୁ ବାଟୋଇ ବି ଟୋପାଏ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବାକୁ ସରକାର ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ଗାଁ ମାନଙ୍କରେ ଅମୃତ ଧାରା ନିର୍ମାଣ ବ୍ୟବସ୍ଥା ହାତକୁ ନେଲେ। ହେଲେ ଠିକାଦାର ନିଯୁକ୍ତି ଓ ଲାଭଖୋର ନୀତି ଓ ନିମ୍ନମାନର ଯନ୍ତ୍ରପାତି ସଂଯୋଗ ଯୋଗୁଁ ବ୍ଲକର ଅନେକ ଅମୃତ ଧାରା କାମକୁ ଆସି ପାରୁ ନ ଥିବା ଆଲୋଚନା ହୁଏ। ତେବେ ପର୍ଲା ଅମୃତ ଧାରା ମରାମତି ହେବା ପରେ ସ୍ୱାଭାବିକ ଭାବେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ସାଧାରଣ ଲୋକେ ଏବେ ପାଇ ପାରିବେ। ଡେରିରେ ହେଉ ପଛେ ଅମୃତ ଧାରା ମରାମତି ହୋଇଥିବା ନେଇ କାର୍ଯନିର୍ବାହୀ ଅଧିକାରୀଙ୍କୁ ଲୋକେ ଧନ୍ୟବାଦ ଜଣାଇଛନ୍ତି।

# ଏଟିଏମ୍ ଅଚଳ, ଗ୍ରାହକ ହନ୍ତସନ୍ତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସଦରରେ ଥିବା ଦୁଇଟି ଏ.ଟି.ଏମ ଦୀର୍ଘ ତିନି ମାସ ଧରି ଅଚଳ ହୋଇ ପଡିଥିବାରୁ ଲୋକେ ଟଙ୍କା ଉଠାଇ ନ ପାରି ବ୍ୟାଙ୍କ ଉପରେ ନିର୍ଭର କରିବାକୁ ପଡୁଛି । ସୂଚନା ଥାଉ କି ଗୋଲାମୁଣ୍ଡାରେ ଏସ୍‌ବିଆଇ ଏବଂ ଆକ୍ସିସ ବ୍ୟାଙ୍କ ଏଟିଏମ୍ ଥିଲେ ସୁଦ୍ଧା ଦୁଇଟି ଯାକ ଅଚଳ ହୋଇ ପଡିଛି। ଆଖପାଖ ଅଞ୍ଚଳର ପ୍ରାୟ ୨୦ଟି ଗାଁର ଲୋକମାନେ ଏହି ଏଟିଏମ ଉପରେ ନିର୍ଭର କରନ୍ତି। ନିତାନ୍ତ ଆବଶ୍ୟକ ସମୟରେ ଲୋକେ ଟଙ୍କା ଉଠାଇବାରୁ ବଞ୍ଚିତ ହେଉଛନ୍ତି। ଦୁଇ ମାସ ପୂର୍ବେ ଏସ. ବି ଆଇ ଏଟିଏମ୍‌ର ମରାମତି କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଥିଲା ଆଜି ଯାଏଁ କାମ ସରିପାରି ନାହିଁ । ଅନ୍ୟ ପଟରେ ଆକ୍ସିସ ବ୍ୟାଙ୍କ ଏଟିଏମ ବିନା କାରଣରୁ ଅଚଳ ହୋଇ ପଡିବା ଗ୍ରାହକଙ୍କ ପାଇଁ ଦୁର୍ଭାଗ୍ୟ ଜନକ ହୋଇ ପଡିଛି । ଗୋଲାମୁଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜରଙ୍କୁ ଏଟିଏମ୍ ବାବଦରେ ପଚାରିବାରୁ ମରାମତି କାମ ଚାଲିଛି ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଅନ୍ୟପଟେ ଭିଷଣ ଗୁଳୁଗୁଳି ସହ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକେ ସକାଳ ୧୦ ଘଣ୍ଟା ପରେ ବାହାରକୁ ବାହାରିବା ସମ୍ଭବ ହେଉ ନଥିବା ବେଳେ ବାଧ ହୋଇ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କରେ ଲମ୍ବା ଲାଇନ୍‌ରେ ଛିଡ଼ା ହେବାକୁ ପଡୁଛି। ଏଥିପାଇଁ ଟଙ୍କା ଉଠାଇବା ପାଇଁ ଆସୁଥିବା ଗ୍ରାହକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି।

# ରାଶିଫଳ

**ବୁଧବାର, ୦୭ ମଇ ୨୦୨୫**



**ମେଷ:** ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ସହଭାଗୀମାନେ ସମର୍ଥନ ପାଇବେ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସୁଖ ମିଳିବ।




**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶତ୍ରୁମାନେ ସକ୍ରିୟ ରହିବେ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯